


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 33 | ISSUE 17 | ଭାଗ ୩୩ | ସଂଖ୍ୟା ୧୭ Bhubaneswar | Tuesday 8 April 2025 | Page 8 Rs. 4.00 ● ଭୁବନେଶ୍ୱର ମଙ୍ଗଳବାର ୮ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ଦିନକରେ ଉଡ଼ିଗଲା ୧୪ ଲକ୍ଷ କୋଟି

**ମୁମ୍ବାଇ,୭।୪:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ବୃଦ୍ଧି ଓ ତତ୍ ପରବର୍ତ୍ତୀ ସମୟରେ ଚୀନ୍ ଯେସାକୁ ତେସା ନୀତି ଆପଣାଇବା ଫଳରେ ଚଳିତ ମାସ ପ୍ରାରମ୍ଭରୁ ଭାରତୀୟ ପୁଞ୍ଜି ବଜାର ବ୍ୟାପକ ଚାପଗ୍ରସ୍ତ ରହିଆସିଥିଲା। ଆଜି ଏହା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ଓ ଭାରତୀୟ ଊର୍ଦ୍ଧ୍ୱ ପର୍ଯ୍ୟନ୍ତ ହ୍ରାସ ପାଇଥିଲା। ବିଶେଷକରି ଆମେରିକା ବଜାରରେ ସ୍ଥିତି ଅତି ମାତ୍ରାରେ ଦୁର୍ବଳ ଥିବାରୁ ଏହାର ପ୍ରଭାବ ଭାରତୀୟ ଆଇଟି କମ୍ପାନୀ ଉପରେ ପଡ଼ିଥିଲା। ତେଣୁ ଅଧିକାଂଶ ଆଇଟି କମ୍ପାନୀର ଶେୟାର୍ ମୂଲ୍ୟ ଯଥେଷ୍ଟ ପ୍ରଭାବିତ ହୋଇଥିଲା। ଫଳସ୍ୱରୂପ ଦିନକରେ

**ଟାରିଫ୍ ଝଟ୍କାରେ ପୁଞ୍ଜି ବଜାର ଧରାଶାୟୀ**
- ଦେଶର ଶୀର୍ଷ ୫୦ କମ୍ପାନୀ ମଧ୍ୟରୁ କ୍ଷତିରେ ୪୯
- ୧୦ ମାସ ମଧ୍ୟରେ ସର୍ବାଧିକ କ୍ଷତି



ପୁଞ୍ଜି ବଜାରରେ ସକ୍ରିୟ ଥିବା ନିବେଶକମାନେ ପ୍ରଚୁର ମାତ୍ରାରେ କ୍ଷତି ସହିଛନ୍ତି। ଦଲାଲ୍ ଷ୍ଟ୍ରୀଟ୍‌ରେ ସକାଳ ୯ଟା ୧୫ରୁ ପୁଞ୍ଜି ବଜାର ଖୋଲିବା କ୍ଷଣି ପ୍ରାୟତଃ ସବୁ କମ୍ପାନୀ ବ୍ୟାପକ ମାତ୍ରାରେ ତଳକୁ ଖସିଥିଲେ। ଏପରିକି ଗୋଟିଏ ଗୋଟିଏ କମ୍ପାନୀର ଶେୟାର୍ ମୂଲ୍ୟ ୧୫ ପ୍ରତିଶତରୁ ପୁଞ୍ଜି ବଜାରରେ ସକ୍ରିୟ ଥିବା ନିବେଶକଙ୍କର ୧୪ ଲକ୍ଷ କୋଟି ଟଙ୍କା ସ୍ୱାହା ହୋଇଯାଇଛି। ସର୍ବାଧିକ କ୍ଷତିଗ୍ରସ୍ତ କମ୍ପାନୀ ମଧ୍ୟରେ ନିଫ୍‌ଟି ଇଣ୍ଡେକ୍ସରେ ସର୍ବାଧିକ ପ୍ରତିଶତ ରହିଥିବା ଇନ୍‌ଫୋସିସ୍ ସକାଳୁ ସକାଳୁ ୫ ପ୍ରତିଶତରୁ ଅଧିକ ଖସିଥିଲା। ଏପରିକି ନିଫ୍ଟି ଇଣ୍ଡେକ୍ସରେ ସାମିଲ୍ ଥିବା ➢ପୃଷ୍ଠା-୬

## ଓଡ଼ିଶାରେ ଏଚ୍‌ସିଏଲ୍ କ୍ୟାମ୍ପସ୍

- ଆଇଟି ଓ ଆଇଟିଇ କ୍ଷେତ୍ରରେ ବଡ଼ ସମ୍ଭାବନା
- ପ୍ରଥମ ଦିନରେ ୨୭ ହଜାର କୋଟିର ନିବେଶ ପ୍ରତିଶ୍ରୁତି
- ୨୭ ହଜାର କୋଟିର ନିବେଶ ପାଇଁ ୧୧ କମ୍ପାନୀ ସହ ଚୁକ୍ତି
- ନିବେଶ ପାଇଁ ଆଗ୍ରହ ପ୍ରକାଶ କଲେ ଆଉ ୧୪ କମ୍ପାନୀ



**ଭୁବନେଶ୍ୱର, ୭।୪(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଦୁଇ ଦିନିଆ ଦିଲ୍ଲୀ ଗସ୍ତ ରାଜ୍ୟରେ ଶିଳ୍ପାୟନର ସ୍ଥିର ବିକାଶକୁ ସୁନିଶ୍ଚିତ କରିଛି। ପ୍ରଥମ ଦିନର ଗସ୍ତରୁ ହିଁ ୧୪ଟି କମ୍ପାନୀ ରାଜ୍ୟରେ ତିନି ହଜାର କୋଟିରୁ ଅଧିକ ଟଙ୍କାର ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଥିବା ବେଳେ ୨୭ ହଜାର ୫୯୧୫ କୋଟି ଟଙ୍କାର ପ୍ରକଳ୍ପ ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହିସବୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ଯୁବକଯୁବତୀଙ୍କ ପାଇଁ ୪୮ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିସହ ରାଜ୍ୟରେ ଆଇଟି ଓ ଆଇଟିଇ କ୍ଷେତ୍ରରେ ଏଚସିଏଲ ସହ ମୁଖ୍ୟମନ୍ତ୍ରୀ ପ୍ରାରମ୍ଭିକ ଆଲୋଚନା କରିଛନ୍ତି।

ଗସ୍ତର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ନୋଇଡାସ୍ଥିତ ଏଚସିଏଲ ଟେକ କ୍ୟାମ୍ପସ ବୁଲି ଦେଖିବା ସହ କମ୍ପାନୀ ଅଧ୍ୟକ୍ଷ ରୋଶନୀ ମାଲହୋତ୍ରାଙ୍କ ସହ ରାଜ୍ୟରେ ଏଚସିଏଲ କ୍ୟାମ୍ପସ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ଆଲୋଚନା କରିଛନ୍ତି। ଦକ୍ଷତା ବିକାଶ କେନ୍ଦ୍ର ଜରିଆରେ ଦକ୍ଷ ମାନବ ସମ୍ବଳ ସୃଷ୍ଟି କରାଯାଉଛି। ଏଥିସହିତ ରାଜ୍ୟରେ ଆଇଟିର ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଥିବା ବେଳେ ରାଜ୍ୟ ସରକାର ମଧ୍ୟ ପୁଞ୍ଜିନିବେଶ ପାଇଁ ଶିଳ୍ପ ଅନୁକୂଳ ବାତାବରଣ ସୃଷ୍ଟି କରିଛନ୍ତି। ଓଡିଶାରେ ଆଇଟି ଶିଳ୍ପର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଥିବା ବେଳେ ମିଳିତ ଭାବେ କିଭଳି ରାଜ୍ୟରେ ଏଚସିଏଲ କ୍ୟାମ୍ପସ ପ୍ରତିଷ୍ଠା ହୋଇପାରିବ, ସେନେଇ ସକାରତ୍ମକ ଆଲୋଚନା ହୋଇଥିବା ଜଣାପଡ଼ିଛି।

ପରେ ମୁଖ୍ୟମନ୍ତ୍ରୀ କିରି ଇଣ୍ଡଷ୍ଟ୍ରିଜ, ହିମାଦ୍ରି କେମିକାଲ୍ସ ଲିମିଟେଡ, ଡାଉଗୁଲେ ଗ୍ରୁପ, ଏସଏମଜି ବେଭରେଜ, ରୁଚି ସୋୟା ଫୁଡ, ଆଏନକ୍ସ ଜିଏଫଏଲ ଗ୍ରୁପ ଭଳି ବହୁରାଷ୍ଟ୍ରୀୟ କମ୍ପାନୀର ମୁଖ୍ୟଙ୍କ ସହ ୱାନ୍ ଟୁ ➢ପୃଷ୍ଠା-୬

## ବିଜେଡି ବିପର୍ଯ୍ୟୟକୁ ଲୁଚି ଲୁଚି ଦେଖୁଛନ୍ତି ମଙ୍ଗୁଆଳ



**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ):** ବିଜେଡିରେ ଏବେ ବିପର୍ଯ୍ୟୟ ସ୍ଥିତି ବଢ଼ିବାରେ ଲାଗିଛି। ନବୀନ ନିବାସରେ ପଶି ବିଜେଡି ନେତା ଓ କର୍ମୀମାନେ ଖୋଦ ନବୀନଙ୍କୁ କୈଫିୟତ ମାଗିବା ସହିତ ପାଣ୍ଡିଆନଙ୍କ ମୁର୍ଦ୍ଦାବାଦ ପକାଇଲେଣି। ହେଲେ ଏଭଳି ସ୍ଥିତିରେ ବିଜେଡି ମଙ୍ଗୁଆଳ ପ୍ରଣବ ପ୍ରକାଶ ଦାସ ଓରଫ

**ବିପଦ ବେଳେ ବବିଙ୍କ ଦେଖାମିଳୁନି**
**ଶଙ୍ଖ ଭବନରେ ଆତ୍ମଗୋପନ**

ବବିଙ୍କର ଦେଖାଦର୍ଶନ ନାହିଁ। ଶଙ୍ଖ ଭବନରେ ବସି ବବି ବିଜେଡି ବିପର୍ଯ୍ୟୟ ଦେଖୁଥିବା ନେଇ ଚର୍ଚ୍ଚା ଚାଲିଛି ।

ୱାକଫ ବିଲ୍‌କୁ ନେଇ ନବୀନଙ୍କ ଉପରେ ଅସନ୍ତୁଷ୍ଟମାନେ ସିଧା ଆକ୍ରମଣ କରିବା ପରେ ଏବେ କିଛି ସାଂସଦ ଓ ନେତା ସୁରକ୍ଷା ଦେବାକୁ ଆଗେଇ ଆସିଛନ୍ତି। ଅସନ୍ତୁଷ୍ଟଙ୍କୁ କାଉଣ୍ଟର କରୁଛନ୍ତି। କିନ୍ତୁ ଏଭଳି ସ୍ଥିତିରେ ଦଳର ସଂଗଠନ ସମ୍ପାଦକ ବବିଙ୍କର ଦେଖାନାହିଁ। ଆଗକୁ ଆସି ପଦୁଟିଏ ବି କହୁନାହାନ୍ତି। ବବିଙ୍କର ଦେଖା ନଥିବାରୁ ଅନ୍ୟମାନେ ବି ସାହସ କରି ଆଗକୁ ଆସି ବିଜେଡି ସପକ୍ଷରେ ଦୁଇ ପଦ କହିବାକୁ ଆଗପଛ ହେଉଛନ୍ତି।

ତେବେ ବିଜେଡିରେ ହେଉଥିବା ଆଲୋଚନା ଅନୁଯାୟୀ ବବି କୁଆଡେ ଶଙ୍ଖ ଭବନର ଗମ୍ଭୀରାରେ ବସି ଖେଳ ଦେଖୁଛନ୍ତି। ସେହିଠାରୁ ଯାହା କରିବା କଥା କରୁଛନ୍ତି। ଦୁଇ ଦୁଇଟା ସ୍ଥାନରୁ ହାରିବା ପରେ କର୍ମୀଙ୍କ ଆଗକୁ ଆସିବାକୁ ସାହସ କୁଳାଇପାରୁନାହାନ୍ତି। କାରଣ ବିଭିନ୍ନ ସ୍ଥାନରେ ଟିକଟ ବଣ୍ଟନକୁ ➢ପୃଷ୍ଠା-୬

## ନବୀନଙ୍କ ସହ ସଂଖ୍ୟାଲଘୁ ପ୍ରତିନିଧିଙ୍କ ଆଲୋଚନା

**ଭୁବନେଶ୍ୱର:** ନିକଟରେ ରାଜ୍ୟସଭାରେ ୱାକଫ୍ (ସଂଶୋଧନ) ବିଲ୍‌ରେ ମତଦାନ ନେଇ ବିଜେଡିରେ ଫାଟ ସୃଷ୍ଟି ହୋଇଥିବା ବେଳେ ଦଳର ଆଭିମୁଖ୍ୟ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଆଲୋଚ୍ୟ ବିଲ୍ ସଂଖ୍ୟାଲଘୁ ସମ୍ପ୍ରଦାୟ ସହ ଜଡ଼ିତ ରହିଥିବା ବେଳେ ବିଜେଡିର କେତେକ ସାଂସଦ ଏହାକୁ ବିରୋଧ କରିଥିବା ବେଳେ ଆଉ କିଛି ଏହା ସପକ୍ଷରେ ମତ ଦେଇଛନ୍ତି। ଏପରି ସ୍ଥିତିରେ ଆଜି କେତେକ ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରତିନିଧି ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ୱାକଫ୍ ବିଲ୍ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ଶ୍ରୀ ପଟ୍ଟନାୟକ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରତିନିଧିଙ୍କ ସମସ୍ତଙ୍କ ମତାମତ ଶୁଣିବା ସହ ବିଜେଡି ସବୁବେଳେ ସେମାନଙ୍କ ସହ ରହିଛି ବୋଲି କହିଥିଲେ। ଏହି ➢ପୃଷ୍ଠା-୬

## ବିଦା ହେବେ ଦେବାଶିଷ !

**ଭୁବନେଶ୍ୱର,୭।୪ (ସଂଚାର ବ୍ୟୁରୋ):** ବିଜେଡି ପଲିଟିକ୍ସ ଗତ ୨୪ ଘଣ୍ଟା ମଧ୍ୟରେ ଆଶ୍ଚର୍ଯ୍ୟଜନକ ଭାବେ ୟୁ-ଟର୍ଣ୍ଣ ନେଇଛି। ନବୀନ ପଟ୍ଟନାୟକଙ୍କ ନିଜର ଚିରାଚରିତ ଗୁଗଲିରେ ଦେବାଶିଷଙ୍କ ୱିକେଟ ନେବାକୁ ଯାଉଛନ୍ତି। ୱାକଫ ବିଲକୁ ନେଇ ବିଜେଡି ସସ୍ମିତ ପାତ୍ରଙ୍କ ଟ୍ୱିଟ୍ ପରେ ଯେଉଁ ଆକ୍ରମଣ ପାଣ୍ଡିଆନଙ୍କୁ ହେଉଥିଲା ତା'ର ଦିଗ ବଦଳାଇଦେଇଛନ୍ତି ନବୀନ। ବର୍ତ୍ତମାନର ବିଜେଡି ପାଣିପାଗରୁ ଜଣାପଡୁଛି ଯେ ଦେବାଶିଷ ସାମନ୍ତରାୟ ବିଜେଡିରୁ ବିଦା ହେବେ ଆଉ ଖୁବଶୀଘ୍ର ସେ ପଦ୍ମ ଶିବିରରେ ଯୋଗଦେବେ।

ସସ୍ମିତ ପାତ୍ରଙ୍କ ବିବେକାନୁମୋଦିତ ଭୋଟ ଦେବାକୁ ନେଇ ଟ୍ୱିଟକୁ ନେଇ ଯେଉଁ ଝଡ ସୃଷ୍ଟି ହୋଇଥିଲା, ତାହା ନୂଆ ମୋଡ ନେଇଛି। ସସ୍ମିତଙ୍କ ଟ୍ୱିଟ ପରେ ବିଜେଡିର ବହୁ ନେତା ପ୍ରଥମେ ସସ୍ମିତ ପାତ୍ରଙ୍କୁ ଟାର୍ଗେଟ କରିଥିଲେ। ସସ୍ମିତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମଧ ଦୁଇ ଦୁଇ ଜଣ ବରିଷ୍ଠ ନେତା ନବୀନଙ୍କୁ ଚିଠି ଲେଖିଥିଲେ। ହେଲେ ଦେବାଶିଷ


**କଟକ ବିଜେପିର ମଙ୍ଗ ଧରିପାରନ୍ତି ଋଷି**

ସାମନ୍ତରାୟ ସସ୍ମିତଙ୍କୁ ସୁରକ୍ଷା ଦେବାକୁ ଯାଇ କହିଥିଲେ ଯେ ସସ୍ମିତ ନିଜ ଇଚ୍ଛାରେ ଟ୍ୱିଟ୍ କରିପାରିବେ ନାହିଁ। ସେ ଯେଉଁ ଅଦୃଶ୍ୟ ଶକ୍ତି ନିର୍ଦ୍ଦେଶରେ ଟ୍ୱିଟ କରିଥିଲେ ସେ ହିଁ ବିଜେଡିର ବିପର୍ଯ୍ୟୟ ପାଇଁ ଦାୟୀ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ କହି ପରୋକ୍ଷରେ ପାଣ୍ଡିଆନଙ୍କୁ ନିଶାଣା କରିଥିଲେ।

ୱାକଫ ବିଲରେ ବିଜେପିକୁ ପରୋକ୍ଷ ସମର୍ଥନ ପାଇଁ ଦେବାଶିଷଙ୍କ ସମେତ ବହୁ ବିଜେଡି ନେତାଙ୍କ ଷଣ୍ଢୁଆସୀ ଆକ୍ରମଣକୁ ଚପାଇବାକୁ ନବୀନ ପଟ୍ଟନାୟକଙ୍କ ଇଙ୍ଗିତରେ ବାହାରି ଆସିଛନ୍ତି, ବିଜେଡିର ଅନ୍ୟ ସାଂସଦମାନେ। ସେମାନେ ସିଧାସଳଖ ଭାବେ ପାଣ୍ଡିଆନଙ୍କୁ ସୁରକ୍ଷା ଦେବାକୁ ଯାଇ ଦେବାଶିଷଙ୍କୁ ଟାର୍ଗେଟ କରିଛନ୍ତି। ୧୦ ମାସ ତଳୁ ରାଜନୀତିରୁ ସନ୍ୟାସ ନେଇଥିବା ବ୍ୟକ୍ତିଙ୍କୁ ଏହି ବିବାଦକୁ ଦେବାଶିଷ ଅଜଥାରେ ଟାଣି ଦଳ ବିରୋଧୀ କାର୍ଯ୍ୟ କରୁଛନ୍ତି ବୋଲି ଅନ୍ୟ ସାଂସଦମାନେ ଖୋଲାଖୋଲି ଟ୍ୱିଟ କରିଥିଲେ। ସବୁ ସାଂସଦ ମିଳିତ ଭାବେ ଟ୍ୱିଟ କରିବା ଓ ସାଂସଦ ଶୁଭାଶିଷ ଖୁଣ୍ଟିଆ ଗଣମାଧ୍ୟମରେ ଏନେଇ ବିବୃତ୍ତି ଦେବା ଇଙ୍ଗିତ କରୁଛି ଯେ ଖୁବଶୀଘ୍ର ଦେବାଶିଷଙ୍କ ୱିକେଟ ପଡିବ। ତେଣୁ ବିଜେଡିର ଯେଉଁ ତୃତୀୟ ୱିକେଟକୁ ନେଇ ଗତ କିଛି ଦିନ ହେଲା ଚର୍ଚ୍ଚା ହେଉଥିଲା ତେହା ଦେବାଶିଷ ସାମନ୍ତରାୟଙ୍କର ବୋଲି ଏକ ପ୍ରକାର ସ୍ପଷ୍ଟ ହେବାକୁ ଯାଉଛି।

ଏଥିସହିତ ଦେବାଶିଷ ➢ପୃଷ୍ଠା-୬

**ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା**

## ୨୦୨୭ ମାର୍ଚ୍ଚ ସୁଦ୍ଧା ୨୪ଘଣ୍ଟିଆ ପାନୀୟ ଜଳ



**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ):** ରାଜ୍ୟର ସମସ୍ତ ପୌରାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ସମୀକ୍ଷା କରିଛନ୍ତି। ସମୀକ୍ଷା ପରେ ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ଡା. ମହାପାତ୍ର କହିଛନ୍ତି ଯେ ୨୦୨୭ ମାର୍ଚ୍ଚ ମାସ ସୁଦ୍ଧା ସମସ୍ତ ପୌରାଞ୍ଚଳରେ ଗୁଣାତ୍ମକ ପାନୀୟ ଜଳ ବ୍ୟବସ୍ଥା କରାଯାଇ ପ୍ରତି ଘରେ ୨୪ ଘଣ୍ଟିଆ ବିଶୁଦ୍ଧ

**ନିର୍ମାଣାଧୀନ ପ୍ରକଳ୍ପ ଧାର୍ଯ୍ୟ ସମୟରେ ସାରିବାକୁ ନିର୍ଦ୍ଦେଶ**

**ପାଣି ବିଲ ପାଇଁ ଲାଗିବ ସ୍ମାର୍ଟ ମିଟର**

ପାନୀୟ ଜଳ ପହଞ୍ଚାଯିବ। ନଦୀ ଜଳକୁ ଅଧିକ ବ୍ୟବହାର କରିବା ସକାଶେ ବ୍ୟାରେଜ୍ ତିଆରି ହେବ। ଏନେଇ ଓଡବ୍ଲ୍ୟୁଏସ୍‌ଏସ୍‌ବି, ୱାଟକୋ ଓ ଜନସ୍ୱାସ୍ଥ୍ୟ ବିଭାଗ ସହ ଆଲୋଚନା କରାଯାଇଛି। ଲୋକଙ୍କ ନିକଟରେ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନେଇ ବିସ୍ତୃତ ଆଲୋଚନା କରାଯାଇଛି। ସେହିପରି ନିର୍ମାଣାଧୀନ ପାନୀୟଜଳ ପ୍ରକଳ୍ପଗୁଡିକ ସମ୍ପର୍କରେ ଆଲୋଚନା କରାଯାଇ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମନ୍ତେ ନିୟମିତ ସମୀକ୍ଷା ଓ ତଦାରଖ ସକାଶେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁସବୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରିନି ସେଠାରେ କ'ଣ ସମସ୍ୟା ରହିଛି, କାମ କିପରି ତ୍ୱରାନ୍ୱିତ ହୋଇପାରିବ, ସେନେଇ ଆଲୋଚନ ହୋଇଛି ଓ ଆବଶ୍ୟକ ➢ପୃଷ୍ଠା-୬

## ପେଟ୍ରୋଲ୍ ଓ ଡିଜେଲ୍ ଉପରେ ଉତ୍ପାଦ ଶୁଳ୍କ ବଢ଼ିଲା

● ପ୍ରଭାବିତ ହେବନି ଦର, ସ୍ପଷ୍ଟ କଲା ମନ୍ତ୍ରଣାଳୟ

**ନୂଆଦିଲ୍ଲୀ,୭।୪:** କେନ୍ଦ୍ର ସରକାର ଦେଶରେ ପେଟ୍ରୋଲ ଓ ଡିଜେଲ ଉପରେ ଉତ୍ପାଦ ଶୁଳ୍କ ଲିଟର ପିଛା ୨ ଟଙ୍କା ବୃଦ୍ଧି କରିଛନ୍ତି। ଏହି ନିଷ୍ପତ୍ତିକୁ ରାଜସ୍ୱ ସଂଗ୍ରହ ବୃଦ୍ଧି ଓ ବଜେଟ୍ ନିଅଣ୍ଟ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାରଙ୍କ ରଣନୀତିର ଏକ ଅଂଶ ଭାବେ ବିବେଚନା କରାଯାଉଛି। ଏ ସଂକ୍ରାନ୍ତରେ ଆଜି ବିତ୍ତ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତି ଜାରି ହୋଇଛି। ଏହି ନିଷ୍ପତ୍ତିକୁ ତ୍ୱରିତ ଭାବେ



ଆସନ୍ତାକାଲିଠାରୁ ଲାଗୁ କରାଯିବା ସକାଶେ ଉକ୍ତ ବିବୃତିରେ କୁହାଯାଇଛି। ବର୍ଦ୍ଧିତ ଉତ୍ପାଦ ଶୁଳ୍କ ଲାଗୁ ହେବା ମାତ୍ରେ ତୈଳ କମ୍ପାନୀଗୁଡ଼ିକ ଏହାକୁ ଗ୍ରାହକଙ୍କ ଉପରେ ଲଦି ଦେବାର ସମ୍ଭାବନା ରହିଛି। ଫଳସ୍ୱରୂପ ପେଟ୍ରୋଲ ଓ ଡିଜେଲର ➢ପୃଷ୍ଠା-୬

## ଚଳିତ ମାସରେ ଏସ୍‌ଏଚ୍‌ଜିର ନବକଳେବର

**ଭୁବନେଶ୍ୱର,୭।୪ (ସଂଚାର ବ୍ୟୁରୋ):** ସ୍ୱୟଂ ସହାୟକ ଗୋଷ୍ଠୀରୁ କଟିଯିବ ବିଜେଡିର ଚେର! କାରଣ ଏଇ ମାସରୁ ରାଜ୍ୟବ୍ୟାପି ଏସ୍‌ଏଚ୍‌ଜି ମହିଳା କମିଟିରେ ହେବ ପରିବର୍ତ୍ତନ। ଏଥିପାଇଁ ବଡ଼ ରୋଡମ୍ୟାପ୍ ତିଆରି କରିଛନ୍ତି ମୋହନ ସରକାର। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ପୂର୍ବରୁ ରାଜନୈତିକ ଉଦ୍ଦେଶ୍ୟ ରଖି ଲୋକଙ୍କୁ ଗ୍ରୁପ୍ ସହ ଯୋଡ଼ାଯାଉଥିଲା। ତେଣୁ ଯେଉଁମାନେ ପୂର୍ବରୁ ସଭାପତି ଓ ସମ୍ପାଦକ ରହିଛନ୍ତି, ତାଙ୍କ ସ୍ଥାନରେ ନୂଆ ଲୋକଙ୍କୁ ଭର୍ତ୍ତି କରାଯିବ। ସମସ୍ତଙ୍କୁ ପଞ୍ଚାୟତ ଲେଭଲ ଫେଡେରେସନ ବା ଜିପିଏଲ୍‌ଏଫ୍ ନିର୍ବାଚନରେ ଭାଗ ନେବାକୁ ସୁଯୋଗ ମିଳିବ। ଗତ ସରକାର ଅମଳରେ ଏସ୍‌ଏଚ୍‌ଜି ସଦସ୍ୟାମାନେ କେଉଁଠି ଖୁଲମଖୁଲ୍ଲା ବିଜେଡି ସପକ୍ଷରେ ପ୍ରଚାର କରୁଥିଲେ ତ କେଉଁଠି ଭୋଟ୍ ପାଇଁ ନୋଟ୍ ବଣ୍ଟନରେ ମସଗୁଲ୍ ଥିଲେ। କହିବାକୁ ଗଲେ ମହିଳାଙ୍କ ସଶକ୍ତୀକରଣ ନାଁରେ ବିଜେଡି ପାଇଁ ବନିଥିଲେ ନିର୍ବାଚନୀ ଅସ୍ତ୍ର। ହେଲେ ଏବେ ଆଉ ଚଳିବନି ସେହି ପୁରୁଣା ଷ୍ଟ୍ରାଟେଜି । କାରଣ ଚଳିତ ମାସରୁ ହେବାକୁ ଯାଉଛି ଏସ୍‌ଏଚ୍‌ଜିର ନବକଳେବର । ପୁନର୍ଗଠନ ପାଇଁ ମିଶନ ମୋଡରେ ଲାଗିଛି ମିଶନ



ଶକ୍ତି ବିଭାଗ। ଏଥିସକାଶେ ତିଆରି ହୋଇଛି ସ୍ୱତନ୍ତ୍ର ଖସଡ଼ା ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

ସେ କହିଛନ୍ତି, ଚଳିତ ମାସରେ ସ୍ୱୟଂ ସହାୟକ ଗୋଷ୍ଠୀର ପୁନର୍ଗଠନ କରାଯିବ। ଏହାପର ମାସରେ ଜିପିଏଲ୍‌ଏଫ୍, ସିଏଲ୍‌ଏଫ୍ ଓ ବିଏଲ୍‌ଏଫ୍‌ଙ୍କୁ ଜିଲ୍ଲା ଓ ରାଜ୍ୟସ୍ତରରେ ଦିଆଯିବ ନୂଆ ନିଯୁକ୍ତି। କାରଣ ପୂର୍ବ ସରକାରରେ ବହୁ ମହିଳା ଏସ୍‌ଏଚ୍‌ଜିରୁ ବଞ୍ଚିତ ଅଛନ୍ତି। ଏବେ ମିଶନ ଶକ୍ତି ସବୁ ଘରକୁ ଯୋଡ଼ିବାକୁ ଆରମ୍ଭ କରିଛ ପ୍ରୟାସ। ପୂର୍ବରୁ ରାଜନୈତିକ ଉଦ୍ଦେଶ୍ୟ ରଖି ମହିଳାଙ୍କୁ ଗ୍ରୁପ୍ ସହ ଯୋଡ଼ିଥିଲେ। ➢ପୃଷ୍ଠା-୬



**କାନ ଡେରିଥା**

ଗୋ ବ୍ୟାକ ନାରା ନବୀନ
ନିବାସେ
ପାଣ୍ଡିଆନ ହେଲେ ଛାନିଆ
କେତେ ରାଜନୀତି କେତେ
କୁଟନୀତି
ଆଉ କରିବେନି ପାଣ୍ଡିଆ
ବୋହୁଛି ବତାସ ବାଆ...
ବିଜେଡି ମୂଳକୁ ଉପାଡ଼ି
ଖାଇବା
ପାଣ୍ଡୁ କରୁଥିଲେ ତାହା ।

■ ଦେବାଶିଷ

## ରାଜନୈତିକ ସିରିଏଲ କିଲର ନବୀନ

**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ):** ନିଜର ରାଜନୈତିକ ଜୀବନ କାଳରେ ଦଳର ପ୍ରତିଷ୍ଠାତା ସଦସ୍ୟ, ସହଯୋଗୀ ମନ୍ତ୍ରୀ, ବିଧାୟକ, କର୍ମକର୍ତ୍ତା ସମସ୍ତଙ୍କୁ ନିଜ ସ୍ୱାର୍ଥ ପାଇଁ ରାଜନୀତି ଯଜ୍ଞରେ ବଳି ଚଢ଼ାଇ ସିରିଏଲ କିଲରର ଆଖ୍ୟା ପାଇଥିବା ବିଜେଡି ସଭାପତି ନବୀନ ପଟ୍ଟନାୟକ ଏବେ ନିଜ ଗାତରେ ପଡିଛନ୍ତି। ଯେଉଁମାନେ ଦିନେ ତାଙ୍କ ଆଗରେ ଛିଡା ହେବାକୁ ସାହସ କୁଳାଇ ପାରୁନଥିଲେ

**ଖଳନାୟକ ସାଜିଛନ୍ତି ମୁନ୍ନା ଖାଁ**

**ଧର୍ମନିରପେକ୍ଷ ନା କଠୋରପନ୍ଥୀ**



ସେମାନେ ତାଙ୍କ ଘରେ ପଶି କୈଫିୟତ ମାଗୁଛନ୍ତି । ଚୋର ଘର ସବୁଦିନ ଅନ୍ଧାର ନ ଥିଲା ଭଳି ନବୀନ ଏବେ ଯେଉଁ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି ତାହା ତାଙ୍କର ରାଜନୈତିକ ହତ୍ୟା ଘଟାଇବ ବୋଲି ଆଲୋଚନା ଜୋର ଧରିଛି ।

ୱାକଫ ବିଲ୍ ଉପରେ ବିଜେଡି ସାଂସଦଙ୍କ ମତଦାନକୁ ନେଇ ବିଜେଡି ରାଜନୀତି ପଡୁଥିବା ଉଠୁଥିବା ବେଳେ ଜଣଙ୍କ ପରେ ଜଣେ ନେତା ନବୀନଙ୍କୁ କୈଫିୟତ ମାଗିବାରେ ବ୍ୟସ୍ତ। କିଏ ଟିଭି ପରଦାରେ ମାଗୁଛି ତ ଆଉ କିଏ ଚିଠି ଲେଖି। ତେବେ ଆଜି ସବୁ ସୀମା ଟପିଛି ସାଂସଦ ମୁନ୍ନା ଖାଁ ନବୀନ ନିବାସରେ ପଶି ନବୀନଙ୍କୁ କୈଫିୟତ ମାଗିବା । ନବୀନ କୈଫିୟତ ଦେଇଛନ୍ତି କି ନାହିଁ ତାହା ଜଣାପଡିନଥିଲେ ମଧ ଜୀବନରେ ୱାର୍ଡମେମ୍ବରଟିଏ ନ ହୋଇ ନବୀନ-ପାଣ୍ଡିଆନଙ୍କ ଦୟାରୁ ରାଜ୍ୟସଭା ସାଂସଦ ହୋଇଥିବା ମୁନ୍ନା ଖାଁ କିନ୍ତୁ ଏବେ ବିଜେଡିର ଭିଲେନ ସାଜିଛନ୍ତି। ନିଜେ ନବୀନଙ୍କ ପ୍ରଶଂସା କରୁଥିବା ବେଳେ ନବୀନ ନିବାସ ଭିତରେ ପଶି ନବୀନଙ୍କ ଏକାନ୍ତ ଅନୁଗତ ପାଣ୍ଡିଆନଙ୍କ ମୁର୍ଦ୍ଦାବାଦ ପକାଇବାକୁ ପଛାଇନାହାନ୍ତି।

ମୁନ୍ନା ଖାଁଙ୍କ ଏଭଳି ଆଚରଣ ଏବେ ବିଜେଡିରେ ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। କିଛି ବିଜେଡି ନେତାଙ୍କ କହିବା କଥା ଯେ ୱାର୍ଡମେମ୍ବରଟିଏ ହୋଇପାରିନଥିବା ମୁନ୍ନା ଖାଁ ରଙ୍ଗିନ ଦୁନିଆରୁ ଆସି ବିଜେଡିରେ ଲସରପସର ହେଉଥିଲେ। ବହୁ ଖୋସାମତ ପରେ ନବୀନ ତାଙ୍କୁ ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମରେ ଥଇଥାନ କରିଥିଲେ। ଆଶା କରିଥିଲେ କଳାକାର ଭାବେ ମୁନ୍ନା ଖାଁ ଚଳଚ୍ଚିତ୍ର ନିଗମକୁ ସଞ୍ଜିବନୀ ଦେବେ। ହେଲେ ସେମିତି କିଛି ହେଲାନାହିଁ। ପରେ ନବୀନ-ପାଣ୍ଡିଆନଙ୍କ ଦୟାରୁ ତାଙ୍କୁ ରାଜ୍ୟସଭା ପଠାଯାଇଥିଲା। ଏଥିରେ ପାଣ୍ଡିଆନଙ୍କର ବଡ଼ ଭୂମିକା ଥିଲା। ସେହି ମୁନ୍ନା ଏବେ ନବୀନ ନିବାସରେ ତାଙ୍କର ଅସଲ ଚେହେରା ଦେଖାଇଛନ୍ତି । କିଛି ବିଜେଡି ନେତାଙ୍କ କହିବା କଥା ଯେ ମୁନ୍ନା ଧର୍ମନିରପେକ୍ଷ କମ୍ କଠୋରପନ୍ଥୀ ଆଚରଣ ଅଧିକ ପ୍ରଦର୍ଶନ କରୁଛନ୍ତି ।

ତେବେ ନବୀନ ନିବାସରେ ଭିତରେ ପାର୍ଟି ଲାଇନ୍ ବାହାରକୁ ଯାଇ ମୁର୍ଦ୍ଦାବାଦ ପକାଇଥିବା ବିଜେଡି କର୍ମୀ ଓ ସେମାନଙ୍କ ରିଙ୍ଗ ଲିଡର ମୁନ୍ନା ଖାଁଙ୍କ ବିରୁଦ୍ଧରେ ଦଳର ସଭାପତି କେଉଁ ପ୍ରକାର ➢ପୃଷ୍ଠା-୬

## ନାୟକ ନହିଁ, ଖଳନାୟକ ହୁଁ ମେଁ...



ରଙ୍ଗୀନ ପରଦାରୁ ଆସି ବିଜେଡିର ସାଂସଦ ହୋଇଥିବା ମୁଜିବୁଲ୍ଲା ଖାଁ ଓରଫ ମୁନ୍ନା ଖାଁ ରାତାରାତି ନାୟକରୁ ଖଳନାୟକ ବନିଯାଇଛନ୍ତି। ଜୀବନରେ ୱାର୍ଡମେମ୍ବରଟିଏ ହୋଇପାରିନଥିବା ମୁନ୍ନା ଖାଁ ଯେଉଁ ପାଣ୍ଡିଆନଙ୍କ ଆଶୀର୍ବାଦରେ ସାଂସଦ ହୋଇଛନ୍ତି ଆଜି ଦଳବଳ ଧରି ସେହି ପାଣ୍ଡିଆନଙ୍କ ମୁର୍ଦ୍ଦାବାଦ ପକାଇଛନ୍ତି। ଏଥିସହିତ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ପଶି କୈଫିୟତ ବି ମାଗିଛନ୍ତି। ବିଜେଡି ଗଠନ ପରଠାରୁ ଦଳରେ ଏଭଳି ସତସାହସ କେହି କରିନଥିବା ବେଳେ ମୁନ୍ନା ଖାଁଙ୍କ ଆଚରଣ ଆଜି ଦେଖିବା ପରେ ହିନ୍ଦୀ ଚଳଚ୍ଚିତ୍ରର ସେଇ ଲୋକପ୍ରିୟ ଗୀତ 'ନାୟକ ନହିଁ... ଖଳନାୟକ ହୁଁ ମେଁ' ଏବେ ତାଙ୍କ ପାଇଁ ପ୍ରଯୁଜ୍ୟ ବୋଲି ଶଙ୍ଖଭବନରେ ଆଲୋଚନା ଚାଲିଛି।

# ଅଧ୍ୟାପକ ବିବେକାନନ୍ଦ ସିଂହଙ୍କୁ ମଧୁବାବୁ ଗୌରବ ସମ୍ମାନ

**ମାହାଙ୍ଗା,୭।୪ (ସଂଚାର ବ୍ୟୁରୋ):** ସାଲେପୁର ଠାରେ ଚିତ୍ରୋତ୍ପଳା ନଦୀ ପାର୍ଶ୍ୱରେ ଉତ୍କଳ ଦିବସ ଓ ସାଲେପୁର ମହୋତ୍ସବ ୧ ଏପ୍ରିଲ୨୦୨୫ରୁ ଆରମ୍ଭ ହୋଇ ୫ ଏପ୍ରିଲ ୨୦୨୫ରେ ଉଦଯାପିତ ହୋଇଯାଇଛି। ଉଦଯାପନ ଉତ୍ସବରେ ସାଲେପୁରର ମାନ୍ୟବର ବିଧାୟକ ତଥା ଉତ୍ସବ କମିଟିର ମୁଖ୍ୟ ପ୍ରଶାନ୍ତ ବେହେରାଙ୍କ ସଭାପତିରେ ମୁଖ୍ୟ ଅତିଥି ଭାବରେ ପୁର୍ବତନ ମନ୍ତ୍ରୀ ତଥା କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ସମ୍ମାନୀତ ଅତିଥି ଭାବ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଓ ବିଶିଷ୍ଟ ଅତିଥି ଭାବ ଚଳଚ୍ଚିତ୍ର ପ୍ରଯୋଜକ ଦିଲ୍ଲିପ ଦାସ, ସମାଜ ସେବୀ ଗୋଲଖ ପରିଡ଼ା ଯୋଗ ଦେଇଥିଲେ।




ସମ୍ବର୍ଦ୍ଧନା ପର୍ବରେ ପ୍ରଥମେ ସାଲେପୁର ଓ ମାହାଙ୍ଗା ମାଟିର ଏକ ନିଆରା ବ୍ୟକ୍ତିତ୍ୱ ଅଧାପକ ଡକ୍ଟର ବିବେକାନନ୍ଦ ସିଂହଙ୍କୁ ସମ୍ମାନୀତ କରାଯାଇଥିଲା। ଡକ୍ଟର ବିବେକାନନ୍ଦ ସିଂହ, ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ, ନୂଆଦିଲ୍ଲୀ (ୟୁଜିସି)ଙ୍କ ପ୍ରଣୀତ ପିଏଚଡ଼ିର ନୂତନ ନିୟମ ଅନୁଯାୟୀ ରାଜନୀତି ବିଜ୍ଞାନରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଦର୍ଶନ ଓ ଭାବାର୍ଥ ଯାହାକି ସମାଜ, ରାଷ୍ଟ୍ର, ସରକାର ଓ ରାଜନୀତି ଉପରେ ପର୍ଯ୍ୟବେସିତ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗବେଷଣା କରି ଉତ୍କଳ ବିଶ୍ୱବିଦ୍ୟାଳୟର ୫୦ତମ ସମାବର୍ତ୍ତନ ଉତ୍ସବରେ ମହାମହିମ ଉପରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଡକ୍ଟର ସିଂହ ବହୁ ପ୍ରତିଭାର ଅଧିକାରୀ ୧୫ରୁ ଉର୍ଦ୍ଧ୍ୱ ପୁସ୍ତକ ରଚନା କରିବା ସହିତ ନିଜ ଚାଷ ଜମିରେ ଶ୍ରମିକ ମାନଙ୍କ ସହିତ କାମ କରିବାକୁ ତଥା ଜଣେ କୃଷକ ଭାବରେ ଅଧିକ ଆତ୍ମସନ୍ତୋଷ ପାଇଥାନ୍ତି। ବର୍ତ୍ତମାନ ସମାଜରେ ଡକ୍ଟର ବିବେକାନନ୍ଦ ସିଂହଙ୍କ ପରି ସାଧୁତା ଓ ସଚ୍ଚୋଟତା ବ୍ୟକ୍ତି ବିରଳ। ସାଲେପୁର ହାଟରୁ ପାଇଥିବା ଟଙ୍କା (୧୦)ହଜାର ଟଙ୍କା ପାଇ ପରେ ଉକ୍ତ ଟଙ୍କାକୁ ହଜାଇଥିବା ବ୍ୟକ୍ତିଙ୍କୁ ଫେରାଇ ଦେଇ ଉଦାହରଣ ପାଲଟିଥିବା ବ୍ୟକ୍ତିତ୍ୱ।

ଶ୍ରୀସିଂହ କଟକ ଜିଲ୍ଲା ମାହାଙ୍ଗା ପଞ୍ଚାୟତ ଅନ୍ତର୍ଗତ ଯଶୁଆପୁର ଗ୍ରାମରେ ୨୮ ଜୁନ୍ ୧୯୬୯ ମସିହାରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିଲାବେଳ ହିଁ ମାମୁଁ ଘର ସାଲେପୁର ବ୍ଲକ୍ ଅନ୍ତର୍ଗତ ଛାଣିପୁର ନିକଟସ୍ଥ ସାତବାଟି ଗ୍ରାମରେ ହିଁ କଟିଥିଲା। ଅଧୁନା ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବାୟା ଅବଧୂତ କଲେଜ, କନିମୂଳ ଓ ଜାତୀୟ କବି ବୀରକିଶୋର ସରକାରୀ କଲେଜ, କଟକ (ଇଗ୍ନୋର) ରାଜନୀତି ବିଜ୍ଞାନ ବିଭାଗର ଅଧାପକ ଏବଂ କାଉନସିଲର ଭାବରେ କାର୍ଯ୍ୟରତ। ଉତ୍କଳ ଦିବସ ଓ ସାଲେପୁର ମହୋତ୍ସବର ଉଦଯାପନ ଉତ୍ସବରେ ଡକ୍ଟର ସିଂହଙ୍କ ସାଧନାକୁ ସ୍ୱୀକୃତି ଜଣାଇ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଡକ୍ଟର ସିଂହଙ୍କୁ ମାନପତ୍ର ଓ ଉପଢ୍ୌକନ ଦେଇ ମଧୁଗୌରବ ସମ୍ମାନ-୨୦୨୫ରେ ସମ୍ମାନିତ କରିଥିଲେ। ଏହି ଉତ୍ସବରେ ପ୍ରାୟ ୨ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା।



## ନୃତ୍ୟଶ୍ରୀ କଳାନିକେତନର ପ୍ରଥମ ବାର୍ଷିକ ଉତ୍ସବ

**ସାଲେପୁର,୭।୪ (ସଂଚାର ବ୍ୟୁରୋ):** ସାଲେପୁର ନୃତ୍ୟଶ୍ରୀ କଳାନିକେତନର ପ୍ରଥମ ବାର୍ଷିକ ଉତ୍ସବ ସାଲେପୁର ହାଇସ୍କୁଲ ଖେଳପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ସାଲେପୁରଠାରେ ନୂଆକରି ଗଢ଼ି ଉଠିଥିବା ସଙ୍ଗୀତ ଶିକ୍ଷାଅନୁଷ୍ଠାନ ନୃତ୍ୟଶ୍ରୀ କଳାନିକେତନ ଟ୍ରଷ୍ଟର ସଭାପତି ଅନ୍ୱେଷା ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ସିନେ ତାରକା ସୁଇଟ୍ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ମନୋଜ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଚନ୍ଦ୍ରାଦେଇପୁର ସରପଞ୍ଚ ରଶ୍ମିତା ଦାସ, ବ୍ୟଙ୍ଗ କବି ବିଭୁତିଭୂଷଣ ମିଶ୍ର, ଏକ ଘରୋଇ ଟିଭି ଚ୍ୟାନେଲର ପ୍ରୋଗ୍ରାମ ମୁଖ୍ୟ ଶ୍ରୀମନ୍ତ ଦାସ, ନାଟ୍ୟ ନିର୍ଦ୍ଦେଶକ ନିରଞ୍ଜନ ଗାହାଣ, ସାଲେପୁର ପବ୍ଲିକ୍ ସ୍କୁଲର ଅଧକ୍ଷ ଡଃ ଜୟନ୍ତୀ ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଜୟ କୁମାର ସାହୁ, ଦିଲ୍ଲୀପ କୁମାର ବରାଳ, ବିଶ୍ୱରଞ୍ଜନ ସାହୁଙ୍କ ସମେତ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।

### ଗୁଲନଗର ପଞ୍ଚାୟତରେ ପାନୀୟ ଜଳ ସଙ୍କଟ

## ଜଳ ଯୋଗାଣ ଦାବି ନେଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିଲେ ଶତାଧିକ ମହିଳା



**କେନ୍ଦ୍ରାପଡ଼ା,୭।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ପଂଚାୟତରେ ପାନୀୟ ଜଳ ପାଉ ନ ଥିବାରୁ ଶତାଧିକ ମହିଳା ଆଜି ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ତାଙ୍କ ଗ୍ରାମକୁ ପାନୀୟ ଜଳ ଯୋଗାଇ ଦେବାକୁ ଦାବି କରିଛନ୍ତି । ଦାବି ମୁତାବକ ଏହି ପଂଚାୟତ ର ୨ନଂ ୱାର୍ଡ ଖଇରାବାଦ ରାଜସ୍ୱ ଗ୍ରାମରେ ୩୦୦ ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ବସବାସ କରନ୍ତି । ପ୍ରାୟ ଏକ ମାସ ହେବ ଏହି ଗ୍ରାମକୁ ପାଇପ ଯୋଗେ ପାଣି ଯୋଗାଇ ଦିଆଯାଉ ଥିଲା । ବର୍ତ୍ତମାନ ପାନୀୟ ଜଳ ଆସୁନ ଥିବାରୁ ପ୍ରବଳ ଗ୍ରୀଷ୍ମ ତାପରେ ପାଣି ପିଇବା ସହିତ ରୋଷେଇ ଓ ଅନ୍ୟାନ୍ୟ ଆବଶ୍ୟକ ପାଇଁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ବିଷୟରେ ଗ୍ରାମାବସୀ ସ୍ଥାନୀୟ ସରପଂଚ, ବିଡିଓ, ଗ୍ରାମୀଣ ଜଳ ଯୋଗାଣ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ବ୍ୟବସ୍ଥା ନ କରିବାକୁ ସୋମବାର ବାଧ ହୋଇ ଶତାଧିକ ମହିଳା ରଶ୍ମିରେଖା ଘଡାଇ, ପ୍ରମିଳା ଘଡାଇ, ଗୀତାଞ୍ଜଳୀ ମଳିକ, ମମତା ମଳିକ, ନଗମା ଖାନମ୍, ରହିମା ଖାତୁନ, ଅସଲମ ଖାନ ପ୍ରମୁଖ ଅତିରିକ୍ତ ଜିଲ୍ଲପାଳ ନିଲୁ ମହାପାତ୍ରଙ୍କୁ ଭେଟି । ତୁରନ୍ତ ତଙ୍କ ଗ୍ରାମକୁ ପାନୀୟ ଜଳ ଯୋଗାଇ ଦେବାପାଇଁ ଦାବି କରିଛନ୍ତି ।

### ୭ ଦିନରେ ପହଞ୍ଚିଲା ଅନଶନ

## ୪୦ ପରିବାରଙ୍କ ଧର୍ମଘଟ ଅବ୍ୟାହତ



**କେନ୍ଦ୍ରାପଡ଼ା,୭।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ଏକ ସପ୍ତାହ ହେଲା ଜମି ପାର୍ଚ୍ଚା ପାଇବା ପାଇଁ ଧାରଣାରେ ବସି ରହିଛନ୍ତି ରାଜନଗର ସାତଭାୟା ଅଂଚଳର ଦଳିତ ୪୦ ପରିବାର । ଖାଦ୍ୟ ପାନୀୟ ଓ ଅସ୍ୱାସ୍ଥ୍ୟକର ପରିବେଶ ରେ ଏମାନଙ୍କ ମଧ୍ୟରୁ କେତେଜଣ ଅସୁସ୍ଥ ହୋଇଥିବା ଜଣାପଡିଛି । ସେମାନଙ୍କ ମଧ୍ୟରୁ ଶିଶୁଙ୍କ ସହ ୩ଜଣ ଗୁରୁତର ଅସୁସ୍ଥ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସେଠାରୁ କଟକ ବଡ ଡାକ୍ତରଖାନା କୁ ଚିକିତ୍ସା ପାଇଁ ସ୍ଥାନାନ୍ତରିତ ହେବାର ଖବର ପାଇବା ପରେ ଜିଲ୍ଲା ପ୍ରଶାସନ ସଚେତନ ହୋଇ ପଡିଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆଜି ଘଟଣା ସ୍ଥଳରେ ପହଁଚି ଧାରଣାକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛି । ପ୍ରବଳ ଗ୍ରୀଷ୍ମ ତାପରେ ଓ ଉପଯୁକ୍ତ ଖାଦ୍ୟ ପାନୀୟ ଅଭାବରୁ ଧାରଣାକାରୀଙ୍କ ଜଳୀୟ ଅଂଶ କମିବା ସହ ବୟସ୍କ, ମହିଳା ଓ ପୁରୁଷ ମାନଙ୍କ ସ୍ୱାସ୍ଥ୍ୟ ଧିରେ ଧିରେ ବିଗିଡିବାରେ ଲାଗିଛି। ତେବେ ଏହି ଧାରଣାକାରୀ ମାନେ ୭ଦିନ ହେଲା ବସି ରହିଥିବା ବେଳେ ଜିଲ୍ଲା ପ୍ରଶାସନ ସେମାନଙ୍କ ସମସ୍ୟା ପ୍ରତି ସମ୍ବେଦନଶୀଳ ହୋଇ ଉପଯୁକ୍ତ ପ୍ରତିକାର କରିବା ପାଇଁ ସାଧାରଣରେ ଦବି ହେଉଛି ।

## ଭରତପୁର ପଞ୍ଚାୟତରେ ୧୩ ମାସର ଭତ୍ତା ଟଙ୍କା ହଡ଼ପ ଅଭିଯୋଗ



**କେନ୍ଦ୍ରାପଡ଼ା,୭।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅଧିନ ଭରତପୁର ପଂଚାୟତରେ ୧୩ ମାସର ଭତ୍ତା ଟଙ୍କା ହଡପ ହୋଇଥିବା ସତ୍ୟଭାମା ସେଠୀ ବିଡିଓଙ୍କୁ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ଏହି ପଂଚୟତର ଜଗନ୍ନାଥପୁର ଗ୍ରାମର ପୁରୁଷୋତମ ସେଠୀଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ ସତ୍ୟଭାମା ସେଠୀ ୨୦୨୩ ମସିହା ସେପ୍ଟେମ୍ବର ମାସରେ ବାର୍ଦ୍ଧକ୍ୟ ଭତା ପାଇଁ ଆବେଦନ କରିଥିଲେ । ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ତାଙ୍କର କୌଣସି ଭତା ସମ୍ବନ୍ଧୀୟ ଅର୍ଥ ନଆସିବାରୁ ବ୍ଲକକୁ ଯାଇ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଭେଟି ଜାଣିବାକୁ ପାଇଲେ ଯେ, ୨୦୨୪ ଫ୍ରେବୃଆରୀ ମାସରୁ ଭତା ଅନୁମୋଦନ ହୋଇଛି ଏବଂ ସଂପୃକ୍ତ ପଂଚାୟତ କୁ ପଠାଯାଇଛି । ତେବେ ସରପଂଚଙ୍କ ସହ ଯୋଗାଯୋଗ କରିବା ପରେ ସରପଂଚ ଟଙ୍କା ଆସିନାହିଁ ବୋଲି କହିଥିଲେ। ତେବେ ଏହି ୧୩ ମାସର ଭତ୍ତା ଟଙ୍କା ଓ ସ୍ୱାମୀଙ୍କ ମୃତ୍ୟୁ ପରେ ହରିଶ୍ଚନ୍ଦ୍ର ଯୋଜନା ଅର୍ଥ ହଡପ ହୋଇଥିବା ନେଇ ସତ୍ୟଭାମା ବିଡିଓଙ୍କୁ ଭେଟି ଏହାର ତଦନ୍ତ କରିବାକୁ ଦାବି କରିଛନ୍ତି ।



## ଓଳିହା ଗ୍ରାମରେ ବାସନ୍ତୀ ଦୁର୍ଗାଙ୍କ ପୂଜା ଉଦ୍‌ଯାପିତ

**ମହାକାଳପଡ଼ା,୭।୪ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ଓଳିହା ଗ୍ରାମରେ ୩ ଏପ୍ରିଲ ରୁ ଆରମ୍ଭ ହୋଇଥିବା ୬୪ ତମ ମା ବାସନ୍ତୀ ଦୁର୍ଗାଙ୍କ ପୂଜା ଆଜି ଉଦଯାପିତ ହୋଇଯାଇଛି। ଆଜି ମାଆଙ୍କର ଦଶମୀ ପୂଜା ଅବସରରେ ଗ୍ରାମବାସୀ ମାଆଙ୍କୁ ଆରାଧନା କରିବା ସହିତ ଜଗତ ମଙ୍ଗଳ ପାଇଁ ପ୍ରାର୍ଥନା କରିଥିଲେ। ପୂଜାର୍ଚ୍ଚନା ପରେ ମାଆଙ୍କର ବିସର୍ଜନ ପୂଜା କରାଯାଇଥିଲା। ଗ୍ରାମବାସୀଙ୍କ ମିଳିତ ସହଯୋଗରେ ମା ଚର୍ଚ୍ଚିକାୟୀ ଗ୍ରାମ ଉନ୍ନୟନ କମିଟି ମାଆଙ୍କର ଏହି ପୂଜା କାର୍ଯ୍ୟକ୍ରମକୁ ପରିଚାଳନା କରାଯାଇଥିଲା। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଦୁଇ ଦିନ ଧରି ରାମଲୀଳା ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ଆସି ମାଆଙ୍କୁ ଦର୍ଶନ କରିବା ସହିତ ମାଆଙ୍କ କରୁଣା ଲାଭ କରିଥିଲେ।

### ସାମ୍ବାଦିକ କଳ୍ପତରୁଙ୍କ ମୃତ୍ୟୁ ଘଟଣା

## ରହସ୍ୟ ଉପରୁ ଉଠୁନି ପରଦା, ନିରପେକ୍ଷ ତଦନ୍ତ ଦାବି

**ମହାକାଳପଡ଼ା,୭।୪ (ସଂଚାର ବ୍ୟୁରୋ):** ସାମ୍ବାଦିକ କଳ୍ପତରୁ ରାଉତଙ୍କ ରବିବାର ଦେହାନ୍ତ ହେଇଯାଇଛି। କାଉସପାଳ ଘାଟ ଠାରୁ ଶୋବଳା ପର୍ଯ୍ୟନ୍ତ ପଡ଼ିଥିବା ନଦୀବନ୍ଧ ମାଟି ରାସ୍ତାରେ କ୍ଷତବିକ୍ଷତ ମୃତଦେହ ଦେଖିବାକୁ ମିଳିଥିଲା। ପାଖରେ ତାଙ୍କର ବାଇକ୍ ପଡ଼ିଥିବା ବେଳେ ମୁହଁରେ ଗଭୀର କ୍ଷତ ହୋଇଛି। ମଇଁଷି ଚରାଳି କଳ୍ପତରୁଙ୍କ ଗ୍ରାମବାସୀଙ୍କୁ ଖବର ଦେବା ପରେ କଳ୍ପତରୁଙ୍କୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା ହେଲେ ଡାକ୍ତର ସେଠାରେ କଳ୍ପତରୁଙ୍କୁ ମୃତ ଘୋଷଣା କରିଥିଲେ। ମହାକାଳପଡ଼ା ମେଡିକାଲରୁ ଶବ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। କଳ୍ପତରୁ ରାଉତଙ୍କ ଘର ବାରଡାଙ୍ଗ ପଞ୍ଚାୟତ ବଡମଠ ଗ୍ରାମରେ। ସେ ମହାକାଳପଡ଼ାରେ ସାମ୍ବାଦିକ ଭାବରେ କାର୍ଯ୍ୟ କରୁଥିଲେ। କଳ୍ପତରୁଙ୍କୁ ୪୬ ବର୍ଷ ହୋଇଥିଲା।



ମହାକାଳପଡ଼ା ୟୁଥ୍ ଗ୍ରୁପ୍ ପରିବାରର ସଦସ୍ୟ ଭାବରେ ଲୋକମାନଙ୍କ ସମସ୍ୟା ସମାଧାନ ପାଇଁ ପ୍ରୟାସ କରୁଥିଲେ। ହେଲେ କେମିତି ତାଙ୍କର ମୃତ୍ୟୁ ହେଲା ତାହା ସ୍ପଷ୍ଟ ହୋଇନାହିଁ। କଳ୍ପତରୁଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ କରି ନିରପେକ୍ଷ ତଦନ୍ତ କରିବାକୁ ଉଲ୍ଲେଖ କରିଛନ୍ତି। କଳ୍ପତରୁଙ୍କ ଦେହାନ୍ତ ଖବରରେ ମହାକାଳପଡ଼ା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେ ଜଣେ ମିଳାପି ଓ ପରୋପକାରୀ ମଣିଷ ଥିଲେ। ବିଭିନ୍ନ ରାଜନୈତିକ ଦଳର ନେତା,ବୁଦ୍ଧିଜୀବି ଓ ସାମାଜିକ କର୍ମୀ ଶୋକ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ କଳ୍ପତରୁଙ୍କ ମୃତଦେହ ପଡ଼ିଥିବା ପାରିପାର୍ଶ୍ୱିକ ଅବସ୍ଥିତିକୁ ଦେଖିଲେ ତାଙ୍କୁ ହତ୍ୟା କରାଯାଇଛି ବୋଲି ଆଶଙ୍କା କରାଯାଉଛି। କାହିଁକି ନା ତାଙ୍କର ମୋଟର ସାଇକେଲର ଷ୍ଟାଣ୍ଡ ମରାଯାଇଛି। ନାକରେ ଗଭୀର କ୍ଷତ ହୋଇଛି। ଯଦି ଦୁର୍ଘଟଣା ଘଟିଲା ତେବେ ମୋଟର ସାଇକେଲର ଷ୍ଟାଣ୍ଡ କିପରି ମରାଗଲା। ଯାହା ସନ୍ଦେହକୁ ଆହୁରି ବଢ଼ାଉଛି। ଏସବୁ ଆଲୋଚନା ଭିତରେ ଶବ ବ୍ୟବଚ୍ଛେଦ ରିପୋର୍ଟ ହିଁ ଘଟଣାର ସମ୍ପୂର୍ଣ୍ଣ ସତକୁ ସାମ୍ନାକୁ ଆଣି ପାରିବ।

## ଭଦ୍ରେଶ୍ୱରରେ ବିଜେପି ପ୍ରତିଷ୍ଠା ଦିବସ ପାଳିତ

**ମାହାଙ୍ଗା,୭।୪ (ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଭଦ୍ରେଶ୍ୱର ମଣ୍ଡଳର ଗୋକନ କଲ୍ୟାଣ ମଣ୍ଡପ ଠାରେ ଭାରତୀୟ ଜନତା ପାଟିର ପ୍ରତିଷ୍ଠା ଦିବସ ଓ ସକ୍ରିୟ କାର୍ଯ୍ୟକର୍ତା ସମିଳନୀ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭଦ୍ରେଶ୍ୱର ମଣ୍ଡଳ ସଭାପତି ଭକ୍ତଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ । ପ୍ରଥମେ ଦଳର ପ୍ରତିଷ୍ଠାତା,ସମାପ୍ରସାଦ ମୁଖାର୍ଜୀ, ଭାରତମାତା, ଏବଂ ପଣ୍ଡିତଦିନଦୟାଲ ଉପାଧ୍ୟାୟଙ୍କ ଫୋଟୋ ଚିତ୍ରରେ ଦୀପ ଧୂପ ଏବଂ ପୁଷ୍ପ ମାଲ୍ୟ ଦେଇ ସଭା ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ବୁଥ ସଭାପତିମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ଏବଂ ଭାରତୀୟ ଜନତା ପାଟି କେମିତି ତୃଣ ମୂଳ ସ୍ତରରୁ ସଙ୍ଗଠନ ହେବ, ସେ ନେଇ ଆଲୋଚନା କରାଯାଇଥିଲା । ଏହି ସଭାରେ ନାରୀ ନେତ୍ରୀ ଯାଜ୍ଞାସୀନ ଜେନା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ନାୟକ, କିଶୋର ରାଉତ, ଜିତେନ୍ଦ୍ର ସାଥପଥି, ବଂଶୀଧର ନାଥ ଶର୍ମାଙ୍କ ସହିତ ମଣ୍ଡଳର ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ଆଗାମୀ ଦିନରେ ଦଳକୁ ମଜବୁତ କରିବା ପାଇଁ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ ଅସିତ୍ ସାମଲ, ତୁଷାର କାନ୍ତ ମହାପାତ୍ର, ପ୍ରକାଶ ନାୟକ, ଗୋକୁଳାନନ୍ଦ ପଣ୍ଡା, ବିଶ୍ୱ ଭୂଷଣ ମହାପାତ୍ର ଏବଂ ବହୁ ଦଳୀୟ ପଦାଧିକାରୀମାନେ।




## କେନ୍ଦ୍ରାପଡ଼ାରେ ମିଳିତ ଅଭିଯୋଗ ଶୁଣାଣି ଶିବିର

● ମୋଟ୍ ୧୧୮ ଅଭିଯୋଗ ମଧ୍ୟରୁ ୯ଟି ସାମୂହିକ ଓ ୧୦୯ଟି ବ୍ୟକ୍ତିଗତ

**କେନ୍ଦ୍ରାପଡ଼ା,୭।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ସଦର ମହକୁମାରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ କେନ୍ଦ୍ରାପଡ଼ା ମୁନିସିପାଲିଟି ଟାଉନ୍‌ହଲ୍‌ଠାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଉପ-ଜିଲ୍ଲାପାଳ ଅରୁଣ କୁମାର ନାୟକ, କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ପ୍ରମୋଦ କୁମାର ପ୍ରହରାଜ, ଏସଡିପିଓ, କେନ୍ଦ୍ରାପଡା, ସହକାରୀ ଜିଲ୍ଲାପାଳ, କେନ୍ଦ୍ରାପଡା ପୌରପରିଷଦର ନିର୍ବାହୀ ଅଧିକାରୀ, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଂଟ୍‌ର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ । ଏହି ଅଭିଯୋଗ ଶୁଣାଣିରେ ମୋଟ୍ ୧୧୮ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୯ ଗୋଟି ସାମୁହିକ ଏବଂ ୧୦୯ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୬୨ ହଜାର ଟଙ୍କା ୮ ଜଣ ଆବେଦନକାରୀଙ୍କୁ ଦେବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଛନ୍ତି। ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ ଯୋଗାଣ, ନୂତନ ରାସନ୍‌କାର୍ଡ଼ ପ୍ରଦାନ, ଅନ୍ତୋଦୟ ଯୋଜନାରେ ନାମ ସାମିଲ କରିବା, ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ,ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା, ଜମି ସମସ୍ୟା ଓ ପୋଲିସ ସମସ୍ୟା ଆବେଦନ ପତ୍ର ଆଦି ଦରଖାସ୍ତଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା । ସେହିପରି ସାମୂହିକ ଅଭିଯୋଗ ମଧ୍ୟରେ ଫ୍ଲାଏ ଓଭର ନିର୍ମାଣ, ବିଦ୍ୟୁତ ଯୋଗାଣ, ରାସ୍ତା ନିର୍ମାଣ, ରାସ୍ତା ପ୍ରଶସ୍ତିକରଣ, ପାନୀୟ ଜଳ ଯୋଗାଣ, ବେଆଇନ ଭାବେ ଅଧିକୃତ ସରକାରୀ ଜମି ଉଚ୍ଛେଦ ଆଦି ଅଭିଯୋଗଗୁଡ଼ିକ ମୁଖ୍ୟ ସ୍ଥାନରେ ଥିଲା। ଏଗୁଡ଼ିକର ତୁରନ୍ତ ଫଇସଲା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।



### ଅବକାରୀ ଅଧିକ୍ଷକଙ୍କ ଲିଖିତ ପ୍ରତିଶ୍ରୁତି ପରେ ଆନ୍ଦୋଳନରୁ ଓହରିଲେ ମହିଳା

## ମାସକ ଭିତରେ ସ୍ଥାନାନ୍ତର ହେବ ମଦ ଦୋକାନ

**ରାଜନଗର,୭।୪ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ବଜାରରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନକୁ ଉଚ୍ଛେଦ କରିବା ଦାବିରେ ମହିଳାଙ୍କ ଆନ୍ଦୋଳନ ଉଗ୍ର ରୂପ ଧାରଣ କରିବା ପରେ ଠିପିଖୋଲା ବିଦେଶୀ ମଦ ଦୋକାନ ଏକ ମାସ ମଧ୍ୟରେ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଅବକାରୀ ଅଧିକ୍ଷକ ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ଆଜି ମଦ ଦୋକାନ ସମୁଖରେ ଅନଶନରେ ବସିଥିବା ମହିଳାମାନଙ୍କ ନିକଟରେ ଅବକାରୀ ଅଧିକ୍ଷକ ବିପ୍ର ମଣ୍ଡଳ, ତହସିଲଦାର ଅମିୟ କେତନ ସ୍ୱାଇଁ, ଆଇଆଇସି ନରେଶ କୁମାର ସାହୁ ପହଞ୍ଚି ଆଲୋଚନା କରିଥିଲେ। ଏକ ମାସ ମଧ୍ୟରେ ଅନ୍ୟତ୍ର ସ୍ଥାନାନ୍ତର କରାଯିବ ବୋଲି କେନ୍ଦ୍ରପଡା ଅବକାରୀ ଅଧିକ୍ଷକ ଲିଖିତ ଭାବେ ଦେବା ସହିତ ଚାନ୍ଦିବାଉଁଶମୂଳ ଗ୍ରାମ ପଂଚାୟତ ମହିଳା କମିଟିର ସହଯୋଗ କାମନା କରିଥିଲେ। ଅବକାରୀ ଅଧିକ୍ଷକଙ୍କ ଲିଖିତ ପତିଶ୍ରୁତି ପରେ ମହିଳା ମାନେ ଧାରଣରୁ ଓହରିଛନ୍ତି।

ଗତ ମାସ ୨୮ ତାରିଖ ଦିନ ମହିଳାମାନେ କେନ୍ଦ୍ରପଡାରେ ପହଞ୍ଚି ଜିଲ୍ଲାପାଳଙ୍କୁ ଭେଟି ମଦ ଦୋକାନ ଉଚ୍ଛେଦ ପାଇଁ ଲିଖିତ ଭାବେ ଜଣାଇଥିଲେ। ସାତ ଦିନ ଭିତରେ ଉଚ୍ଛେଦ କରାନଗଲେ ଆନ୍ଦୋଳନକୁ ଓହଳାଇବୁ ବୋଲି ଚେତାବନୀ ଦେଇଥିଲେ। ପ୍ରଶାସନ କୌଣସି ପଦକ୍ଷେପ ନନେବାରୁ ୪ ତାରିଖ ଦିନ ଶତାଧିକ ମହିଳା ଆନ୍ଦୋଳନକୁ ଓହ୍ଲାଇଥିଲେ। ସେମାନଙ୍କ ଅଭିଯୋଗ ମୁତବକ ଏହି ଠିପି ଖୋଲା ମଦ ଦୋକାନ ପଞ୍ଚାୟତବାସୀଙ୍କ ପାଇଁ କାଳ ସାଜିଛି। ପ୍ରତ୍ୟେକ ଦିନ ଏହି ବିଦେଶୀ ମଦ ଦୋକାନରେ ଅସାମାଜିକ ବ୍ୟକ୍ତିଙ୍କ ଭିଡ ଜମୁଛି। ଅସାମାଜିକ ଯୁବକମାନେ ମଦ ପିଇ ଅଶ୍ଳୀଳ ଭାଷା ପ୍ରୟୋଗ କରୁଛନ୍ତି। ଏହି ବିଦେଶୀ ମଦ ଦୋକାନଠାରୁ ମାତ୍ର ୧୦ମିଟର ଦୂରତାରେ ଗ୍ରାମଦେବୀ ମନ୍ଦିର ରହିଛି। ୨ଶହ ମିଟର ଦୂରରେ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଓ ୧୫୦ ମିଟର ଦୂରରେ ଅଙ୍ଗନୱାଡି କେନ୍ଦ୍ର, ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଛି।

## ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାନାନ୍ତର ଦାବି



**ଡେରାବିଶ,୭।୪ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ଅଢ଼ଙ୍ଗା ରାଜସ୍ୱ ଗ୍ରାମର ୧୫, ୧୬, ଓ ୧୭ ନଂ ୱାର୍ଡ଼ର କୋମଳମତି ଶିଶୁଙ୍କୁ ପ୍ରାକ୍ ଶିକ୍ଷା ଦେବା ପାଇଁ ଅଢ଼ଙ୍ଗା - କ ଅଙ୍ଗନୱାଡ଼ି କେନ୍ଦ୍ର ରହିଅଛି। ଏହି କେନ୍ଦ୍ରଟି ଆରମ୍ଭରୁ ଅଢ଼ଙ୍ଗା ପ୍ରାଥମିକ ବିଦ୍ୟାଳୟ ପରିସରରେ ୨୦୧୮ ମସିହା ଯାଏ ଚାଲିଆସୁଥିଲା। ୨୦୧୮ ମସିହା ଠାରୁ ଏହି କେନ୍ଦ୍ରଟି ଖାନନଗର ମାଇନର କେନାଲ୍ କୂଳରେ ଥିବା ଏକ ଭଡ଼ା ଘରେ ଚାଲିଆସୁଅଛି। ପ୍ରଥମତଃ ଏହି ଘରର ଗୋଟିଏ ପଟେ ଖାନନଗର ମାଇନର କେନାଲ୍ ଓ ଅନ୍ୟପଟେ ଗଛଲଟା ପୂର୍ଣ୍ଣ ଜଙ୍ଗଲ ରହିଛି। ପରିବେଶ ଦୃଷ୍ଟିରୁ ଏହା କୋମଳମତି ଶିଶୁମାନଙ୍କ ପାଇଁ ଆଦୌ ନିରାପଦ ନୁହେଁ ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସରକାରଙ୍କର ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଅନୁଯାୟୀ ବିଦ୍ୟାଳୟ ମାନଙ୍କରେ ଶିଶୁ ବାଟିକା ଶ୍ରେଣୀ ଖୋଲା ଯାଇଛି। ସେ ଦୃଷ୍ଟିରୁ ଏହି କେନ୍ଦ୍ରଟି ପୂର୍ବପରି ଅଢ଼ଙ୍ଗା ପ୍ରାଥମିକ ବଦ୍ୟାଳୟ ଗୃହକୁ ଫେରାଇ ଆଣିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ ଅଢ଼ଙ୍ଗା ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକତା ଠାରୁ ଅଧିକ ଶ୍ରେଣୀଗୃହ ରହିଅଛି ଯେଉଁଥିପାଇଁ ଅନାୟସରେ ଏହି ବିଦ୍ୟାଳୟରେ ଅଙ୍ଗନୱାଡ଼ି କେନ୍ଦ୍ର ଚଳାଇ ହେବ ବୋଲି ଗ୍ରାମବାସୀମାନେ ପ୍ରକାଶ କରିଛନ୍ତି।

### ପ୍ରତିଷ୍ଠା ଦିବସରେ ଗୋଷ୍ଠୀ କନ୍ଦଳ

## ପ୍ରକାଶଙ୍କ ଦୁଇ ଗୋଷ୍ଠୀ ମଧ୍ୟରେ ହାତାହାତି

**କଟକସଦର,୭।୪ (ସଂଚାର ବ୍ୟୁରୋ):** କଟକ ସଦର ନିର୍ବାଚନ ମଣ୍ଡଳୀ ବିଜେପିର ଗୋଷ୍ଠି କନ୍ଦଳ ପଦାରେ ପଡ଼ିଛି। ପ୍ରତିଷ୍ଠା ଦିବସରେ ଦୁଇଗୋଷ୍ଠି ହାତାହାତି। ଗତକାଲି କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ମଣ୍ଡଳ ବିଜେପିର ପ୍ରତିଷ୍ଠା ଦିବସ ସ୍ଥାନୀୟ ସାନ୍ତପୁର ଗ୍ରାମପଞ୍ଚାୟତର ବକ୍ରେଶ୍ୱର ମହାଦେବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମଣ୍ଡଳ ସଭାପତି ମିନକେତନ ମହାନ୍ତି ଓ ରଂଜନ କୁମାର ନନ୍ଦ ପରିଚାଳନା ଦାୟିତ୍ୱ ନେଇଥିଲେ। ତାଙ୍କ ନିର୍ଦ୍ଦେଶକ୍ରମେ ସାନ୍ତପୁର ଗ୍ରାମପଞ୍ଚାୟତ ସଭାପତି ଅଜୟ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଏଥିରେ ସାନ୍ତପୁର ସରପଞ୍ଚ ରମାକାନ୍ତ ନାୟକ ଓ ଉଲାସ ଚନ୍ଦ୍ର ମହାନ୍ତି ଓ ତାଙ୍କର ସମର୍ଥକମାନେ ଏହି ବୈଠକରେ ପହଞ୍ଚି ବିଜେପିର ପ୍ରାଣ ପ୍ରତିଷ୍ଠାତା ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଫୋଟଚିତ୍ରକୁ ଭାଙ୍ଗି ଚୂର୍ମାର କରିଦେଇଥିଲେ। ଏହାକୁ ନେଇ ଦୁଇଗୋଷ୍ଠି ମଧ୍ୟରେ କଥା କଟାକଟି ସାଙ୍ଗକୁ ଉଭୟଙ୍କ ମଧ୍ୟରେ ହାତହାତି ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଯାହାକୁ ନେଇ କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ସଂଗଠନ ଦକ୍ଷତାକୁ ନେଇ ସାଧାରଣରେ ନାପସନ୍ଦ କରାଯାଇଛି।

## ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ମହାକାଳପଡ଼ା,୭।୪ (ସଂଚାର ବ୍ୟୁରୋ):** ରବିବାର ପଶ୍ଚିମ ସୁନିତି ଗ୍ରାମ ରେ ଦିବା ରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ମ୍ୟାଚ୍‌ରେ ବାବା କ୍ରିକେଟ ଟିମ୍, କେନ୍ଦ୍ରାପଡ଼ା ଓ ଇଲେଭେନ ଷ୍ଟାର, ପୂର୍ବ ସୁନିତି ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚରେ ବାଲାବାବା କ୍ରିକେଟ ଟିମ୍, କେନ୍ଦ୍ରାପଡ଼ା ବିଜୟ ଲାଭ କରିଥିଲା। ମୁଖ୍ୟ ଅତିଥି ଭାବରେ ସୁନୀତି ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଗଗନ ବିହାରୀ ପ୍ରଧାନ ଓ ମନୋଜ କୁମାର ପାତ୍ର ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ତାପସ ବେରା ଧାରା ବିବରଣୀ ପ୍ରଦାନ କରିଥିଲେ। ଗ୍ରାମବାସୀ ଓ ଯୁବକ ସଂଘ ତରଫରୁ ଏହି ଦିବା ରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା।



# ଓଡ଼ିଶା ଭିତରେ ପଶି ପଶ୍ଚିମବଙ୍ଗ ରାସ୍ତା ନିର୍ମାଣକୁ ବନ୍ଦ କଲେ ବିଧାୟକ

**ଭୋଗରାଇ,୭।୪ (ସଂଚାର ବ୍ୟୁରୋ) :** ଆମେ ଓଡ଼ିଆ। ମା, ମାଟି ମାତୃଭାଷା ବିପନ୍ନ ହେଲେ ସୁରକ୍ଷା ପାଇଁ ଲଢ଼େଇକରି ବଞ୍ଚିବା ଶିଖିଛୁ। ଯୋଗ୍ୟ ସନ୍ତାନ ଭାବେ ଆମ ମାକୁ ମାଉସୀହାତରେ ଟେକିଦେବୁ ନାହିଁ କି ତାଙ୍କ ଗୋଡ଼ତଳେ ପଡି ଶରଣ ପଶିବୁ ନାହିଁ। ଆମର ଅସ୍ମିତାକୁ ଦୁର୍ବଳ ଭାବିଲେ ଆମେ କଡା ଆଭିମୁଖ୍ୟ ଗ୍ରହଣ କରିବୁ। ଏଭଳି କଡା ମନ୍ତବ୍ୟ ପଶ୍ଚିମବଙ୍ଗ ସରକାରଙ୍କୁ ଦେଇଛନ୍ତି ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ। ଓଡ଼ିଶା ସୀମାନ୍ତ ବାଲେଶ୍ୱର ଜିଲା ଜଳେଶ୍ୱର ଓ ଭୋଗରାଇ ବ୍ଲକର ୮୦ ଟି ଗ୍ରାମରେ ସୀମାବିବାଦ ଅଦ୍ୟାବଧି ତୁଟି ନ ଥିବାବେଳେ ପଶ୍ଚିମବଙ୍ଗ ସରକାରଙ୍କ କୌଶଳଗତ ଭାବେ ବିଭିନ୍ନ ସ୍ଥାନରେ ଘନଘନ ଓଡ଼ିଶା ଗ୍ରାମ ଦଖଲକୁ ଓଡ଼ିଶାର ସୀମାନ୍ତବାସୀ ପ୍ରତିହତ କରିଛନ୍ତି। ଗତ ମାସ ୨୩ ତାରିଖରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ସୀମାନ୍ତ ଶାଗଡ଼ସାହି ଗ୍ରାମର ୪୦ମି. ଗ୍ରାମ୍ୟ କଂକ୍ରିଟରାସ୍ତାକୁ ପଶ୍ଚିମବଙ୍ଗ ପଶ୍ଚିମ ମେଦିନୀପୁର ଜିଲା ମହନପୁର ବ୍ଲକର ରାଜସ୍ୱ ଓ ପ୍ରଶାସନ ବିଭାଗ ତାଡି ଅନ୍ୟ ଏକ ରାସ୍ତା ନିର୍ମାଣ କରୁଥିବାବେଳେ ଗ୍ରାମବାସୀ ଓ ବିଧାୟକ ମିଳିତ ଭାବେ ଉକ୍ତ ରାସ୍ତାକୁ ବନ୍ଦକରିଥିଲେ। ଖୁବଶୀଘ୍ର ଓଡ଼ିଶା ସରକାରଙ୍କ ପକ୍ଷରୁ ଉକ୍ତ ରାସ୍ତାକାର୍ଯ୍ୟ କରାଯିବାର ପ୍ରତିଶ୍ରୁତି ବିଧାୟକ ଦେବା ପରେ ପୁଣି ପଶ୍ଚିମବଙ୍ଗ ସରକାରର ପିଡବ୍ଲ୍ୟୁଡି ବିଭାଗ ଓଡ଼ିଶା ଗ୍ରାମ ଶଗଡାସାହି ଭିତରେ ସୋମବାର ଧସେଇ ପଶି ଜେସିବି ମେସିନ ଲଗାଇ ରାସ୍ତା ନିର୍ମାଣ କରୁଥିବା ସୂଚନା ମିଳିବା ପରେ ଭୋଗରାଇ ବିଧାୟକ ସହିତ, ତହସିଦାର ସୂର୍ଯ୍ୟ କୁମାର ନାୟକ, ପଞ୍ଚାୟତ ସମିତି ଅଧକ୍ଷ ପ୍ରବୀର କୁମାର ଗିରି, କମର୍ଦ୍ଦା ଥାନା ଅଧିକାରିଣୀ ଘଟଣା ସ୍ଥାନରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ମିଳିତ ହୋଇ ପଶ୍ଚିମବଙ୍ଗ କାର୍ଯ୍ୟକୁ ବନ୍ଦ କରିଥିଲେ । ୩ ଦିନ ମଧରେ ଉକ୍ତ ଗ୍ରାମରେ କଂକ୍ରିଟ ରାସ୍ତା କରାଯିବାର ଗ୍ରାମବାସୀଙ୍କୁ ବିଧାୟକ ପ୍ରତିଶ୍ରୁତି ଦେଇଥିବାବେଳେ ସୀମାନ୍ତ ଗ୍ରାମର ୨୦ ଜଣିଆ କମିଟି ଗଠନ କରାଯାଇ ସୀମାନ୍ତରେ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରିବାକୁ ସୀମାନ୍ତବାସୀଙ୍କୁ ବିଧାୟକ ଆହ୍ୱାନ ଦେଇଥିଲେ।

# ଆୟୁଷ୍ମାନ କାର୍ଡ ନଥିଲେ ଆଧାରରେ ହୋଇପାରିବ ଚିକିତ୍ସା

**ଭୁବନେଶ୍ୱର,୭।୪ (ସଂଚାର ବ୍ୟୁରୋ):** ରାଜ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ଉନ୍ନତି ଆଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ଆକ୍ସନ ପ୍ଲାନ। ୨୦୩୬ ସୁଦ୍ଧା ଓଡ଼ିଶା ଯେଭଳି ଭାବରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ ଭାବରେ ଉଭା ହେବ ସେନେଇ ଚାଲିଛି ବିଭିନ୍ନ ଯୋଜନା। ବିଶେଷ ଭାବରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ଆରମ୍ଭ କରି ମେଡିକାଲ କଲେଜ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ସବୁଠି ଦିଆଯାଉଛି ଗୁରୁତ୍ୱ। ୨୦୩୬ ସୁଦ୍ଧା ସ୍ୱାସ୍ଥ୍ୟ ପାଇଁ ପ୍ରସ୍ତୁତ ହେଉଛି ଆକ୍ସନ ପ୍ଲାନ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକରୁ ଅଧିକ ଉନ୍ନତ କରିବା ପାଇଁ ଏକ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ଯାହାଦ୍ୱାରା ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସମସ୍ତ ଚିକିତ୍ସା ଯୋଗାଇ ଦିଆଯାଇପାରିବ। ସଠିକ ଭାବରେ ରୋଗୀ ସେବା ସଠିକ ଭାବରେ ସମସ୍ୟାର ସମାଧାନ କରାଯିବ। ଯେଉଁ ସମସ୍ତ ସ୍ୱାସ୍ଥ୍ୟ କ୍ଷେତ୍ରରେ ଚାଲେଞ୍ଜ ରହିଛି ତାହାକୁ କିପରି ଭାବରେ ସମାଧାନ କରାଯାଇପାରିବ ସେନେଇ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ଗୋଟିଏ ସୁସ୍ଥ ଓଡ଼ିଶା ଗଠନ କରିବା ପାଇଁ ସମସ୍ତ ବ୍ୟବସ୍ଥା କରି ଓଡ଼ିଶା ଆଗକୁ କିଭଳି ଭାବରେ ଆଗକୁ ନିଆଯିବ ସେନେଇ ଗୁରୁତ୍ୱ ଦିଆଯାଇଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି .ଏସ।

ଅନ୍ୟପଟେ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି .ଏସ କହିଛନ୍ତି ଯେ,“ଏପ୍ରିଲ ୧୧ ରୁ ଆୟୁଷ୍ମାନ ଭାରତର ଶୁଭାରମ୍ଭ କରାଯିବ। ଧୀରେ ଧୀରେ ସମସ୍ତ ଲୋକଙ୍କୁ ସ୍ୱାସ୍ଥ୍ୟ କାର୍ଡ ଯୋଗାଇ ଦିଆଯିବ। ରାଜ୍ୟରେ ଥିବା ୧୪୦୫ ପିଏଚସିରେ କାର୍ଡ ବଣ୍ଟନର ମଧ ଶୁଭାରମ୍ଭ କରାଯିବ। ପ୍ରତ୍ୟେକ ଗାଁରେ ସ୍ୱାସ୍ଥ୍ୟ କର୍ମୀ ମାନେ ଲୋକଙ୍କ ପାଖରେ ପହଞ୍ଚାଇବେ। ଯେତିକି ହିତାଧିକାରୀ ମାନେ ଅଛନ୍ତି ସମସ୍ତଙ୍କୁ ଯୋଗାଇ ଦିଆଯିବ। ଯେଉଁ ହିତାଧିକାରୀ ମାନଙ୍କ ପାଖରେ କୌଣସି ସ୍ୱାସ୍ଥ୍ୟ କାର୍ଡ ନାହିଁ ସେମାନେ ନିଜର ଆଧାର କାର୍ଡ କିମ୍ବା ପୂର୍ବ ସରକାରଙ୍କ କାର୍ଡ ଦେଖାଇ ରୋଗୀ ଚିକିସା କରିପାରିବେ। ନୂଆ କାର୍ଡ ପୂର୍ବରୁ କୌଣସି ଅସୁବିଧା ହେଲେ ଆଧାର କାର୍ଡ ଦେଖାଇ ମଧ ନିର୍ଦ୍ୱନ୍ଦ୍ୱରେ ଚିକିସା ପାଇପାରିବେ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ସଚିବ ଅଶ୍ୱଥି .ଏସ।

ରାଜ୍ୟର ସାଢ଼େ ୩ କୋଟି ଲୋକଙ୍କୁ ମିଳିବ ଆୟୁଷ୍ମାନ କାର୍ଡ। ୧ କୋଟି ୩ ଲକ୍ଷ ପରିବାରକୁ ସାମିଲ୍ କରାଯିବ। ପୂର୍ବରୁ ପ୍ରତି ପରିବାରକୁ ଗୋଟିଏ କାର୍ଡ଼ ମିଳିଥିଲା। ନୂଆ ଯୋଜନାରେ ପ୍ରତି ସଦସ୍ୟଙ୍କୁ ଗୋଟିଏ ଲେଖାଏଁ କାର୍ଡ଼ ଉପଲବ୍ଧ ହେବ। ପୂର୍ବରୁ କେବଳ ୧୬ଟି ରାଜ୍ୟରେ ୯୦୦ଟି ତାଲିକାଭୁକ୍ତ ହସ୍ପିଟାଲରେ ଦେୟମୁକ୍ତ ରହିଥିଲା। ଏବେ ଦେଶରେ ୨୯ ହଜାର ତାଲିକାଭୁକ୍ତ ଘରୋଇ ଏବଂ ସରକାରୀ ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ସେବା ମିଳିବ। ଯାହା କାଶ୍ମୀର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଏହି କାର୍ଡ କାମ କରିବ।

୭୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ମିଳିବ ବୟୋ ବନ୍ଦନା କାର୍ଡ। ସରକାରୀ କର୍ମଚାରୀ ହୁଅନ୍ତୁ କି ଆଇଟି ଦାଖଲ କରୁଥିଲେ ବି ମିଳିବ କାର୍ଡ। ସମ୍ଭ୍ରାନ୍ତ ପରିବାରର ହୋଇଥିଲେ ମିଳିବ ବୟୋ ବନ୍ଦନା କାର୍ଡ। ଜନସେବା କେନ୍ଦ୍ର କର୍ମଚାରୀ, ଆଶାକର୍ମୀ କାର୍ଡ ପ୍ରସ୍ତୁତିରେ ସାହାଯ୍ୟ କରିବେ। ଗାଁକୁ ଗାଁ ବୁଲି ହିତାଧିକାରୀଙ୍କୁ କାର୍ଡ ପ୍ରସ୍ତୁତିରେ ସାହାଯ୍ୟ କରିବେ। ଏହା ସହିତ ବୟୋ ବନ୍ଦନା ଯୋଜନା ଅନ୍ତର୍ଭୁକ୍ତ ବରିଷ୍ଠ ନାଗରିକମାନଙ୍କୁ ମଧ ୨୯ ହଜାର ହସ୍ପିଟାଲରେ ପରିବାର ପିଛା ବାର୍ଷିକ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ମିଳିବ। ଓଡ଼ିଶା ସରକାରଙ୍କୁ ଭାରତ ସରକାରଙ୍କ ଠାରୁ ଏହି ଯୋଜନାରେ ନିର୍ଦ୍ଧାରିତ ଅନୁଯାୟୀ କେନ୍ଦ୍ରୀୟ ଅନୁଦାନ ପ୍ରାପ୍ତ ହେବ। ହିତାଧିକାରୀମାନଙ୍କ ପାଇଁ ଇ- କେ.ୱାଇ.ସି ସହ କାର୍ଡ଼ ପ୍ରସ୍ତୁତି ଓ ବଣ୍ଟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଦେୟମୁକ୍ତ ହେବ। କେବଳ ପଶ୍ଚିମବଙ୍ଗରେ ଏହି ଯୋଜନା ଲାଗୁ ହେବାରେ ବିଳମ୍ବ ହୋଇପାରେ।

ଗୋଟିଏ କାର୍ଡ ସାରା ଭାରତରେ କାର୍ଯ୍ୟ କରିବ। ଏହି କାର୍ଡ ସର୍ବ ଭାରତୀୟ ଆଇଟି ପ୍ଲାଟ ଫର୍ମରେ ଅନବୋର୍ଡ ରହିଛି। ଦେଶରେ ଯେ କୌଣସି ରାଜ୍ୟରେ ହସ୍ପିଟାଲ ଗୁଡିକ ଆୟୁଷ୍ମାନ ଭରତ ସହିତ ଅନୁବନ୍ଧିତ ହୋଇସାରିଲେଣି। ସବୁଠି ଏହି କାର୍ଡ କାମ କରିବ । ଏହା ସହିତ ପଶ୍ଚିମବଙ୍ଗ ରେ ଥିବା କିଛି ହସ୍ପିଟାଲ ସହିତ ଆଲୋଚନା କରାଯାଇଛି। ଆୟୁଷ୍ମାନ ଭାରତରେ ଅନୁବନ୍ଧିତ ହେବାକୁ ଅନୁରୋଧ କରାଯାଇଛି।

## ନରିଙ୍କ ଅଭିଯୋଗ ନେଇ ପୁଲିସର ଛାନଭିନ୍

# ତୁଳସୀ ମାଲିକଙ୍କ ଢାବା ସିସିଟିଭି ଯାଞ୍ଚ



**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ) :** ଦାଣ୍ଡରେ ପଡ଼ି ହାଟରେ ଗଡୁଛି ଯାତ୍ରା କଳି। ଯାତ୍ରା କଳାକାର ଓ ମାଲିକଙ୍କ ମଧ୍ୟରେ ତୁଟୁନି ବିବାଦ। ବାଲିଚନ୍ଦ୍ରପୁର ଥାନାରେ ଯାତ୍ରା ଜଗତର ଜଣାଶୁଣା ହାସ୍ୟ ଅଭିନେତା ନରି ପଣ୍ଡା ଲିଖିତ ଅଭିଯୋଗ ଦାଖଲ କରିଥିବା ବେଳେ ଆଜି ପୁଲିସ୍ ତୁଳସୀ ଗଣନାଟ୍ୟ ମାଲିକଙ୍କ ଢାବା ଓ ଅଫିସରେ ପହଞ୍ଚି ଯାଞ୍ଚ କରିଛି। ଅନନ୍ତ ନାରାୟଣ ଧଳଙ୍କ ଢାବାରେ ଲାଗିଥିବା ସମସ୍ତ ସିସିଟିଭି ଫୁଟେଜ୍ ଯାଞ୍ଚ କରିଛନ୍ତି ବାଲିଚନ୍ଦ୍ରପୁର ଥାନା ଅଧିକାରୀ।

କିଛିଦିନ ତଳେ ନରି ଅଭିଯୋଗ କରିଥିଲେ ଯେ ସେ ତୁଳସୀ ଗଣନାଟ୍ୟ ମାଲିକଙ୍କ ଅଫିସକୁ ଟଙ୍କା ଫେରାଇବା ପାଇଁ ଆସିଥିବା ସମୟରେ ତାଙ୍କୁ ଅନନ୍ତ ନାରାୟଣ ମାଡ଼ ମାରିଥିଲେ। ତେବେ ନରିଙ୍କ ଏପରି ଅଭିଯୋଗକୁ ଅନନ୍ତ ନାରାୟଣ ଖଣ୍ଡନ କରିଥିଲେ। ତେବେ ଆଜି ପୁଲିସ୍ ନରିଙ୍କ ଅଭିଯୋଗର ସତ୍ୟାସତ୍ୟ ଜାଣିବା ସକାଶେ ଢାବାର ସିସିଟିଭି ଫୁଟେଜ୍ ଯାଞ୍ଚ କରିଛି। ସେଦିନର ଘଟଣାକୁ ନେଇ ଅନନ୍ତଙ୍କୁ ପଚରାଉଚରା ମଧ୍ୟ କରାଯାଇଛି। ଚୁକ୍ତି ହୋଇଥିବା କାଗଜପତ୍ର ଯାଞ୍ଚ କରିବା ସହ ଢାବାର ଅନ୍ୟ କର୍ମଚାରୀଙ୍କୁ ପୁଲିସ ପଚରାଉଚରା କରିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ ଗତ ୫ ତାରିଖ ଦିନ ହାସ୍ୟ ଅଭିନେତା ନରି ପଣ୍ଡା ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତୁଳସୀ ଗଣନାଟ୍ୟର ମାଲିକ ଅନନ୍ତ ନାରାୟଣ ଧଳ ତାଙ୍କୁ ପୂର୍ବରୁ ମାଡ ମାରିଥିଲେ ଏବଂ ତାଙ୍କ ପତ୍ନୀଙ୍କୁ ଫୋନରେ ଖରାପ ବ୍ୟବହାର କରିଥିଲେ ବୋଲି ଅଭିଯୋଗ କରିଥିଲେ। ସେପଟେ ଯାତ୍ରା ମାଲିକମାନେ ଏକତ୍ରିତ ହୋଇ ତାଙ୍କୁ ବୟକଟ କରିଥିଲେ। ଏପରି ନିଷ୍ପତ୍ତି ନେଇ କରି କହିଥିଲେ ଯେ ବୟକଟ କରିବା ପୂର୍ବରୁ ମାଲିକମାନେ ତାଙ୍କ ସହ ଆଲୋଚନା କରିବାର ଆବଶ୍ୟକତା ଥିଲା। କଳାକାର ସଂଘ ମୋ ସାଥୀରେ ଅଛି। ଆଗାମୀ ଦିନରେ କଳାକାର ସଂଘର ନିଷ୍ପତ୍ତି ଅନୁସାରେ ସେ ଆଗକୁ ବଢ଼ିବେ ବୋଲି ନରି କହିଥିଲେ।

# ଏଆଇ ମାଧ୍ୟମରେ ହେବ କୁପୋଷଣ ଚିହ୍ନଟ



**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ଆଇସିଏମଆର ଅଡିଟୋରିୟମ ହଲରେ ଭାରତ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରାଳୟ, ୱାଧୱାନି ଏଆଇ, ଆଇସିଏମଆର- ଆରଏମଆରସି ଭୁବନେଶ୍ୱର ଓ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ମିଳିତ ସହଯୋଗରେ ‘ଶିଶୁମାନଙ୍କ ଅଭିବୃଦ୍ଧି ନିରୀକ୍ଷଣ ନିମନ୍ତେ ଏଆଇ ଉପକରଣ’ ଶୀର୍ଷକ ଏକ ପାଞ୍ଚଦିନିଆ ତାଲିମ ତଥା କର୍ମଶାଳା ଉଦଘାଟିତ ହୋଇଛି। ଏହି ତାଲିମ କାର୍ଯ୍ୟକ୍ରମକୁ ମହିଳା ଓ ଶିଶୁ ବିକାଶ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଉଦଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଆଇସିଏମଆର- ଆରଏମଆରସି, ଭୁବନେଶ୍ୱର ନିର୍ଦ୍ଦେଶିକା ଡକ୍ଟର ସଂଘମିତ୍ରା ପତି, ଜାତୀୟ କାର୍ଯ୍ୟକ୍ରମର ମୁଖ୍ୟ ଡକ୍ଟର ସ୍ନେହା ନିକମ, ଆଇସିଏମଆର - ଆରଏମଆରସି, ଭୁବନେଶ୍ୱରର ବୈଜ୍ଞାନିକ ଡକ୍ଟର ଶୁଭେନ୍ଦୁ କୁମାର ଆଚାର୍ଯ୍ୟ, ୱାଧୱାନି ଏଆଇର ମୁଖ୍ୟ ଡକ୍ଟର ମକରନ୍ଦ ତପସ୍ୱୀ, ରାଜ୍ୟ ମହିଳା ଓ ଶିଶୁ ବିକାଶର ଅତିରିକ୍ତ ସଚିବ ଏନସି ଜ୍ୟୋତିରଞ୍ଜନ ନାୟକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ କୃତ୍ରିମ ବୁଦ୍ଧିମତା ଆଧାରିତ ଟେକ୍ନୋଲୋଜିକୁ ବ୍ୟବହାର କରି ଅଙ୍ଗନବାଡି କେନ୍ଦ୍ରରେ ଶିଶୁମାନଙ୍କ ଆନ୍ଥରୋପୋମେଟ୍ରିକ ତଥା ଓଜନ ଓ ଉଚ୍ଚତା ମାପ କରାଯିବା ସହ କୁପୋଷଣ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ ହୋଇପାରିବ। ଏହି ଅଭିନବ ପଦକ୍ଷେପକୁ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦେଶରେ ପ୍ରଥମ। ତାଲିମ ତଥା କର୍ମଶାଳାରେ କ୍ଷେତ୍ର ଅନୁସନ୍ଧାନକାରୀମାନେ ନିର୍ଦ୍ଧାରିତ ପ୍ରୋଟୋକୋଲ ବ୍ୟବହାର କରି ଶିଶୁମାନଙ୍କ ଓଜନ ଓ ଉଚ୍ଚତା ସୂଚକ ମାପ ଉପରେ ତାଲିମ ପାଇବେ। ଆଇସିଏମଆର- ଏନଆଇଏନ), ଆଇସିଏମଆର- ଆରଏମଆରସି,ଭୁବନେଶ୍ୱର ଓ ୱାଧୱାନି ଏଆଇର ବିଶେଷଜ୍ଞ ପ୍ରଶିକ୍ଷକ ମାନେ ଏହି ତାଲିମ୍ ଦେବେ। ତାଲିମ ପରେ କ୍ଷେତ୍ର ଅନୁସନ୍ଧାନକାରୀମାନେ ପାଇଲଟ୍ କାର୍ଯ୍ୟକ୍ରମର ମୂଲ୍ୟାଙ୍କନ ଓ କାର୍ଯ୍ୟକାରିତା ପାଇଁ ବାଲେଶ୍ୱର, କଟକ, ଗଞ୍ଜାମ, ଯାଜପୁର, କେଉଁଝର ଓ ମୟୂରଭଞ୍ଜ ଆଦି ଜିଲ୍ଲାରେ ୩/୪ ମାସ ଧରି ତଥ୍ୟ ସଂଗ୍ରହ କରିବେ।

## ଧାନ ମଣ୍ଡି ଜମି ଜବରଦଖଲ

# ପୌର କାର୍ଯ୍ୟାଳୟ ଘେରିଲେ ଚାଷୀ

**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ):** ଆନନ୍ଦପୁର ଉପଖଣ୍ଡ ଚାଷୀବହୁଳ ଗାଁ ପଦ୍ମପୁରଠାରେ ଧାନ ମଣ୍ଡି ପାଇଁ ଚିହ୍ନଟ ହୋଇଥିବା ଜମିରେ ଜବରଦଖଲ ହୋଇଥିବା ବେଳେ ଏହାକୁ ଉଚ୍ଛେଦ କରିବା ଦାବି ନେଇ ଚାଷୀମାନେ ପୌର କାର୍ଯ୍ୟାଳୟ ଘେରାଉ କରିଛନ୍ତି। ତୁରନ୍ତ ଉକ୍ତ ଜମିରୁ ଜବରଦଖଲ ଉଚ୍ଛେଦ କରିବା ସହ ସ୍ଥାନୀୟ ପ୍ରଶାସନ ସେଠାରେ ମଣ୍ଡି ନିର୍ମାଣ କରିବା ପାଇଁ ସେମାନେ ଦାବି କରିଛନ୍ତି। ମିଳିଥିବା ସୂଚନାନୁଯାୟୀ, ଆନନ୍ଦପୁର ଉପଖଣ୍ଡ ଚାଷୀବହୁଳ ଗାଁ ପଦ୍ମପୁରଠାରେ ଧାନ ମଣ୍ଡି ପାଇଁ ସରକାରଙ୍କ ତରଫରୁ ଟେଣ୍ଡର ହୋଇଥିଲା। ହେଲେ ମଣ୍ଡି ଗୃହ ଓ ଖଳା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରୁନଥିଲା। କାରଣ ମଣ୍ଡି ନିର୍ମାଣ ପାଇଁ ଚିହ୍ନଟ ହୋଇଥିବା ଜମିରେ ପୂର୍ବରୁ ଜଣେ ପ୍ରଭାବଶାଳୀ ବ୍ୟକ୍ତି ନିର୍ମାଣ କାମ କରି ଏହାକୁ ଜବରଦଖଲରେ ରଖିଥିଲେ। ଏନେଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜାଗା ଖାଲି କରିବା ସକାଶେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। କିନ୍ତୁ ଉକ୍ତ ବ୍ୟକ୍ତି ଜଣଙ୍କ ଜାଗା ଖାଲି ନ କରିବାରୁ ଗତ ୪ ତାରିଖରେ ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ ଦିନ ଧାର୍ଯ୍ୟ ହୋଇଥିଲା। କିନ୍ତୁ ୪ ତାରିଖରେ ପ୍ରଶାସନ କୌଣସି ପଦକ୍ଷେପ ନେଇନଥିଲା। ଏଦିଗରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବାରୁ ଚାଷୀମାନଙ୍କ ମଧ୍ୟରେ ଏନେଇ ଅସନ୍ତୋଷ ବଢ଼ିଥିଲା। ତେଣୁ ଆଜି ଚାଷୀମାନେ ଜବରଦଖଲ ଉଚ୍ଛେଦ ଦାବିରେ ପୌର କାର୍ଯ୍ୟାଳୟ ଘେରାଉ କରିଛନ୍ତି।

# ୨୨ରେ ପରବର୍ତ୍ତୀ ‘ସୁଭଦ୍ରା’ କିସ୍ତି

**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ):** ଆସନ୍ତା ୨୨ ତାରିଖରେ ମିଳିବ ‘ସୁଭଦ୍ରା’ କିସ୍ତି। ଅଯୋଗ୍ୟ ହିତାଧିକାରୀଙ୍କ ସର୍ଭେ ପରେ ପ୍ରଥମ କିସ୍ତିର ଷଷ୍ଠ ପର୍ଯ୍ୟାୟ ଟଙ୍କା ଦିଆଯିବ ବୋଲି ଆଜି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ମିଶନ୍ ଶକ୍ତି ମନ୍ତ୍ରୀ ପ୍ରଭାତୀ ପରିଡ଼ା। ଏପ୍ରିଲ ୨୨ ଓ ୨୩ ତାରିଖରେ ନୂତନ ଆବେଦନକାରୀଙ୍କୁ ସୁଭଦ୍ରା ଟଙ୍କା ମିଳିବ। ଗତକାଲି ସୁଦ୍ଧା ୧ ଲକ୍ଷ ୭୦ ହଜାର ନୂଆ ହିତାଧିକାରୀ ସୁଭଦ୍ରା ଟଙ୍କା ପାଇବା ସକାଶେ ଆବେଦନ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀମାନେ ଏହି ଟଙ୍କା ପାଇବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଉପମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ସୁଭଦ୍ରାକୁ ସହଜ କରିବା ସକାଶେ ଖୁବ୍‌ଶୀଘ୍ର ସର୍ଭେ ଆରମ୍ଭ ହେବ। ଅଯୋଗ୍ୟ ହିତାଧିକାରୀଙ୍କ ସର୍ଭେ ପରେ ତୃତୀୟ କିସ୍ତି ଟଙ୍କା ଦିଆଯିବ। ତୃତୀୟ କିସ୍ତି ପରେ ଯେଉଁମାନଙ୍କ ବୟସ ୨୧ ବର୍ଷ ହୋଇଯାଇଥିବ, ସେମାନଙ୍କ ପାଇଁ ପୁଣି ସୁଭଦ୍ରା ପୋର୍ଟାଲ ଖୋଲିବ।

# ଖୋର୍ଦ୍ଧାରେ ଫୁଟିଲା ବୋମା:୧ ମୃତ



**ଖୋର୍ଦ୍ଧା,୭।୪ (ସଂଚାର ବ୍ୟୁରୋ) :** ସଦର ଥାନା ଅନ୍ତର୍ଗତ ଶଢ଼େଇଗଡ଼ ଗ୍ରାମରେ ବୋମା ବିସ୍ଫୋରଣ ହୋଇଛି। ଏଥିରେ ଜଣଙ୍କର ଜୀବନ ଚାଲିଥିବାବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ସେହି ଗ୍ରାମର ନିରାକାର ସିଂ। ଆହତ ହେଲେ ବଣ୍ଟି ଅରିସଲ। ତାଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ପରେ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତର କରାଯାଇଛି। ବୋମା ବିସ୍ଫୋରଣ କାରଣ ଅସ୍ପଷ୍ଟ ରହିଛି। ସେ ବୋମା ଭିଡୁଥିବାବେଳେ ଏପରି ଘଟିଛି ନଚେତ୍ ଅନ୍ୟ କେଉଁଠିକୁ ସ୍ଥାନାନ୍ତର ବେଳେ ଏପରି ବିସ୍ଫୋରଣ ହୋଇଛି, ତାହାକୁ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି।

## ଆମ୍ବୁଲାନ୍ସରେ ଲାଗିଲା ନିଆଁ




**ପିପିଲି,୭।୪(ସଂଚାର ବ୍ୟୁରୋ):** ରୋଗୀ ନେଇ ଯିବାବେଳେ ବାଟରେ ଏକ ଅଘଟଣ ଘଟିଛି। ଜଣେ ରୋଗୀଙ୍କୁ ପୁରୀ ଜିଲା ଡେଲାଙ୍ଗରୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ନିଆଯାଉଥିବାବେଳେ ଆମ୍ବୁଲାନ୍ସରେ ନିଆଁ ଲାଗିଯାଇଥିଲା। ତେବେ ସୌଭାଗ୍ୟର କଥା ରୋଗୀ ସୁରକ୍ଷିତ ଅଛନ୍ତି। ପିପିଲି ସେଲ୍‌ଫି ପଏଣ୍ଟ ନିକଟରେ ଏହି ଅଘଟଣ ଘଟିଛି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଶଟ୍‌ସର୍କିଟ୍‌ରୁ ଏହି ନିଆଁ ଲାଗିଥିବା ସୂଚନା ମିଳିଛି।

## ବିଷପିଇ ପରିବାରର ୩ ମୃତ



**ଗଞ୍ଜାମ,୭।୪(ସଂଚାର ବ୍ୟୁରୋ):**ଗଞ୍ଜାମ ଥାନା ଅନ୍ତର୍ଗତ ପାଳିବନ୍ଧ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ମା’ ସହ ବିଷ ପିଇଦେଇଛନ୍ତି ଭଉଣୀଭାଇ। ଫଳରେ ଏହି ୩ ଜଣଙ୍କୁ ଏମ୍‌କେସିଜି ମେଡିକାଲରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ମୃତ ବ୍ୟକ୍ତି ମାନେ ହେଲେ ମା’ ଏସ ମାମା ରେଡ୍ଡୀ (୪୧) ପୁଅ ରାକେଶୀ(୨୨) ଏବଂ ଝିଅ ଏସ୍ ମୀନା (୧୭)। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିବା ବେଳେ ପ୍ରେମ ବ୍ୟାପାରକୁ ନେଇ ବିଷ ପିଇଥିବା ସୂଚନା ମିଳିଛି। ତେବେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଚଳାଇଛି। ମିଳିଥିବା ସୂଚନାନୁଯାୟୀ, ଗତକାଲି ପାଳିବନ୍ଧରେ ଠାକୁରାଣୀ ଯାତ୍ରା ପାଇଁ ଆଲୋଚନା ଚାଲିଥିବା ବେଳେ ଉକ୍ତ ପରିବାର କାହାର ଦେଖା ନ ଥିଲା। ଫଳରେ ଗାଁର କିଛି ବ୍ୟକ୍ତି ଘରକୁ ଯାଇ ଦେଖିଲା ପରେ ୩ ଜଣ ଘରେ ଅଚେତ ପଡ଼ିଥିଲେ ସଙ୍ଗେ ସଙ୍ଗେ ତାଙ୍କୁ ପ୍ରଥମେ ଛତ୍ରପୁର ମେଡିକାଲ ପରେ ବ୍ରହ୍ମପୁର ମେଡିକାଲ ନିଆଯାଇଥିଲା ସେଠାରେ ଡାକ୍ତର ଜଣଙ୍କ ପରେ ଜଣଙ୍କ ମୃତ ଘୋଷଣା କରିଥିଲେ । ପୂର୍ବରୁ ମାମାଙ୍କର ସ୍ୱାମୀ ରବୀନ୍ଦ୍ରଙ୍କ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ। ହୋଇଯାଇଥବା ଜଣାପଡ଼ିଛି। ରାକେଶ ଡିପ୍ଲୋମା ଛାତ୍ର ଥିବା ବେଳେ ମୀନା ଯୁକ୍ତଦୁଇରେ ଅଧ୍ୟୟନ କରୁଥିଲେ।

# ନୀଳକଣ୍ଠେଶ୍ୱର ମନ୍ଦିରରେ ସମୂହ ବ୍ରତୋପନୟନ



**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ):** ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପକ୍ଷରୁ ମନ୍ଦିର ପ୍ରାଙ୍ଗଣରେ ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମ ସମ୍ପାଦିତ କରାଯାଇଛି। ସକାଳ ୬ଟାରୁ ବେଦପାଠରୁ ଆରମ୍ଭ କରି ଚାରି କର୍ମ, ଭିକ୍ଷା ଗ୍ରହଣ କରିବା ପରେ ବ୍ରହ୍ମଚାରୀମାନେ ଏକ ଶୋଭାଯାତ୍ରାରେ ଯାଇ ମହାଦେବ ଶ୍ରୀ ଲିଙ୍ଗରାଜଙ୍କ ଦର୍ଶନ କରିଥିଲେ। ପରେ ସନ୍ଧ୍ୟାରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଦୀର୍ଘ ୧୪ ବର୍ଷ ଧରି ଅବିରତ ଚାଲିଆସିଛି। ସେମାନଙ୍କ ସମସ୍ତ ଖର୍ଚ୍ଚ ଅନୁଷ୍ଠାନ ବହନ କରିଛି। ଏହି ଅବସରରେ ଅତିଥି ଓ ବ୍ରହ୍ମଚାରୀଙ୍କ ପରିବାରବର୍ଗଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା। ଏହି ମାଙ୍ଗଳିକ କାର୍ଯ୍ୟକ୍ରମରେ ପୁରୁଣା ଭୁବନେଶ୍ୱରର ବହୁ ବିଶିଷ୍ଟ ବ୍ୟକ୍ତି ଓ ଜନସାଧାରଣ ଯୋଗଦେଇ ନୂତନ ବ୍ରହ୍ମଚାରୀମାନଙ୍କୁ ଭିକ୍ଷା ପ୍ରଦାନ ସହ ଆଶୀର୍ବାଦ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପୁରୁଣା ଭୁବନେଶ୍ୱରର ଯୁବକମାନେ ସହଯୋଗ କରିଥିଲେ। ସେମାନଙ୍କୁ ନୀଳକଣ୍ଠେଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି ସରୋଜ କୁମାର ମହାସୁଆର, ସମ୍ପାଦକ ଅକ୍ଷୟ ମହାପାତ୍ର, ସକ୍ରିୟ ସଭ୍ୟ ଦୁର୍ଗା ପ୍ରସାଦ ପଣ୍ଡା, ଉମେଶ ମହାପାତ୍ର ପ୍ରମୁଖ କର୍ମକର୍ତ୍ତା କୃତଜ୍ଞତା ଜ୍ଞାପନ କରିଥିଲେ।

## ସୈନିକ ସ୍କୁଲ ସ୍ଥାନାନ୍ତରଣ ପ୍ରସଙ୍ଗ

# ସଚେତନତା ସୃଷ୍ଟି ପାଇଁ ବ୍ୟାପକ ପଦକ୍ଷେପ



**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ):** ଡମ୍ପିଂୟାର୍ଡ ହଟାଇବା ଓ ସୈନିକ ସ୍କୁଲ ସ୍ଥାନାନ୍ତରଣ ନିଷ୍ପତ୍ତି ବିରୁଦ୍ଧରେ ଜୋରଦାର ଲଢେଇ ପାଇଁ ଚରମ ନିଷ୍ପତ୍ତି ନେଇଛି ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ। ଓଡ଼ିଶା ଅଭିଭାବକ ମହାସଂଘ, ସୈନିକ ସ୍କୁଲ ପୁରାତନ ଛାତ୍ର ସଙ୍ଘ, ଲକ୍ଷ୍ମୀ ବିହାର ଉନ୍ନୟନ କମିଟି, ଗାଡ଼କଣ ଗ୍ରାମବାସୀ, ସିଟିଜେନ ଫୋରମ, ଭିଏସଏସ ନଗର ଉନ୍ନୟନ କମିଟି ସ୍ଥାନୀୟ ବୁଦ୍ଧିଜୀବୀଙ୍କୁ ନେଇ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର ଗୁରୁତ୍ୱପୂର୍ଣ୍ଣ ବୈଠକ ସୈନିକ ସ୍କୁଲ ନିକଟରେ ଅନୁଷ୍ଠିତ ହୋଇଛି।

**ସ୍ଥାନୀୟ ଜନତାଙ୍କୁ ଏକାଠି ହେବାକୁ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର ଆହ୍ୱାନ**

ସୈନିକ ସ୍କୁଲ ଭୁବନେଶ୍ୱର ଓ ରାଜ୍ୟ ପାଇଁ ଗୌରବର ପ୍ରତୀକ ହୋଇଥିଲେ ହେଁ ଏହାକୁ ଏଠାରୁ ସ୍ଥାନାନ୍ତର କରିବା ସକାଶେ ଉଦ୍ୟମ ହେଉଛି। ରାସ୍ତା ସମ୍ପ୍ରସାରଣ ଆଳରେ ଏହାକୁ ହଟାଇବା ପାଇଁ ହେଉଥିବା ନିଷ୍ପତ୍ତିକୁ ସ୍ଥାନୀୟ ଲୋକେ ଆରମ୍ଭରୁ ବିରୋଧ କରିଆସୁଛନ୍ତି। ଏପରିକି ଏହି ନିଷ୍ପତ୍ତି ବାତିଲ୍ କରିବା ସକାଶେ ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ପ୍ରତିରକ୍ଷା ସଚିବ, ରାଜ୍ୟ ପୂର୍ତ୍ତ ମନ୍ତ୍ରୀ ଓ ସଚିବଙ୍କ ନିକଟରେ ଏକାଧିକାର ବାର ଦାବି ହୋଇସାରିଛି। ସ୍ଥାନାନ୍ତର କରାଯିବା ପରିବର୍ତ୍ତେ ଓଭରବ୍ରିଜ୍ ସପକ୍ଷରେ ନିଷ୍ପତ୍ତି ନିଆଯିବା ସକାଶେ ବିଭିନ୍ନ ସଂଗଠନ ପକ୍ଷରୁ ଦାବି କରାଯାଇଛି। ତେଣୁ ସୈନିକ ସ୍କୁଲ୍ ପରିବର୍ତ୍ତେ ଏଠାରେ ଥିବା ଡମ୍ପିଂୟାର୍ଡକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ସକାଶେ ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। ଡମ୍ପିଂୟାର୍ଡ ଯୋଗୁଁ ସ୍ଥାନୀୟ ଲୋକଙ୍କ ଚଳପ୍ରଚଳ ପ୍ରଭାବିତ ହେଉଥିବା ସହ ପଚାଗନ୍ଧରେ ଲୋକଙ୍କ ନାକ ଫାଟିଯାଉଛି। କିନ୍ତୁ ଏହାକୁ ସ୍ଥାନାନ୍ତର ପରିବର୍ତ୍ତେ ବଡ଼ ବଡ଼ ସେଡ୍ କରି ମେସିନ ବସାଇ ତା’ର ସମ୍ପ୍ରସାରଣ ଚାଲିଛି। ଏପରି ସ୍ଥିତିରେ ସ୍ଥାନୀୟ ଲୋକେ ଏକାଠି ହୋଇ ଡମ୍ପିଂ ୟାର୍ଡକୁ ଅଳିଆ ଗାଡ଼ି ନ ଛାଡ଼ିବା ସହ ବିରୋଧ ପ୍ରଦର୍ଶନ ପାଇଁ ନିଷ୍ପତ୍ତି ହୋଇଥିଲା। ତେଣୁ ଏହି ପ୍ରତିବାଦରେ ଗାଡ଼କଣ, ରଙ୍ଗମାଟିଆ, ଆଦିମାତା କଲୋନୀ, ଧୀରିକୂଟ ବସ୍ତି, ଲକ୍ଷ୍ମୀ ବିହାର, ଆଚାର୍ଯ୍ୟ ବିହାର, ଭିଏସଏସ ନଗର, ଡମଣା, ବାଣୀବିହାର ଆଦି ଅଞ୍ଚଳର ମୁରବୀ ଓ ବୁଦ୍ଧିଜୀବୀମାନେ ବିରୋଧ ଜାରି ରଖିଛନ୍ତି। ଏହାଛଡ଼ା ଆଗାମୀ ଦିନରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସକାଶେ ସବୁ ଗଳିକନ୍ଦିରେ ବ୍ୟାନର, ସଚେତନତା ପ୍ରଚାରପତ୍ର ବଣ୍ଟନ ସହ ପ୍ରଚାର ଗାଡ଼ିରେ ପ୍ରଚାର କରାଯିବାକୁ ଆଜି ନିଷ୍ପତ୍ତି ହୋଇଛି। ଏହାଛଡ଼ା ପ୍ରତି କଲୋନୀରେ ବୈଠକ ମାଧ୍ୟମରେ ସମସ୍ତଙ୍କୁ ସଂଗଠିତ କରାଯିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ଏହି ବୈଠକରେ ଭିକ୍ଷାକାରୀ ତ୍ରିପାଠୀ, ସିଦ୍ଧେଶ୍ୱର ନାୟକ, ବାସୁଦେବ ଭଞ୍ଜ, ପ୍ରସନ୍ନ ବିଷୋୟୀ, ଅଶୋକ ପାଇକରାୟ, ଆଶୁତୋଷ ମିଶ୍ର, ଅଶୋକ ବଳବନ୍ତରାୟ, ରଶ୍ମି ରଞ୍ଜନ ପରିଡ଼ା, ଅଶୋକ ପାଲଟାସିଂ, ସମୀର ମହାନ୍ତି, ଉମା ବାରିକ, ସନ୍ତୋଷ ଭୁତିଆ, ସଚିତ୍ର ପାତ୍ର, ପ୍ରଦୀପ ସାହୁ, ପ୍ରତାପ ସାହୁ, ସତ୍ୟ ମହାନ୍ତି, ଗଗନ ପଣ୍ଡା, ସୁବ୍ରତ ସାହୁ, ମେଘନା ମିଶ୍ର, ମିଟୁ ପରିଡା, ମୁନା ପରିଡା, ବିଷ୍ଣୁ ଷଡ଼ଙ୍ଗୀ, ଶଙ୍କର୍ଷଣ ବାରିକ, ଚିନ୍ତାମଣି ବାରିକ ପ୍ରଅମୁଖ ଉପସ୍ଥିତ ଥିଲେ।

# ସାର୍ଟିଫିକେଟ ଭାବେ ଗ୍ରହଣ ହେଉ ଆୟକର ପ୍ରମାଣପତ୍ର

**ଭୁବନେଶ୍ୱର,୭।୪:** ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ଏବେ ଆୟକର ଓ ବାସସ୍ଥାନ ପ୍ରମାଣପତ୍ର ପାଇଁ ଖର୍ଚ୍ଚାନ୍ତ ସହିତ ହଟହଟା ହେଉଛନ୍ତି । ଆୟକର କ୍ଷେତ୍ରରେ ଅଭିଭାବକଙ୍କ ଆୟକର ବିଭାଗର ପ୍ରମାଣପତ୍ରକୁ ଗ୍ରହଣ କରାଯାଉନଥିବାବେଳେ ବାସସ୍ଥାନ ପ୍ରମାଣପତ୍ର ଭାବେ ସରକାରୀ କ୍ୱାର୍ଟର୍ସର ଠିକଣାକୁ ସରକାର ଗ୍ରହଣ କରୁନାହାନ୍ତି ।

ଯୁକ୍ତ ଦୁଇ ଓ ଯୁକ୍ତ ତିନି ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏବେ ଉଚ୍ଚଶିକ୍ଷା ପାଇଁ ଆବେଦନ କରିବା ହେଉ କିମ୍ବା ବୃତ୍ତି ପାଇଁ ହେଉ ସବୁଠାରେ ବାସସ୍ଥାନ ଓ ଆୟକରଣ ପ୍ରମାଣପତ୍ର ଆବଶ୍ୟକ ହେଉଛି । ତେବେ ଯେଉଁ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ନିୟମିତ ଭାବେ ଆୟକର ଦାଖଲ କରୁଛନ୍ତି ସେମାନଙ୍କର ସାର୍ଟିଫିକେଟକୁ ସରକାର ଗ୍ରହଣ କରୁନାହାନ୍ତି । ଫଳରେ ଛାତ୍ରଛାତ୍ରୀମାନେ ଖର୍ଚ୍ଚାନ୍ତ ହୋଇ ଜନସେବା କେନ୍ଦ୍ରକୁ ଯାଇ ଆୟକର ପ୍ରମାଣପତ୍ର ପାଇଁ ଆବେଦନ କରୁଛନ୍ତି । ଜନସେବାକେନ୍ଦ୍ର କର୍ତ୍ତୃପକ୍ଷ ଆୟକର ପ୍ରମାଣପତ୍ର ପାଇଁ ଅଭିଭାବକଙ୍କ ବ୍ୟାଙ୍କ୍ କାରବାରର ବିବରଣୀ ମାଗୁଛନ୍ତି । ଯେଉଁମାନେ ଦେଉନାହାନ୍ତି ସେମାନଙ୍କ ଆୟକର ମନଇଚ୍ଛା ପକାଉଛନ୍ତି । ନିକଟରେ ବିଧାନସଭାରେ ଏ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ଏକ ପ୍ରଶ୍ନ ପଚାରିଥିବାବେଳେ ଆୟକର ପ୍ରମାଣପତ୍ରକୁ ଆୟକର ସାର୍ଟିଫିକେଟ ଭାବେ ଗ୍ରହଣ ପାଇଁ ସରକାର ବିଚାରୁଥିବା କହିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ । ସରକାର ଏ ସଂକ୍ରାନ୍ତରେ ଅବଗତ ଥିବାରୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି ।

ସେହିଭଳି ବାସସ୍ଥାନ ପ୍ରମାଣପତ୍ର ପାଇଁ ମଧ ଛାତ୍ରଛାତ୍ରୀମାନେ ହଟହଟା ହେଉଛନ୍ତି । ଯେଉଁ ଛାତ୍ରଛାତ୍ରୀମାନେ ଭଡାଘରେ କିମ୍ବା ସରକାରୀ କ୍ୱାର୍ଟର୍ସରେ ରହୁଛନ୍ତି ସେମାନେ ଅଧିକ ହଇରାଣ ହେଉଛନ୍ତି । କାରଣ ଅଭିଭାବକଙ୍କ ନାମରେ ଥିବା ବିଦ୍ୟୁତ୍ ବିଲ୍, ପାଣି ବିଲ୍, ଟେଲିଫୋନ୍ ବିଲ୍, ପାସପୋର୍ଟରେ ଥିବା ଠିକଣା ଆଦିକୁ ବାସସ୍ଥାନ ସାର୍ଟିଫିକେଟ ଭାବେ ସରକାର ଗ୍ରହଣ କରୁନାହାନ୍ତି। ଏଥିଯୋଗୁଁ ଛାତ୍ରଛାତ୍ରୀମାନେ ଏବେ ପାଠପଢା ଛାଡି ଜନସେବା କେନ୍ଦ୍ରକୁ ଦଉଡିବାରେ ଲାଗିଛନ୍ତି । କେତେକ ଛାତ୍ରଛାତ୍ରୀ ନିଜ ନିଜ ଗାଁକୁ ବି ବାସସ୍ଥାନ ପ୍ରମାଣପତ୍ର ବାହାର କରିବାକୁ ଯାଉଛନ୍ତି । ଜମିଜମା ରେକର୍ଡ ଯୋଗାଡ ପାଇଁ ସେମାନଙ୍କୁ ନାକେଦମ ହେବାକୁ ପଡୁଛି । ତେଣୁ ଛାତ୍ରଛାତ୍ରୀମାନଙ୍କ ପାଇଁ ବାସସ୍ଥାନ କିମ୍ବା ଆୟକର ପ୍ରମାଣପତ୍ର କ୍ଷେତ୍ରରେ ନିୟମ କୋହଳ ପାଇଁ ମତପ୍ରକାଶ ପାଉଛି । ବିଶେଷକରି ଯେଉଁ ଅଭିଭାବକମାନେ ଆୟକର ଦାଖଲ କରୁଛନ୍ତି ସେମାନଙ୍କ ପ୍ରମାଣପତ୍ରକୁ ତୁରନ୍ତ ସାର୍ଟିଫିକେଟ ଭାବେ ଗ୍ରହଣ କରିବା ସହିତ ବାସସ୍ଥାନ ପ୍ରମାଣ ପାଇଁ ସରକାରଙ୍କର ବିଭିନ୍ନ କାର୍ଯ୍ୟ ପାଇଁ ଥିବା ବିଦ୍ୟୁତ୍, ପାଣି, ଟେଲିଫୋନ୍ ଆଦି ବିଲ୍‌କୁ ଧରିବାକୁ କିମ୍ବା ଅଭିଭାବକମାନେ ନିଜସ୍ୱ ଘୋଷଣାନାମାକୁ ଗ୍ରହଣ କରିବାକୁ ଦାବି ହେଉଛି । ଉଭୟ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗ ଏ ଦିଗରେ ପଦକ୍ଷେପ ଗ୍ରହଣ କଲେ ଛାତ୍ରଛାତ୍ରୀମାନେ ହଟହଟା ହେବାକୁ ରକ୍ଷା ପାଇପାରନ୍ତେ । (ତଥ୍ୟ)

## ଜୀବନ ଅମୃତ ଅନୁଚିନ୍ତା

ମାତୃକୃପା-ଯେତେବେଳେ ମା'ଙ୍କ ପବିତ୍ର ଶ୍ରୀଚରଣ ଧୂଳି ଆଶୀର୍ବାଦର ମୁକୁଟ ହୋଇ ମସ୍ତକରେ ଝଲସେ, ସେତେବେଳେ ଜୀବନ ଅମୂଲ୍ୟ ଓ ସାର୍ଥକ ହୋଇଯାଏ।

SANCHAR
ସଂଚାର

୪
ମଙ୍ଗଳବାର ୮ ଏପ୍ରିଲ ୨୦୨୫, ଭୁବନେଶ୍ୱର
Tuesday 8 April 2025 Bhubaneswar

# ଟ୍ରମ୍ପଙ୍କ ପାଇଁ ତ୍ରାହି ତ୍ରାହି ଡାକ

କୁହାଯାଏ ଯେ, ଯଦି ରାଷ୍ଟ୍ରମୁଖ୍ୟ ଭୁଲ କରନ୍ତି ତେବେ ଏହାର ପରିଣାମ ସମଗ୍ର ଦେଶବାସୀଙ୍କୁ ଭୋଗିବାକୁ ପଡ଼େ। ଯଦି ବିଶ୍ୱର ଏକ ଶକ୍ତିଶାଳି ଦେଶର ମୁଖ୍ୟ ଭୁଲ କରନ୍ତି ବା ଜଣେ ଅଯୋଗ୍ୟ ବ୍ୟକ୍ତି ହାତରେ କ୍ଷମତା କେନ୍ଦ୍ରୀଭୂତ ହୁଏ ତେବେ ଏହାର ପରିଣାମ ସମଗ୍ର ବିଶ୍ୱବାସୀଙ୍କୁ ଭୋଗିବାକୁ ପଡ଼ିଥାଏ। ଜର୍ମାନୀର ତତ୍କାଳୀନ ଶାସକ ରୁଡଲଫ ହିଟଲରଙ୍କ ଭୁଲ ପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ହୋଇଥିଲା ଏବଂ ଲକ୍ଷ ଲୋକ ପ୍ରାଣ ହରାଇଥିଲେ। ସାରା ବିଶ୍ୱ ଏଥିରେ ପ୍ରଭାବିତ ହୋଇଥିଲା। ହିଟଲରଙ୍କ ସହ ଆଉ କିଛି ଅଯୋଗ୍ୟ ବ୍ୟକ୍ତି ହାତ ମିଳାଇଥିଲେ। ଏହି ଶକ୍ତିଶାଳୀ ମେଣ୍ଟ ପାଇଁ ସମଗ୍ର ବିଶ୍ୱରେ ହାହାକାର ପଡ଼ିଯାଇଥିଲା। ଏବେ ଠିକ ସେହି ପରିସ୍ଥିତି ସୃଷ୍ଟି ହୋଇଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭୁଲ ପାଇଁ ସାରା ବିଶ୍ୱରେ ହାହାକାର ପଡ଼ିଯାଇଛି। ଆମେରିକାରେ ମଧ ଟ୍ରମ୍ପଙ୍କ ବିରୋଧରେ ଜନ ଆନ୍ଦୋଳନ ଦେଖାଯାଇଛି। ସୋମବାର ଭାରତ ସମେତ ସାରା ବିଶ୍ୱରେ ସେୟାର ମାର୍କେଟ ରସାତଳଗାମୀ ହୋଇଛି। ଫଳରେ ନିବେଶକମାନେ ବିପୁଳ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଗତ ମାସେ ହେବ ଏଭଳି ପରିସ୍ଥିତି ଲାଗି ରହିଛି। ଏଥିପାଇଁ କେବଳ ଟ୍ରମ୍ପ ଦାୟୀ। ତାଙ୍କ ମନମରଜିର ପରିଣାମ ସମଗ୍ର ବିଶ୍ୱବାସୀଙ୍କୁ ଭୋଗିବାକୁ ପଡୁଛି। ଗତ ବର୍ଷ ନଭେମ୍ବରରେ ଅନୁଷ୍ଠିତ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଡୋନାଲ୍ଡ ଟ୍ରମ୍ପଙ୍କ ବିଜୟ ଥିଲା ଐତିହାସିକ। ଡେମୋକ୍ରାଟିକ ପାର୍ଟୀର ପ୍ରାର୍ଥୀ କମଳା ହାରିସଙ୍କୁ ସେ ବିପୁଳ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ଗତ ଜାନୁଆରୀ ୨୦ରେ ସେ ଦ୍ୱିତୀୟ ଥର ପାଇଁ ଆମେରିକା ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କଲେ। ୨୦୧୬ରୁ ୨୦୨୦ ପର୍ଯ୍ୟନ୍ତ ସେ ଆମେରିକାର ରାଷ୍ଟ୍ରପତି ଥିଲେ। କିନ୍ତୁ ୨୦୨୦ରେ କରୋନା ମୁକାବିଲାରେ ବିଫଳତା ପାଇଁ ତାଙ୍କର ପରାଜୟ ହେଲା। ଜୋ ବାଇଡେନ ହେଲେ ରାଷ୍ଟ୍ରପତି। କିନ୍ତୁ ବାଇଡେନ ଜଣେ ଦୁର୍ବଳ ରାଷ୍ଟ୍ରପତି ଥିଲେ। ତାଙ୍କ ଦୁର୍ବଳତା ପାଇଁ ଗତ ନିର୍ବାଚନରେ କମଳା ହାରିସ ପରାଜିତ ହେଲେ। ଟ୍ରମ୍ପ ପୁନର୍ବାର କ୍ଷମତାକୁ ଫେରିଲେ। ସାରା ବିଶ୍ୱରେ ଆଶା ସଞ୍ଚାର ହେଲା ଯେ, ଟ୍ରମ୍ପଙ୍କ ନେତୃତ୍ୱରେ ଆମେରିକା ବିଶ୍ୱ ଶାନ୍ତି ଏବଂ ସ୍ଥିରତା ଦିଗରେ ପଦକ୍ଷେପ ନେବ। ବଗତ ୪ ବର୍ଷ ହେବ ବିଶ୍ୱ ଅର୍ଥନୀତି ଅତି ଦୁର୍ଦ୍ଦିନ ମଧରେ ଗତି କରୁଛି। ଟ୍ରମ୍ପ ଏହାର ସମାଧାନ କରିଦେବେ, ମଧ୍ୟପ୍ରାଚ୍ୟ ଏବଂ ଋଷିଆ-ୟୁକ୍ରେନ ଯୁଦ୍ଧର ପରିସମାପ୍ତି ହେବ। କିନ୍ତୁ ମାତ୍ର ୩ ମାସରେ ଲୋକଙ୍କ ଆଶା ନୈରାଶ୍ୟରେ ପରିଣତ




ହେଲା। ସ୍ଥିତିରେ ଉନ୍ନତି ଆସିବ କ'ଣ ବରଂ ପରିସ୍ଥିତି ଅଧିକ ଜଟିଳ ହୋଇଛି। ବିଶ୍ୱ ଅର୍ଥନୀତିରେ ଏବେ ଅସ୍ଥିରତା ସୃଷ୍ଟି ହୋଇଛି। ବିଶ୍ୱରେ ପୁଣିଥରେ ବଡ଼ ଧରଣର ଆର୍ôଥକ ବିପର୍ଯ୍ୟୟ ସୃଷ୍ଟି ହେବ ବୋଲି ଆଶଙ୍କା ସୃଷ୍ଟି କରାଯାଉଛି। ଟ୍ରମ୍ପ ବିଶ୍ୱର ବିଭିନ୍ନ ଦେଶ ବିରୋଧରେ ଟାରିଫ ବୃଦ୍ଧି କରିଛନ୍ତି। ଚୀନ, ଭାରତ, କାନାଡ଼ା, ମେକ୍ସିକୋ, ୟୁରୋପୀୟ ରାଷ୍ଟ୍ର,ସଂଘ, ଜାପାନ ଭଳି ଅନେକ ଦେଶ ବିରୋଧରେ ଟ୍ରମ୍ପ ଟାରିଫ ବୃଦ୍ଧି କରିଛନ୍ତି। ଏହାର ଜବାବରେ ଚୀନ, କାଡ଼ା ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ପାଲଟା ଟାରିଫ ବୃଦ୍ଧି କରିଛନ୍ତି। ଏହାର ପ୍ରଭାବରେ ସାରା ବିଶ୍ୱରେ ସେୟାର ମାର୍କେଟରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଭାରତରେ ମଧ ସେନସେକ୍ସ ଧରାଶାୟୀ ହୋଇଛି। ଆମେରିକା ସେୟାର ମାର୍କେଟରେ ମଧ ସୂଚକାଙ୍କ ରସାତଳଗାମୀ ହୋଇଛି। ଟ୍ରମ୍ପଙ୍କ ଯୁକ୍ତି ହେଲା, ଭାରତ, ଚୀନ, କାନାଡ଼ା ଭଳି ଅନେକ ଦେଶ ଆମେରିକାରେ ନିଜ ସାମଗ୍ରୀ ବିକ୍ରୀ କରି ଫାଇଦା ହାସଲ କରୁଛନ୍ତି। କିନ୍ତୁ ଆମେରିକାରୁ ଆମଦାନୀ କରୁଥିବା ସାମଗ୍ରୀ ଉପରେ ସେମାନେ ଚଢ଼ା ଟାରିଫ ଆଦାୟ କରୁଛନ୍ତି। ଫଳରେ ଆମେରିକାର କ୍ଷତି ହେଉଛି। ଆମେରିକାରୁ ଗୋଟିଏ କାର ଯଦି ଭାରତକୁ ଆସୁଛି ତେବେ ଏହାର ମୂଲ୍ୟ ଏତେ ଅଧିକ ରହୁଛି ଯେ, ତାହା ଭାରତରେ ବିକ୍ରୀ ହେବା ଅସମ୍ଭବ। କାରଣ ହେଲା ଭାରତ ଆମେରିକୀୟ ସାମଗ୍ରୀ ଉପରେ ମାତ୍ରାଧିକ ଟାରିଫ ଲଗାଉଛି। ଟ୍ରମ୍ପ ଅନେକ ଦିନ ହେବ ଏହି ପ୍ରସଙ୍ଗ ଉଠାଇ ଆସୁଛନ୍ତି ଏବଂ ଭାରତର ଟାରିଫ ହାର ନେଇ ଅସନ୍ତୋଷ ବ୍ୟକ୍ତ କରି ଆସୁଛନ୍ତି। ଆଉ ଏହାକୁ ବରଦାସ୍ତ କରାଯିବନି, ଏବେ ଆମେରିକାର ପାଳି ବୋଲି ସେ କହିଛନ୍ତି। ଟ୍ରମ୍ପ ଯାହା କହୁଛନ୍ତି ତାହା ନିହାତି ଭୁଲ ନୁହେଁ। କିନ୍ତୁ ଏତେ ବଡ଼ ବ୍ୟବସ୍ଥାକୁ ହଠାତ ଗୋଟିଏ ଦିନରେ ବଦଳାଇବା ମଧ ଠିକ ନୁହେଁ। ଟ୍ରମ୍ପଙ୍କ ପଦକ୍ଷେପ ପଛରେ ପ୍ରତିହିଂସା ଏବଂ କ୍ଷୋଭ ରହିଛି। ଏଲନ ମସ୍କଙ୍କ ବେପାରୀ ବୁଦ୍ଧିରେ ସେ ପରିଚାଳିତ ହେବା ପରି ମନେ ହେଉଛି। ଚଳିତ ମାସରୁ ଟ୍ରମ୍ପ ବିଭିନ୍ନ ଦେଶ ଉପରେ ବର୍ଦ୍ଧିତ ଟାରିଫ ଲାଗୁ କରିଛନ୍ତି। ଏଥିରେ ଆମେରିକା ମଧ ପ୍ରଭାବିତ ଏବଂ କ୍ଷତିଗ୍ରସ୍ତ ହୋଇଛି। ଏହା ବିରୋଧରେ ଆମେରିକାବାସୀ ରାସ୍ତାକୁ ଓହ୍ଲାଇଛନ୍ତି। ରବିବାର ଆମେରିକାର ବିଭିନ୍ନ ସ୍ଥାନରେ ହଜାର ହଜାର ବ୍ୟକ୍ତି ଟ୍ରମ୍ପଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମାତ୍ର ୪ ମାସରେ ଟ୍ରମ୍ପଙ୍କ ଲୋକପ୍ରିୟତା ପୁରା ତଳକୁ ଖସି ଯାଇଛି। ଟ୍ରମ୍ପଙ୍କ ବିରୋଧରେ କେବଳ ଆମେରିକାରେ ଜନ ଆନ୍ଦୋଳନ ଆରମ୍ଭ ହୋଇନି, ବିଶ୍ୱର ଅନ୍ୟ ଦେଶମାନେ ମଧ ଆମେରିକା ବିରୋଧରେ ଗର୍ଜିବା ଆରମ୍ଭ କରିଛନ୍ତି। ଆମେରିକାର ସବୁଠାରୁ ବଡ଼ ବନ୍ଧୁ ଇଂଲଣ୍ଡକୁ ଟ୍ରମ୍ପ ଅପମାନିତ କରିଛନ୍ତି। ଇଂଲଣ୍ଡ ଏବେ ଚୁପ ଚାପ ବସିଛି। ଠିକଣା ସମୟରେ ଏହା ଆମେରିକାକୁ ଜବାବ ଦେବ। ଫ୍ରାନ୍ସ ମଧ ଅପମାନିତ ହୋଇଛି। ସେଥିପାଇଁ ଫ୍ରାନ୍ସ ରାଷ୍ଟ୍ର ମାକ୍ରନ ଆମେରିକାରେ ନିବେଶ ନକରିବାକୁ ଶିଳ୍ପପତିମାନଙ୍କୁ ଆହ୍ୱାନ କରିଛନ୍ତି। ଚୀନ ଟ୍ରମ୍ପଙ୍କ ଟାରିଫ ବୃଦ୍ଧିର ଜବାବ ଦେବାକୁ ଯାଇ ଆମେରିକୀୟ ସାମଗ୍ରୀ ଉପରେ ୩୪% ଟାରିଫ ଲଗାଇଛି। ରାଷ୍ଟ୍ରପତି ଟ୍ରମ୍ପ ଏହାକୁ ଭୁଲ ପଦକ୍ଷେପ ବୋଲି କହିଛନ୍ତି। ଭାରତ ଏ ଯାବତ କିଛି ପ୍ରତିକ୍ରିୟା ବ୍ୟକ୍ତ କରି ନାହିଁ। ଟାରିଫ ବୃଦ୍ଧିର ପ୍ରଭାବ ଆକଳନ କରିବାକୁ ଟ୍ରମ୍ପ ଏକ ମନିଟରିଂ ସେଲ ପ୍ରତିଷ୍ଠା କରାଯାଇଛି। ଏହା ସହିତ ଭାରତ ଏବଂ ଆମେରିକା ମଧରେ ନୂଆ ବାଣିଜ୍ୟ ଚୁକ୍ତି ଲାଗି ଆଲୋଚନା ତ୍ୱରାନ୍ୱିତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଟ୍ରମ୍ପଙ୍କର ବ୍ୟକ୍ତିଗତ ବନ୍ଧୁତା ରହିଛି। ତେଣୁ ଟ୍ରମ୍ପ ଚାହୁଁଛନ୍ତି ଭାରତ ସହିତ ସମ୍ପର୍କ କ୍ଷୁର୍ଣ୍ଣ ନହେଉ। ଭାରତ ଉପରେ ବର୍ଦ୍ଧିତ ଟାରିଫ ହ୍ରାସ କରିବାକୁ ମଧ ଟ୍ରମ୍ପ ବିଚାର କରୁଛନ୍ତି। ଏହା ସ୍ୱାଗତଯୋଗ୍ୟ। ଅନ୍ୟ ପକ୍ଷରେ ଆମେରିକା ବିରୋଧରେ ପରସ୍ପର ସହ ହାତ ମିଳାଇବାକୁ ଚୀନ ଭାରତକୁ ଆହ୍ୱାନ କରିଛି। ଡ୍ରାଗନ ଓ ହାତୀ ଏକାଠି ନାଚିବାର ସମୟ ଆସିଛି ବୋଲି ବେଜିଂ ପକ୍ଷରୁ କୁହାଯାଇଛି। ଏହା ଯଥାର୍ଥ ଏବଂ ସ୍ୱଗତଯୋଗ୍ୟ। ଚୀନ ହେଉଛି ଭାରତର ପଡ଼ୋଶୀ। ଏହା ଏକ ଶକ୍ତିଶାଳି ଏବଂ ସମୃଦ୍ଧ ରାଷ୍ଟ୍ର। ଚୀନ ସହ ଉତ୍ତମ ସମ୍ପର୍କ ସ୍ଥାପନ ପାଇଁ ଏବେ ସୁଯୋଗ ସୃଷ୍ଟି ହୋଇଛି। ଭାରତ ଏହି ସୁଯୋଗ ହାତ ଛଡ଼ା କରିବା ଅନୁଚିତ। କିନ୍ତୁ ଆମେରିକା ସହ ମଧ ସମ୍ପର୍କ କ୍ଷୁର୍ଣ୍ଣ ହେବା ଅନୁଚିତ। ଟ୍ରମ୍ପ ସବୁଦିନ ରାଷ୍ଟ୍ରପତି ପଦରେ ରହିବେ ନାହିଁ। ତେଣୁ ଭାରତ ଆମରିକା ସହ ଉତ୍ତମ ସମ୍ପର୍କ ରକ୍ଷା ଲାଗି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା ଉଚିତ। ଆମେରିକାରୁ ଭାରତ ଅନେକ ସାମଗ୍ରୀ ଆମଦନୀ କରୁଛି। ଏହା ହଠାତ ବନ୍ଦ ହୋଇପାରିବ ନାହିଁ। ଟ୍ରମ୍ପଙ୍କ ଭୁଲ ନିଷ୍ପତ୍ତି ଏବଂ ଅହଂକାର ଯୋଗୁ ଆମେରିକାବାସୀ ମଧ ତ୍ରାହି ତ୍ରାହି ଡାକ ଛାଡ଼ିଲେଣି। ଏଭଳି ପରିସ୍ଥିତିରେ ଟ୍ରମ୍ପ ଦେଶର ସମ୍ବିଧାନ ପରିବର୍ତ୍ତନ କରି ତୃତୀୟ ଥର ପାଇଁ ରାଷ୍ଟ୍ରପତି ହେବାକୁ ଯୋଜନା କଲେଣି। ଏହାକୁ କହନ୍ତି ବିନାଶ କାଳେ ବିପରୀତ ବୁଦ୍ଧି। ସମ୍ଭବତଃ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳ ପୂରଣ କରିପାରିବେନି।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସ: ଏକ ଅନୁଚିନ୍ତା

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ଶରୀର ଓ ମନ ଉଭୟର ସୁସ୍ଥତା ହିଁ ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି। ସେଥିପାଇଁ କୁହାଯାଏ ସ୍ୱାସ୍ଥ୍ୟବାନ ବ୍ୟକ୍ତି ପରିବାର, ସମାଜ, ରାଜ୍ୟ, ଦେଶ ଓ ଜାତିର ମୁଖ ଉଜ୍ଜ୍ୱଳ କରିଥାନ୍ତି। ତେଣୁ ଯଥାର୍ଥରେ କୁହାଯାଏ ସ୍ୱାସ୍ଥ୍ୟ ହିଁ ସମ୍ପଦ। ସ୍ୱାସ୍ଥ୍ୟ କିଣାବିକା ହୋଇପାରିବା ଜିନିଷ ନୁହେଁ। ପିତାମାତାଙ୍କ ଜୀବନର ସଂଯମତା ଓ ନିଷ୍ଠାପରତା ଉପରେ ମଧ ଭବିଷ୍ୟତ ବଂଶଧରମାନଙ୍କ ଶାରୀରିକ, ମାନସିକ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟ ନିର୍ଭର କରିଥାଏ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆମେ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ। ଏକ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ପରିଷ୍କାର ପାନୀୟ, ଶୁଦ୍ଧ ପରିବେଶ, ଗୃହ ତଥା ଶଯ୍ୟା ଓ ବସ୍ତ୍ର ପ୍ରଭୃତିର ପରିଚ୍ଛନ୍ନତା ନିତାନ୍ତ ପ୍ରୟୋଜନ। ନିୟମିତ ଜୀବନଚର୍ଯ୍ୟା ଆଉ ଏକ ବଡ଼ କଥା। ଖାଦ୍ୟ, ପାନୀୟ ଦୃଷ୍ଟିରୁ ତିନୋଟି ଶୁଦ୍ଧତା ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ। ଖାଦ୍ୟର ପ୍ରକାର ପରିମାଣ ଆଉ ଏକ ବିଚାର୍ଯ୍ୟ ବିଷୟ। ଖାଦ୍ୟ ସାତ୍ତ୍ୱିକ ହେବା ବିଧେୟ। ରାଜସିକ ଓ ତାମସିକ ପ୍ରକାରର ଖାଦ୍ୟ ଦେହ ତଥା ମନ କାହା ପ୍ରତି ଭଲ ନୁହେଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ କହିଲାଣି ଯେ, ନିରାମିଶ ଭୋଜନ ଗ୍ରହଣ କରୁଥିବା ଲୋକମାନେ ନିରୋଗୀ ଓ ଦୀର୍ଘାୟୁ। ଏଠାରେ ପରିମାଣ କଥା ଭୁଲିଗଲେ ହେବ ନାହିଁ। ସାତ୍ତ୍ୱିକ ଖାଦ୍ୟ ହେଲେ ବି ଯଦି ଅଧିକ ପରିମାଣରେ ଗ୍ରହଣ କରାଯାଏ; ତେବେ ତାହା ତାମସିକତା ବା ଆଳସ୍ୟ ଭାବ ସୃଷ୍ଟି କରିଥାଏ। ତେଣୁ ମିତାହାର ଭୋଜନ କରିବା ସବୁବେଳେ ଭଲ। ମିତାହାରକୁ ଭଲ ଭାବେ ବୁଝାଇ କୁହାଯାଇଛି ଯେ, ପାକସ୍ଥଳୀର ଶତକଡ଼ା ପଚାଶ ଭାଗ ଖାଦ୍ୟରେ ପୂରଣ କରିବା ଉଚିତ୍, ଶତକଡ଼ା ପଚିଶ ଭାଗ ଜଳ ପାଇଁ ଓ ଶତକଡ଼ା ପଚିଶ ଭାଗ ପବନ ପାଇଁ ରଖାଯିବା ଉଚିତ। ଯେତେବେଳେ ଖାଇବ ଅଧାପେଟ ତାହା ମଣିଷକୁ କାର୍ଯ୍ୟକ୍ଷମ ରଖେ। ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଖାଦ୍ୟ ଗ୍ରହଣ କରାଗଲେ ସର୍ବୋତ୍ତମ ଫଳ ମିଳିଥାଏ।

ଖାଦ୍ୟ ଗ୍ରହଣ କରିବା ଭଳି ଏକ କର୍ମକୁ ଉପାସନାରେ ପରିଣତ କରାଯାଇପାରିବ। ଏଥିପାଇଁ ଦରକାର ଏକ ଉପଯୁକ୍ତ ଭାବ। ଆମ ପାକସ୍ଥଳୀରେ ଏକ ପ୍ରକାର ଅଗ୍ନି ଅଛି ବୋଲି ଆଧାତ୍ମିକବାଦୀମାନେ କହିଥାନ୍ତି। ସେହି ଅଗ୍ନି, କ୍ଷୁଧା ସୃଷ୍ଟି କରେ ଓ ସେ କ୍ଷୁଧାକୁ ସନ୍ତୁଷ୍ଟ କରିବା ପାଇଁ ଆମେ ସେ ଅଗ୍ନି କୁଣ୍ଡରେ ଖାଦ୍ୟ ଅର୍ପଣ କରିଥାଉ। ଏହି ଅଗ୍ନି ଆମ ଠାରେ ସମ୍ଭବ ହୋଇଛି କେବଳ ପରଂବ୍ରହ୍ମ ପରମାତ୍ମାଙ୍କ ଅଂଶ ଆତ୍ମାର ସ୍ଥିତି ଯୋଗୁ। ଆତ୍ମା ବାହାରି ଯାଇଥିବା ଦେହ, ଶବଠାରେ କ୍ଷୁଧା ସୃଷ୍ଟି ହୋଇପାରେ ନାହିଁ। ଏହି




କ୍ଷୁଧାକୁ ତୁଷ୍ଟ କରିବା ଅର୍ଥ ବୈଶ୍ୱାନରଙ୍କୁ ସନ୍ତୁଷ୍ଟ କରିବା। ଭାଗବତ ଗୀତାରେ ଉଲ୍ଲେଖ ଅଛି "ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାମ୍ ଦେହ ମାଶ୍ରିତଃ, ପ୍ରାଣପାନ ସମାଯୁକ୍ତପଚାମ୍ୟନ୍ନକମ୍ ଚତୁର୍ବିଧମ୍।' ଏ ଦୃଷ୍ଟିରୁ କ୍ଷୁଧାକୁ ସନ୍ତୁଷ୍ଟ କରିବା ଅର୍ଥ ଭଗବାନଙ୍କୁ ସନ୍ତୁଷ୍ଟ କରିବା, ଯାହାର ପ୍ରକୃତ ଅର୍ଥ ହେଉଛି "ଏକ ଉପାସନା'। ଭୋଜନ କରିବା କେବଳ ଜିହ୍ୱା ଲାଳସାର ସନ୍ତୁଷ୍ଟି ନୁହେଁ ବା ସେ ଉଦ୍ଦେଶ୍ୟରେ ହେବା ଉଚିତ ନୁହେଁ। ଖାଦ୍ୟ ଗ୍ରହଣ କରିବା ଏକ ଯଜ୍ଞ ସହ ତୁଳନୀୟ। ଯଜ୍ଞାଗ୍ନିକୁ ଯେଭଳି, ନାନା ବିଧ ଦ୍ରବ୍ୟ ଅର୍ପଣ କରାଯାଉଥାଏ, ଖାଦ୍ୟ ଗ୍ରହଣ କରିବା ସେ ଭଳି ଏକ ଯଜ୍ଞକର୍ମ, ଦେବକର୍ମ ଓ ଉତ୍ତମ ଉପାସନା। ବେଳେ ବେଳେ ନାନା କାରଣବଶତଃ ମଣିଷ ଅଭିମାନ ଅଜ୍ଞତା ଓ କ୍ରୋଧର ବଶବର୍ତ୍ତୀ ହୋଇ ବା ଅନ୍ୟ କାହା ଉପରେ ଦାଉ ସାଧିବାକୁ ଯାଇ, ନଖାଇ ନପିଇ ନିଜ ଦେହକୁ କଷ୍ଟ ଦେଇଥାଏ। ବେଳେ ବେଳେ ଓଳିଏ ପାଇଁ ପାକସ୍ଥଳିକୁ ପରିଷ୍କାର କରିବା ପାଇଁ ଖାଦ୍ୟ ଗ୍ରହଣ କରିବାରେ ବିରତି ଦିଆଯାଇପାରେ। ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଓ ସର୍ବୋପରି ଆଧାତ୍ମିକ ପରିତୃପ୍ତି ପାଇଁ ସଠିକ୍ ପ୍ରକାରର, ସଠିକ୍ ଭାବର ସହ ଖାଦ୍ୟ ଗ୍ରହଣ କରିବା କେତେ ବେଶୀ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ସମସ୍ତଙ୍କର ଅନୁଧ୍ୟାନର ବିଷୟ। ନିଜ ସ୍ୱାସ୍ଥ୍ୟ ପ୍ରତି ନିଜେ ନିଜେ ସଚେତନ ହୋଇ ସମସ୍ତେ ଯଦି ସ୍ୱାସ୍ଥ୍ୟ ନୀତି ଓ ନିୟମ ପାଳନ ପୂର୍ବକ ସୁସ୍ଥ ଜୀବନଯାପନ କରନ୍ତେ ତାହା ନିଜ ପ୍ରତି, ନିଜ ପରିବାର ପ୍ରତି ସର୍ବୋପରି ସମାଜ ତଥା ଦେଶ ପ୍ରତି ଆଶୀର୍ବାଦ ହୋଇଯାଆନ୍ତା। ସୁସ୍ଥ ଶରୀର, ସୁସ୍ଥ ମନର ଜନକ। ସୁସ୍ଥ ମନ ଉନ୍ନତ୍ତ ବିଚାରର ଜନକ, ଉନ୍ନତ ବିଚାର ବିବେକର ସମର୍ଥକ। ବିବେକାନୁମୋଦିତ ଜୀବନ ହିଁ ସର୍ବୋତ୍ତମ ଫଳଦାୟୀ ଜୀବନ। ଆଜି ଲୋକମାନଙ୍କ ଶାରୀରିକ ସୁସ୍ଥତା କ୍ଷେତ୍ର ପାଇଁ ସରକାରୀ ଚିକିତ୍ସାଳୟରେ ଆବଶ୍ୟକୀୟ ସମସ୍ତ ପ୍ରକାର ଭିତ୍ତିଭୂମି ରଖିଛନ୍ତି। କେବଳ ଚିକିତ୍ସା ନୁହେଁ ରୋଗୀଟିର ଆର୍ଥିକ ଭିତ୍ତିଭୂମିକୁ ଗୁରୁତ୍ୱ ଦେବା ସହ ନିରାମୟ ସ୍ୱାସ୍ଥ୍ୟ ଗଠନ ପାଇଁ ଅନେକ ସଚେତନଧର୍ମୀ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। ତେବେ ଅନେକକ୍ଷେତ୍ରରେ ଦେଖାଯାଏ ଲୋକମାନଙ୍କ ଅସଚେତନତାରୁ ନିଜେ ନିଜର ସ୍ୱାସ୍ଥ୍ୟହାନିର କାରଣ ହୋଇଥାନ୍ତି। ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା କ୍ଷେତ୍ର ଠାରୁ ଆଧାତ୍ମିକ ନିରାମୟ ଜୀବନ ଗଠନ ପାଇଁ ନିଜ ଦାୟିତ୍ୱ ପ୍ରତି ସଚେତନ ରହିବାର ଉପଯୁକ୍ତ ଦିବସ। ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ସମସ୍ତଙ୍କ ଐକାନ୍ତିକ ନିଃସ୍ୱାର୍ଥପର ଦାୟିତ୍ୱ ସମ୍ପନ୍ନ ଦ୍ୱାରା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ।

**ସହପ୍ରତିରତ୍ୱିକ ଓ ପ୍ରଫେସର ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ମୋବାଇଲ୍: ୯୪୩୭୦୫୧୯୫୭**

# ଜନପ୍ରତିନିଧିଙ୍କୁ ବାଧୁଛି ଦରଦାମ ବୃଦ୍ଧି

**ଗୋପାଳ ମହାପାତ୍ର**



ଯେଉଁ ଦେଶର ପ୍ରଧାନମନ୍ତ୍ରୀ କହୁଛନ୍ତି ବା ଅନ୍ୟ ଅର୍ଥରେ ସ୍ୱୀକାର କରୁଛନ୍ତି ଯେ ଦେଶର ୮୦ ପ୍ରତିଶତ ଲୋକ ଗରୀବ ସେ ଦେଶର ନିର୍ବାଚିତ ଜନପ୍ରତିନିଧି (ସାଂସଦ ଓ ବିଧାୟକ) ମାନଙ୍କ ପାଇଁ ରାଜକୋଷରୁ କେତେ ଖର୍ଚ୍ଚ ହୁଏ ସେ କଥା ଜାଣିଲେ ମୁଣ୍ଡରେ ହାତ ଦେବାକୁ ପଡିବ ନିଶ୍ଚୟ। ଦେଶର ୮୦ କୋଟି ଲୋକ ମାସିକ ୫ କେଜି ରାସନରେ ଜୀବନ ବିତାଉଛନ୍ତି। ଏହା ପୁଣି ମାଗଣା କାରଣ ସେମାନେ ଆର୍ଥୀକ ସ୍ତରରେ ଦୁର୍ବଳ। କିନ୍ତୁ ସଂସଦ ଓ ବିଧାନସଭାକୁ ନିର୍ବାଚିତ ହେଉଥିବା ଜନପ୍ରତିନିଧି ମାନଙ୍କ ପାଇଁ ଯେଉଁ ଖର୍ଚ୍ଚ ରାଜକୋଷରୁ ହୁଏ ସେ ବାବଦରେ ବିରୋଧ କରିବାକୁ କେହି ନାହିଁ। ଦେଶର ପ୍ରତି ବ୍ୟକ୍ତିର ଆୟ ଏବଂ ସାଂସଦ ଓ ବିଧାୟକଙ୍କ ପ୍ରତି ବ୍ୟକ୍ତି ଆୟ ମଧରେ ଯେଉଁ ଅନ୍ତର ରହିଛି ତାହା ସମ୍ବିଧାନରେ ନିହିତ ସମାନତା କଥାର ବ୍ୟତିକ୍ରମ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏକ ଜାତୀୟ ସ୍ତରର ସମାଚାର ସଂସ୍ଥା ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ କେନ୍ଦ୍ର ସରକାରଙ୍କ ବଜେଟରେ ସମୁଦାୟ ୭୮୮ ସାଂସଦ (୫୪୩ ଲୋକସଭା ସାଂସଦ ଓ ୨୪୩ ରାଜ୍ୟସଭା)ଙ୍କ ପାଇଁ ୧୧ ହଜାର ୩୧୬ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ସୂଚନା ଅନୁସାରେ ସଂସଦର ପ୍ରତିମିନିଟ ଖର୍ଚ୍ଚ ପାଖାପାଖି ଅଢେଇ ଲକ୍ଷ ଖର୍ଚ୍ଚ ହୁଏ। ସଂସଦ ପାଇଁ ହେଉଥିବା ଖର୍ଚ୍ଚ ଓ ରାଜ୍ୟ ମାନଙ୍କର ବିଧାନ ସଭା ତଥା ବିଧାୟକ ମାନଙ୍କ ପାଇଁ ହେଉଥିବା ଖର୍ଚ୍ଚ ଯୋଡିଦେଲେ ଏହା ଅରବ ଟଙ୍କାରୁ ଅଧିକ ହେବ। ଯେଉଁ ଦେଶର ଅଧିକ ସଂଖ୍ୟକ ଲୋକ ଦୁଇବେଳା ପେଟପୁରା ଖାଇବା ପାଇଁ ପାଉନାହାଁନ୍ତି ଏବଂ ଗୁଜୁରାଣ ମେଣ୍ଟାଇବା ପାଇଁ କେତେ ଯେ କ'ଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେଇ ଲୋକଙ୍କ ପ୍ରତିନିଧିତ୍ୱ କରୁଥିବା ଜନ ପ୍ରତିନିଧିଙ୍କ ପାଇଁ ଏତେ ଖର୍ଚ୍ଚ କରାଯିବା କଥା କାହାରି ନଜରଙ୍କ ଆସୁନାହିଁ। ଜନ ପ୍ରତିନିଧି ମାନେ ନିଜକୁ ଜନତାଙ୍କ ସେବଙ୍କ ବୋଲି କହୁଛନ୍ତି ହେଲେ କେତେ ସେବା କରୁଛନ୍ତି ସେକଥା ଲୋକେ ଜାଣନ୍ତି ଓ ସେମାନେ ନିଜେ ମଧ ଜାଣନ୍ତି। ଏବେ ଜନପ୍ରତିଧି ମାନଙ୍କ ପାଇଁ ହେଉଥିବା ଖର୍ଚ୍ଚ ଆହୁରି ଅଧିକ ବଢ଼ିବ। କାରଣ ସାଂସଦରେ ସାଂସଦଙ୍କ ବେଳେ, ଭତ୍ତା ଓ ଅନ୍ୟ ସୁବିଧା ଏବେ ସରକାରବୃଦ୍ଧି କରିଛନ୍ତି ଏକଦା ଜନ ପ୍ରତିନିଧି ମାନେ ଦେଶ, ଜାତି ଓ ଗରୀବଙ୍କ ସେବା ପାଇଁ ରାଜନୀତିକୁ ଆସୁଥିଲେ। କିନ୍ତୁ ଏବେ ରାଜନୀତି ଏକ ପେଷାରେ ପରିଣତ ହୋଇ ଯାଇଛି ଓ କର୍ପୋରେଟ ଜଗତର ମୁଖ୍ୟ ମାନଙ୍କ ଭଳି ସବୁ ସୁବିଧା ସୁଯୋଗ ଉପଭୋଗ କରୁଛନ୍ତି। ଏମାନେ କ'ଣ ସୁବିଧା ସୁଯୋଗ ପାଇବେ ସେକଥା ଜନ ସାଧାରଣ ନିର୍ଣ୍ଣୟ କରନ୍ତି ନାହିଁ, ସେମାନେ ହିଁ ନିର୍ଣ୍ଣୟ କରିଥାନ୍ତି। ସେମାନେ ସେମାନଙ୍କ ବେତନ, ଭତ୍ତା, ପେନସନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ବାବଦରେ ସାଂସଦରେ ବା ବିଧାନସଭାରେ ନିର୍ଦ୍ଧାରଣ କରିଥାନ୍ତି। ସରକାରୀ ମାନଙ୍କ ପାଇଁ ସରକାର ବେତନ ଆୟୋଗ ଗଠନ କରିଥାନ୍ତି ଓ କମିଶନ ସମୀକ୍ଷା କରି କ'ଣ କରାଯିବା ଉଚିତ୍ ସେ ବାବଦରେ ସୁପାରିଶ କରିଥାନ୍ତି କିନ୍ତୁ ସାଂସଦ ଓ ବିଧାୟକ ମାନଙ୍କୁ ମିଳୁଥିବା ବେତନ ଭତ୍ତା ଓ ସୁବିଧା ସୁଯୋଗ ବାବଦରେ କେବେ ସମୀକ୍ଷା ହୁଏନାହିଁ। ବ୍ରିଟେନ ଓ ଅଷ୍ଟ୍ରେଲିଆ ଭଳି କେତେକ ଦେଶରେ ଜନପ୍ରତିନିଧିଙ୍କ ବେତନ ଓ ଭତ୍ତା ପ୍ରସଙ୍ଗରେ ସ୍ଥିର କରାଯିବା ପାଇଁ ସ୍ୱତନ୍ତ୍ର ପ୍ରାଧିକରଣ ରହିଛି କିନ୍ତୁ ଭାରତରେ ଏଭଳି ଅବସ୍ଥା ନାହିଁ। ଦେଶର ଅନେକ ଲୋକଙ୍କୁ ଜଣା ନାହିଁ ଯେ ସାଂସଦ ମାନେ କ'ଣ ସବୁ ସୁବିଧା ପାଉଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଜାରି କରାଯାଇଥିବା ଅଧିସୁଚନା ଅନୁସାରେ ଏବେ ସାଂସଦ ମାନଙ୍କ ବେତନ ମାସିକ ଏକ ଲକ୍ଷ ଟଙ୍କାରୁ ଏକଲକ୍ଷ ୨୪ ହଜାର ବୃଦ୍ଧି କରାଯାଇଥିବା ବେଳେ ଦୈନିକ ଭତ୍ତା ୨ ହଜାର ଟଙ୍କାରୁ ୨୫୦୦ ଟଙ୍କା କରାଯାଇଛି। ଏଥି ସହିତ ପୁର୍ବତନ ସାଂସଦ ମାନଙ୍କର ମାସିକ ପେନସନ ୨୫ ହଜାରରୁ ୩୧ ହଜାର କରାଯାଇଛି। ଏବେ ସରକାରଙ୍କ ନିଷ୍ପତ୍ତି କ୍ରମେ ଯେଉଁ ବୃଦ୍ଧି କରାଯାଇଛି ତଦନୁସାରେ ପ୍ରତି ସାଂସଦଙ୍କ ପାଇଁ ପ୍ରତିବର୍ଷ ପାଖାପାଖି ୪୨ ଲକ୍ଷ ୯୦ ହଜାର ଟଙ୍କା ଖର୍ଚ୍ଚ ହେବ। ଦରଦାମ ବୃଦ୍ଧି କାରଣରୁ ସାଂସଦ ମାନଙ୍କ ବେତନ ଓ ଭତ୍ତା ବୃଦ୍ଧି କରାଯାଇଥିବା କୁହାଯାଉଛି।



ଏହା ସରକାରୀ ତଥ୍ୟ ସାଂସଦ ଏବଂ ସାଧାରଣ ଲୋକଙ୍କ ଆୟ ମଧରେ ଅସମାନତା କୁ ଦର୍ଶାଉଛି ଓ ଜନପ୍ରତିନିଧି ମାନଙ୍କ ବେତନ, ଭତ୍ତା ବୃଦ୍ଧିକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଦରଦାମ ବୃଦ୍ଧି କାରଣରୁ ଜନ ପ୍ରତିନିଧିଙ୍କ ବେତନ ଓ ଭତ୍ତା ବୃଦ୍ଧିକୁ ହୁଏତ ଠିକ୍ ବୋଲି କୁହାଯାଇପାରେ କିନ୍ତୁ ସାଧାରଣ ଲୋକଙ୍କ ଆୟ ଏହି ଅନୁପାତରେ ବୃଦ୍ଧି ହୋଇ ପାରିବ କି?

ଉପଭୋକ୍ତା ସୂଚକାଙ୍କ ଅନୁସାରେ ସ୍ପଷ୍ଟ ଯେ ବିଗତ ୧୦ ବର୍ଷ ହେବ ଲୋକଙ୍କ ଆୟବୃଦ୍ଧି ହୋଇନାହିଁ। ଏଣୁ ଜନ ପ୍ରତିନିଧିଙ୍କ ବେତନ ବୃଦ୍ଧିକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। କାରଣ ହେଉଛି ସାଧାରଣ ବେତନ ଭୋଗୀ କର୍ମଚାରୀଙ୍କ ଭଳି ଜନ ପ୍ରତିନିଧି ମାନେ ସେମାନଙ୍କୁ ମିଳୁଥିବା ବେତନରେ ଖର୍ଚ୍ଚ ତୁଲାଇନଥାନ୍ତି। ସାଂସଦ ମାନଙ୍କୁ ବେତନ ଓ ଭତ୍ତା ବାଦ୍ ନିଜ ବ୍ୟକ୍ତିଗତ କାର୍ଯ୍ୟାଳୟରେ କର୍ମ•ରୀ ରଖିବା ପାଇଁ ୨୦୧୮ ର ନିଷ୍ପତ୍ତି ଅନୁସାରେ ମାସିକ ୬୦ ହଜାର ଟଙ୍କା ମିଳିଥାଏ ଓ ଅଫିସ ଚଳାଇବା ପାଇଁ (ଚା, ପାଣି, ବିଦ୍ୟୁତ) ୭୦ ହଜାର ଟଙ୍କା ମାସିକ ମିଳିଥାଏ। ଦିଲ୍ଲୀରେ ସାଂସଦ ମାନଙ୍କୁ ମାଗଣା ଘର ମିଳିଥାଏ। ସାଂସଦ ଓ ସେମାନଙ୍କ ପରିବାର ପାଇଁ ମାଗଣା ସ୍ୱାସ୍ଥ୍ୟ ସେବା, ବାର୍ଷିକ ମାଗଣା ୩୪ ଥର ବିମାନଯାତ୍ରା ଏବଂ ମାଗଣା ରେଳ ଯାତ୍ରାର ସୁବିଧା ମିଳିଥାଏ। ପ୍ରତି ସାଂସଦଙ୍କୁ ବାର୍ଷିକ ଦେଢ଼ଲକ୍ଷ ମାଗଣା ଟେଲିଫୋନ କଲ ଓ ଇଣ୍ଟରନେଟ ସୁବିଧା ମିଳିଥାଏ। ବାର୍ଷିକ ୫୦ ହଜାର ୟୁନିଟ ବିଦ୍ୟୁତ୍ ମାଗଣାରେ ମିଳିବା ସହ ମାଗଣା ପାଣି ମଧ ମିଳିଥାଏ। ବିଧାୟକ ମାନଙ୍କୁ ମଧ ଏମିତି ସୁବିଧା ମିଳିଥାଏ। ଦୀର୍ଘ ଦିନ ହେବ ଦେଶର ଅନେକ ବୁଦ୍ଧିଜୀବି ପ୍ରଶ୍ନ କରୁଛନ୍ତି ଯେ ନିଜର ବେତନ, ଭତ୍ତା ବୃଦ୍ଧିର ଅଧିକାର ଜନପ୍ରତିନିଧି ପାଖରେ ରହିବା ଠିକ୍ କି? ଏଥିପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଉନାହିଁ କାହିଁକି? ପୁର୍ବତନ ସାଂସଦ ଓ ବିଧାୟକଙ୍କ ପେନସନକୁ ନେଇ ମଧ ପ୍ରଶ୍ନ ଉଠୁଛି ଯେ ଜଣେ ସାଧାରଣ କର୍ମଚାରୀ ଦୀର୍ଘ ଦିନର ସେବା ପରେ ମଧ ପେନସନ ପାଇବା ପାଇଁ ହକଦାର ହେଉନଥିବା ବେଳେ ଜନପ୍ରତିନିଧିଙ୍କୁ ଜୀବନ ବ୍ୟାପୀ ପେନସନ ମିଳୁଛି କାହିଁକି? ରାଜନେତା ଦେଶ ଓ ସମାଜର ସେବା ପାଇଁ ନିର୍ବାଚନରେ ଭାଗ ନେଇଥାନ୍ତି ବୋଲି କହିଥାନ୍ତି। ଏଣୁ ସେବା କରିବାକୁ ଆସିଥିବା ବ୍ୟକ୍ତିବିଶେଷଙ୍କର ବେତନ ଭତ୍ତା ପାଇଁ ଏତେ ଲୋଭ କାହିଁକି? ସୂଚନା ଅନୁସାରେ ଦେଶର ସଂଖ୍ୟାଧିକ ସାଂସଦ କୋଟିପତି। ଏପରିକି ଅନେକ ସାଂସଦଙ୍କର ସମ୍ପତ୍ତି ୧୦୦ କୋଟିରୁ ମଧ ଅଧିକ। ଏହା ସତ୍ୱେ ଦରଦାମ ବୃଦ୍ଧି କାରଣର ଆଳ ଦେଖାଇବା ଓ ବେତନ ବୃଦ୍ଧି କରିବା ସାଧାରଣ ଜନତାଙ୍କ ସହ ବିଶ୍ୱାସଘାତ ବା ବେଇମାନୀ ନୁହେଁ କି?

ଏହି ସାମ୍ବାଧାନିକ ସଂସ୍ଥା ପାଇଁ ଯେତିକି ଖର୍ଚ୍ଚ ହେଉଛି ବା ଅନ୍ୟ ଅର୍ଥରେ ସାଂସଦ ବିଧାୟକ ମାନଙ୍କ ପାଇଁ ଯାହା ଖର୍ଚ୍ଚ ହେଉଛି ଓ ସେମାନେ ଯେତିକି ସୁବିଧା ସୁଯୋଗ ପାଉଛନ୍ତି ତାର ଅନୁରୂପ କ'ଣ କାର୍ଯ୍ୟ କରୁଛନ୍ତି? ବରଂ ଅନେକ ସମୟରେ ଅଭିଯୋଗ ହେଉଛି ଅଧିକାଂଶ ଜନ ପ୍ରତିନିଧି ନିଜର ସ୍ୱାର୍ଥ ପାଇଁ ବ୍ୟସ୍ତ ରହୁଛନ୍ତି। ସଂସଦ ଓ ବିଧାନସଭାର ବଡ ବଡ କଥା କହିବା, ଜଣେ ଅନ୍ୟ ଜଣକୁ ନୀଚା ଦେଖାଇବାର ପ୍ରୟାସ, ଆଲୋଚନା ପରିବର୍ତ୍ତେ ଝଗଡ଼ା କରିବା କାରଣରୁ ସଦନର ସମୟ ବରବାଦ ହେଉଛି। ସମ୍ବିଧାନ ନିର୍ମାତା କେବେ ଭାବିନଥିବେ ଯେ ନିଜକୁ ଲୋକଙ୍କ ସେବକ କହୁଥିବା ଲୋକେ ସୀମାହୀନ ସୁବିଧା ସୁଯୋଗ ପାଇଁ ଏମିତି ଲାଳାୟିତ ହୋଇ ଉଠିବେ। ସାମ୍ବିଧାନିକ ସଂସ୍ଥାକୁ ଦୁର୍ବଳ କରାଯାଉଛି ଏବଂ ସାମନ୍ତି ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। ବାଃରେ ଦେଶ। ଏ ଦେଶର ସେବକ ମାନଙ୍କୁ କେବଳ ଦରଦାମ ବୃଦ୍ଧି ବାଧୁଛି, ଜନସାଧାରଣଙ୍କୁ ନୁହେଁ!!!

**ରାମଚନ୍ଦ୍ରପୁର, ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**

# ବ୍ରିଟିଶଙ୍କ ଗୋଇଠାମାଡ଼ ଯୋଗୁଁ ମୁଁ ବଙ୍କା: ବଙ୍କିମ ଚନ୍ଦ୍ର ଚଟ୍ଟୋପଧ୍ୟାୟ

**ଇନ୍ଦୁଭୂଷଣ ଭୂୟାଁ (ବାଦଲ)**



"ଦୁର୍ଗେଶନନ୍ଦିନୀ' ହେଉଛି ବାଙ୍ଗଲା ଭାଷାର ପ୍ରଥମ ଉପନ୍ୟାସ। ୧୮୬୫ ମସିହାରେ ଏହା ପ୍ରଥମେ ପ୍ରକାଶ ପାଇଥିଲେ। ଏହାର ରଚୟିତା ହେଉଛନ୍ତି କବି, ଲେଖକ, ସାମ୍ବାଦିକ ତଥା ପ୍ରଶାସନିକ ଅଧିକାରୀ ବଙ୍କିମ ଚନ୍ଦ୍ର ଚଟ୍ଟୋପଧାୟ। ସେ ପ୍ରଥମେ ଇଂଲିସ୍ ଭାଷାରେ ଉପନ୍ୟାସ ଲେଖିବା ଆରମ୍ଭ କରିଥିଲେ। ଇଂରେଜୀରେ ରଚିତ ତାଙ୍କର ପ୍ରଥମ ଉପନ୍ୟାସ ହେଉଛି "ରାଜମୋହନ୍ସ ୱାଇଫ୍'। ପରେ ସେ ଇଂରେଜୀରେ ସାହିତ୍ୟ ଲେଖିବା ବନ୍ଦ କରିଦେଇଥିଲେ। ଭାରତୀୟ ସ୍ୱାଧୀନତା ସଂଗ୍ରାମୀଙ୍କୁ ଦେଶପ୍ରେମରେ ଅନୁପ୍ରାଣୀତ କରିବା ନିମନ୍ତେ ସେ ବାଙ୍ଗଲା ଓ ସଂସ୍କୃତରେ "ବନ୍ଦେ ମାତରଂ' କବିତା ରଚନା କରିଥିଲେ, ଯାହାକୁ ପରେ ଭାରତର ରାଷ୍ଟ୍ରୀୟ ଗୀତର ମର୍ଯ୍ୟାଦା ପ୍ରଦାନ କରାଯାଇଥିଲା। ଉତ୍ତର ଚବିଶ ପ୍ରଗଣା ଅନ୍ତର୍ଗତ କନ୍ଥଲପରା ନାମକ ଗ୍ରାମରେ ୨୭ ଜୁନ୍ ୧୮୩୮ରେ ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ବଙ୍କିମ ଜନ୍ମ ହୋଇଥିଲେ। ତାଙ୍କ ପିତା ଥିଲେ ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ। ବଙ୍କିମ ହୁଗଲୀ କଲେଜ ଓ ପ୍ରେସିଡେନ୍ସି କଲେଜରେ ଉଚ୍ଚ ଶିକ୍ଷା ଲାଭ କରି ବ୍ରିଟିଶ ସରକାରରେ ଜଣେ ପ୍ରଶାସନିକ ଅଧିକାରୀ ଭାବେ ଯୋଗଦେଇଥିଲେ। ବ୍ରିଟିଶ ସରକାରରେ ଚାକିରି କରିଥିଲେ ହେଁ ସେ ଥିଲେ ଦେଶପ୍ରେମୀ। ଚରିତ୍ରର ଏହି ଦିଗଟିର ପ୍ରଭାବ, ତାଙ୍କ ଲେଖାମାନଙ୍କରୁ ସ୍ପଷ୍ଟ ଅନୁଭବ କରିହୁଏ। ସେ ବ୍ରିଟିଶ ଶାସନ ବ୍ୟବସ୍ଥାର ସମାଲୋଚକ ଥିଲେ। ତାଙ୍କ ବ୍ୟଙ୍ଗ ବିଦ୍ରୁପ୍ ଭରା ସମାଲୋଚନାକୁ ବ୍ରିଟିଶମାନେ ବୁଝିପାରୁ ନଥିଲେ। ଥରେ ରାମକୃଷ୍ଣ ପରମହଂସ ତାଙ୍କୁ ପଚାରିଲେ "କଣ ପାଇଁ ତୁମେ ବଙ୍କା ?' ବଙ୍କିମ ଉତ୍ତର ଦେଇଥିଲେ, "ବ୍ରିଟିଶଙ୍କ ଗୋଇଠାମାଡ଼ ଯୋଗୁଁ ମୁଁ ବଙ୍କା।' ଉଲ୍ଲେଖଯୋଗ୍ୟ ଯେ, ବଙ୍କିମ ର ଅର୍ଥ ଟିକିଏ ବଙ୍କା। ବ୍ରିଟିଶ ଶାସନ ସମୟରେ ତାଙ୍କ ଦେଶ କ୍ରାନ୍ତୀର ପୁସ୍ତକ ପାଇଁ ସେ ଗୋରା ଶାସକଙ୍କ ଚକ୍ଷୁଶୀଳ ହୋଇଥିଲେ ଏବଂ ଏଥି ନିମିତ୍ତ ସେ ସରକାରଙ୍କ ନାଲି ଆଖିର ଶିକାର ହେବା ସହ ନାନା ଅତ୍ୟାଚାର ମଧ ସହିଥିଲେ। ତାଙ୍କର ପ୍ରସିଦ୍ଧ କୃତିଗୁଡ଼ିକ ମଧରେ କପାଳକୁଣ୍ଡଳା, ବିଷ୍ଣୁବୃକ୍ଷ, ଆନନ୍ଦ ମଠ, ମୃଣାଳିନୀ, ଦେବୀ, ଚୌଧୁରିଆଣୀ, କୃଷ୍ଣକାନ୍ତେର ଉଇଲ୍, କମଳାକାନ୍ତ ଆଦି ଅନ୍ୟତମ। ଭାରତମାତାଙ୍କୁ ଉତ୍ସର୍ଗିତ "ବନ୍ଦେ ମାତରଂ' ଗୀତଟି ଆନନ୍ଦ ମଠରେ ସ୍ଥାନିତ। ସୀତାରାମ ହେଉଛି ବଙ୍କିମଙ୍କର ଶେଷ ଉପନ୍ୟାସ। ୧୮୯୪ ଏପ୍ରିଲ ଆଜିର ଦିନରେ ମାତ୍ର ପଞ୍ଚାବନ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଥିଲା।

**୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର**

# ସିପାହୀ ବିଦ୍ରୋହର ପ୍ରଥମ ସହିଦ: ମଙ୍ଗଲ ପାଣ୍ଡେ

**ଡକ୍ଟର ସୁରେଶ କୁମାର ନାୟକ**



ପିଲାମାନେ, ଆଜିର ଦିନରେ ଆମ ଭାରତ ମାତାର ସୁଯୋଗ୍ୟ ସନ୍ତାନ, ଦେଶପ୍ରେମୀ ତଥା ସିପାହୀ ବିଦ୍ରୋହର ପ୍ରଥମ ସହିଦ କହିଲେ ଯାହାଙ୍କୁ ବୁଝାଏ ସେହି କ୍ରାନ୍ତିବର୍ଷି ମହାନ ଦେଶ ସେବକ ମଙ୍ଗଲ ପାଣ୍ଡେ ଆତ୍ମବଳୀ ପ୍ରଦାନ କରିଥିଲେ। ସେ ବ୍ରିଟିଶ ସେନାରେ ସାଧାରଣ ସୈନିକ ଭାବେ ଚାକିରି କରିଥିଲେ। ପରେ ସେନା ବାହିନୀରେ ଚାଲିଥିବା ହିନ୍ଦୁ-ମୁସଲମାନ ବିରୋଧୀ କାର୍ଯ୍ୟକଳାପଗୁଡ଼ିକୁ ପସନ୍ଦ କରି ନପାରି, ବିଦ୍ରୋହୀ ହୋଇଉଠିଥିଲେ। ଉପରିସ୍ଥ କର୍ମଚାରୀମାନଙ୍କ ନିର୍ଦ୍ଦେଶ ପାଳନ ନକରିବା ପାଇଁ ସିପାହୀମାନଙ୍କୁ ଆହ୍ୱାନ ଦେଇ ସେ ବ୍ରିଟିଶ ସେନା ଅଫିସରମାନଙ୍କ ବିଷ ଦୃଷ୍ଟିରେ ପଡ଼ିଥିଲେ। ଏହାର ପରିଣାମ ସ୍ୱରୂପ ସେ ଅସ୍ତ୍ର ଧାରଣ କରି ଦୁଇ ଜଣ ବ୍ରିଟିଶ ସେନା ଅଧିକାରୀଙ୍କୁ ହତ୍ୟା ଉଦ୍ୟମ କରି ଗିରଫ ହୋଇଥିଲେ। ବିଚାର ପରେ ତାଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରାଯାଇଥିଲା। ତତ୍କାଳୀନ ଆଗରା ଓ ଅଓ୍ୱଧ ରାଜ୍ୟ ଅନ୍ତର୍ଗତ ବଲିୟାର ନାଗଓ୍ୱା ଗ୍ରାମର ଏକ ଭୂମିହାର ବ୍ରାହ୍ମଣ ପରିବାରରେ ମଙ୍ଗଲ ଜନ୍ମ ହୋଇଥିଲେ। ଅଠର ବର୍ଷ ବୟସରେ ସେ ଇଷ୍ଟ ଇଣ୍ଡିଆ କମ୍ପାନୀର ସେନା ବାହିନୀରେ ଯୋଗଦେଇଥିଲେ। ଚଉତିରିଶ ବେଙ୍ଗଲ ନେଟିଭ୍ ଇନ୍‌ଫାଣ୍ଟ୍ରିରେ କାମ କରୁଥିବା ବେଳେ ସେ ଏନ୍‌ଫିଲଡ୍ ରାଇଫଲରେ ବ୍ୟବହାର କରାଯାଉଥିବା ଗୁଳି ଗ୍ରହଣ ନକରିବା ପାଇଁ ମନା କରିଦେଇଥିଲେ। ଗୁଳିରେ ଗାଈ ଓ ଘୁଷୁରି ଚର୍ବି ବ୍ୟବହାର କରାଯାଉଥିଲା। ଏହା ଦ୍ୱାରା ଧର୍ମ ନଷ୍ଟ ହେବାର ଆଶଙ୍କା ଯୋଗୁଁ ସେ ବିରୋଧ କରିଥିଲେ। ଶାନ୍ତିପୂର୍ଣ୍ଣ ପ୍ରତିବାଦ କ୍ରମେ ହିଂସାତ୍ମକ ହୋଇଥିଲା ଏବଂ ରାଗରେ ସେ ଜନୈକ ଲେଫ୍‌ଟନାଣ୍ଟ ବଗ ଓ ସର୍ଜେଣ୍ଟ ମେଜର୍ ହ୍ୟୁସନ୍‌ଙ୍କୁ ହତ୍ୟା କରିବା ପାଇଁ ଗୁଳି ଚଳାଇଥିଲେ। ଗୁଳି ଲକ୍ଷ୍ୟ ଭ୍ରଷ୍ଟ ହେବା ପରେ ମଙ୍ଗଲ ତରବାରିରେ ଆକ୍ରମଣ କରିଥିଲେ। ତେବେ ଦୁହେଁ ବର୍ତ୍ତି ଯାଇଥିଲେ। ମଙ୍ଗଲଙ୍କୁ ସମର୍ଥନ ଦେଇଥିଲେ ଜିମାଦାର ଈଶ୍ୱରୀ ପ୍ରସାଦ। ୧୮୫୭ ଏପ୍ରିଲ ଆଜିର ଦିନରେ ବାରକପୁରରେ ମଙ୍ଗଲଙ୍କୁ ଫାଶୀ ଦିଆଯାଇଥିଲା। ତେର ଦିନ ପରେ ଈଶ୍ୱରୀଙ୍କୁ ମଧ ଫାଶୀ ଖୁଣ୍ଟରେ ଝୁଲାଇ ଦିଆଯାଇଥିଲା। ମଙ୍ଗଲଙ୍କୁ ଯେଉଁଠାରେ ଫାଶୀ ଦିଆଯାଇଥିଲା ଏବେ ସେଠାରେ ରହିଛି ତାଙ୍କ ସ୍ମୃତିରେ ବିକଶିତ ସହିଦ ମଙ୍ଗଲ ପାଣ୍ଡେ ମହା ଉଦ୍ୟାନ। ଭାରତ ସରକାର ୧୯୮୪ରେ ତାଙ୍କ ନାମରେ ଏକ ଡାକ ଟିକେଟ୍ ପ୍ରଚଳନ ପୂର୍ବକ ତାଙ୍କୁ ସମ୍ମାନିତ କରିଥିଲେ। ପିଲାଏ ଆଜିର ଦିନରେ ତୁମେ ମାନେ ଦେଶ ମାତୃକାର ସେବାରେ ଏବଂ ସମାଜ ସେବା ପାଇଁ ନିଜକୁ ଉତ୍ସର୍ଗୀକୃତ ଭାବନା ରଖିପାରିଲେ ଏହା ହେବ ଦେଶପ୍ରେମୀ ମଙ୍ଗଲ ପାଣ୍ଡେଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ।

**ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ**

## ଅସହ୍ୟ ବୈବାହିକ ବିବାଦ: ଇଞ୍ଜିନିୟରଙ୍କ ଆତ୍ମହତ୍ୟା



**ବେଙ୍ଗାଲୁରୁ,୭।୪:** ବେଙ୍ଗାଲୁରୁର ଗଣିଗରାହଲ୍ଲୀ ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରେ ସୋମବାର ସଫ୍ଟୱେର ଇଞ୍ଜିନିୟର ପ୍ରଶାନ୍ତ ନାୟାର(୪୦) ରଶିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ପ୍ରଶାନ୍ତଙ୍କ ବିବାହ ୧୨ ବର୍ଷ ତଳେ ବେଙ୍ଗାଲୁରୁରେ କାର୍ଯ୍ୟରତ ସଫ୍ଟୱେର ଇଞ୍ଜିନିୟର ପୂଜା ନାୟାରଙ୍କ ସହ ହୋଇଥିଲା। ପ୍ରଶାନ୍ତ ଓ ପୂଜାଙ୍କର ଜଣେ ୮ ବର୍ଷୀୟ ଝିଅ ମଧ୍ୟ ରହିଛନ୍ତି। ପୂର୍ବରୁ ଗଣିଗରାହଲ୍ଲୀସ୍ଥିତ ଆପାର୍ଟମେଣ୍ଟରେ ପ୍ରଶାନ୍ତ ନିଜ ସ୍ତ୍ରୀ ଓ ଝିଅଙ୍କ ସହ ଏକାଠି ରହୁଥିଲେ। ତେବେ ଅଧିକାଂଶ ସମୟ ପ୍ରଶାନ୍ତ ଓ ପୂଜାଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ତେଣୁ ଉଭୟେ ଗତ ବର୍ଷେ ହେବ ଅଲଗା ରହିବା ସହ ପରସ୍ପରକୁ ଛାଡ଼ପତ୍ର ଦେବା ପାଇଁ ଚିନ୍ତା କରୁଥିଲେ। ରବିବାର ରାତିରେ ପ୍ରଶାନ୍ତଙ୍କ ବାପା ଏମ୍. ଏନ୍. କୁଟ୍ଟୀ ତାଙ୍କୁ ବାରମ୍ବାର କଲ୍ କରିଥିଲେ ମଧ୍ୟ ସେ କଲ୍ ଉଠାଇ ନ ଥିଲେ। ତେଣୁ ସନ୍ଦେହ ହେବାରୁ ପ୍ରଶାନ୍ତଙ୍କ ବାପା ଗଣିଗରାହଲ୍ଲୀସ୍ଥିତ ଆପାର୍ଟମେଣ୍ଟକୁ ଆସି ସେ ଆତ୍ମହତ୍ୟା କରିଥିବା ନେଇ ଜାଣିବାକୁ ପାଇଥିଲେ। ପ୍ରଶାନ୍ତଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ତାଙ୍କ ବାପା ଥାନାରେ ଏକ ଏତଲା ମଧ୍ୟ ଦେଇଛନ୍ତି। ପୋଲିସ ଉକ୍ତ ଏତଲାକୁ ଭିତ୍ତିକରି ତଦନ୍ତ ଜାରି ରଖିଛି। କେରଳର ମୂଳ ନିବାସୀ ପ୍ରଶାନ୍ତ ନିଜ ବୈବାହିକ ଜୀବନରେ ଚାଲିଥିବା ସମସ୍ୟା ଯୋଗୁ ଗତ କିଛିମାସ ହେବ ଭାବପ୍ରବଣ ଏବଂ ବିବ୍ରତ ରହୁଥିଲେ ବୋଲି ପୋଲିସ କହିଛି। ତେବେ ତାଙ୍କ ଆପାର୍ଟମେଣ୍ଟରୁ କୌଣସି ସୁଇସାଇଡ୍ ନୋଟ୍ ମିଳିନାହିଁ।

## ରାମନବମୀ ଶୋଭାଯାତ୍ରାରେ ହିଂସା



**କୋଲକାତା, ୭।୪:** କୋଲକାତାର ପାର୍କ ସର୍କସ ସେଭେନ୍ ପଏଣ୍ଟ ଅଞ୍ଚଳରେ ରବିବାର ରାମନବମୀ ଶୋଭାଯାତ୍ରା ବେଳେ ହିଂସାକାଣ୍ଡ ଘଟିଛି। ଦୁର୍ବୃତ୍ତମାନେ ଆକ୍ରମଣ କରିବାରୁ ଅନେକ ଶ୍ରଦ୍ଧାଳୁ ଆହତ ହେବା ସହ କେତେକ ଗାଡ଼ି ଭାଙ୍ଗିରୁଜି ଯାଇଛି। ଭାଜପା ପଶ୍ଚିମବଙ୍ଗ ଶାଖା ପକ୍ଷରୁ ଆକ୍ରମଣ ସମୟର ଭିଡିଓକୁ ସୋସିଆଲ ମିଡିଆରେ ଶେୟାର କରାଯିବା ସହ ଏଥିପାଇଁ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍ସି) ସରକାରକୁ ଦାୟୀ କରାଯାଇଛି। ରାଜ୍ୟରେ ହିନ୍ଦୁଙ୍କ ପ୍ରତି ହେଉଥିବା ଟାର୍ଗେଟେଡ୍ ହିଂସା ରୋକିବାରେ ମମତା ବାନାର୍ଜୀ ସରକାର ବିଫଳ ହୋଇଥିବା ଅଭିଯୋଗ ହୋଇଛି। ରାମନବମୀ ଶୋଭାଯାତ୍ରା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିଲେ ମଧ୍ୟ ସେମାନେ ଅପରାଧୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଗତ ଶୁକ୍ରବାର ଉକ୍ତ ସ୍ଥାନରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ୱାକ୍ଫ ବିଲ୍ ବିରୋଧରେ ବିକ୍ଷୋଭ ଯୋଗୁଁ ସହରରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ବିକ୍ଷୋଭକାରୀ ରାସ୍ତାରେ ଟାୟାର ଜାଳି ସ୍ୱାଭାବିକ ଜୀବନଯାତ୍ରାକୁ ଅଚଳ କରିଦେଇଥିଲାବେଳେ ପୋଲିସ ହସ୍ତକ୍ଷେପ କରି ନ ଥିଲା। ରବିବାର ପୁନର୍ବାର ହିନ୍ଦୁଙ୍କୁ ଟାର୍ଗେଟ କରାଯାଇଥିବାବେଳେ ପୋଲିସ ନୀରବଦ୍ରଷ୍ଟା ସାଜିଥିବା ଭାଜପା ରାଜ୍ୟ ସଭାପତି ସୁକାନ୍ତ ମଜୁମଦାର କହିଛନ୍ତି। ଗୈରିକ ପତାକା ଲାଗିଥିବା ଗାଡ଼ିଗୁଡ଼ିକ ଉପରେ ଟେକାବର୍ଷା ହୋଇଥିଲା। ଫଳରେ ଅନେକ ଗାଡ଼ିର କାଚ ଭାଙ୍ଗିଯାଇଛି। କୋଲକାତାରେ ୭୦ରୁ ଊର୍ଦ୍ଧ୍ୱ ରାମନବମୀ ଶୋଭାଯାତ୍ରା ବାହାରିଥିବାରୁ ପ୍ରାୟ ୫, ୦୦୦ ପୋଲିସ ମୁତୟନ ହେବା ସହ ସ୍ଥିତି ଉପରେ ନଜର ରଖିବା ଲାଗି ଡ୍ରୋନ୍ ଏବଂ ସିସିଟିଭି ଲଗାଯାଇଥିଲା।

## ରାଜରାସ୍ତାରେ ପ୍ରେମିକାକୁ ଛୁରୀ ଭୁଷିଲା ପ୍ରେମିକ

**ନୂଆଦିଲ୍ଲୀ,୭।୪:** ଦକ୍ଷିଣ-ପଶ୍ଚିମ ଦିଲ୍ଲୀର ରାସ୍ତା ଉପରେ ସର୍ବ ସମ୍ମୁଖରେ ଜଣେ ବ୍ୟକ୍ତି ତାଙ୍କ ପ୍ରେମିକାଙ୍କୁ ଛୁରୀ ଭୁସି ହତ୍ୟା କରିବା ପରେ ନିଜକୁ ମଧ୍ୟ ଛୁରୀରେ ଆଘାତ ଦେଇଥିଲେ। ଘଟଣାଟି ରବିବାର ରାତି ୯.୩୦ ସମୟରେ ଦିଲ୍ଲୀ କ୍ୟାଣ୍ଟ ଅଞ୍ଚଳର କିର୍ବି ପ୍ଲେସ୍ ବସ୍ ଷ୍ଟପ୍ ରାସ୍ତାରେ ଘଟିଥିଲା। ପୋଲିସର ସୂଚନା ଅନୁଯାୟୀ, ୨୦ ବର୍ଷୀୟ ଅମିତ ଏବଂ ୧୯ ବର୍ଷୀୟ ଯୁବତୀଙ୍କ ମଧ୍ୟରେ ଗତ ଗୋଟିଏ ବର୍ଷ ହେଲା ବନ୍ଧୁତା ଥିଲା। ବର୍ତ୍ତମାନ ଉଭୟଙ୍କ ମଧ୍ୟରେ କିଛି ସମସ୍ୟା ଉପୁଜିବାରୁ ଏପରି ବିବାଦ ସୃଷ୍ଟି ହୋଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ଲୋକମାନେ ତୁରନ୍ତ ପୋଲିସକୁ ଫୋନ୍ କରିଥିଲେ। ଉଭୟଙ୍କୁ ଡିଡିୟୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଏବଂ ଉଭୟ ଏବେ ଚିକିତ୍ସାଧୀନ ଅଛନ୍ତି। ଜଣେ ପୋଲିସ ଅଧିକାରୀ କହିଛନ୍ତି, 'ଝିଅଟିର ବେକ ଏବଂ ପେଟର ବାମ ପାର୍ଶ୍ୱରେ ଛୁରି ଆଘାତ ଲାଗିଛି ଏବଂ ଶରୀରରେ ଅନ୍ୟ କିଛି ସ୍ଥାନରେ ମଧ୍ୟ କ୍ଷତ ଦେଖିବାକୁ ମିଳିଛି। ଉଭୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଏବଂ ଚିକିତ୍ସାଧୀନ ଥିଲେ।' ପିଟିଆଇର ଏକ ରିପୋର୍ଟ ଅନୁଯାୟୀ, ଏକ ୪୫ ସେକେଣ୍ଡର ଭିଡିଓ ସୋସିଆଲ ମିଡିଆରେ ଏବେ ଘୁରି ବୁଲୁଛି, ଯେଉଁଥିରେ ଉଭୟ ଯୁବକ ଏବଂ ଯୁବତୀ ରକ୍ତାକ୍ତ ଅବସ୍ଥାରେ ରାସ୍ତା ଡିଭାଇଡରରେ ବସିଥିବାର ଦେଖାଯାଇଥିଲା ଏବଂ ସେମାନଙ୍କ ଚାରିପାଖରେ ଭିଡ଼ ଜମା ହୋଇଥିଲା। ଦିଲ୍ଲୀ କ୍ୟାଣ୍ଟ ଥାନାରେ ଭାରତୀୟ ନ୍ୟାୟ ସଂହିତା ର ପ୍ରାସଙ୍ଗିକ ଧାରା ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି। ଅଧିକ ତଦନ୍ତ ଚାଲିଛି।

## ମାନସୀ 'ଇଣ୍ଡିଆନ୍ ଆଇଡଲ ୧୫' ବିଜେତା



**ମୁମ୍ବାଇ, ୭।୪:** ଲୋକପ୍ରିୟ ସଙ୍ଗୀତ ରିୟଲିଟି ଶୋ' 'ଇଣ୍ଡିଆନ୍ ଆଇଡଲ ୧୫'ର ବିଜେତା ହୋଇଛନ୍ତି କୋଲକାତାର ମାନସୀ ଘୋଷ (୨୪)। ରବିବାର ଅନୁଷ୍ଠିତ ହୋଇଥିବା ଶୋ'ର ଗ୍ରାଣ୍ଡ ଫିନାଲେ ସମାରୋହରେ ଶୁଭ୍ରଜିତ ଚକ୍ରବର୍ତ୍ତୀ ପ୍ରଥମ ରନର-ଅପ୍ ଓ ସ୍ନେହା ଶଙ୍କର ଦ୍ୱିତୀୟ ରନର-ଅପ୍ ହୋଇଛନ୍ତି। ଟାଇଟଲ ହାସଲ କରିଥିବା ମାନସୀଙ୍କୁ ଏକ ନୂତନ ବ୍ରାଣ୍ଡ କାର୍ ଏବଂ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିଛି। ସୋନି-ଟିଭିର ଅଫିସିଆଲ ଏକ୍ସ' ଆକାଉଣ୍ଟରେ ଏକ ପୋଷ୍ଟ କରାଯାଇ କୁହାଯାଇଛି, ମାନସୀ କେବଳ 'ଇଣ୍ଡିଆନ୍ ଆଇଡଲ ୧୫'ର ଟାଇଟଲ ଜିତି ନାହାନ୍ତି ବରଂ ସେ ଅନେକ କୋଟି ଲୋକଙ୍କ ହୃଦୟରେ ରାଜ୍ କରିବାରେ ସଫଳ ହୋଇଛନ୍ତି। ମାନସୀ ଏହି ସଫଳତା ପାଇଁ ନିଜ ପରିବାରକୁ ଶ୍ରେୟ ଦେଇଛନ୍ତି। ଏହାସହ ସେ ତାଙ୍କର ପ୍ରଥମ ବଲିଉଡ୍ ଗୀତକୁ ରେକର୍ଡ କରିସାରିଥିବା ମାନସୀ କହିଛନ୍ତି। ପ୍ରକାଶ ଯେ, 'ଇଣ୍ଡିଆନ୍ ଆଇଡଲ ୧୫'କୁ ଗାୟକ ଆଦିତ୍ୟ ନାରାୟଣ ହୋଷ୍ଟ କରୁଥିବା ବେଳେ ପ୍ରସିଦ୍ଧ ସଙ୍ଗୀତଜ୍ଞ ବିଶାଲ ଡଡ୍ଲାନୀ, ଶ୍ରେୟା ଘୋଷାଲ ଏବଂ ରାପର ବାଦଶାହ ଏହି ରିୟଲିଟି ଶୋ' ଚଳିତ ସିଜନ୍‌ରେ ବିଚାରପତି ରହିଥିଲେ। ଗତବର୍ଷ ଅକ୍ଟୋବର ୨୬ରୁ 'ଇଣ୍ଡିଆନ୍ ଆଇଡଲ ୧୫' ଆରମ୍ଭ ହୋଇଥିଲା।

## ମଝି ଆକାଶରେ ୮୯ ବର୍ଷୀୟ ବୃଦ୍ଧାଙ୍କ ମୃତ୍ୟୁ

**ମୁମ୍ବାଇ,୭।୪:** ମୁମ୍ବାଇରୁ ବାରାଣସୀ ଯାଉଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନର ଜରୁରୀ ଅବତରଣ। ରବିବାର ରାତିରେ ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗର ବିମାନବନ୍ଦରରେ କରିବାକୁ ପଡିଥିଲା ଅବତରଣ। ବିମାନ ଉଡ଼ାଣ ଆରମ୍ଭ କରିବା ମାତ୍ରେ, ମଝି ଆକାଶରେ ଜଣେ ୮୯ ବର୍ଷୀୟା ବୃଦ୍ଧା ଯାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇପଡିଥିଲା। ଅବତରଣ କରିବା ପରେ, ଡାକ୍ତରୀ ଦଳ ତୁରନ୍ତ ଯାଞ୍ଚ ପାଇଁ ପହଞ୍ଚିଥିଲେ କିନ୍ତୁ ସେତେବେଳକୁ ମହିଳାଙ୍କ ମୃତ୍ୟୁ ହୋଇସାରିଥିଲା। ଇଣ୍ଡିଗୋ ଅନୁଯାୟୀ, ଉତ୍ତର ପ୍ରଦେଶର ମିର୍ଜାପୁର ଜିଲ୍ଲାର ବାସିନ୍ଦା ସୁଶୀଳା ଦେବୀ ମୁମ୍ବାଇରୁ ବାରାଣସୀ ଯାଉଥିବା ବିମାନରେ ଚଢ଼ିଥିଲେ।

### ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ କଥା ହେଲେ ବେଞ୍ଜାମିନ୍ ନେତାନ୍ୟାହୁ

## ବୋଲ ମାନୁନି ହମାସ: ଇସ୍ରାଏଲ ଉପରେ ତୀବ୍ର ଆକ୍ରମଣ

**ନୂଆଦିଲ୍ଲୀ ୦୭/୦୪:** ବୋଲ ମାନୁନି ହମାସ । ଥମୁନି ଇସ୍ରାଏଲ-ହମାଲ ୱାର । ଗାଜାର ସଶସ୍ତ୍ର ସଂଗଠନ ହମାସ ରବିବାର ରାତିରେ ସ୍ରାଏଲ ଉପରେ ବଡ଼ ଧରଣର ଆକ୍ରମଣ କରିଛି। ହମାସ ଦକ୍ଷିଣ ଇସ୍ରାଏଲ ଆଡ଼କୁ ୧୦ଟି ରକେଟ ମାଡ଼ କରିଥିଲା । ଏଥିମଧ୍ୟରୁ ଇସ୍ରାଏଲୀ ସେନା (ଆଇଡିଏଫ) କେବଳ ୫ଟି ରକେଟକୁ ନିଷ୍କ୍ରିୟ କରିବେର ସକ୍ଷମ ହୋଇଥିଲା । ବାକି ୫ଟି ରକେଟ ଇସ୍ରାଏଲ ଭିତରେ ପଡ଼ିଥିଲା । ଫଳରେ ଏହି ରକେଟ ହମଲାରେ ଅନେକ କ୍ଷୟକ୍ଷତି ହୋଇଛି । କହିବାକୁ ଗଲେ ଆସ୍କେଲନ୍ ସହରରେ ଗୋଟିଏ ରକେଟ୍ ପଡ଼ିଥିଲା । ଯେଉଁଠାରେ ଜଣେ ୩୦ ବର୍ଷୀୟ ବ୍ୟକ୍ତି ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ବରଜିଲାଇ ହସ୍ପିଟାଲକୁ ପଠାଯାଇଛି । ଏହି ଆକ୍ରମଣ ପାଇଁ ହମାସ ଦାୟୀ ବୋଲି ଦାବି କରିଛି। ଅଲ ଜାଜିରା ଅନୁଯାୟୀ, ରାତି ୯ଟା ପରେ ଗାଜାର ଦେଇର ଅଲ-ବାଲାହ ଅଞ୍ଚଳରୁ ଇସ୍ରାଏଲର ଉପକୂଳବର୍ତ୍ତୀ ସହର ଆସ୍କେଲନ୍ ଏବଂ ଆଶଡୋଡ୍ ଉପରେ ରକେଟ ମାଡ଼ କରାଯାଇଥିଲା। ଇସ୍ରାଏଲୀ ସରକାର କହିଛି ଯେ ହମାସକୁ ଏହି ଆକ୍ରମଣର ବଡ଼ ଜବାବ ଦେବାକୁ ପଡିବ । ଇସ୍ରାଏଲୀ ପ୍ରତିରକ୍ଷା ମନ୍ତ୍ରୀ ୟୋଭ ଗାଲାଣ୍ଟ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ କଥା ହୋଇ ଇସ୍ରାଏଲୀ ସେନା (ଆଇଡିଏଫ)କୁ ହମାସ ଉପରେ ଏକ ବଡ଼ ଆକ୍ରମଣ କରି ଏହାକୁ ଧ୍ୱଂସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଇସ୍ରାଏଲୀ ସେନା ଗାଜାର ଦେଇର ଅଲ-ବାଲାହ ଅଞ୍ଚଳରେ ରହୁଥିବା ପାଲେଷ୍ଟାଇନୀୟଙ୍କୁ ସେଠାରେ ଆକ୍ରମଣ କରିବା ପୂର୍ବରୁ ସେଠାରୁ ଚାଲିଯିବାକୁ ଚେତାବନୀ ଦେଇଥିଲା । ହେଲେ ଏହାକୁ ଅତି ସହଜରେ ଏଡାଇ ଦେଇଥିଲେ ଇସ୍ରାଏଲୀ ସେନାର ଆରବିକ ମୁଖପାତ୍ର କର୍ଣ୍ଣେଲ ଅଭିଚାଇ । ଏହାକୁ ଆକ୍ରମଣ ପୂର୍ବରୁ ଶେଷ ଚେତାବନୀ ଭାବରେ ବର୍ଣ୍ଣନା କରାଯାଇଥିଲା। ପରେ ଇସ୍ରାଏଲୀ ସେନା ଏକ ଡ୍ରୋନ୍ ସାହାଯ୍ୟରେ ଆକ୍ରମଣ କରିଥିଲା । ଏହି ଆକ୍ରମଣରେ ଇସ୍ରାଏଲ ଉପରେ ଆକ୍ରମଣ କରିବା ପାଇଁ ବ୍ୟବହୃତ ରକେଟ ଲଞ୍ଚରଗୁଡ଼ିକୁ ଟାର୍ଗେଟ କରାଯାଇଥିଲା। ସୋସିଆଲ ମିଡିଆରେ ଏକ ଭିଡିଓ ସାମ୍ନାକୁ ଆସିଛି ଯେଉଁଥିରେ ଇସ୍ରାଏଲର ଉଚ୍ଚ ଆପାର୍ଟମେଣ୍ଟ କୋଠା ନିକଟରେ ହମାସ ରକେଟ ପଡୁଥିବା ଦେଖାଯାଉଛି। ଯେତେବେଳେ ଏହି ଆକ୍ରମଣ ଘଟିଥିଲା, ସେତେବେଳେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଆମେରିକା ଗସ୍ତରେ ଯାଉଥିଲେ । ସେ ତାଙ୍କ ବିମାନରୁ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କାଜ୍‌ଙ୍କୁ ଡାକି ହମାସକୁ କଡ଼ା ଜବାବ ଦେବାକୁ କହିଥିଲେ।



### ହଜ୍ ପୂର୍ବରୁ ସାଉଦି ଆରବ ଲଗାଇଲା କଟକଣା

## ଭାରତ ସହ ୧୪ ଦେଶର ଭିସା ଉପରେ ରୋକ



**ନୂଆଦିଲ୍ଲୀ,୭।୪:** ଭାରତ ସମେତ ୧୪ଟି ଦେଶ ପାଇଁ ସାଉଦି ଆରବରୁ ଆସିଲା ବଡ଼ ଖବର। ଏହି ଦେଶର ଲୋକଙ୍କୁ ଉମରାହ, ବିଜନେସ୍ ଏବଂ ଫ୍ୟାମିଲି ଭିଜିଟ ଭିସା ଉପରେ ଲଗାଇଲା ଅସ୍ଥାୟୀ କଟକଣା। ୨୦୨୫ ଜୁନ୍ ମଧ୍ୟଭାଗ ପର୍ଯ୍ୟନ୍ତ ଅର୍ଥାତ୍ ହଜ୍ ସିଜିନ୍ ପର୍ଯ୍ୟନ୍ତ ଏହି କଟକଣା ଲାଗୁ ରହିବ। ରିପୋର୍ଟରେ କୁହାଯାଇଛି ଯେ ହଜ୍ ସମୟରେ ଲୋକଙ୍କ ସୁରକ୍ଷା ଏବଂ ଅତ୍ୟଧିକ ଭିଡ଼କୁ ଧ୍ୟାନରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ସାଉଦି ଆରବ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏକ ବର୍ଷର ମଲ୍ଟିପଲ୍ ଭିସାକୁ ଅନିଶ୍ଚିତ କାଳ ପାଇଁ ସସପେଣ୍ଡ କରିବା ଓ ଏହି ୧୪ ଦେଶର ଯାତ୍ରାକୁ ଫେବୃଆରୀ ୨୦୨୫ ପର୍ଯ୍ୟନ୍ତ ୩୦ ଦିନ ପାଇଁ ଭ୍ୟାଲିଡ୍ ସିଙ୍ଗିଲ ଏଣ୍ଟ୍ରି ଭିସା ପର୍ଯ୍ୟନ୍ତ ସୀମିତ କରିବା ପରେ ଆସିଛି। ସାଉଦି କର୍ତ୍ତୃପକ୍ଷ ଉମରାହ ଭିସା ଜାରି କରିବାର ଅନ୍ତିମ ତିଥି ୧୩ ଅପ୍ରେଲ ୨୦୨୫ ପର୍ଯ୍ୟନ୍ତ ଧାର୍ଯ୍ୟ କରିଚନ୍ତି। ଅର୍ଥାତ ୧୩ ଅପ୍ରେଲ ପର୍ଯ୍ୟନ୍ତ ହଜ୍ ଯାଉଥିବା ଲୋକଙ୍କ ରେଜିଷ୍ଟ୍ରେସନ୍ କରୁଥିବା ଲୋକଙ୍କୁ ସୁଯୋଗ ଦିଆଯାଇଛି। ଏହାପରେ ହଜ୍ ଯାତ୍ରା ଶେଷ ହେବା ପର୍ଯ୍ୟନ୍ତ ଏହି ୧୪ ଦେଶର ନାଗରିକଙ୍କୁ ଏଭଳି କୌଣସି ନୂଆ ଭିସା ଦିଆଯିବନି। ଏହି ଭିସା ନିଲମ୍ବନ ଦ୍ୱାରା ମୋଟ ୧୪ଟି ଦେଶ ପ୍ରଭାବିତ ହୋଇଛନ୍ତି, ଯେଉଁଥିରେ ଆଲଜେରିଆ, ଇଜିପ୍ଟ, ବାଂଲାଦେଶ, ଇଥିଓପିଆ, ଇଣ୍ଡୋନେସିଆ, ଇରାକ, ଭାରତ, ଜୋର୍ଡାନ, ମରକ୍କୋ, ନାଇଜେରିଆ, ପାକିସ୍ତାନ, ସୁଡାନ, ଟ୍ୟୁନିସିଆ ଏବଂ ୟେମେନ ଅନ୍ତର୍ଭୁକ୍ତ।

### ମୀରଟ ହତ୍ୟାକାଣ୍ଡ ଘଟଣାରେ ନୂଆ ମୋଡ

## ଗର୍ଭବତୀ ଅଛନ୍ତି ମୁସ୍କାନ



**ନୂଆଦିଲ୍ଲୀ,୭।୪:** ସ୍ୱାମୀ ସୌରଭ ରାଜପୁତଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଜେଲରେ ଥିବା ମୁସ୍କାନ ରସ୍ତୋଗୀ ଗର୍ଭବତୀ ଥିବା ଜଣାପଡ଼ିଛି। ସୋମବାର ମୀରଟ ଜେଲରେ ଜିଲ୍ଲା ହସ୍ପିଟାଲର ଏକ ମେଡିକାଲ ଟିମ ପହଞ୍ଚିବା ପରେ ମୁସ୍କାନଙ୍କ ଗର୍ଭାବତୀ ଅଛନ୍ତି ବୋଲି ସୂଚନା ମିଳିଛି। ଜେଲ କର୍ତ୍ତୃପକ୍ଷଙ୍କ ଆନୁଷ୍ଠାନିକ ଅନୁରୋଧରେ ଏହି ପରୀକ୍ଷା କରାଯାଇଥିଲା। ମୁଖ୍ୟ ଚିକିତ୍ସା ଅଧିକାରୀ ଅଶୋକ କଟାରିଆ ମୁସ୍କାନଙ୍କ ଗର୍ଭାବସ୍ଥା ପରୀକ୍ଷଣ ଫଳାଫଳକୁ ନିଶ୍ଚିତ କରିଛନ୍ତି। ସୂଚନା ମୁତାବକ, ସୌରଭ ରାଜପୁତ (୨୯) ନାମକ ଜଣେ ପୂର୍ବତନ ମର୍ଚ୍ଚାଣ୍ଟ ନେଭି ଅଫିସରଙ୍କୁ ହତ୍ୟା କରିଥିବା ଅଭିଯୋଗରେ ୨୭ ବର୍ଷୀୟା ମୁସ୍କାନ ରସ୍ତୋଗୀ ଏବଂ ତାଙ୍କ ପ୍ରେମିକ ସାହିଲ ଶୁକ୍ଳା (୨୫) ବର୍ତ୍ତମାନ ପୋଲିସ ହେପାଜତରେ ଅଛନ୍ତି। ଏହି ଘଟଣାରେ ଉଭୟେ ସୌରଭଙ୍କୁ ହତ୍ୟା କରି ତାଙ୍କ ଶବକୁ ଖଣ୍ଡ ଖଣ୍ଡ କରି ସିମେଣ୍ଟ ଭର୍ତ୍ତି ଡ୍ରମରେ ଲୁଚାଇ ଦେଇଥିଲେ। ଗତ ମାସରେ ସଂଘଠିତ ହୋଇଥିବା ଏହି ଜଘନ୍ୟ ହତ୍ୟାକାଣ୍ଡ ସାର ଦେଶକୁ ସ୍ତବ୍ଧ କରିଦେଇଥିଲା। ସୌରଭ ନିଜ ଝିଅର ଜନ୍ମଦୀନ ପାଳନ କରିବାକୁ ନିକଟରେ ଲଣ୍ଡନରୁ ମୀରଟକୁ ଫେରିଥିଲେ। ପୋଲିସ ସୂଚନା ଅନୁସାରେ, ମୁସ୍କାନ ଓ ସାହିଲ ମାର୍ଚ୍ଚ ୪ ତାରିଖରେ ସୌରଭଙ୍କୁ ଛୁରୀରେ ଆକ୍ରମଣ କରି ହତ୍ୟା କରିଥିଲେ ଏବଂ ତାଙ୍କ ଶବକୁ ଖଣ୍ଡଖଣ୍ଡ କରି ସିମେଣ୍ଟ ଭର୍ତ୍ତି ଡ୍ରମରେ ସିଲ୍ କରି ଦେଇଥିଲେ। ହତ୍ୟା ପରେ ମୁସ୍କାନ ପଡ଼ୋଶୀ ଓ ପରିଚିତମାନଙ୍କୁ ସୌରଭ ବୁଲିବା ପାଇଁ ଯାଇଛନ୍ତି ବୋଲି ମିଛ କହିଥିଲେ। ଏହାପରେ ସେ ଓ ତାଙ୍କ ପ୍ରେମିକ ସାହିଲ ମନାଲି ଯାଇ ସୌରଭଙ୍କ ଫୋନରୁ ସୋସିଆଲ ମିଡିଆରେ ଫଟୋ ପୋଷ୍ଟ କରି ପରିବାର ଓ ବନ୍ଧୁମାନଙ୍କୁ ଭ୍ରମରେ ରଖିଥିଲେ।

## ଟ୍ରେନରେ ବୁଲୁଛି 'ବିସ୍କୁଟ' ଗ୍ୟାଙ୍ଗ

**ନୂଆଦିଲ୍ଲୀ,୭।୪:** ଯଦି ଆପଣ ରେଳଯାତ୍ରା କରୁଛନ୍ତି, ଟିକେ ସତର୍କତାର ସହିତ ଯାତ୍ରା କରନ୍ତୁ। କାରଣ ରେଳ ଯାତ୍ରୀଙ୍କ ଭିଡ଼ର ସୁଯୋଗ ନେବା ପାଇଁ ନିଶାଖୋର ଡକାୟତ ଦଳ ସକ୍ରିୟ ହୋଇଅଛନ୍ତି। ଏମିତି ଏକ ଘଟଣା ନିକଟରେ ଘଟିଥିଲା। କଟିହାର ରେଳବାଇ ଜିଆରପି ଏପରି ଏକ ବିପଦଜନକ ଗ୍ୟାଙ୍ଗର ତିନି ଜଣ ସଦସ୍ୟଙ୍କୁ ଗିରଫ କରିବାରେ ସଫଳ ହୋଇଛି।

ପୋଲିସ ସେମାନଙ୍କଠାରୁ ନିଶା ସାମଗ୍ରୀ ମଧ୍ୟ ଜବତ କରିଛି, ଯେଉଁଥିରେ କ୍ରିମ୍ ବିସ୍କୁଟ୍ ପ୍ୟାକେଟ, ଥଣ୍ଡା ପାନୀୟ ବୋତଲ, ନିଶାଦ୍ରବ୍ୟ ଏବଂ ସର୍ଜିକାଲ୍ ବ୍ଲେଡ୍ ମଧ୍ୟ ରହିଛି।

## ୨୨ ଜଣଙ୍କ ବିରୋଧରେ ମହିଳାଙ୍କ ଗଣବଳାତ୍କାର ଅଭିଯୋଗ

**ଲକ୍ଷ୍ନୌ,୭।୪:** ଉତ୍ତର ପ୍ରଦେଶର ବାରାଣସୀରେ ଜଣେ ୧୯ ବର୍ଷୀୟା ମହିଳାଙ୍କୁ ୨୨ ଜଣ ଅପହରଣ କରି ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଆକ୍ରମଣକାରୀଙ୍କ ମଧ୍ୟରୁ ଛଅ ଜଣଙ୍କୁ ଗିରଫ କରାଯାଇଛି ଏବଂ ଅନ୍ୟମାନଙ୍କୁ ଖୋଜା ଚାଲିଥିବା ପୋଲିସ କହିଛି। ଉତ୍ତର ବାରାଣସୀର ଲାଲପୁର ଅଞ୍ଚଳର ବାସିନ୍ଦା ଏହି କିଶୋରୀ ୨୯ ମାର୍ଚ୍ଚରେ ଜଣେ ବନ୍ଧୁଙ୍କୁ ଭେଟିବାକୁ ଘରୁ ବାହାରିଥିଲେ, ସବୁଥର ଯାହା ସେ ପ୍ରାୟତଃ କୌଣସି ଅସୁବିଧା ବିନା ଯିବା ଆସିବା କରୁଥିଲେ। କିନ୍ତୁ ଏଥର ସେ ଘରକୁ ଫେରିପାରି ନଥିଲେ। ତାଙ୍କ ପରିବାର ୪ ଏପ୍ରିଲରେ ପୋଲିସରେ ଅଭିଯୋଗ କରିଥିଲେ। ଘଟଣା ଦିନ, ତାଙ୍କୁ ଅପହରଣକାରୀମାନେ ନିଶା ଦେଇ ପାଣ୍ଡେପୁର ଛକରେ ଛାଡି ଦେଇଥିଲେ। ସେ କୌଣସି ପ୍ରକାରେ ପାଖରେ ଥିବା ଜଣେ ବନ୍ଧୁଙ୍କ ସ୍ଥାନକୁ ଯାଇଥିଲେ ଏବଂ ପରେ ତାଙ୍କୁ ଘରକୁ ଫେରିଥିଲେ। ପରେ ସେ ତାଙ୍କ ବାପାଙ୍କୁ ଏହି ଘଟଣାର ବିବରଣୀ ପ୍ରକାଶ କରିଥିଲେ, ପରେ ପୋଲିସରେ ଅଭିଯୋଗ କରିଥିଲେ। ରିପୋର୍ଟ ଅନୁଯାୟୀ ଏସବୁ ଘଟଣା ଏକ ହୁକ୍କା ବାର୍, ଏକ ହୋଟେଲ, ଏକ ଲଜ୍ ଏବଂ ଏକ ଅତିଥି ଗୃହରେ ଘଟିଥିଲା ଯେଉଁଥିରେ ବିଭିନ୍ନ ଲୋକ ସମ୍ପୃକ୍ତ ଥିଲେ। ଅଭିଯୋଗ ପତ୍ରରେ ୨୨ ଜଣ ତାଙ୍କୁ ବଳାତ୍କାର କରିଥିବା ଉଲ୍ଲେଖ ଅଛି। ସୂଚନା ଅନୁସାରେ ଏକ ମାମଲା ରୁଜୁ ହୋଇଛି ଏବଂ ପୋଲିସ ଅଭିଯୁକ୍ତମାନଙ୍କୁ ପଚରାଉଚରା କରୁଛି। ଗିରଫ ହୋଇଥିବା କିଛି ପୁରୁଷ ହୁକୁଲଗଞ୍ଜ ଏବଂ ଲଲ୍ଲାପୁରା ଅଞ୍ଚଳର, ଏବଂ ସେମାନଙ୍କୁ ସେହି ରାତିରେ ହେପାଜତକୁ ନିଆଯାଇଥିଲା। କିନ୍ତୁ ସେମାନଙ୍କ ମଧ୍ୟରୁ କିଛି ନାବାଳକ ହୋଇପାରେ ବୋଲି ପୋଲିସ କୌଣସି ବିବରଣୀ ଦେବାକୁ କୁଣ୍ଠା ପ୍ରକାଶ କରୁଛି। ସ୍ଥାନୀୟ ପୋଲିସର ଜଣେ ବରିଷ୍ଠ ଅଧିକାରୀ ଚନ୍ଦ୍ରକାନ୍ତ ମୀନା କହିଛନ୍ତି ଯେ ପୀଡିତା କିମ୍ବା ତାଙ୍କ ପରିବାର ପ୍ରଥମେ ଯୌନ ନିର୍ଯାତନାର ଅଭିଯୋଗ ଦାଖଲ କରି ନଥିଲେ। "ବଳାତ୍କାର ଅଭିଯୋଗ କେବଳ ଏପ୍ରିଲ ୬ ତାରିଖରେ ଦାଖଲ କରାଯାଇଥିଲା,"

## ସମୁଦ୍ରରେ ଖସି ପଡ଼ିଲା ରୋଗୀଙ୍କୁ ନେଇ ଯାଉଥିବା ହେଲିକପ୍ଟର, ୩ ମୃତ



**ଟୋକିଓ,୭।୪:** ରବିବାର ଜାପାନର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ଏକ ବଡ଼ ଦୁର୍ଘଟଣା ଘଟିଛି। ରୋଗୀଙ୍କୁ ନେଇ ଯାଉଥିବା ଏକ ମେଡିକାଲ ପରିବହନ ହେଲିକପ୍ଟର ସମୁଦ୍ରରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ହେଲିକପ୍ଟରରେ ଥିବା ୬ଜଣଙ୍କ ମଧ୍ୟରୁ ୩ଜଣଙ୍କର ମୃତ୍ୟୁ ହୋଇଥିଲା, ବାକି ୩ ଜଣଙ୍କୁ ଜାପାନ ତଟରକ୍ଷୀ ବାହିନୀ ସମୟ ମଧ୍ୟରେ ଉଦ୍ଧାର କରିଥିଲା। ପାଇଲଟ ହିରୋଶି ହାମାଦା (୬୬), ମେକାନିକ କାଜୁଟୋ ୟୋଶିତାକେ ଏବଂ ୨୮ ବର୍ଷୀୟା ନର୍ସ ସାକୁରା କୁନିତାକେଙ୍କୁ ସମୁଦ୍ରରୁ ଉଦ୍ଧାର କରାଯାଇଥିଲା। ଜୀବନ ରକ୍ଷାକାରୀଙ୍କ ସହାୟତାରେ ତିନିଜଣଙ୍କୁ ପାଣିରେ ଭାସୁଥିବା ଅବସ୍ଥାରେ ପାଇଥିଲେ। ଶୀତ ସହିତ ଲଢ଼ି ଜୀବିତ ଅବସ୍ଥାରେ ମିଳିଥିବା ଲୋକଙ୍କୁ ଜଣେ ତଟରକ୍ଷୀ ବାହିନୀ ଅଧିକାରୀ କହିଛନ୍ତି ଯେ ତିନିଜଣ ଅତ୍ୟଧିକ ଥଣ୍ଡା ଅନୁଭବ କରୁଥିଲେ ଏବଂ ସେମାନଙ୍କ ଶରୀରର ତାପମାତ୍ରା ବିପଜ୍ଜନକ ଭାବରେ ହ୍ରାସ ପାଇଥିଲା, କିନ୍ତୁ ସେମାନେ ଚେତା ହରାଇ ନ ଥିଲେ। ନିୟମ ଅନୁଯାୟୀ ସେ କୌଣସି ସାର୍ବଜନୀନ ବିବୃତ୍ତି ଦେଇପାରିବେ ନାହିଁ, ତେଣୁ ସେ ନାମ ଗୋପନ ରଖିବା ସର୍ତ୍ତରେ ଏହି ସୂଚନା ଦେଇଛନ୍ତି। ମେକାନିକ ୟୋଶିତାକେଙ୍କ ନାମ ପ୍ରଥମେ ଭୁଲ ଲେଖାଯାଇଥିଲା, ଯାହାକୁ ପରେ ତଟରକ୍ଷୀ ବାହିନୀ ସଂଶୋଧନ କରିଥିଲା।

### ରେଲୱେ ଚାକିରି ଓ ଟଙ୍କା ପାଇବାର ଇଚ୍ଛା!

## ସ୍ୱାମୀର ତଣ୍ଟି ଚିପି ହତ୍ୟା କଲା ସ୍ତ୍ରୀ



**ନୂଆଦିଲ୍ଲୀ,୭।୪:** ମିରଟର ସୌରଭ ହତ୍ୟାକାଣ୍ଡ ମାମଲା ଥମିନଥିବା ବେଳେ ଏବେ ପଡ଼ୋଶୀ ବିଜନୌରରୁ ବି ସମାନ ଧରଣର ମାମଲା ସାମନାକୁ ଆସିଛି । ଦୀପକ କୁମାର ନାମକ ଯୁବକଙ୍କୁ ତାଙ୍କ ପତ୍ନୀ ହତ୍ୟା କରିଛନ୍ତି । ତେବେ ଏହି ହତ୍ୟାକାଣ୍ଡ ପଛର କାରଣ ଆହୁରି ବିଚଳିତ କଲା ପରି ରହିଛି। ସ୍ୱାମୀଙ୍କ ରେଲୱେ ଚାକିରି ଓ ମୃତ୍ୟୁ ପରେ ମିଳିବାକୁ ଟଙ୍କା ପାଇଁ ହତ୍ୟାକାଣ୍ଡ ହୋଇଥିବା ଅଭିଯୋଗ କରାଯାଇଛି । ଏହି ମାମଲାରେ ପରକ୍ରୀୟା ପ୍ରୀତି କଥା ମଧ୍ୟ ସାମନାକୁ ଆସୁଛି । ପୋଷ୍ଟମର୍ଟମ ରିପୋର୍ଟରୁ ଜଣାପଡ଼ିଛି ଯେ ଦୀପକଙ୍କ ତଣ୍ଟି ଚିପି ହତ୍ୟା କରାଯାଇଛି । ଏଥିରେ ସ୍ତ୍ରୀ ଶିବାନୀଙ୍କ ସହ ଅନ୍ୟ ଜଣେ ବ୍ୟକ୍ତିଙ୍କ ମଧ୍ୟ ହାତ ରହିଛି । ତେବେ ସୁବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସ୍ୱାମୀଙ୍କୁ ହତ୍ୟା କରିବା ପରେ ଶିବାନୀ ହାର୍ଟ ଆଟାକ୍ କଥା କହିଥିଲେ । ରେଲୱେରେ ଦୀପକ କୁମାର ଟେକ୍ନିସିଆନ୍ ଥିଲେ । ହତ୍ୟା କରିବା ପରେ ଶିବାନୀ ପ୍ରଥମେ ଦୀପକଙ୍କ ସାନ ଭାଇ ପୀୟୂଷଙ୍କୁ ଫୋନ୍ କରିଥିଲେ । ତାଙ୍କ ଭାଇକୁ ହାର୍ଟଆଟାକ୍ ହୋଇଥିବା ସେ କହିଥିଲେ । ପରିବାର ଲୋକ ଖବର ପାଇ ଦୀପକ ରହୁଥିବା ଘରେ ପହଞ୍ଚିଥିଲେ । ସେପଟେ ଦୀପକଙ୍କୁ ଧରି ଏକାକୀ ହସ୍ପିଟାଲରେ ପହଞ୍ଚିଥିଲେ ଶିବାନୀ । ବିଜନୌର ଜିଲ୍ଲା ହସ୍ପିଟାଲ୍ ଦୀପକଙ୍କୁ ମୃତ ଘୋଷଣ କରିଥିଲା । ଶବକୁ ଘରକୁ ଆଣାଯାଇଥିଲା । ତେବେ ଏହାରି ଭିତରେ ପରିବାର ଲୋକଙ୍କୁ ସନ୍ଦେହ ହୋଇଥିଲା ଯେ ଦୀପକ କେବେ ଅସୁସ୍ଥ ହୋଇ ନଥିଲା ଓ ତାକୁ ମାତ୍ର ୨୯ ବର୍ଷ ହୋଇଥିଲା । ତେଣୁ ପରିବାର ଲୋକ ଶବ ବ୍ୟବଚ୍ଛେଦ କରାଇବା ପାଇଁ କହିଲେ । ସେପଟେ ଦୀପକଙ୍କ ଗଳାର ଦାଗ ମଧ୍ୟ ଦେଖିବାକୁ ପାଇଥିଲେ । କିନ୍ତୁ ଶିବାନୀ ଏପରି କରିବାକୁ ମନା କରିଥିଲେ । ଶେଷରେ ପରିବାର ଲୋକ ପୋଷ୍ଟମର୍ଟମ କରାଇଥିଲେ । ରିପୋର୍ଟରେ ଦୀପକଙ୍କ ମୃତ୍ୟୁ ତଣ୍ଟି ଚିପିବା ଯୋଗୁ ହୋଇଥିବା ସ୍ପଷ୍ଟ ହୋଇଥିଲା ।

### ଭାଗ୍ୟ ବଦଳାଇ ଦେଲା ଫଟୋଗ୍ରାଫରଙ୍କ ସହ ସାକ୍ଷାତ

## ଥାଇଲାଣ୍ଡର ଝାଡୁଦାର ଏବେ ମଡେଲ୍



**ନୂଆଦିଲ୍ଲୀ,୭।୪:** ସମୟ ସମୟରେ ଗୋଟିଏ ଗୋଟିଏ ଛୋଟ ଘଟଣା ମଣିଷର ଭାଗ୍ୟକୁ ବଦଳାଇ ଦେଇଥାଏ। ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ଝାଡୁଦାର ଭାବେ କାର୍ଯ୍ୟ କରୁଥିବା ନୋପାଜିତ୍ 'ମିନ୍' ସୋମବୁନସତେଙ୍କ କ୍ଷେତ୍ରରେ ଏହି କଥାଟି ସତ୍ୟରେ ପରିଣତ ହୋଇଛି । ରୁଷ୍‌ର ଜଣେ ଫଟୋଗ୍ରାଫର ତାଙ୍କର କିଛି ଫଟୋ ଉଠାଇବା ପରେ ସେ ନିଜ ଦେଶରେ ରାତାରାତି ସେନସେସନ୍ ପାଲଟି ଯାଇଛନ୍ତି। ତାଙ୍କୁ ଅନେକଗୁଡ଼ିଏ ପ୍ରତିଷ୍ଠିତ ମଡେଲିଂ ଏଜେନ୍ସିରୁ ମଡେଲିଂ ଅଫର୍ ମିଳିଛି । ୨୮ ବର୍ଷୀୟା ମିନ୍ ଜଣେ ଏକାକୀ ମା' ହୋଇଥିବାବେଳେ ବିଗତ ବର୍ଷେ ହେଲା ଏହି ବୃତ୍ତିକୁ ଗ୍ରହଣ କରିନେଇଥିଲେ ।

## ହରିଦ୍ୱାର କେମିକାଲ ଫ୍ୟାକ୍ଟ୍ରିରେ ଭୟଙ୍କର ଅଗ୍ନିକାଣ୍ଡ



**ନୂଆଦିଲ୍ଲୀ,୭।୪:** ଉତ୍ତରାଖଣ୍ଡର ହରିଦ୍ୱାର ଜିଲ୍ଲା ଇବ୍ରାହିମପୁରରେ ଭୟଙ୍କର ଅଗ୍ନିକାଣ୍ଡ ସୃଷ୍ଟି ହୋଇଛି। ରବିବାର ଅର୍ଥାତ୍ ଗତ ୬ ତାରିଖର ବିଳମ୍ବିତ ରାତିରେ କେମିକାଲ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡର ଦୃଶ୍ୟ ଦେଖିବାକୁ ମିଳିଛି। ଅଗ୍ନିକାଣ୍ଡରେ କିଛି ଲୋକ ଫସି ରହିଥିବାବେଳେ ଗୁରୁତର ଆହତ ଅବସ୍ଥାରେ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ପୋଲିସ ଏବଂ ଅଗ୍ନିଶମ ବାହିନୀ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଛନ୍ତି । ଭୟଙ୍କର ଅଗ୍ନିକାଣ୍ଡରେ ସ୍ଥାନୀୟ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା । ସମସ୍ତ ଜିନିଷ ଜଳିପୋଡି ପାଉଁଶ ହୋଇଯାଇଛି। ସେହି ଅଗ୍ନିକାଣ୍ଡରେ ମଧ୍ୟ କିଛି ଲୋକ ଆହତ ହୋଇଛନ୍ତି ଏବଂ କିଛି ନିଖୋଜ ଥିବା ଆଶଙ୍କା କରାଯାଉଛି । ନିଆଁକୁ ଦେଖି ଘଟଣା ସ୍ଥାନରେ ଲୋକାରଣ୍ୟ ହୋଇଯାଇଥିଲା। ଅଗ୍ନିଶମ ବାହିନୀ ପକ୍ଷରୁ ଦୀର୍ଘ ସମୟ ଧରି ନିଆଁ ଲିଭା କାର୍ଯ୍ୟକ୍ରମ ଜାରି ରହିଥିଲା । ଦେଶରେ ଅଧିକ ତାପମାତ୍ରା ବୃଦ୍ଧି ହେତୁ ଏହିଭଳି ଭୟଙ୍କର ଅଗ୍ନିକାଣ୍ଡ ଘଟଣା ବଢ଼ିବାରେ ଲାଗିଛି ।

## କୁନାଲ କାମରାଙ୍କ ଅନ୍ତରୀଣ ସୁରକ୍ଷା ବଢ଼ିଲା

**ନୂଆଦିଲ୍ଲୀ,୭।୪:** ଷ୍ଟାଣ୍ଡ-ଅପ୍-କମେଡିଆନ୍ କୁନାଲ କାମରାଙ୍କ ଅନ୍ତରୀଣ ସୁରକ୍ଷା ବଢ଼ିଲା । ମାଦ୍ରାସ ହାଇକୋର୍ଟ ଅଗ୍ରୀମ ଜାମିନ୍ ସମୟ ସୀମାକୁ ଏପ୍ରିଲ୍ ୧୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ଏହି ସୁରକ୍ଷା ମୁମ୍ବାଇ ଖାର୍ ପୋଲିସ୍ ଦ୍ୱାରା ରୁଜୁ ହୋଇଥିବା ମାମଲା ଲକ୍ଷ୍ୟ କରି ଦିଆଯାଇଛି । ସୂଚନା ଅନୁଯାୟୀ, କୁନାଲ କାମରା ନିଜର କମେଡି ଶୋ' 'ନୟା ଭାରତ'ରେ ମହାରାଷ୍ଟ୍ରର ଜଣେ ରାଜନେତାଙ୍କ ବିରୋଧରେ ଅପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ମୁମ୍ବାଇ ଖାର୍‌ରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । କୁନାଲଙ୍କ ବଢ଼ିଲା ଅନ୍ତରୀଣ ଜାମିନ୍: ମାଦ୍ରାସ ହାଇକୋର୍ଟରେ କୁନାଲ କାମରାଙ୍କ ଅନ୍ତରୀଣ ସୁରକ୍ଷା ବୃଦ୍ଧି ପାଇଁ ଆବେଦନ ହୋଇଛି। ସୋମବାର ନ୍ୟାୟମୂର୍ତ୍ତି ସୁନ୍ଦର ମୋହନଙ୍କ ଏହାର ଶୁଣାଣି କରି ଅନ୍ତରୀଣ ସୁରକ୍ଷାକୁ ଏପ୍ରିଲ୍ ୧୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।

# ସର୍ବଭାରତୀୟ ପୁଲିସ ହକି ଚାମ୍ପିଅନସିପ୍ ଉଦ୍‌ଘାଟିତ

**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ):** ଆଜି ଭୁବନେଶ୍ୱରର ସପ୍ତମ ବାଟାଲିୟନ ପଡିଆରେ ୭୩ତମ ସର୍ବଭାରତୀୟ ପୁଲିସ ହକି ଚାମ୍ପିଅନସିପ୍-୨୦୨୫ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଯୋଗ ଦେଇ ଭବ୍ୟ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସମସ୍ତ ପ୍ରତିଯୋଗୀ ଓ କ୍ରୀଡା ପରିଚାଳକମାନଙ୍କୁ ଖେଳୁଆଡ ମନୋଭାବ ନେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ।



ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ସମସ୍ତ ଅଂଶଗ୍ରହଣକାରୀ ଦଳ, ପ୍ରଶିକ୍ଷକ ଓ କ୍ରୀଡ଼ା ଅଧିକାରୀଙ୍କୁ ସ୍ୱାଗତ କରିବା ସହ ସଫଳତା କାମନା କରିଥିଲେ। ଏହି ଅବସରରେ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ଓଡିଶା ପୋଲିସକୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ସର୍ବଭାରତୀୟ ପୁଲିସ କ୍ରୀଡା ନିୟନ୍ତ୍ରଣ ବୋର୍ଡକୁ କୃତଜ୍ଞତା ଜଣାଇଥିଲେ। ଏହି ସର୍ବଭାରତୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ସହଯୋଗ ପ୍ରଦାନ କରିଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଚଳିତ ପ୍ରତିଯୋଗିତାରେ ଖେଳାଳିମାନେ ସେମାନଙ୍କ ଶ୍ରେଷ୍ଠ କ୍ରୀଡ଼ା କୌଶଳ ପ୍ରଦର୍ଶନ କରିବେ ବୋଲି ଶ୍ରୀ ଖୁରାନିଆ ଆଶା ବ୍ୟକ୍ତ କରିଛନ୍ତି। କିଛି ଦିନ ତଳେ ଓଡ଼ିଶା ପୁଲିସର କ୍ରୀଡାବିତମାନେ ସର୍ବଭାରତୀୟ ପୁଲିସ ଜଳ କ୍ରୀଡା, ବନ୍ଧୁକ ଚାଳନା, ଫୁଟବଲ, ହକି ଆଦି ଖେଳରେ ପଦକ ହାସଲ କରି ଗୌରବ ବଢ଼ାଇଛନ୍ତି। ଆଗାମୀ ଦିନରେ ଓଡ଼ିଶା ପୁଲିସର କ୍ରୀଡାବିତ ମାନେ ରାଜ୍ୟ ପୁଲିସ ପାଇଁ ଆହୁରି ସୁନାମ ଆଣିବେ ବୋଲି ଡିଜିପି ଆଶା ବ୍ୟକ୍ତ କରିଛନ୍ତି।

ଭାରତୀୟ ହକିର ପୀଠ ଭାବେ ପରିଚିତ ସୁନ୍ଦରଗଡ଼ ଜିଲ୍ଲାର ଉଲ୍ଲେଖନୀୟ ପରମ୍ପରା ସମ୍ପର୍କରେ ଡିଜିପି ଉଲ୍ଲେଖ କରିବା ସହ ପଦ୍ମଶ୍ରୀ ଦିଲୀପ ତିର୍କୀ, ଲାଜାରସ୍ ବାର୍ଲା, ପ୍ରବୋଧ ତିର୍କୀ, ବୀରେନ୍ଦ୍ର ଲାକ୍ରା ଓ ଲିଲିମା ମିଞ୍ଜଙ୍କ ଭଳି ଅନେକ କିମ୍ବଦନ୍ତୀ ଖେଳାଳି ଅନ୍ତର୍ଜାତୀୟ ସ୍ତରରେ ଉଭୟ ଓଡ଼ିଶା ଓ ଭାରତର ପ୍ରତିନିଧିତ୍ୱ କରି ଦେଶ ପାଇଁ ଗୌରବ ଆଣିଛନ୍ତି ବୋଲି ମତ ବ୍ୟକ୍ତ କରିଥିଲେ।

ସମାରୋହର ପ୍ରାରମ୍ଭରେ ଆଇଜି (ପ୍ରଶିକ୍ଷଣ) ତଥା ଆୟୋଜକ କମିଟିର ସମ୍ପାଦକ ଅନୁପ କୁମାର ସାହୁ ପ୍ରାରମ୍ଭିକ ଅଭିଭାଷଣ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ତଥା ଆୟୋଜକ କମିଟିର ଉପାଧକ୍ଷ ଦୟାଲ ଗଙ୍ଗୱାର ସ୍ୱାଗତ ଭାଷଣ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର ) ତଥା କମିଟିର ଉପସଭାପତି ରାଜେଶ କୁମାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଲିଗ୍ କମ୍ ନକଆଉଟ୍ ଫର୍ମାଟରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ରାଜ୍ୟ ପୁଲିସ ଓ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀର ଦଳ ଅଂଶଗ୍ରହଣ କରୁଛନ୍ତି। ୨୬ଟି ପୁରୁଷ ଓ ୯ଟି ମହିଳା ଦଳ ଏହି ଚାମ୍ପିଅନସିପରେ ଭାଗ ନେଉଛନ୍ତି। ଡିଜିପି ସମସ୍ତ ଆୟୋଜକ ସଦସ୍ୟଙ୍କୁ ଆତିଥ୍ୟ, ଅନୁସଙ୍ଗିକ ସୁବିଧା ଓ ମ୍ୟାଚ୍ ପରିଚାଳନା ସମ୍ବନ୍ଧୀୟ ତ୍ରୁଟିମୁକ୍ତ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେବା ସହ ରାଜ୍ୟର ଗୌରବକୁ ପ୍ରତିନିଧିତ୍ୱ କରିବାରେ ଉଚ୍ଚ ମାନଦଣ୍ଡ ବଜାୟ ରଖିବାକୁ ଓଡ଼ିଶା ପୁଲିସକୁ ଅନୁରୋଧ କରିଛନ୍ତି। ଉଦଘାଟନୀ ସମାରୋହରେ ଅବସରପ୍ରାପ୍ତ ପୁଲିସ ଅଧିକାରୀ, ବରିଷ୍ଠ ପୁଲିସ ଅଧିକାରୀ, ସମସ୍ତ ଟିମର ଅଧିନାୟକ, ଖେଳାଳି ଉପସ୍ଥିତ ଥିଲେ ।

## ଅରେଞ୍ଜ କ୍ୟାପ ରେସ୍‌ରେ ୫ ବ୍ୟାଟର

**ନୂଆଦିଲ୍ଲୀ, ୭।୪:** ଆଇପିଏଲ୍ ୨୦୨୫ରେ ଏପର୍ଯ୍ୟନ୍ତ ଖେଳାଯାଇଛି ୧୯ ଟି ମ୍ୟାଚ୍। ଗୋଟିଏ ପଟେ ୧୦ଟି ଦଳ ଟାଇଟଲ ପାଇଁ ଲଢେଇ କରୁଥିବା ବେଳେ ଅନ୍ୟପଟେ କିଛି ପ୍ଲେୟର ଅରେଞ୍ଜ ଏବଂ ପର୍ପଲ୍ କ୍ୟାପ ପାଇଁ ଜୋରଦାର କରୁଛନ୍ତି ପ୍ରୟାସ। ବର୍ତ୍ତମାନ ଅରେଞ୍ଜ କ୍ୟାପ୍ ଲକ୍ଷ୍ନୌ ସୁପରଜାଏଣ୍ଟସର ନିକୋଲାସ୍ ପୁରନ୍ ଏବଂ ପର୍ପଲ୍ କ୍ୟାପ୍ ଚେନ୍ନାଇ ସୁପର କିଙ୍ଗ୍ସର ନୁର ଅହମ୍ମଦଙ୍କ ପାଖରେ ରହିଛି। କିନ୍ତୁ ଏ ଚିତ୍ର ଆଗକୁ ବଦଳିପାରେ। ଅରେଞ୍ଜ କ୍ୟାପ୍ ତାଲିକାରେ ବର୍ତ୍ତମାନ ଲକ୍ଷ୍ନୌ ସୁପର ଜାଏଣ୍ଟସପର ବିସ୍ଫୋରକ ବ୍ୟାଟର ନିକୋଲାସ ପୁରନ ପ୍ରଥମ ସ୍ଥାନରେ ଅଛନ୍ତି। ଏପର୍ଯ୍ୟନ୍ତ ସେ ୪ଟି ମ୍ୟାଚରେ ୨୦୧ ରନ୍ ସ୍କୋର କରିଛନ୍ତି। ଏହି ସମୟ ମଧ୍ୟରେ ତାଙ୍କ ବ୍ୟାଟରୁ ୧୮ ଚୌକା ଏବଂ ୧୬ଟି ଛକା ଆସିଛି। ଚଳିତ ସିଜିନରେ ସାଇ ସୁଦର୍ଶନଙ୍କର ଏକ ଭିନ୍ନ ଅବତାର ଦେଖିବାକୁ ମିଳିଛି। ସେ ଲଗାତାର ଗୁଜୁରାଟ ଟାଇଟାନ୍ସ ପାଇଁ ରନ୍ ସ୍କୋର କରୁଛନ୍ତି। ସାଇ ସୁଦର୍ଶନ ଚଳିତ ସିଜିନ୍‌ରେ ୧୯୧ ରନ୍ ସ୍କୋର କରିଛନ୍ତି। ୧୫୦.୩୯ ଷ୍ଟ୍ରାଇକ୍ ହାରରେ ସୁଦର୍ଶନ ରନ୍ ସ୍କୋର କରି ଏହି ଲିଷ୍ଟର ୨ୟରେ ରହିଛନ୍ତି। ଏହାପଛକୁ ରହିଛନ୍ତି ମିଚେଲ ମାର୍ଶ। ଚଳିତ ସିଜନରେ ଏପର୍ଯ୍ୟନ୍ତ ଲକ୍ଷ୍ନୌ ସୁପରଜାଏଣ୍ଟସ ପାଇଁ ଚମତ୍କାର ପ୍ରଦର୍ଶନ କରିଛନ୍ତି। ସେ ୪ଟି ମ୍ୟାଚରେ ୧୮୪ ରନ୍ ସଂଗ୍ରହ କରିଛନ୍ତି। ଅରେଞ୍ଜକ୍ୟାପ୍ କ୍ୟାପ୍ ପାଇଁ ଲିଷ୍ଟର ୪ର୍ଥରେ ରହିଛନ୍ତି ସୂର୍ଯ୍ୟକୁମାର ଯାଦବ। ଏମଆଇର ଏହି ବ୍ୟାଟର ୪ଟି ମ୍ୟାଚ୍ ରେ ୧୭୧ ରନ୍ ସଂଗ୍ରହ କରିଛନ୍ତି। ସୋମବାର ସୂର୍ଯ୍ୟ ପୁରାନଙ୍କ ଠାରୁ ଏହି କ୍ୟାପ୍ ଛଡ଼ାଇ ପାରନ୍ତି। ଚଳିତ ସିଜିନରେ ଜୋସ୍ ବଟଲର୍ ଏ ପର୍ଯ୍ୟନ୍ତ ୧୬୬ ରନ୍ କରିଛନ୍ତି। ଗୁଜରାଟ ଟାଇଟନ୍ସର ଏହି ବିସ୍ଫୋରକ ବ୍ୟାଟ୍ସମ୍ୟାନ୍ ଆଇପିଏଲ୍ ୨୦୨୫ରେ ୩ ନମ୍ବରରେ ଖେଳୁଛନ୍ତି। ତେବେ ବର୍ତ୍ତମାନ ପର୍ପଲ କ୍ୟାପ୍‌କୁ କବ୍ଜା କରିଛନ୍ତି ନୁର ଅହମ୍ମଦ। ଚେନ୍ନାଇ ସୁପର କିଙ୍ଗ୍ସର ନୁର ଅହମ୍ମଦ ୧୦ ୱିକେଟ୍ ସହ ଶୀର୍ଷରେ ଅଛନ୍ତି। କିନ୍ତୁ ପର୍ପଲକ୍ୟାପ୍ ଦୌଡ଼ରେ ଅଛନ୍ତି ସିରାଜ ଏବଂ ଷ୍ଟାର୍କ। ଗୁଜୁରାଟ ଟାଇଟାନ୍ସର ମହମ୍ମଦ ସିରାଜ ମଧ୍ୟ ୪ଟି ମ୍ୟାଚ୍‌ରେ ୯ ୱିକେଟ୍ ନେଇଛନ୍ତି। ମାତ୍ର ଗୋଟିଏ ୱିକେଟ୍ ନୁରଙ୍କ ପଛରେ ରହିଛନ୍ତି ସିରାଜ। ସେହିପରି ଦିଲ୍ଲୀ କ୍ୟାପିଟାଲ୍ସର ମିଚେଲ ଷ୍ଟାର୍କ ମଧ୍ୟ ପର୍ପଲ କ୍ୟାପ୍ ରେସ୍‌ରେ ରହିଛନ୍ତି। ସେ ୩ଟି ମ୍ୟାଚ୍‌ରେ ୯ ୱିକେଟ୍ ନେଇଛନ୍ତି।



## ପାକିସ୍ତାନ ଟିମ୍ ଉପରେ ସ୍ଲୋ-ଓଭର ତଣ୍ଡ ଆଇସିସି ଲଗାଇଲା ୫% ଜରିମାନା

**ନୂଆଦିଲ୍ଲୀ, ୭।୪:** ପାକିସ୍ତାନ କ୍ରିକେଟ୍ ଟିମ୍‌ର ପିଛା ଛାଡୁନି ଟେନସନ୍। ଆଇସିସି ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରି ବୁଡ଼ିଯାଇଥିବା ପାକ୍ ଟିମ୍ ପାଇଁ ପୁଣି ଥରେ ମୁସ୍କିଲ ବଢ଼ିଛି। ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରେ ସ୍ଲୋ-ଓଭର ରେଟ୍ ପାଇଁ ଫାଇନ୍ ଲାଗିଛି। ମ୍ୟାଚ୍ ଫି' ଉପରେ ପାଞ୍ଚ ପ୍ରତିଶତ ଜରିମାନା ଲଗାଇଛି ଆଇସିସି। ନ୍ୟୁଜିଲାଣ୍ଡ ଗସ୍ତରେ ଥିବା ପାକିସ୍ତାନ କ୍ରିକେଟ୍ ଟିମ୍ ନୈରାଶ୍ୟଜନକ ପ୍ରଦର୍ଶନ ରହିଛି। ପାକିସ୍ତନ ଦଳ ପ୍ରଥମେ ପାଞ୍ଚ ଟିକିଆ ଟି-୨୦ ସିରିଜ୍ ୧-୪ରେ ପରାସ୍ତ ହେବା ପରେ ତିନୋଟି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ହ୍ୱାଇଟ୍ ଓ୍ୱାସ୍ ହୋଇଛି। ତେବେ ଏହି ଦ୍ୱିପାକ୍ଷିକ ସିରିଜରେ ସ୍ଲୋ-ଓଭର ରେଟ୍ ପାଇଁ ଦଳ ଉପରେ ଫାଇନ୍ ଲାଗିଛି। ମ୍ୟାଚ୍ ଫି'ରେ ୫ ପ୍ରତିଶତ ଜରିମାନା ଲଗାଇଛି ଆନ୍ତର୍ଜାତିକ କ୍ରିକେଟ୍ ପରିଷଦ। ଏହି ଫାଇନ୍ ନ୍ୟୁଜିଲାଣ୍ଡ ବିରୋଧରେ ମାଉଣ୍ଟ ମାଉଁଗାନୁଇରେ ଖେଳାଯାଉଥିବା ତୃତୀୟ ଦିନିକିଆରେ ପାକିସ୍ତାନ ଟିମ୍ ନିର୍ଦ୍ଧାରିତ ସମୟ ପୂର୍ବରୁ ଗୋଟିଏ ଓଭର କମ୍ ବୋଲିଂ କରିଥିଲା।

ସୂଚନା ଅନୁଯାୟୀ, ଖେଳାଳି ଓ ଖେଳାଳିଙ୍କ ସହଯୋଗୀ ଷ୍ଟାଫଙ୍କ ପାଇଁ ଆଇସିସି ଆଚାର ସଂହିତାର ସ୍ଲୋ-ଓଭର ରେଟ୍ ସହିତ ଜଡ଼ିତ ଅନୁଚ୍ଛେଦ ୨.୨୨ ଅନୁସାରେ ଏହି ନିୟମ ଲାଗୁ ହୋଇଛି। ନିର୍ଦ୍ଧାରିତ ସମୟ ଭିତରେ ବୋଲିଂ ଶେଷ ନହେଲେ ପ୍ରତି ଓଭର ଦରରେ ମ୍ୟାଚ୍ ଫି' ୫ ପ୍ରତିଶତ ଲାଗିବ। ଟିମ୍ ରିଜଓ୍ୱାନ ନ୍ୟୁଜିଲାଣ୍ଡ ସହିତ ତୃତୀୟ ଦିନିକିଆରେ ଧିମା ଓଭର ବୋଲିଂ କରିବାରୁ ଏହି ଜରିମାନା ଲାଗିଛି। ପାକିସ୍ତାନ ଅଧିନାୟକ ମହମ୍ମଦ ରିଜଓ୍ୱାନ ମଧ୍ୟ ଏହାକୁ ସ୍ୱିକାର କରିଛନ୍ତି।



## ବିଶ୍ୱ ବକ୍ସିଂ କପ୍
# ସ୍ୱର୍ଣ୍ଣ ଜିତିଲେ ହିତେଶ

### ଅବିନାଶ ହାତେଇଲେ ରୌପ୍ୟ ପଦକ

**ନୂଆଦିଲ୍ଲୀ,୭।୪:** ବ୍ରାଜିଲ ଠାରେ ଆୟୋଜିତ ବିଶ୍ୱ ବକ୍ସିଂ କପ୍‌ରେ ଭାରତ ମୋଟ ୬ଟି ପଦକ ସହ ଅଭିଯାନ ଶେଷ କରିଛି। ଅନ୍ତିମ ଦିବସରେ ହିତେଶ ଗୁଲିଆ ସ୍ୱର୍ଣ୍ଣ ଏବଂ ଅବିନାଶ ଜାମୱାଲ ରୌପ୍ୟ ପଦକ ଭେଟି ଦେଇଥିଲେ। ପୁରୁଷ ୭୦କିଲୋ ବର୍ଗ ଫାଇନାଲ୍‌ରେ ହିତେଶଙ୍କ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡର ଓଡେଲ କାମରା ଓହରି ଯାଇଥିଲେ। ସେ ଆହତ ଥିବାରୁ ବକ୍ସିଂ ରିଙ୍ଗ୍‌କୁ ଆସି ନଥିଲେ ଏବଂ ହିତେଶଙ୍କୁ ୱାକ୍ ଓଭର ମିଳିଥିଲା। ଅନ୍ୟ ପଟରେ ଅବିନାଶ (୬୫କିଲୋ) ସ୍ୱର୍ଣ୍ଣ ଲଢ଼େଇରେ ବ୍ରାଜିଲର ୟୁରି ରେଇସ୍‌ଙ୍କ ନିକଟରୁ ହାରି ଯାଇଥିଲେ। ପୂର୍ବରୁ ଯଦୁମଣି ସିଂହ (୫୦କିଲୋ), ମନୀଷ ରାଠୋର (୫୫କିଲୋ), ସଚିନ ସିୱାଚ (୬୦କିଲୋ) ଏବଂ ବିଶାଳ (୯୦) ନିଜ ନିଜ ବର୍ଗର ସେମି ଫାଇନାଲ୍‌ରେ ହାରି ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲେ।

## ଜାତୀୟ ଦୃଷ୍ଟିବାଧିତ ଚେସ୍ ଚାମ୍ପିଅନସିପ୍ ଉଦ୍‌ଯାପିତ

# ଦର୍ପଣ ଚାମ୍ପିଅନ, ଗାଙ୍ଗୋଲି ରନର୍ସଅପ୍

**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ):** ଚେସ୍ ବୋର୍ଡରେ ପୁଣି ଥରେ ଦୃଷ୍ଟିବାଧିତ ଚାଟାର୍ଡ ଆକାଉଣ୍ଟାଣ୍ଟ ଦର୍ପଣ ଈରାନୀଙ୍କ ଯାଦୁ ଦେଖିବାକୁ ମିଳିଛି। ଗୁଜରାଟର ଏହି ପ୍ରେରଣାଦାୟୀ ତଥା ଅସାଧାରଣ ପ୍ରତିଭାର ଅଧିକାରୀ ସାଇ ଇଣ୍ଟରନ୍ୟାସନାଲ ରେସିଡେନ୍‌ସିଆଲ୍ ସ୍କୁଲ୍‌ଠାରେ ଆୟୋଜିତ ଅଷ୍ଟାଦଶ ଜାତୀୟ ଦୃଷ୍ଟିବାଧିତ ଚେସ୍‌ରେ ବିଜେତା ହୋଇଛନ୍ତି। ତାଙ୍କ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ତଥା ୮ଥର ବିଜେତା କର୍ଣ୍ଣାଟକର କିଶନ ଗାଙ୍ଗୁଲି ସମାନ ୭.୫ ପଏଣ୍ଟ ପାଇଥିଲେ ମଧ ଟାଇବ୍ରେକ୍ ସ୍କୋର୍‌ରେ ପଛୁଆ ରହି ଉପବିଜେତାରେ ସନ୍ତୁଷ୍ଟ ରହିଛନ୍ତି। ମହାରାଷ୍ଟ୍ରର ଆର୍ଯ୍ୟନ ବି ଯୋଶୀ ଏବଂ ଓଡ଼ିଶା ତାରକା ପ୍ରଚୁର୍ଯ୍ୟ କୁମାର ପ୍ରଧାନ ୭ ପଏଣ୍ଟ୍ ଲେଖାଏଁ ପାଇ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଛନ୍ତି। ସୌନ୍ଦର୍ଯ୍ୟଙ୍କ ଭାଇ ପ୍ରାଚୁର୍ଯ୍ୟ (୬) ସପ୍ତମ, ଶୁଭେନ୍ଦୁ କୁମାର ପାତ୍ର (୫.୫) ତ୍ରୟୋଦଶ ଏବଂ ଅନ୍ୟତମ ଓଡ଼ିଆ ତାରକା ଦୀପକ କୁମାର ଭୋଇ (୪) ୩୭ତମ ସ୍ଥାନରେ ରହିଛନ୍ତି। ବିଜେତା ଦର୍ପଣ ଏଥିସହ ୭୫,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ସହ ଆକର୍ଷଣୀୟ ଟ୍ରଫି ଜିତିଛନ୍ତି। ଏହି ପ୍ରତିଯୋଗିତାର ଅଷ୍ଟମ ରାଉଣ୍ଡ ସୁଦ୍ଧା କିନ୍ତୁ ଆର୍ଯ୍ୟନ ବି ଯୋଶୀ ଏକକ ଆଗୁଆ ରହିଥିଲେ। ନବମ ତଥା ଶେଷ ରାଉଣ୍ଡ୍‌ରେ କିନ୍ତୁ ଓଡ଼ିଶାର ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ତାଙ୍କୁ ହରାଇ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ତା' ସହିତ ଆର୍ଯ୍ୟନଙ୍କ ବିଜେତା ହେବା ସ୍ୱପ୍ନ ମଉଳି ଯାଇଥିଲା। ଅନ୍ୟପକ୍ଷରେ ସ୍ଥାନୀୟ ଖେଳାଳି ଶୁଭେନ୍ଦୁ ପାତ୍ରଙ୍କୁ ପରାସ୍ତ କରି ନାଟକୀୟ ଭାବେ ବିଜେତା ହେବାର ଗୌରବ ଅର୍ଜନ କରିଥିଲେ ଦର୍ପଣ। ପ୍ରଥମ ୫ ସ୍ଥାନରେ ରହି ଦର୍ପଣ, କିଶନ, ଆର୍ଯ୍ୟନ, ସୌନ୍ଦର୍ଯ୍ୟ ଓ ମହାରାଷ୍ଟ୍ରର ମିଳିନ୍ଦ ସାମନ୍ତ (୬.୫) ଆସନ୍ତା ଜୁନ୍ ମାସରେ ସର୍ବିୟାରେ ହେବାକୁ ଥିବା ଦୃଷ୍ଟିବାଧିତ ଚେସ୍ ଅଲିମ୍ପିଆଡ୍ ଏବଂ ଅଗଷ୍ଟରେ ପୋଲାଣ୍ଡରେ ଖେଳାଯିବାକୁ ଥିବା ଆଇବିସିଏ ବିଶ୍ୱ ବ୍ୟକ୍ତିଗତ ଚେସ୍ ଚାମ୍ପିଅନସିପ୍ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି।



ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ମୁଖ୍ୟ ଅତିଥି, ସାଇ ଇଣ୍ଟରନ୍ୟାସନାଲ୍ ରେସିଡେନ୍‌ସିଆଲ୍ ସ୍କୁଲ୍ ପ୍ରିନସିପାଲ୍ ଅମିତାଭ ଅଗ୍ନିହୋତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏମ ମଞ୍ଜୁନାଥ ମୁଖ୍ୟ ଆର୍ବିଟର୍ ଏବଂ କେଆର୍ ପ୍ରଧାନ ଓ ପିଙ୍କି ମହାପାତ୍ର ଆର୍ବିଟର୍ ଦାୟିତ୍ୱ ତୁଲାଇଥିଲେ। ପ୍ରାଚୁର୍ଯ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜନୈତିକ...

ପଦକ୍ଷେପ ଗ୍ରହଣ କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର। ୱାକଫ ବିଲ୍ ପ୍ରସଙ୍ଗକୁ ନେଇ ବିଜେଡିର କିଛି ହାରୁ ନେତା ତିନି ଚାରିଦିନ ଧରି ଗଣମାଧ୍ୟମରେ ତୁମ୍ବିତୋଫାନ କରୁଥିଲେ ମଧ୍ୟ ନବୀନ ନିବାସ ଭିତରେ ପାଟି ଖୋଲିବାକୁ ସାହସ କରିନଥିଲେ। ଏପରିକି ବିଜେଡି ଗଠନ ପରଠାରୁ ନବୀନ ନିବାସରେ ଏଭଳି ବିଶୃଙ୍ଖଳା କେହି ଦେଖିନଥିଲେ। କିନ୍ତୁ ମୁନ୍ନା ଖାଁ ଆଜି ତାହା କରି ଦେଖାଇଦେଲେ।

ଏତେସବୁ ସତ୍ତ୍ୱେ ବି ନବୀନ ନିର୍ବିକାର। ତାଙ୍କର ନିରବତା ଏବେ ଅସନ୍ତୁଷ୍ଟଙ୍କୁ ଇନ୍ଧନ ଯୋଗାଇବାରେ ଲାଗିଛି। ଯେଉଁମାନେ ନବୀନଙ୍କ ବିରୁଦ୍ଧରେ ମୁହଁ ଖୋଲିବାକୁ ସାହସ କରୁଛନ୍ତି ସେମାନଙ୍କୁ ଆଉ କିଛି ପଛରେ ରହି ବଳ ଦେଉଛନ୍ତି। ଏହାର ଘୋର କୁପ୍ରଭାବ ବିଜେଡି ଉପରେ ପଡୁଛି। ସ୍ଥିତି ରକ୍ଷା ପାଇଁ ଯଦିଓ ୩ ସାଂସଦଙ୍କ ସହିତ ପ୍ରତାପ ଦେବ ଓ ସୁବାସ ସିଂହଙ୍କ ଭଳି ନେତା ମୋର୍ଚ୍ଚା ସମ୍ଭାଳିଛନ୍ତି, କିନ୍ତୁ ନବୀନଙ୍କ ସିରିଏଲ କିଲର କଥା ଭାବିଲା ବେଳକୁ ଆଗକୁ ଆସିବାକୁ ଥିବା ଅନେକ ନବୀନ ସମର୍ଥକ ପଛଘୁଞ୍ଚା ଦେଉଛନ୍ତି। ଏହି ସ୍ଥିତି ଜାରି ରହିଲେ ଶେୟାର ବଜାରର ବିପର୍ଯ୍ୟୟ ଭଳି ବିଜେଡିର ବିପର୍ଯ୍ୟୟ ହେବ ଓ ନବୀନଙ୍କ ରାଜନୈତିକ ଜୀବନ ଉପରେ ଏହା କଳାବାଦଲ ଭଳି ଦେଖାଦେବ ବୋଲି ଆଲୋଚନା ଜୋର ଧରିଛି।

### ଚଳିତ ମାସରେ...

ପୂର୍ବରୁ ଯେଉଁମାନେ ୨ ଥର ୪ ବର୍ଷରୁ ଅଧିକ ସମୟ ଧରି ସଭାପତି ଓ ସମ୍ପାଦକ ଅଛନ୍ତି, ତାଙ୍କ ବଦଳରେ ନୂଆ ଲୋକଙ୍କୁ ସାମିଲ କରାଯିବ। ପୂର୍ବ ସରକାରରେ ବିନା ରେଜିଷ୍ଟ୍ରେସନରେ ଏସ୍‌ଏଚ୍‌ଜିଗୁଡ଼ିକୁ କୋଟି କୋଟି ଟଙ୍କା ଦିଆଯାଇଥିବା ବେଳେ ତା'ର ଅଡ଼ିଟ୍ ହୋଇନାହିଁ। କ'ଣ ପାଇଁ ଏସ୍‌ଏଚ୍‌ଜି ତିଆରି କରିଥିଲେ, ଏଥିରୁ ସହଜରେ ବୁଝିହେଉଥିବା ପ୍ରଭାତୀ କହିଛନ୍ତି।

### ଦିନକରେ...

ଦେଶର ଶୀର୍ଷ ୫୦ କମ୍ପାନୀ ମଧ୍ୟରୁ ୪୯ଟି କମ୍ପାନୀ କ୍ଷତିରେ ଦିନ ଶେଷ କରିଛନ୍ତି। କେବଳ ହିନ୍ଦୁସ୍ତାନ ୟୁନିଲିଭର୍ ଶେୟାର୍ ସବୁଜରେ ବନ୍ଦ ହୋଇଥିଲା। ନିଫ୍ଟି ଇଣ୍ଡେକ୍ସ ଓ ସେନ୍‌ସେକ୍ସ ସକାଳୁ ପାଖାପାଖି ୭ରୁ ୮ ପ୍ରତିଶତ କ୍ଷତି ସହିଥିବା ବେଳେ ପରବର୍ତ୍ତୀ ସମୟରେ ଏଥିରେ ସୁଧାର କରିବାରେ ସକ୍ଷମ ହୋଇଥିଲେ। ନିଫ୍ଟି ୩.୨୪ ପ୍ରତିଶତ ତଳକୁ ଖସି ୨୨,୧୬୦୧.୬୦ରେ କ୍ଲୋଜ୍ ହୋଇଥିବା ବେଳେ ସେନ୍‌ସେକ୍ସ ୨.୯୫ ପ୍ରତିଶତ ହ୍ରାସ ପାଇ ୭୩,୧୩୭.୯୦ରେ କ୍ଲୋଜ୍ କରିଛି। ଦିନକରେ ସର୍ବାଧିକ କ୍ଷତି ମଧ୍ୟରେ ଏହା ଗତ ୧୦ ମାସରେ ସର୍ବାଧିକ। ଗତ ବର୍ଷ ଜୁନ୍ ୪ ତାରିଖରେ ଦେଶର ସାଧାରଣ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଭାରତୀୟ ପୁଞ୍ଜି ବଜାରର ବିଭିନ୍ନ ସୂଚକାଙ୍କରେ ଉଲ୍ଲେଖନୀୟ ହ୍ରାସ ଘଟିଥିଲା।

ଟ୍ରମ୍ପଙ୍କର ନୂଆ ଟାରିଫ୍ ନୀତି ଆଗାମୀ ଦିନରେ ବିଶ୍ୱରେ ମାନ୍ଦାବସ୍ଥା ସୃଷ୍ଟି କରିବାର ଆଶଙ୍କା ଥିବାରୁ ନିବେଶକମାନେ ଏବେ ପୁଞ୍ଜି ବଜାରରୁ ମୁହଁ ଫେରାଇ ନେଉଛନ୍ତି। ଆଜିର ଦିନରେ ଭାରତୀୟ ପୁଞ୍ଜି ବଜାରରେ ବିଏସ୍‌ଇ ସେନ୍‌ସେକ୍ସରେ ସ୍ଥାନିତ କମ୍ପାନୀଗୁଡ଼ିକ ୧୪ ଲକ୍ଷ ୯ ହଜାର ୨୨୫.୭୧ କୋଟି ହରାଇଛନ୍ତି। ଏଥିରେ ସ୍ଥାନିତ କମ୍ପାନୀ ମଧ୍ୟରେ ଟାଟା ଷ୍ଟିଲ୍ ସର୍ବାଧିକ ୭.୩୩ ପ୍ରତିଶତ ହ୍ରାସ ପାଇଥିବା ବେଳେ ଲାର୍ସନ୍ ଏଣ୍ଡ ଟୁବ୍ରୋ ୫.୭୮ ପ୍ରତିଶତ ହ୍ରାସ ପାଇଛି। ଏହାଛଡ଼ା କ୍ଷତିଗ୍ରସ୍ତ ହୋଇଥିବା ପ୍ରମୁଖ କମ୍ପାନୀ ମଧ୍ୟରେ ଟାଟା ମୋଟର୍ସ, କୋଟକ୍ ମହିନ୍ଦ୍ରା ବ୍ୟାଙ୍କ୍, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଇନ୍‌ଫୋସିସ୍, ଆକ୍ସିସ୍, ଆଇସିଆଇସିଆଇ ବ୍ୟାଙ୍କ୍, ଏସ୍‌ସିଏଲ୍ ଟେକ୍‌ନୋଲୋଜି ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍ ଆଦି ରହିଛନ୍ତି। ସେହିପରି ବିଏସ୍‌ଇ ସେକ୍ଟରାଲ୍ ପରଫର୍ମାନ୍ସ ମଧ୍ୟରେ ମେଟାଲ୍ ୬.୨୨ ପ୍ରତିଶତ ହ୍ରାସ ପାଇଥିବା ବେଳେ ରିଆଲ୍‌ଟି ୫.୬୯ ପ୍ରତିଶତ ହ୍ରାସ ପାଇଛି। ଚଳିତ ସପ୍ତାହରେ ରିଜର୍ଭ ବ୍ୟାଙ୍କ୍ ମନିଟାରୀ ପଲିସି କମିଟି ବୈଠକ ୯ ତାରିଖରେ ଶେଷ ହେବାକୁ ଥିବା ବେଳେ ୧୦ରୁ ବିଭିନ୍ନ କମ୍ପାନୀର ତ୍ରୈମାସିକ ଫଳାଫଳ ଆସିବା ଆରମ୍ଭ ହେବ। ତେଣୁ ଚଳିତ ସପ୍ତାହରେ ପୁଞ୍ଜି ବଜାରରେ ଚାପ ଜାରି ରହିବା ଏକରକମ ନିଶ୍ଚିତ। ତେବେ ଆଜି ବଜାର ବନ୍ଦ ହେବା ବେଳକୁ ସାମାନ୍ୟ ଉପରକୁ ଉଠିବା ଫଳରେ କେତେକ ନିବେଶକ ସେମାନଙ୍କ କ୍ଷତି ପରିମାଣ ହ୍ରାସ କରିପାରିଛନ୍ତି। ଅନ୍ୟପକ୍ଷରେ ସୋମବାର ପ୍ରାରମ୍ଭିକ ସେସନ୍‌ରେ ଆମେରିକାର ନାସଡାକ୍ ଇଣ୍ଡେକ୍ସ କ୍ରମାଗତ ତୃତୀୟ ଦିନରେ ଯଥେଷ୍ଟ ତଳେ ଖୋଲିଛି। ଫଳସ୍ୱରୂପ ଗତ ୩ ଦିନରେ ଏଥିରେ ସକ୍ରିୟ ଥିବା ନିବେଶକମାନେ ସେମାନଙ୍କ ନିବେଶର ୨୦ ପ୍ରତିଶତ ପର୍ଯ୍ୟନ୍ତ ହରାଇସାରିଛନ୍ତି।

### ଓଡ଼ିଶାରେ...

ମୁଖ୍ୟମନ୍ତ୍ରୀ। ଏହି ଆଲୋଚନା ପରେ ରାଜ୍ୟରେ ୧୪ଟି କମ୍ପାନୀ ୩ ହଜାର କୋଟିର ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏହିସବୁ କମ୍ପାନୀ କାର୍ଯ୍ୟକ୍ଷମ ହେଲେ ପ୍ରାୟ ୨୧ ହଜାର ୩୯୦ ଜଣ ଯୁବକଯୁବତୀଙ୍କ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ସେହିଭଳି ୨୭ ହଜାର ୫୯୫ କୋଟି ଟଙ୍କାର ନିବେଶ ପାଇଁ ୧୧ଟି କମ୍ପାନୀ ସହ ସରକାର ଚୁକ୍ତି ସ୍ୱାକ୍ଷର କରିଛନ୍ତି। ଏହି ୧୧ଟି ପ୍ରକଳ୍ପ ଉତ୍ପାଦନ ଆରମ୍ଭ କଲେ ୨୭ ହଜାର ଲୋକଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ମିଳିପାରିବ। ରାଜ୍ୟରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରିଥିବା କମ୍ପାନୀଗୁଡିକ ମୁଖ୍ୟତଃ ଉତ୍ପାଦନଭିତ୍ତିକ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ସହ ସାମଗ୍ରୀକ ଭାବେ ରାଜ୍ୟର ଅର୍ଥନୈତିକ ଲ୍ୟାଣ୍ଡସ୍କେପରେ ମଧ୍ୟ ପରିବର୍ତ୍ତନ ଆଣିବ।

ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ (ଆଇଓସିଏଲ) ସହ ନାପଥା କ୍ରାକର ପ୍ରକଳ୍ପ ପାଇଁ ଏମଓୟୁ ସ୍ୱାକ୍ଷର କରିବେ। ଏହି ପ୍ରକଳ୍ପ ଦ୍ୱାରା ରାଜ୍ୟରେ ପେଟ୍ରୋକେମିକାଲ କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ ହୋଇପାରିବ ବୋଲି ସରକାର ଆଶା ରଖିଛନ୍ତି। ଏଥିସହ ପେଟ୍ରୋନେଟ ଏଲଏନଜି ଏବଂ ଇଣ୍ଡିଆନ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ଲିମିଟେଡ ସହିତ ମଧ୍ୟ ବୁଝାମଣାପତ୍ର ସ୍ୱାକ୍ଷର କରିବାର କାର୍ଯ୍ୟକ୍ରମ ରହିଛି।

### ପେଟ୍ରୋଲ୍...

ଖୁଚୁରା ଦର ବୃଦ୍ଧି ପାଇପାରେ। କିନ୍ତୁ ଏନେଇ ତୈଳ ବିତରଣ କମ୍ପାନୀଗୁଡ଼ିକ ପେଟ୍ରୋଲ୍ ଓ ଡିଜେଲ୍‌ର ଖୁଚୁରା ଦର ବଢ଼ିବ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି।

ଏହାଛଡ଼ା ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ସୋସିଆଲ୍ ମିଡିଆ 'ଏକ୍ସ' ମାଧ୍ୟମରେ ଏନେଇ ସୂଚନା ମଧ୍ୟ ଜାରି ହୋଇଛି। ନିକଟରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହ୍ରାସ ପାଇଥିଲେ ହେଁ ତୈଳ ଆବଣ୍ଟନକାରୀ କମ୍ପାନୀଗୁଡ଼ିକ ଦରରେ କୌଣସି ହ୍ରାସ କରିନଥିଲେ। ତେଣୁ ବର୍ତ୍ତମାନ ବୃଦ୍ଧି ପାଇଥିବା ଉତ୍ପାଦ ଶୁଳ୍କକୁ ଏଥିରେ ଆଡଜଷ୍ଟ କରାଯିବ ବୋଲି କମ୍ପାନୀଗୁଡ଼ିକ କହିଛନ୍ତି। ଏଥିସହ ପାଖାପାଖି ୫ ବର୍ଷ ପରେ କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କ ବୃଦ୍ଧି କରିଛନ୍ତି। ଶେଷ ଥର ପାଇଁ ଗତ ୨୦୨୦ରେ କେନ୍ଦ୍ର ସରକାର ପେଟ୍ରୋଲ୍ ଓ ଡିଜେଲ୍ ଉପରେ ଉତ୍ପାଦ ଶୁଳ୍କ ବୃଦ୍ଧି କରିଥିଲେ। ସୂଚନାଯୋଗ୍ୟ ଯେ ଗତ ୨୦୧୪ ପରଠାରୁ ଆଜି ପର୍ଯ୍ୟନ୍ତ କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କ ପାଖାପାଖି ୩୦୦ ପ୍ରତିଶତ ବୃଦ୍ଧି କରିସାରିଛନ୍ତି। ଫଳରେ ୨୦୨୧ ସୁଦ୍ଧା ପେଟ୍ରୋଲ୍ ଉପରେ ଏ ସଂକ୍ରାନ୍ତ ଶୁଳ୍କ ପରିମାଣ ଲିଟର୍ ପିଛା ୩୨.୯୦ ପଇସାରେ ପହଞ୍ଚିଛି, ଯାହାକି ଗତ ୨୦୧୪ରେ ଲିଟର୍ ପିଛା ୯.୪୮ ଥିଲା। ସେହିପରି ୨୦୧୪ରେ ଡିଜେଲ୍ ଉପରେ ଉତ୍ପାଦ ଶୁଳ୍କ ପରିମାଣ ଲିଟର୍ ପିଛା ୩.୫୬ ଥିବା ବେଳେ ୨୦୨୧ରେ ଏହା ୩୧.୮୦ରେ ପହଞ୍ଚିସାରିଛି। ତେଣୁ ଏବେ ଗ୍ରାହକମାନେ କିଣୁଥିବା ପେଟ୍ରୋଲ୍‌ରେ ଲିଟର ପିଛା ୬୦ ପ୍ରତିଶତ ଉତ୍ପାଦ ଶୁଳ୍କ ପଇଠ କରୁଥିବା ବେଳେ ଡିଜେଲ୍ ପାଇଁ ଏହା ୫୩ ପ୍ରତିଶତ ରହିଛି।

### ବିଜେଡି ବିପର୍ଯ୍ୟୟକୁ...

ନେଇ ଅନେକ ନେତା ତାଙ୍କ ଉପରେ ଏବେ ବି ରକ୍ତଚାଉଳ ଚୋବାଉଛନ୍ତି। ବବି ନିଜେ ହାରିବା ସହିତ ଭବିଷ୍ୟତ ସୁରକ୍ଷା ପାଇଁ ମା'ଙ୍କୁ ପରିଣତ ବୟସରେ ନିର୍ବାଚନ ଲଢ଼ାଇ ହରାଇବା ଏବଂ ଭାଇଙ୍କୁ ରାଜନୀତି ପାଇଁ ଜେଲରେ ପୂରାଇବାକୁ ପଛାଇନଥିଲେ।

ଏତେସବୁ ସତ୍ତ୍ୱେ ବିଜେଡିର ସଂଗଠନ ସମ୍ପାଦକ ପଦବୀ ଦାୟିତ୍ୱରେ ଅଛନ୍ତି। କିନ୍ତୁ ନବୀନ ନିବାସ ଭିତରେ ଅସନ୍ତୁଷ୍ଟ ପହଞ୍ଚି ହୋହାଲ୍ଲା କରୁଥିବା ବେଳେ ବବି କାହିଁକି ସ୍ଥିତି ନିୟନ୍ତ୍ରଣ ପାଇଁ ପଦାକୁ ଆସୁନାହାନ୍ତି ତାହା ଏବେ ବିଜେଡି ରାଜନୀତିରେ ଚର୍ଚ୍ଚାର ବିଷୟ ପାଲଟିଛି । କିଛି ବିଜେଡି ନେତାଙ୍କ କହିବା କଥା ଯେ ବବିଙ୍କ ସାଙ୍ଗରେ ଆଉ କେହି ସହଯୋଗୀ ନାହାନ୍ତି। ପଦାକୁ ବାହାରିଲେ କର୍ମୀଙ୍କ ସମ୍ମୁଖୀନ ହେବାକୁ ବି ତାଙ୍କର ସାହସ ନାହିଁ। ତେଣୁ କିଛି ଦିନ ହେଲା ଅଜ୍ଞାତବାସରେ ଥିବା ବବି ଏବେ ନିଜେ ବଞ୍ଚିଲେ ବାପର ନାଁ ନ୍ୟାୟରେ ଶଙ୍ଖ ଭବନରେ ଆତ୍ମଗୋପନ କରିଛନ୍ତି। ସ୍ଥିତି ଦିନକୁ ଦିନ ଜଟିଳ ହେଉଥିବା ବେଳେ ମଙ୍ଗୁଆଳ କେବେ ପଦାକୁ ବାହାରିବେ, ତାହା ଉପରେ ଏବେ ସମସ୍ତଙ୍କ ନଜର।

### ନବୀନଙ୍କ...

ଅବସରରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ରାଜ୍ୟରେ କ୍ଷମତାସୀନ ଥିବା ସମୟରେ ବିଜେଡି ସଂଖ୍ୟାଲଘୁ ସମ୍ପ୍ରଦାୟର ବିକାଶ ପାଇଁ ଅନେକ କିଛି ପଦକ୍ଷେପ ନେଇଛି। ଦଳ ସବୁବେଳେ ଧର୍ମନିରପେକ୍ଷ ଆଦର୍ଶରେ ବିଶ୍ୱାସ କରିଆସିଥିବା ବେଳେ ଆଗାମୀ ଦିନରେ ମଧ୍ୟ ଏହା ସହ କାଏମ ରହିବ। କେବଳ ଏହି ଆଦର୍ଶ ପରିପ୍ରେକ୍ଷୀରେ ଗତ ୨୦୦୯ରେ ଦଳ ବିଜେପିଠାରୁ ଦୂରେଇ ଯାଇଥିଲା।

ତେଣୁ ସଂଖ୍ୟାଲଘୁମାନଙ୍କ ସ୍ୱାର୍ଥ ପାଇଁ ବିଜେଡି ତା'ର ଲଢ଼େଇ ଜାରି ରଖିବ। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦିବଂଗତ ବିଜୁ ପଟ୍ଟନାୟକ ବି ସବୁବେଳେ ସଂଖ୍ୟାଲଘୁମାନଙ୍କ ସପକ୍ଷରେ ରହିଥିଲେ। ତାଙ୍କ ଦାୟାଦ ହିସାବରେ ସେ ମଧ୍ୟ ଏହି ସମ୍ପ୍ରଦାୟ ସହ ରହିଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଏହି ଆଲୋଚନା ସମୟରେ ସାଂସଦ ମୁନ୍ନା ଖାଁ, ବିଜେଡିର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର ଓ ସଞ୍ଜୟ ଦାସବର୍ମା ମଧ୍ୟ ଉପସ୍ଥିତ ଥିଲେ।

### ବିଦା ହେବେ...

ମଧ୍ୟ ସସ୍ମିତଙ୍କୁ ସୁରକ୍ଷା ଦେଇ ପାଣ୍ଡିଆନଙ୍କୁ ଟାର୍ଗେଟ କରିବା ଅର୍ଥ ତାଙ୍କ ପଛରେ କିଛି ଅଦୃଶ୍ୟ ଶକ୍ତି କାମ କରୁଛି। ଯେଉଁଥିପାଇଁ ସେ ଦଳରେ ଥାଇ ବି ଦଳ ବିରୋଧରେ ମନ୍ତବ୍ୟ ଦେଉଥିଲେ। ରାଜନୈତିକ ମହଲରେ ଆକଳନ କରାଯାଉଛି ଯେ ବିଜେଡିରୁ ବିଦା ହୋଇ ଖୁବଶୀଘ୍ର ଋଷି ପଦ୍ମ ଶିବିରରେ ଯୋଗଦେବେ ଆଉ କଟକ ବିଜେପିର ମଙ୍ଗ ଧରିବେ। ଏମିତି ବି କଟକରେ ସାଂସଦ ଭର୍ତ୍ତୃହରି ମହତାବଙ୍କୁ ବାଦ ଦେଲେ ସଂଗଠନ ସମ୍ଭାଳିବା ଭଳି ବିଜେପିରେ ଆଉ କେହି ନେତା ନାହାଁନ୍ତି।

### ୨୦୨୭ ମାର୍ଚ୍ଚ...

ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ୨୦୨୫-୨୬ ବଜେଟ୍ ଏପ୍ରିଲ ଆରମ୍ଭରୁ କେମିତି କାର୍ଯ୍ୟକାରୀ ହେବ, ସେନେଇ ଚିନ୍ତା କରୁଛୁ। ଏ ନେଇ ବିଭାଗୀୟ ପଦାଧିକାରୀମାନଙ୍କୁ ଯୋଜନା ପ୍ରସ୍ତୁତ କରିବା ସକାଶେ କୁହାଯାଇଛି। ସେହିପରି ଗ୍ରୀଷ୍ମ ପ୍ରବାହ ପରିପ୍ରେକ୍ଷୀରେ ପାନୀୟ ଜଳ ଯୋଗାଣ ପ୍ରଭାବିତ ନ ହେବ, ତା' ଉପରେ ନଜର ରଖାଯାଇଛି।

ଆବଶ୍ୟକ ପଡ଼ିଲେ ଅଧିକ ସଂଖ୍ୟାରେ ଟ୍ୟାଙ୍କର ମଗାଯିବ। ପାଣି ସମସ୍ୟା ପାଇଁ ଦରକାର ହେଲେ କଣ୍ଟ୍ରୋଲ ରୁମ୍ ଖୋଲାଯିବ। ଅଭିଯୋଗ ଆସିବାର ୨ ଘଣ୍ଟା ଭିତରେ ସମସ୍ୟାର ସମାଧାନ କରିବା ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି। ସେହିପରି ଇତିମଧ୍ୟରେ ଅଧିକାଂଶ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇସାରିଛି। ଖୁବ୍‌ଶୀଘ୍ର ଅବଶିଷ୍ଟ ପ୍ରକଳ୍ପ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହେବ। କେତେକ ସ୍ଥାନରେ ଜମି ଅଧିଗ୍ରହଣ ସମସ୍ୟା ପାଇଁ ପାଇପ ପକାଇବାରେ ସମସ୍ୟା ହେଉଛି। କିନ୍ତୁ ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ ଦିଗଜରେ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ଡା. ମହାପାତ୍ର ଆହୁରି କହିଛନ୍ତି ଯେ ପାଣିର ଉତ୍ସ ପାଇଁ ଭୂତଳ ଜଳ ଓ ନଦୀର ଜଳକୁ ବ୍ୟବହାର କରୁଛୁ। ବୈଠକରେ ନଦୀର ଜଳକୁ ବ୍ୟାରେଜ୍ ଯୋଗେ କିପରି ଅଧିକ ବ୍ୟବହାର କରାଯିବ ସେ ନେଇ ଆଲୋଚନା ହୋଇଛି। ବହିଯାଉଥିବା ପାଣିର ୧୭ ପ୍ରତିଶତ ହିଁ ଆମେ ବ୍ୟବହାର କରିପାରୁଛୁ। ବାକି ସମୁଦ୍ରରେ ମିଶିଯାଉଛି। ତେଣୁ ବ୍ୟାରେଜ୍ ମାଧ୍ୟମରେ ଅଧିକ ପାଣି ସଂରକ୍ଷିତ ରଖିବା ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଡା. ମହାପାତ୍ର କହିଛନ୍ତି। ତାଙ୍କ କହିବାନୁସାରେ, ସହରାଞ୍ଚଳମାନଙ୍କରେ ଯୋଗାଇ ଦିଆଯାଉଥିବା ପାନୀୟଜଳ ଦେୟ ଆଦାୟ ନିମନ୍ତେ ଲାଗିଥିବା ମିଟର ବଦଳରେ ସ୍ମାର୍ଟ ମିଟର ଲଗାଯିବ। ଏବେ ପରୀକ୍ଷାମୂଳକ ଭାବେ କେତେକ ସହରାଞ୍ଚଳରେ ଏହାକୁ କାର୍ଯ୍ୟକାରୀ କରାଯିବ ଓ ସଫଳତା ମିଳିବା ପରେ ଅବଶିଷ୍ଟ ସହରାଞ୍ଚଳରେ ଏହାକୁ ଲାଗୁ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଉନ୍ନତି ଭବନ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ , ୱାଟକୋ ପରିଚାଳନା ନିର୍ଦ୍ଦେଶକ ଗୁରୁ ଚରଣ ଦାସ , ଇଆଇସି ଓ ଓଡବ୍ଲ୍ୟୁଏସ୍‌ଏସ୍‌ବି ରତିନ୍ଦ୍ର ନାରାୟଣ ମଲ୍ଲିକ, ଇଆଇସି ପିଏଚ୍‌ଇଓ ବିଳାସ ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ବିଲ୍ ମଞ୍ଜୁରୀ ନେଇ ବିଡିଓଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ



**ବାଲିଅନ୍ତା, ୭।୪ (ସଂଚାର ବ୍ୟୁରୋ) :** ବିଡିଓ କସ୍ତୁରୀ ସ୍ୱାଇଁଙ୍କ ତ୍ୱରିତ ପଦକ୍ଷେପ ଯୋଗୁ ସତ୍ୟଭାମାପୁର ପୂର୍ବତନ ସମିତି ସଭ୍ୟ ସନତ ସ୍ୱାଇଁ ୨୦୨୧/୨୨ ଆର୍ଥିକ ବର୍ଷରେ ନିର୍ମାଣ କରାଇଥିବା କମ୍ୟୁନିଟି ଗୃହ ନିର୍ମାଣ ବିଲ୍ ମଞ୍ଜୁରୀ ନେଇ କାର୍ଯ୍ୟପ୍ରକ୍ରିୟା ଆରମ୍ଭ ହୋଇଛି । ୨ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ ବିଲ୍ ମଞ୍ଜୁରିରେ ଅହେତୁକ ବିଳମ୍ବ ହୋଇଥିଲା । ବିଡିଓ ସୁଶ୍ରୀ ସ୍ୱାଇଁ ୩ ସପ୍ତାହ ଭିତରେ ବିଲ୍ ମଞ୍ଜୁରୀ ନେଇ ପ୍ରତିଶୃତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ଉମାଦେଈ ବ୍ରହ୍ମପୁର ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ରଙ୍କ ସମେତ ସରପଞ୍ଚ ରମାଲତା ନାୟକ, ମଣ୍ଡଳ ସଭାପତି ବିଜୟ ମହାରଣା ସମିତି ସଭ୍ୟା କାକରୁଦ୍ରପୁର ମିଲିଲତା ବେହେରା, ସତ୍ୟଭାମାପୁର ସମିତି ସଭ୍ୟା ରସ୍ମିତା ସ୍ୱାଇଁ, ପୂରଣ ପଧାନ ସମିତି ସଭ୍ୟା ମମତା ମାହାରି, ସହଦେବ ସ୍ୱାଇଁ, ସୁଶିଳ କୁମାର ବେହେରା ପ୍ରମୁଖ ସମର୍ଥନ କରିଥିଲେ । ଅପରାହ୍ନରେ ବିଡିଓ କସ୍ତୁରୀ ସ୍ୱାଇଁ, ସହକାରୀ ଯନ୍ତ୍ରୀ ତାପସ ରଞ୍ଜନ ବିଶ୍ୱାଳ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟଲକ୍ଷ୍ମୀ ପରିଡ଼ା ପ୍ରମୁଖ ୩ ସପ୍ତାହ ମଧରେ ବିଲ ମଞ୍ଜୁର କରାଇବା ନେଇ ପ୍ରତିଶୃତି ଦେବା ପରେ ଧରଣା ପ୍ରତ୍ୟାହୃତ ହୋଇଥିଲା ।

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ କାର୍ଯ୍ୟରେ ଯୋଗ ଦେଉନାହାନ୍ତି ଅମିନ

**ନାଉଗାଁ,୭।୪(ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ତହସିଲ କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖିବାକୁ ମିଳିଛି। କାର୍ଯ୍ୟାଳୟରେ ଆବଶ୍ୟକ ମୁତାବକ ଅମିନ ନଥିବାରୁ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଅମିନ ନଥିବାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପତ୍ର (ନଂ-୫୪୪୩/୨୦ ମାର୍ଚ୍ଚ ୨୦୨୫) ର ନିର୍ଦ୍ଦେଶ ଅନୁସାରେ ରଘୁନାଥପୁର ତହସିଲ ଅମିନ ସତ୍ୟବ୍ରତ ସାହୁ ଓ କୁଜଙ୍ଗ ତହସିଲର ଅମିନ ଜିତେନ୍ଦ୍ର କୁମାର ପାଢ଼ୀଙ୍କୁ ନାଉଗାଁ ତହସିଲକୁ ସ୍ଥାନାନ୍ତର କରାଯାଇଛି। ନିର୍ଦ୍ଦେଶକୁ ୧୫ ଦିନ ପୁରିଥିଲେ ମଧ ଏପର୍ଯ୍ୟନ୍ତ କୌଣସି ଅମିନ ନାଉଗାଁ ତହସିଲ କାର୍ଯ୍ୟାଳୟରେ ଯୋଗ ଦେଇ ନଥିବା ଜଣାଯାଇଛି। ଯାହାଫଳରେ ଜନସାଧାରଣ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ସୂଚନା ମୁତାବକ ଉକ୍ତ ତହସିଲ ଅଧୀନରେ ୫ଟି ରାଜସ୍ୱ ନିରକ୍ଷକଙ୍କ କାର୍ଯ୍ୟାଳୟ ରହିଛି। ଏହି ସବୁ କାର୍ଯ୍ୟାଳୟରେ ଜମିପଟ୍ଟା, ନକ୍ସା ସଂଶୋଧନ, ସରକାରୀ ଜମି ଚିହ୍ନଟ ଅଥବା ମାପଚୁପ, ବେସରକାରୀ ଜମିର ସୀମା ନିର୍ଦ୍ଧାରଣ ପାଇଁ ଅମିନଙ୍କର ଆବଶ୍ୟକତା ରହିଛି। କିନ୍ତୁ ଉକ୍ତ ତହସିଲରେ ୬ଟି ଅମିନ ପଦବୀ ରହିଥିବା ବେଳେ ମାତ୍ର ୨ଜଣ ଅମିନଙ୍କୁ ନେଇ କାର୍ଯ୍ୟାଳୟ ଚାଲୁ ରହିଛି। ଉକ୍ତ ୨ଜଣ ଅମିନଙ୍କର ୨ମାସ ପ୍ରଶିକ୍ଷଣ ଥିବାରୁ ଫେବୃଆରୀ ୧୮ରୁ ସେମାନେ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଛନ୍ତି। ଅପରପକ୍ଷେ ବେସରକାରୀ ଜମି ସୀମା ନିର୍ଦ୍ଧାରଣ ପାଇଁ ତହସିଲ ପକ୍ଷରୁ ଜୁନ ୧୫ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି। ଏହି ସମୟ ମଧରେ ବେସରକାରୀ ଜମିର ମାଲିକମାନେ ଜମି ସୀମା ନିର୍ଦ୍ଧାରଣ ପାଇଁ ତହସିଲ କାର୍ଯ୍ୟାଳୟରେ ଆବଶ୍ୟକୀୟ କାଗଜପତ୍ର ସହ ଦରଖାସ୍ତ ଆବେଦନ କରିଛନ୍ତି। କିନ୍ତୁ ଅମିନ ନଥିବାରୁ ଜମି ଜମା ସୀମା ନିର୍ଦ୍ଧାରଣ ହୋଇ ପାରୁନଥିବା ଜଣାଯାଇଛି। ଏସଂକ୍ରାନ୍ତରେ ତହସିଲଦାର ଅକ୍ଷୟ କୁମାର ବଡୁଙ୍କ ମତାମତ ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ ସମ୍ଭବ ହୋଇପାରିନାହିଁ।

# ବର୍ଣ୍ଣବୋଧ ଉତ୍ସବରେ ବହି ବଣ୍ଟନ



**କାକଟପୁର/ଅସ୍ତରଙ୍ଗ, ୭।୪ (ସଂଚାର ବ୍ୟୁରୋ) :** ଓଡିଶାର ଭାଷା, ସାହିତ୍ୟ, ସଂସ୍କୃତି, କଳା, ଇତିହାସ ଭଳି ଅନେକ ସମ୍ବେଦନଶୀଳ ପ୍ରସଙ୍ଗକୁ ସମୃଦ୍ଧ କରିବା ଲକ୍ଷ୍ୟ ନେଇ ପାଳନ ହେଉଛି ଓଡ଼ିଆ ପକ୍ଷ। ଏହାର ପ୍ରଚାର ପ୍ରସାର ସହ ବିଶ୍ୱଦରବାର ରେ ପରିଚୟକୁ ସୁଦୃଢ କରିବା ପାଇଁ ଚଳିତ ମାସ ଏକ ତାରିଖ ଓଡିଶା ଦିବସ ଠାରୁ ଚଳିତ ମାସ ୧୪ତାରିଖ ଓଡ଼ିଆ ନବବର୍ଷ ତଥା ମହାବିଷୁବସଂକ୍ରାନ୍ତି ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ଆୟୋଜନ ହେଉଛି। ଏହି କ୍ରମରେ ଚଳିତ ମାସ ୭ତାରିଖ ସୋମବାର ଦିନ ପାଳନ ହୋଇଛି ବର୍ଣ୍ଣବୋଧ ଉତ୍ସବ। ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ ବର୍ଣ୍ଣବୋଧ ପ୍ରତିଟି ଓଡ଼ିଆଙ୍କ ଆଦ୍ୟ ପୁସ୍ତକ। ଏହି ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନିକଟସ୍ଥ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ପରିସରରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶରତଚନ୍ଦ୍ର ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ଜିଲ୍ଲାଶିକ୍ଷାଅଧିକାରୀ ଦୀପକ କୁମାର ପାଢ଼ୀ,ବ୍ଲକ ଅଧକ୍ଷା ଆରତୀ ନାଏକ,ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଅସ୍ତରଙ୍ଗ ବିଡ଼ିଓ, ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ଅତିରିକ୍ତ ମଣ୍ଡଳ ଶିକ୍ଷାଅଧିକାରିଣୀ ସୁଧାଂଶୁ ବାଳା ଶତପଥୀ, ଉପଦେଷ୍ଟା ଶିକ୍ଷା ପରାମର୍ଶ କମିଟି ଦିବାକର ଛାଟୋଇ, ସାଧନସଂଯୋଜକ ସନ୍ତୋଷ କୁମାର ସ୍ୱାଇଁ, ରବୀନ୍ଦ୍ର ପରିଡା, ଅସ୍ତରଙ୍ଗ ନୋଡାଲ ବିଦ୍ୟାପୀଠ ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ବର୍ଣ୍ଣବୋଧ ଉତ୍ସବ ଅବସରରେ ବର୍ଣ୍ଣବୋଧ ବହି ବଣ୍ଟନ କରିଥିଲେ। ଏହାକୁ ସ୍ୱାଗତ କରିଛନ୍ତି ଅସ୍ତରଙ୍ଗ ବାସିନ୍ଦା। ବିଦ୍ୟାଳୟ ରେ ବର୍ଣ୍ଣବୋଧ ଶିକ୍ଷା ପ୍ରବାହ ପକାଇବ ବୋଲି କହିଛନ୍ତି ବୁଦ୍ଧିଜୀବୀ। ଓଡ଼ିଆ ପକ୍ଷ ପାଳନ ଅବସରରେ ଶିକ୍ଷାର ବିକାଶ ହେବ। ମଧୁବାବୁ ଛବିଳ ବର୍ଣ୍ଣବୋଧ ବଣ୍ଟନ, ବର୍ଣ୍ଣବୋଧ ଉତ୍ସବ ପାଳନ ଭଳି ପଦକ୍ଷେପକୁ ସମସ୍ତେ ସ୍ୱାଗତ କରିଛନ୍ତି।

# ପାଣି ନଥାଇ ବି ଜଳକର ଦେଉଛନ୍ତି ଚାଷୀ

**▶ ୫ବର୍ଷ ହେବ ଖନନ ହୋଇନି ଅନେକ କେନାଲ ▶ ମନ୍ତ୍ରୀ ଓ ଜିଲ୍ଲାପାଳ ଦୃଷ୍ଟିଦେବାକୁ ଦାବି**

**କାକଟପୁର/ଅସ୍ତରଙ୍ଗ, ୭।୪ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତ ଦେଇ ଯାଇଥିବା କେନାଲ ପ୍ରାୟ ୫ରୁ ୬ବର୍ଷ ହେଲାଣି ଖନନ କରାଯାଇନାହିଁ। ଫଳରେ ସମଗ୍ର କେନାଲ ଦଳରେ ଭର୍ତ୍ତି ହୋଇଗଲାଣି ତ କେଉଁଠି ଶୁଖିଲା ପଡିଛି। ଫଳରେ ଖରିଫ ଚାଷ କରି ଜୀବିକାନିର୍ବାହ କରୁଥିବା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଚାଷୀ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ବର୍ଷାର ଅନିୟମିତତା ବେଳେ ଟୋପାଏ ପାଣି ପାଇବା ଚାଷୀଙ୍କୁ କଷ୍ଟକର ହୋଇପଡୁଛି। ତେଣେ ଜମିକୁ ଜଳ ନମାଡିବାରୁ ବି ଚାଷୀଙ୍କୁ ଜଳକର ଦେବାକୁ ପଡୁଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳକୁ ଶସ୍ୟଶାମଳା କରିବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ



ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତ ଦେଇ କେନାଲ ହୋଇଥିଲା। ଏହା ଅସ୍ତରଙ୍ଗ ଉପକଣ୍ଠ ଅସ୍ତରଙ୍ଗ, କେନ୍ଦ୍ରାପଟି ପଂଚାୟତ ଦେଇ ପାଖାପାଖି ୨୦କିଲୋମିଟର ଅତିକ୍ରମ କରି ତିଆରି ହୋଇଛି ସତ କିନ୍ତୁ ଅନେକ ସ୍ଥାନରେ ଦଳଭର୍ତ୍ତି ହେବା ସହ କେଉଁଠି ଭାଙ୍ଗି ଗଲାଣି ତ କେଉଁଠି ମଧ ପୋତିହୋଇ ପଡ଼ିଲାଣି। ଏପରିକି ବହୁସ୍ଥାନରେ ଲୋକେ କେନାଲ ବନ୍ଧକୁ ଜବରଦଖଲ କରିନେଲେଣି। ଏ ନେଇ ବାରମ୍ବାର ଦାବୀ ସତ୍ତ୍ୱେ ମଧ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି। କେନ୍ଦ୍ରାପଟି ଗାଁର ରତିକାନ୍ତ ଦାଶ କହିଛନ୍ତି ଦୀର୍ଘଦିନ ଧରି କେନାଲ ପୁନଃଉଦ୍ଧାର କରାଯାଉନି। କେନାଲରେ ପାଣି ଆସୁନି। ଅନ୍ୟପଟେ ଜଣେ ଚାଷୀ ଅଭିଯୋଗ କରିଛନ୍ତି କେନାଲ ପାଣି ନପାଇ ମଧ ରାଜସ୍ୱ ନିରୀକ୍ଷକ କଥା ମାନି ଜଳକର ଗଣୁଛନ୍ତି।

ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ କହିଲେ ମଧ କେବଳ ଥରେ ଥରେ ଲୋକ ଦେଖାଣିଆ କେନାଲ ସଫା କରି ଫଟୋ ଉଠାଇ ଦେଉଥିବା ବେଳେ ବାସ୍ତବସ୍ଥିତି ସମ୍ପୂର୍ଣ୍ଣ ଓଲଟା। ୫ହଜାର ହେକ୍ଟର ଜମି ଚାଷ କରିବାକୁ ଏହି କେନାଲ ଉପରେ ଭରସା କରନ୍ତି ଅସ୍ତରଙ୍ଗ ଅଞ୍ଚଳର ଚାଷୀମାନେ। ଏବେ ଗ୍ରୀଷ୍ମଋତୁରେ କେନାଲରେ ପାଣି ନାହିଁ। ଏ ସମ୍ପର୍କରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି କହିଛନ୍ତି ଜଳକର ସମସ୍ୟା ସମ୍ପର୍କରେ ଯାହାର କିଛି ଅଭିଯୋଗ ଅଛି ଜଣାଇଲେ ତଦନ୍ତ କରାଯିବ। କିନ୍ତୁ ଚାଷୀମାନେ ଦାବୀ କରିଛନ୍ତି ସମ୍ପୂର୍ଣ୍ଣ ଜଳକର ଛାଡ଼ ପାଇଁ।

# ସନ୍ଦେହଜନକ ମୃତ୍ୟୁ

**ସାଲେପୁର, ୭।୪ (ସଂଚାର ବ୍ୟୁରୋ) :** ଆଜି ଜଣେ ବ୍ୟକ୍ତିର ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। କିଶନନଗର ପୁଲିସ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବଟିକୁ ବ୍ୟବଚ୍ଛେଦ ପାଇଁ କଟକ ପଠାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ବ୍ୟକ୍ତି ଜଣକର ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି। ଖବରରୁ ପ୍ରକାଶ ଯେ ସାଲେପୁର ବ୍ଲକ ଅନ୍ତର୍ଗତ ରଟିଲୋ ଗ୍ରାମର ରଟିଲୋ ଗ୍ରାମର ସନ୍ତୋଷ କୁମାର ସାହୁ(୫୮) ଗତକାଲି ବିଳମ୍ବିତ ରାତ୍ରିରେ ଘର ଭିତରକୁ ଯାଇନପାରି ନିଜ ଚଉରା ପିଣ୍ଡିରେ ଶୋଇ ପଡ଼ିଥିଲେ। ଆଜି ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ପରିବାର ଲୋକେ ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ସନ୍ତୋଷ ପ୍ରଚୁର ମଦ୍ୟପାନ କରିଥିବାରୁ ତାଙ୍କର ମୃତ୍ୟୁ ଘଟିଥାଇପାରେ ବୋଲି କେତେକ ବ୍ୟକ୍ତି କହୁଥିବା ବେଳେ ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଅନ୍ୟ କେତେକ ବ୍ୟକ୍ତି କହୁଥିବା ଶୁଣିବାକୁ ମିଳୁଛି। ଖବର ପାଇ କିଶନନଗର ଥାନା ପୁଲିସ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରି କଟକ ପଠାଇବା ସହ ତଦନ୍ତ ଚାଲୁ ରଖିଛି।

# ସୋଆ ଆଇଡିଏସ୍ ପକ୍ଷରୁ ୱାକାଥନ୍



**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ) :** ବିଶ୍ୱ ମୁଖ ସ୍ୱାସ୍ଥ୍ୟ ମାସ ପରିପ୍ରେକ୍ଷୀରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ୍ ସାଇନ୍ସେସ୍ (ଆଇଡିଏସ୍) ପକ୍ଷରୁ ରବିବାର ଏଠାରେ ଏକ ୱାକାଥନ୍ ଆୟୋଜିତ ହୋଇଯାଇଛି। ମୁଖ ସ୍ୱାସ୍ଥ୍ୟର ଉତ୍ତମ ଯତ୍ନ ଏବଂ ସୁସ୍ଥ ଜୀବନଶୈଳୀ ନିମନ୍ତେ ଏହାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ୱାକାଥନ୍ର ପ୍ରସଙ୍ଗ ରହିଥିଲା 'ହାପି ମାଉଥ୍, ହାପି ମାଇଣ୍ଡ-ୱାକ୍ ଫର ଏ କଜ୍'। ଆଇଡିଏସ୍ର ଛାତ୍ରଛାତ୍ରୀ, ଫ୍ୟାକଲ୍ଟି ମେମ୍ବର୍ସ, ଇନ୍ଟର୍ଣ୍ଣ ଏବଂ କର୍ମଚାରୀମାନଙ୍କୁ ମିଶାଇ ମୋଟ ୩୦୦ଜଣ ଏହି ୱାକାଥନ୍ରେ ସାମିଲ ହୋଇ ୩ କିମି ରାସ୍ତା ଚାଲିଥିଲେ। ଏଥିରେ ଅଂଶଗ୍ରହଣକାରୀମାନେ ଜନସାଧାରଣଙ୍କୁ ସଚେତନ କରାଇବା ସହ ମୁଖ ସ୍ୱାସ୍ଥ୍ୟ ଏବଂ ଏହାର ଯତ୍ନ, ଦନ୍ତ ଚିକିତ୍ସାର ନିରାକରଣ ଏବଂ ନିୟମିତ ଦନ୍ତ ପରୀକ୍ଷା କରିବାର ଗୁରୁତ୍ୱ ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ 'ଫ୍ଲାସମବ' ଜରିଆରେ ବାର୍ତ୍ତା ପ୍ରଦାନ କରିଥିଲେ। ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଆଇଡିଏସ୍ର ଡିନ୍ ପ୍ରଫେସର (ଡକ୍ଟର) ରୁଚି ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ୱାକାଥନ ଦ୍ୱାରା ଆମେ ସମାଜ ପ୍ରତି ଆମର ଦାୟିତ୍ୱ ପରିପ୍ରକାଶ କରିବାକୁ ଉଦ୍ୟମ କରିଛୁ ବୋଲି ପ୍ରଫେସର (ଡକ୍ଟର) ଭୂୟାଁ କହିଥିଲେ।

# ମହାତ୍ମାଗାନ୍ଧି ଡିଗ୍ରୀ କଲେଜରେ ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି

**ବୈଶିଙ୍ଗା, ୭।୪ (ସଂଚାର ବ୍ୟୁରୋ) :** ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧି ଡିଗ୍ରୀ ମହାବିଦ୍ୟାଳୟରେ ଆସନ୍ତା ୯ ତାରିଖ ବୁଧବାର ଦିନ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଉଚ୍ଚ ଶିକ୍ଷା ବିଭାଗଙ୍କ ନିର୍ଦ୍ଦେଶ ଅନୁଯାଇ ସାରା ରାଜ୍ୟରେ ଓଡିଆ ପକ୍ଷ ପାଳନ ପରିପେକ୍ଷୀରେ ସମସ୍ତ ମହାବିଦ୍ୟାଳୟରେ ରକ୍ତଦାନ ଶିବିର କାର୍ଯ୍ୟକ୍ରମ କରାଯିବାର ସିଦ୍ଧାନ୍ତ ନିଆଯାଇଛି। ଏଥିପାଇଁ ଆଜି ଏକ ପ୍ରସ୍ତୁତି ବୈଠକ କଲେଜ ଅଧକ୍ଷା ମମତା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ କରି ସକାଳ ୮ ଘଟିକାରୁ ୧୧ ଘଟିକା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ କରାଯିବ। ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲର ରକ୍ତଭଣ୍ଡାର କର୍ମଚାରୀ ଓ ଡାକ୍ତରୀ ଦଳ ଏଥିରେ ସହଯୋଗ କରିବେ ବୋଲି ଜଣାଯାଇଛି । ମହାବିଦ୍ୟାଳୟର ଛାତ୍ରଛାତ୍ରୀ, କର୍ମଚାରୀଙ୍କ ବ୍ୟତୀତ ସାଧାରଣ ରକ୍ତଦାତା ମଧ ଏଥିରେ ରକ୍ତଦାନ କରିପାରିବେ ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ବର୍ଣ୍ଣବୋଧ ବଣ୍ଟନ

**ନବରଙ୍ଗପୁର, ୭।୪ (ସଂଚାର ବ୍ୟୁରୋ) :** ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ନବରଙ୍ଗପୁର ଜିଲ୍ଲାରେ ବର୍ଣ୍ଣବୋଧ ବଣ୍ଟନ - ବର୍ଣ୍ଣବୋଧ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉମରକୋଟ ବ୍ଲକ୍ ଅନ୍ତର୍ଗତ ଭାଲୁଗୁଡା ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଓଡ଼ିଶା ସରକାରଙ୍କ ଦ୍ୱାରା ମୁଦ୍ରିତ ଶ୍ରୀ ମଧୁ ସୁଦନ ରାଓଙ୍କ ରଚିତ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରିଥିଲେ। ମନ୍ତ୍ରୀ ନିଜ ବକ୍ତବ୍ୟରେ ରାଜ୍ୟ ସରକାର ପାଠପଢ଼ାକୁ ବହୁତ ଗୁରୁତ୍ୱ ଦେଉଛନ୍ତି, ପିଲାମାନଙ୍କ ପାଠପଢ଼ା ଆରମ୍ଭରେ ଅକ୍ଷର ଚିହ୍ନିବା, ଲେଖିବା ଏବଂ ଭାଷା ଜ୍ଞାନକୁ ବୃଦ୍ଧି କରିବାରେ ବର୍ଣ୍ଣବୋଧର ବହୁତ ଆବଶ୍ୟକତା ରହିଛି ବୋଲି କହିଥିଲେ। ଏହି



କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରେଶମ ଲାଲ ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ଲୋକସଭା ସଦସ୍ୟଙ୍କ ଉମରକୋଟ ପ୍ରତିନିଧି ରାମକୃଷ୍ଣ ନାୟକ, ବ୍ଲକ ଅଧକ୍ଷ ରାଧା ଭତରା, ଉମରକୋଟ ପୌରପାଳିକା ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ପ୍ରମୁଖ ଉପସ୍ଥିତ ଥିଲେ। ସେଭଳି ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ ନବରଙ୍ଗପୁର ବ୍ଲକ ଅନ୍ତର୍ଗତ ଚୁଟି ଆଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରିଥିଲେ। ମାନ୍ୟବର ବିଧାୟକ ଝରିଗାଁ ନରସିଂହ ଭତରା ଝରି ଗାଁ ବ୍ଲକ୍ ଅନ୍ତର୍ଗତ ଏକ୍ସଡିଏନକେ ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରିଥିଲେ। ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ନବରଙ୍ଗପୁର ସହର ସ୍ଥିତ ଆଶିଷ ଭବନ ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବର୍ଣ୍ଣବୋଧ ପୁସ୍ତକକୁ ବଣ୍ଟନ କରିଥିଲେ।

# ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର



**ନବରଙ୍ଗପୁର, ୭।୪ (ସଂଚାର ବ୍ୟୁରୋ) :** ଆଜି ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ ସନ୍ତୋଷ କୁମାର ପଣ୍ଡାଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଏହି ଜନ ଶୁଣାଣି ଶିବିରରେ ମୋଟ ୩୮ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧରୁ ୩୩ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ଅଭିଯୋଗ ମୂଳତଃ ରାସନ କାର୍ଡ, ରାସ୍ତା ନିର୍ମାଣ,ପାନୀୟ ଜଳ,ବିଦ୍ୟାଳୟ ପାଇଁ ଅଧିକ ଶ୍ରେଣୀ ର ବ୍ୟବସ୍ଥା,ବିଜୁଳି ସମସ୍ୟା, ନଳକୂପ ବସାଇବା, ଜମି ମାମଲା ଉପରେ ଥିଲା।

## ପଞ୍ଚରୁଖୀ ପ୍ରାଥମିକ ବିଦ୍ୟାଳୟର ସୁରକ୍ଷା ସଙ୍କଟାପନ୍ନ

# ପରିତ୍ୟକ୍ତ ଶ୍ରେଣୀ ଗୃହ ପିଲାଙ୍କ ଲାଗି ବିପଦ

**ବାଲିଆପାଳ, ୭।୪ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକର ପଞ୍ଚରୁଖୀ ଗ୍ରାମରେ ଏକ ପୁରାତନ ପଞ୍ଚରୁଖୀ ପ୍ରାଥମିକ ସରକାରୀ ବିଦ୍ୟାଳୟ ଅଛି। ପୂର୍ବରୁ ଉକ୍ତ ବିଦ୍ୟାଳୟର ଗାରିମା ଥିଲା। ଉକ୍ତ ବିଦ୍ୟାଳୟରୁ ଅନେକ କୃତୀ ଛାତ୍ରଛାତ୍ରୀ ଆଜି ଗ୍ରାମର ଗୌରବ ଆଣିପାରିଛନ୍ତି। ପରିତାପର ବିଷୟ କିଛି ବର୍ଷ ହେବ ଉକ୍ତ ବିଦ୍ୟାଳୟର ଗାରିମା ଧିରେ ଧିରେ ନଷ୍ଟ ହେବାକୁ ଯାଉଛି। ବର୍ତ୍ତମାନ ବିଦ୍ୟାଳୟରେ ପ୍ରାୟ ଏକ ଶହରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଛାତ୍ରଛାତ୍ରୀମାନଙ୍କର ପାଠ ପଢା ନିମନ୍ତେ ପାଞ୍ଚ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି। ପାଞ୍ଚ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥାଇ ମଧ ଛାତ୍ରଛାତ୍ରୀମାନେ ପାଠପଢାରେ ଅବହେଳିତ।

ବିଭିନ୍ନ ପ୍ରକାର ସମସ୍ୟାକୁ ଆକଳନକୁ ନେଲେ ସୁରକ୍ଷା ଅତି ସଙ୍କଟାପନ୍ନ ଅବସ୍ଥାରେ



ରହିଛି। ବିଦ୍ୟାଳୟରେ ପରିତ୍ୟକ୍ତ ଗୃହମାନ ବିପଦ ଶଙ୍କୁଳ ଅବସ୍ଥାରେ ଅଛି। ତୁରନ୍ତ ବିପଦ ଶଙ୍କୁଳ ଭଙ୍ଗାଗୃହ ତଥା ପରିତ୍ୟକ୍ତ ଗୃହ ଗୁଡ଼ିକୁ ଭାଙ୍ଗିବାର ବ୍ୟବସ୍ଥା କରାଯିବା ସହ ଏକ ସୁନ୍ଦ ପରିବେଶ ସୃଷ୍ଟି କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଭିଭାବକମାନଙ୍କ ପକ୍ଷରୁ ଦାବି ହେଉଛି। ଏପରିକି ବିଦ୍ୟାଳୟର ଗୃହ ମରାମତି ଅଭାବରୁ ସଂକଟାପନ୍ନ ଅବସ୍ଥାରେ ଅଛି। ଏହିପରି ବହୁ ସମସ୍ୟା ଓ ଅସୁରକ୍ଷିତ ଅବସ୍ଥାରେ ଶିକ୍ଷା ଦାନ ଚାଲିଛି। ସରକାର ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ମାଗଣା ପୋଷାକ, ଜୋତା, ପୁସ୍ତକ, ମଧାହ୍ନ ଭୋଜନର ବ୍ୟବସ୍ଥା ପ୍ରଚଳନ କରିଥିଲେ ସୁଦ୍ଧା ପିଲାମାନଙ୍କର ସୁରକ୍ଷା ପ୍ରତି ଗୁରୁତ୍ୱ ଦେଉ ନଥିବାରୁ ଅଭିଭାବକମାନେ ଏହି ବିଦ୍ୟାଳୟରେ ପିଲାମାନଙ୍କୁ ପଢାଇବା ପାଇଁ ଆଗ୍ରହ ପ୍ରକାଶ କରୁନଥିବା ଜଣାପଡ଼ିଛି।

## ସାମ୍ବାଦିକାଙ୍କୁ ସେବାୟତଙ୍କ ଆକ୍ରମଣ ଓ ଦୁର୍ବ୍ୟବହାର ଘଟଣା

# ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**କୋଣାର୍କ, ୭।୪ (ସଂଚାର ବ୍ୟୁରୋ) :** ଜଗନ୍ନାଥ ଧାମ ପୁରୀ ସ୍ଥିତ ଶ୍ରୀମନ୍ଦିରକୁ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ପ୍ରବେଶ କରିବା ପାଇଁ ମନ୍ଦିର ସେବାୟତ ସେମାନଙ୍କ ଠାରୁ ଟଙ୍କା ନେବା ନେଇ ଅଭିଯୋଗ ହେବା ପରେ ଖବର ସଂଗ୍ରହ କରୁଥିବା ଏକ ବୈଦ୍ୟୁତିକ ଗଣମାଧମର ସାମ୍ବାଦିକାଙ୍କୁ ଆକ୍ରମଣ ଓ ଦୁର୍ବ୍ୟବହାର କରିବା ଘଟଣାରେ ରାଜ୍ୟ ସରକାରଙ୍କ ପକ୍ଷରୁ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ସହିତ ଆକ୍ରମଣକାରୀ ସେବାୟତ ମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ କୋଣାର୍କ ସାମ୍ବାଦିକ ସଂଘ ଓ କୋଣାର୍କ ପ୍ରେସ କ୍ଲବ ପକ୍ଷରୁ ଦାବି କରାଯାଇଛି। ଖବରରୁ ପ୍ରକାଶ ଯେ ଗତ ରବିବାର ପୂର୍ବାହ୍ନରେ ଭକ୍ତ ମାନଙ୍କ ଠାରୁ ଉତ୍କୋଚ ନେଇ ସେମାନଙ୍କୁ ଶ୍ରୀମନ୍ଦିର ଭିତରକୁ ଛାଡୁଥିବା ଖବର ପ୍ରଚାରିତ ହୋଇଥିଲା। ଏହି ଘଟଣାକୁ ନେଇ ପୁରୀ ଜିଲ୍ଲାର ବୈଦ୍ୟୁତିକ ଗଣମାଧମର ପ୍ରତିନିଧିମାନେ ସିଂହଦ୍ୱାର ନିକଟରେ ଅଭିଯୋଗ ଆଧାରରେ ଖବର ସଂଗ୍ରହ କରୁଥିବା ବେଳେ କେତେକ ସେବାୟତ ସାମ୍ବାଦିକମାନଙ୍କୁ ଆକ୍ରମଣ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହି ଘଟଣା ନେଇ ସାମ୍ବାଦିକମାନଙ୍କ ପକ୍ଷରୁ ଆକ୍ରମଣକାରୀ ସେବାୟତ ମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସିଂହଦ୍ୱାର ଥାନାରେ ଅଭିଯୋଗ ହୋଇଛି। ମାତ୍ର ଅଦ୍ୟାବଧି ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଜଣାପଡ଼ିଛି।

## ପ୍ରଚାର ଓ ପ୍ରସାର ଅଭାବରୁ ପ୍ରହସନରେ ପରିଣତ ଜନଶୁଣାଣି

# ବିଭାଗୀୟ ଅଧିକାରୀଙ୍କଠାରୁ ଅଭିଯୋଗକାରୀ କମ୍



**କାକଟପୁର/ଅସ୍ତରଙ୍ଗ, ୭।୪ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପରିସରରେ ଥିବା ସମ୍ମିଳନୀ କକ୍ଷ ମଧରେ ବ୍ଲକ ଅଧକ୍ଷା ଆରତୀ ନାଏକଙ୍କ ଅଧକ୍ଷତାରେ ପରିଚାଳିତ ଜନଶୁଣାଣି ଶିବିରରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଉପଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ପ୍ରକଳ୍ପ ଅଧିକାରୀ ରାଜୀବ ଲୋଚନ ବେହେରା, ସହକାରୀ ଜିଲ୍ଲାପାଳ ତଥା ଅଭିଯୋଗପ୍ରକୋଷ୍ଠ ଅଧିକାରୀ ଆଶୁତୋଷ ଦେ, ତହସିଲଦାର ପ୍ରିୟଙ୍କାପ୍ରିୟଦର୍ଶିନୀ ପତି, ଅତିରିକ୍ତ ଏସ୍ପି ବିଷ୍ଣୁପ୍ରସାଦ ପତି, ବିଡ଼ିଓ ସୁଶ୍ରୀ ଶସ୍ମିତା ବେହେରା ତଥା ଶିକ୍ଷା, ଯୋଗାଣ ବିଭାଗ, ମଙ୍ଗଳ ବିଭାଗ, ସମାଜ କଲ୍ୟାଣ ବିଭାଗ, ପୂର୍ତ୍ତ, ଗ୍ରାମ୍ୟ ନିର୍ମାଣ, କୃଷି, ଜଙ୍ଗଲ, ବିଦ୍ୟୁତ, ଜଳସେଚନ, ପଶୁ ସମ୍ପଦ, ଶ୍ରମ, ମୃତ୍ତିକା ସଂରକ୍ଷଣ ଆଦି ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

ଉପଯୁକ୍ତ ସୂଚନା, ପ୍ରଚାର ଓ ପ୍ରସାର ଅଭାବରୁ ଗ୍ରାମାଞ୍ଚଳରେ ବସବାସ କରୁଥିବା ଶତାଧିକ ଲୋକେ ମିଳିତ ଜନଶୁଣାଣୀ ସମ୍ପର୍କରେ ଜାଣିପାରିଲେ ନାହିଁ। ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ପୁରୀଙ୍କ ମିଳିତ ଜନଶୁଣାଣୀ ଆୟୋଜନ କରାଯାଇଥିଲା। ମିଳିତ ଜନଶୁଣାଣି ଶିବିରରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀଙ୍କ ଠାରୁ ଅଭିଯୋଗକାରୀଙ୍କ ସଂଖ୍ୟା ସମ୍ପୂର୍ଣ୍ଣ କମ୍ ଥିଲା। ଏହା ଦିନ ୭ଟାରୁ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଘ ୩୦ମିନିଟରେ ବନ୍ଦ କରାଯାଇଥିଲା। ପ୍ରଶାସନ ଖାମଖିଆଲ ଭାବେ ଜନଶୁଣାଣି ଆୟୋଜନକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ସମାଲୋଚନା କରାଯାଇଛି।

ଅଭିଯୋଗ ପ୍ରକୋଷ୍ଟରେ ସମୁଦାୟ ୩୯ଗୋଟି ଅଭିଯୋଗ ଆସିଥିବା ବେଳେ ସେଥିମଧରୁ ଅନେକ ବ୍ୟକ୍ତିଗତ ଅଭିଯୋଗ ଓ ଅନେକ ସମୂହ ଅଭିଯୋଗ ଥିଲା। ଅଭିଯୋଗ ଶୁଣାଣୀରେ ଆବାସ ଯୋଜନା,ଭିନ୍ନକ୍ଷମ କୁ ପ୍ରଶାସନର ବୈମାତୃକ ମନୋଭାବ ଯୋଗୁଁ ଅନ୍ତ୍ୟୋଦୟ ଗୃହରୁ ବଂଚିତ କରିବା, ବାର୍ଦ୍ଧକ୍ୟ ଭତ୍ତା, ଚିକିତ୍ସା ସହାୟତା, ବିଭିନ୍ନ କାର୍ଯ୍ୟର ବିଲ ପୈଠ ସହ ଭତ୍ତା ସମ୍ବନ୍ଧୀୟ ଅଭିଯୋଗର ତୁରନ୍ତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ସହ ଅନ୍ୟ ଅଭିଯୋଗ ଗୁଡିକ ପଞ୍ଜିକୃତ ହୋଇଥିଲା।

# ୯ରୁ ସୋଆ ଏସ୍ଏଚ୍ଏମ୍ ପକ୍ଷରୁ ୫ଦିନିଆ 'ପଖାଳ ଉତ୍ସବ'

**ଭୁବନେଶ୍ୱର, ୭।୪ (ସଂଚାର ବ୍ୟୁରୋ) :** ଓଡ଼ିଶାର ପାରମ୍ପରିକ ଖାଦ୍ୟ 'ପଖାଳ' ପ୍ରତ୍ୟେକ ଓଡ଼ିଆଙ୍କ ଘରେ ବେଶ ଆଦୃତ। ଯଦିଓ ଖରାଦିନେ ଏହା ଖାଇବାକୁ ବେଶି ଭଲ ଲାଗେ ତେବେ ଓଡ଼ିଶାରେ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ବର୍ଷକ ବାର ମାସ ଲୋକମାନେ ପଖାଳ ଖାଇବାକୁ ଭଲ ପାଇଥାନ୍ତି। ପ୍ରତ୍ୟେକ ଓଡ଼ିଆଙ୍କର ଏହି ପସନ୍ଦର ଖାଦ୍ୟର ଅଧିକ ପ୍ରଚାର ଓ ପ୍ରସାର କରିବା ଉଦ୍ଦେଶ୍ୟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ (ଏସ୍ଏଚ୍ଏମ୍) ପକ୍ଷରୁ ଚଳିତ ବର୍ଷ ମଧ ଏପ୍ରିଲ୍ ୯ରୁ ୧୩ ତାରିଖ ପର୍ଯ୍ୟନ୍ତ 'ପଖାଳ ଉତ୍ସବ'ର ଆୟୋଜନ କରାଯାଇଛି। ପାଞ୍ଚ ଦିନ ବ୍ୟାପି ଚାଲିବାକୁ ଥିବା ଏହି ଉତ୍ସବରେ ପଖାଳ ସାଙ୍ଗକୁ ବିଭିନ୍ନ କିସମର ବ୍ୟଞ୍ଜନ ପ୍ରସ୍ତୁତ କରାଯିବାର ବ୍ୟବସ୍ଥା କରାଯାଇଛି।

ପାରମ୍ପରିକ ବ୍ୟଞ୍ଜନ ପରିବେଷଣ ସହିତ ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖି ପ୍ରତ୍ୟେକ ଓଡିଆଙ୍କ ଖାଦ୍ୟରୁଚି ତଥା ଭାବଧାରାକୁ ସର୍ବସାଧାରଣଙ୍କ ନିକଟରେ ପହଞ୍ଚାଇବା ଏହି ପଖାଳ



ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏସ୍ଏଚ୍ଏମ୍ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ସୂଚନା ଦେଇଛନ୍ତି। ପଖାଳ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରିୟ ଖାଦ୍ୟ ହୋଇଥିବା ବେଳେ ଏହା ଶ୍ରୀମନ୍ଦିରରେ ଭୋଗ ଲାଗିଥାଏ। ନେପାଳ, ବାଂଲାଦେଶ ଓ ମିଆଁମାର ଭଳି ଦେଶଗୁଡ଼ିକରେ ମଧ ଲୋକମାନେ ପଖାଳ ଖାଇବାକୁ ପସନ୍ଦ କରିଥାନ୍ତି।

ଅତିଥିମାନଙ୍କୁ ଏସ୍ଏଚ୍ଏମ୍ରେ ୫ ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ପ୍ରତ୍ୟେକ ଦିନ ୧୨ ଟାରୁ ୩ ଟା ପର୍ଯ୍ୟନ୍ତ ପଖାଳ ପରଷା ଯିବ। ଏହି ଉତ୍ସବକୁ ଏସ୍ଏଚ୍ଏମ୍ର ଛାତ୍ରଛାତ୍ରୀମାନେ ହିଁ ସଞ୍ଚାଳନ କରିବେ।

ଏହି ପଖାଳ ଉତ୍ସବରେ ଅତିଥି ମାନଙ୍କୁ ଉଷୁନା ପଖାଳ, ଅରୁଆ ପଖାଳ, ଦହି ପଖାଳ, ଅଦା ପଖାଳ ଏବଂ ଲେମ୍ବୁ ପଖାଳ ପ୍ରଭୃତି ପରଷା ଯିବାର ବ୍ୟବସ୍ଥା ରହିଛି। ସେହିପରି ପଖାଳକୁ ସୁହାଇଲା ଭଳି ବିଭିନ୍ନ ପ୍ରକାରର ଆମିଷ ଓ ନିରାମିଷ ବ୍ୟଞ୍ଜନ ଯେପରିକି - ମାଛ ପତ୍ରପୋଡା, ଚିଙ୍ଗୁଡି ଛେଚା, ମାଛ ଭଜା, ମାଛ କାଳିଆ, ଛତୁ ପତ୍ରପୋଡା, ଆଳୁ ଭଜା, ବାଇଗଣ ଭଜା, ଆଳୁ ଓ ବାଇଗଣ ଭର୍ତ୍ତା, ନଡ଼ିଆ ଭଜା, ସାଗ ବଡ଼ି ଭଜା, ପରିବା ଭଜା, ଆମ୍ବ ଛେଚା ଚଟଣୀ, ପୋଡା ଟମାଟୋ ଚଟଣୀ, ପନିର ଭୁର୍ଜି, ଆଳୁ କଲରା ବାଟି ତରକାରୀ ଓ ବଡି ଚୁରା ଇତ୍ୟାଦି ପରିବେଷଣ କରାଯିବ।

# ଓଡ଼ିଶା ରାଜ୍ୟ ବିଧି ଆୟୋଗ କାର୍ଯ୍ୟାଳୟ ଉଦ୍‌ଘାଟିତ



**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ):** ଓଡିଶା ରାଜ୍ୟ ବିଧି ଆୟୋଗ କାର୍ଯ୍ୟାଳୟକୁ ଆଜି ପୂର୍ତ୍ତ, ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଉଦଘାଟନ କରିଛନ୍ତି। ସ୍ଥାନୀୟ ତୋଷାଳୀ ଭବନ ପରିସରରେ ଉଦ୍‌ଘାଟିତ ଆୟୋଗଙ୍କ କାର୍ଯ୍ୟାଳୟ ରାଜ୍ୟରେ ପ୍ରଚଳିତ ଆଇନର ତର୍ଜମା, ପରିବର୍ତ୍ତନ ଓ ସଂଶୋଧନ କରିବା ଦିଗରେ ସରକାରଙ୍କୁ ପରାମର୍ଶ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏଥିସହ ୧୯୬୯ରେ ଗଠିତ ରାଜ୍ୟ ଆଇନ ସଂଶୋଧନ କମିଟିକୁ ଅଧିକ କାର୍ଯ୍ୟକ୍ଷମ କରିବ। ରାଜ୍ୟର ପ୍ରଚଳିତ ଆଇନ ଏବଂ ସମକାଳିନ ତାଲିକାରେ ଆସୁଥିବା ଆଇନଗୁଡିକର ପରିବର୍ତ୍ତନ ଓ ସଂଶୋଧନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର 'ଓଡ଼ିଶା ରାଜ୍ୟ ବିଧି ଆୟୋଗ' ଗଠନ କରିଛନ୍ତି। ଏହା ଓଡ଼ିଶା ସରକାର ଏକ ଯୁଗାନ୍ତକାରୀ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଏହି ଅବସରରେ ଆୟୋଗର ଅଧ୍ୟକ୍ଷ ଜଷ୍ଟିସ୍ ବିଶ୍ୱନାଥ ରଥ, ଆୟୋଗର ପଦପ୍ରଯୁକ୍ତ ସଦସ୍ୟ ତଥା ମହାଧିବକ୍ତା ପୀତାମ୍ବର ଆଚାର୍ଯ୍ୟ ଓ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ମାନସ ରଞ୍ଜନ ବାରିକଙ୍କ ସହ ଆୟୋଗ ସଦସ୍ୟ ପ୍ରଫେସର ଲଳିତ କୁମାର ଦେବ, ସୂର୍ଯ୍ୟ ପ୍ରସାଦ ମିଶ୍ର ଓ ସୌରଚନ୍ଦ୍ର ମହାପାତ୍ର, ଆୟୋଗ ସଦସ୍ୟ ସଚିବ ଗଙ୍ଗାଧର ସେଠୀ ଓ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବାର ଆସୋସିଏସନର ସଭାପତି ମନୋଜ ମିଶ୍ର ଉପସ୍ଥିତ ଥିଲେ। ଏହାଛଡ଼ା ବିଧି ଚେତକ ତଥା ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର, ସ୍ୱତନ୍ତ୍ର ଶାସନ ସଚିବ ଭଗବାନ ପ୍ରସାଦ ସାହୁ, ଦ୍ୱିତୀୟ ଅତିରିକ୍ତ ବିଧି ଚେତକ ତଥା ଅତିରିକ୍ତ ଶାସନ ସଚିବ ବିଭୁ ପ୍ରସାଦ ପଣ୍ଡା ଏବଂ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ୱାକଫ୍ ବିଲ୍ ନେଇ ବିଜେଡି ଆଭିମୁଖ୍ୟ ପ୍ରସଙ୍ଗ

# ସୋଫିଆ-ଦେବାଶିଷ ମୁହାଁମୁହିଁ





**କଟକ,୭।୪(ସଂଚାର ବ୍ୟୁରୋ):** ସଂସଦରେ ୱାକଫ୍ ସଂଶୋଧନ ବିଲକୁ ନେଇ ବିଜେଡି ଦୁଇଟି ଗୋଷ୍ଠୀରେ ପରିଣତ ହୋଇଥିବା ବେଳେ ଏପ୍ରସଙ୍ଗରେ ଆଜି ସାଂସଦ ଦେବାଶିଷ ସାମନ୍ତରାୟ ଓ କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦୋସ ମୁହାଁମୁହିଁ ହୋଇଛନ୍ତି।

ୱାକଫ ବିଲ୍ ପାଇଁ ରାଜ୍ୟସଭାରେ ଭୋଟିଂ ସମୟରେ ଦେବାଶିଷ ୱାକଆଉଟ୍ କରିଥିଲେ। ତେବେ ସାଂସଦଙ୍କ ଏପରି ଆଚରଣକୁ କଡା ସମାଲୋଚନା କରିଛନ୍ତି ସୋଫିଆ। ସେ କହିଛନ୍ତି ଯେ ଦେବାଶିଷ ବାବୁ ବିଜେପିକୁ ସମର୍ଥନ କରିଛନ୍ତି। ଗୋଟିଏ ଭୋଟର ବି ମୂଲ୍ୟ ଯଥେଷ୍ଟ ଅଧିକ। ବିରୋଧରୁ ଗୋଟିଏ ଭୋଟ କମିଲା ମାନେ ବିଜେପିର ସଂଖ୍ୟା ଗଣିତରେ ଗୋଟିଏ ବଢ଼ିଲା। ଏହାଦ୍ୱାରା ବିଜେପିର ୱେଟେଜ୍ ବଢ଼ିଲା। ଏହି ଘଟଣାରେ ବାରବାଟୀ କଟକ ଲୋକେ ତାଙ୍କ ନିଷ୍ପତ୍ତିରେ ଦୁଃଖିତ ଥିବା ସୋଫିଆ କହିଛନ୍ତି। ସୋଫିଆ କହିଛନ୍ତି ଯେ ଯଦି ବାରବାଟୀ ଲୋକଙ୍କ ପ୍ରତି ଦେବାଶିଷଙ୍କ ଭାବାବେଗ ଯୋଡ଼ି ହୋଇଥାଆନ୍ତା ତା'ହେଲେ ସେ ରାଜ୍ୟସଭାରେ ବିଲକୁ ବିରୋଧ କରିଥାନ୍ତେ। କିନ୍ତୁ ନିଜକୁ ବଞ୍ଚାଇବା ପାଇଁ ସେ ବିଲ୍‌କୁ ବିରୋଧ ନ କରି ୱାକଆଉଟ୍ କରିଛନ୍ତି। ନିଜକୁ ବଞ୍ଚାଇବା ପାଇଁ ବିଜେପି ସହ ସେ ଶତ ପ୍ରତିଶତ ଡିଲ୍ କରିଛନ୍ତି। ୨୪ ବର୍ଷର ସ୍କାମ୍ ଧୋଇବାକୁ ସବୁ କ୍ଷେତ୍ରରେ ବିଜେପିକୁ ବିଜେଡି ସମର୍ଥନ କରୁଛି। କଟକର ମୁସଲମାନ ଧର୍ମାବଲମ୍ବୀଙ୍କ ସହ ଦେବାଶିଷ ବାବୁ ପ୍ରତାରଣା କରିଛନ୍ତି। ବିଜେଡି ଗତ ୧୦ ମାସ ଭିତରେ ରାଜ୍ୟରେ ବିଭିନ୍ନ ପ୍ରସଙ୍ଗରେ ମଧ୍ୟ ବିଜେପି ସରକାରକୁ ସମର୍ଥନ କରିଆସୁଥିବା ସେ କହିଛନ୍ତି। ମହିଳା ନିର୍ଯାତନା ପ୍ରସଙ୍ଗରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରୁଥିବା ବେଳେ ବିଜେଡି କିନ୍ତୁ ଏହି ପ୍ରସଙ୍ଗକୁ ସମର୍ଥନ କରିନଥିଲା। ସୋଫିଆଙ୍କ ଏପରି ଦୋଷାରୋପ ନେଇ ଦେବାଶିଷ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ କଟକ-ବାରବାଟୀ ବିଧାୟିକାଙ୍କ ମତାମତ ଉପରେ କୌଣସି ଟିପ୍ପଣୀ ଦେଇ ସେ ତାଙ୍କର ସ୍ତର କମାଇବାକୁ ଚାହୁଁନାହାନ୍ତି। ସୋଫିଆ ନୂଆ କରି ରାଜନୀତିକୁ ଆସିଛନ୍ତି। ସେ ଓ ତାଙ୍କ ବାପା କଟକ ପାଇଁ କିଛି ବି କରିନାହାନ୍ତି। ଭୋଟଦାନରୁ ବିରତ ରହିବା ଅର୍ଥ ଆମ ଦଳ ବିରୋଧରେ ଯାଇଛି। କାରଣ ବିବେକାନୁମୋଦିତ ଭୋଟ କଥାକୁ ମୁଁ ସମର୍ଥନ କରିନାହିଁ ବୋଲି ଦେବାଶିଷ କହିଛନ୍ତି।

### ବଙ୍ଗୋପସାଗରରେ ସୃଷ୍ଟିହେଲା ଲଘୁଚାପ କ୍ଷେତ୍ର

# ୪୮ ଘଣ୍ଟାରେ ବଦଳିବ ପାଗ !



**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ):** ବଙ୍ଗୋପ ସାଗରରେ ସୃଷ୍ଟି ହୋଇଛି ଲଘୁଚାପ କ୍ଷେତ୍ର। ଗତକାଲିର ଘୂର୍ଣ୍ଣିବଳୟ ପ୍ରଭାବରେ ଆଜି ଦକ୍ଷିଣ ବଙ୍ଗୋପ ସାଗର ମଧ୍ୟଭାଗରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଆସନ୍ତାକାଲି ପର୍ଯ୍ୟନ୍ତ ଉତ୍ତର ପଶ୍ଚିମ ଦିଗରେ ଗତି କରିବ। ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ ସାଗରରୁ ପରବର୍ତ୍ତୀ ୪୮ ଘଣ୍ଟା ଯାଏଁ ସାମାନ୍ୟ ଉତ୍ତର ଆଡକୁ ଗତି କରିବାର ସମ୍ଭାବନା ମଧ୍ୟ ବ୍ୟକ୍ତ କରାଯାଇଛି। ତେବେ ଏହାର ପ୍ରଭାବ ଓଡ଼ିଶାରେ ରହିବ କି ନାହିଁ, ସେନେଇ ପାଣିପାଗ ବିଭାଗ କୌଣସି ପୂର୍ବାନୁମାନ କରିନାହିଁ। କିନ୍ତୁ ଏହାର ପ୍ରଭାବରେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଓଡ଼ିଶା ପାଣିପାଗରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି।ଅନ୍ୟପକ୍ଷରେ ରାଜ୍ୟରେ ଏବେ ପୁଣି ଉପରମୁହାଁ ହୋଇଛି ପାରଦ। ଆଜିଠୁ ଆହୁରି ବଢ଼ିବ ତାପମାତ୍ରା। ଆସନ୍ତା ୨୪ ଘଣ୍ଟାରେ ୨ରୁ ୩ ଡିଗ୍ରୀ ତାପମାତ୍ରା ବଢ଼ିବ ବୋଲି ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ପଶ୍ଚିମ ଓଡ଼ିଶାରେ ୪୦ ଡିଗ୍ରୀ ଛୁଇଁପାରେ ପାରଦ । ସେହିଭଳି ବାକି ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ମଧ୍ୟରେ ରହିବା ସମ୍ଭାବନା ରହିଛି । ସେହିପରି କିଛି ଜିଲ୍ଲାରେ କାଳବୈଶାଖୀ ପ୍ରଭାବ ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ବିଶେଷକରି ଆଜି କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି ଓ ଗଞ୍ଜାମରେ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ହେବା ନେଇ ଆକଳନ କରାଯାଇଛି।

# ଆଇପିୟୁରେ ଅଧ୍ୟକ୍ଷତା କଲେ ଅପରାଜିତା

● ରାଜ୍ୟ ତଥା ଦେଶ ପାଇଁ ଗର୍ବ ଆଣିଲେ

**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ):** ଇଣ୍ଟର ପାର୍ଲାମେଣ୍ଟାରୀ ୟୁନିଅନ ଅଫ ନେସନ୍ସ (ଆଇପିୟୁ)ରେ ଅଧ୍ୟକ୍ଷତା କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଆଇପିୟୁର ୧୫୦ତମ ଜେନେରାଲ ଆସେମ୍ବ୍ଲି ସାଧାରଣ




ଅଧିବେଶନରେ ଅପରାଜିତା ଅଧ୍ୟକ୍ଷତା କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ଉଜବେକିସ୍ତାନର ତାସକେଣ୍ଟରେ ଆଇପିୟୁର ଗଭର୍ଣ୍ଣିଂ କାଉନସିଲ୍ ବୈଠକ ଅନୁଷ୍ଠିତ ହୋଇଥିଲା। ୧୮୩ଟି ଦେଶର ବାଚସ୍ପତି ଓ ପ୍ରତିନିଧି ଏଥିରେ ସାମିଲ ହୋଇଥିଲେ। ଭାରତରୁ ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କ ସମେତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର, ବରିଷ୍ଠ ସାଂସଦ ଭର୍ତ୍ତୃହରି ମହତାବ, ସାଂସଦ ସସ୍ମିତ ପାତ୍ର ଓ ଅନ୍ୟ ସାଂସଦମାନେ ଏଥିରେ ସାମିଲ ହୋଇଛନ୍ତି। ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଆଇପିୟୁର ଉପସଭାପତି ଭାବେ ନିର୍ବାଚିତ ହେବା ସହ ଗତ ଦୁଇ ବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି। ତେବେ ଆଇପିୟୁ ଜେନେରାଲ ଆସେମ୍ବ୍ଲିରେ ପ୍ରଥମ ଥର ପାଇଁ ଉପସଭାପତି ଅଧ୍ୟକ୍ଷତା କରିବାର ସୁଯୋଗ ପାଇଛନ୍ତି। ଗତ ୩ରୁ ୬ ଯାଏ ଚାଲିଥିବା ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।

# ଲୁଟିଲା ଗ୍ରାହକ ସେବା କେନ୍ଦ୍ର

**ସମ୍ବଲପୁର,୭।୪(ସଂଚାର ବ୍ୟୁରୋ):** ସାରା ଗାଁ ଲୋକଙ୍କୁ ଠକି ଗ୍ରାହକ ସେବା କେନ୍ଦ୍ର ଲୁଟିନେଇଛି ଲକ୍ଷ ଲକ୍ଷ ଟଙ୍କା। କିଏ ଝିଅ ବାହାଘର ପାଇଁ ତ ଆଉ କିଏ ଦୁଇ ଓଳି ଦୁଇ ମୁଠା ଖାଇବା ପାଇଁ ଟଙ୍କା ସଞ୍ଚିଥିଲେ। କିନ୍ତୁ ଆଖି ପିଛୁଳାକେ ସେମାନଙ୍କ ଟଙ୍କାନେଇ ଗ୍ରାହକ ସେବା କେନ୍ଦ୍ର ଫେରାର୍ ହୋଇଯାଇଛି। ଗ୍ରାମବାସୀଙ୍କ ବିଶ୍ୱାସରେ ଦେଇଛି ବିଷ। ଜଣେ ନୁହେଁ କି ଦୁଇ ଜଣ ନୁହଁନ୍ତି, ଶତାଧିକ ଗ୍ରାହକ ଏପରି ଠକେଇର ଶିକାର ହୋଇଛନ୍ତି। ସମ୍ବଲପୁର ଜିଲ୍ଲା ବାମରା ବ୍ଲକ କବରୀବାହାଲ ଗ୍ରାହକ ସେବା କେନ୍ଦ୍ର



ବିରୋଧରେ ଏପରି ଅଭିଯୋଗ ଆସିଛି। ଗ୍ରାମାଞ୍ଚଳରେ ବ୍ୟାଙ୍କ ସେବା ଯୋଗାଇବା ଲକ୍ଷ୍ୟରେ ସରକାର ଗ୍ରାହକ ସେବା କେନ୍ଦ୍ର ଓ ମୋ ବ୍ୟାଙ୍କ ଖୋଲିଛନ୍ତି। ଗରିବଗୁରୁବା କିଛି ସଞ୍ଚୟ କରି ସେମାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା ସରକାର ଲକ୍ଷ୍ୟ ଥିଲେ ହେଁ ଏଠାକାର ଗ୍ରାହକ ସେବା କେନ୍ଦ୍ର ସେମାନଙ୍କ ଭବିଷ୍ୟତକୁ ଧ୍ୱଂସ କରିଦେଇଛି। ମିଳିଥିବା ସୂଚନାନୁସାରେ, କେଶାଇବାହାଲ ଷ୍ଟେଟ ବ୍ୟାଙ୍କ ଶାଖାର ଗ୍ରାହକ ସେବା କେନ୍ଦ୍ରରେ ଗ୍ରାମବାସୀ ଟଙ୍କା ଜମା କରିଥିଲେ। ହେଲେ ପ୍ରାୟ ୩/୪ ମାସ ହେବ ଗ୍ରାହକ ସେବା କେନ୍ଦ୍ର ଦାୟିତ୍ୱରେ ଥିବା ବ୍ୟକ୍ତି ଜଣଙ୍କ ପ୍ରତିଥର ଟିପ ଚିହ୍ନ ଦେବା, ଟଙ୍କା ଦେଣନେଣ ଓ ଜମା ଖାତାରେ ନିଜେ ଲେଖିଦେବା ଆଦି ଯୋଗୁଁ ଲୋକଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ସେମାନେ ମୁଖ୍ୟ ଶାଖାକୁ ଯାଇ ସେମାନଙ୍କ ଆକାଉଣ୍ଟ୍ ଯାଞ୍ଚ୍ କରିଥିଲେ। ଯାଞ୍ଚ୍ ପରେ ସେମାନଙ୍କ ସନ୍ଦେହ ସତ ହୋଇଥିଲା। କାରଣ ସେମାନଙ୍କ ଆକାଉଣ୍ଟ୍‌ରେ ଥିବା ଗଚ୍ଛିତ ଟଙ୍କା ଆଉ ନଥିଲା। ହିତାଧିକାରୀଙ୍କ ଅଜାଣତରେ ଗାଏବ ହୋଇଯାଇଛି ହଜାର ହଜାର ଟଙ୍କା। ଏନେଇ ସେମାନେ ଗ୍ରାହକ ସେବା କେନ୍ଦ୍ରର ଅଧିକାରୀଙ୍କୁ ପଚାରିବାରୁ ସେ ନିଜେ ଟଙ୍କା ଉଠାଣ କରିଥିବା ସ୍ୱୀକାର କରିଥିଲେ। ଏପରିକି ତାଙ୍କର ଏପରି ଠକେଇ ସଂକ୍ରାନ୍ତରେ ଷ୍ଟେଟ୍ ବ୍ୟାଙ୍କ୍ ଶାଖା ମ୍ୟାନେଜର୍ ମଧ୍ୟ ଅବଗତ ଥିଲେ। ସେ ହିତାଧିକାରୀମାନଙ୍କୁ ସେମାନଙ୍କ ଟଙ୍କା ଖୁବ୍‌ଶୀଘ୍ର ଫେରାଇଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

● ବ୍ରିଜ ଆଣ୍ଡ ରୁଫ ଲାଞ୍ଚ କାରବାର ମାମଲା

# ବିଷ୍ଣୁପଦଙ୍କ ଅନ୍ତରୀଣ ସୁରକ୍ଷା କାଏମ୍

**କଟକ,୭।୪(ସଂଚାର ବ୍ୟୁରୋ):** ବ୍ରିଜ ଆଣ୍ଡ ରୁଫ ଲାଞ୍ଚ କାରବାର ମାମଲାରେ ବରିଷ୍ଠ ଆଇଏଏସ ଅଫିସର ବିଷ୍ଣୁପଦ ସେଠୀଙ୍କ ଅନ୍ତରୀଣ ସୁରକ୍ଷାକୁ ଆସନ୍ତା ମେ' ୫ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରଖିଛନ୍ତି ହାଇକୋର୍ଟ। ଶ୍ରୀ ସେଠୀଙ୍କ ସହ ତାଙ୍କ ପତ୍ନୀ ଓ ଝିଅଙ୍କ ଅନ୍ତରୀଣ ସୁରକ୍ଷାକୁ ମଧ୍ୟ ବଳବତ୍ତର ରଖାଯାଇଛି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମେ' ୫ରେ କରାଯିବ। ଶ୍ରୀ ସେଠୀ, ତାଙ୍କ ପତ୍ନୀ ଓ






ଝିଅଙ୍କ ପକ୍ଷରୁ ଦାୟର ରିଟ୍ ଆବେଦନର ଶୁଣାଣି କରି ହାଇକୋର୍ଟର ବିଚାରପତି ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ସେମାନଙ୍କୁ ଆସନ୍ତା ମେ' ୫ ତାରିଖ ପର୍ଯ୍ୟନ୍ତ ଆଶ୍ୱସ୍ତି ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟରେ ଦାୟର ରିଟ ପିଟିସନରେ ଦର୍ଶାଯାଇଛି ଯେ ଶ୍ରୀ ସେଠୀଙ୍କ ସରକାରୀ ବାସଭବନରେ ଚଢ଼ାଉ ସମୟରେ ସିବିଆଇ କୌଣସି ଆପତ୍ତିଜନକ କାଗଜପତ୍ର ପାଇନାହିଁ। କିନ୍ତୁ ତାଙ୍କ ପତ୍ନୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯାଇଥିବା ବେଳେ ଝିଅର ପାଠପଢ଼ାରେ ବ୍ୟବହୃତ ଲାପଟପକୁ ବି ଜବତ କରାଯାଇଛି। ତାଙ୍କୁ ଓ ତାଙ୍କ ପରିବାରକୁ ଦିଆଯାଥିବା ଏଭଳି ନିର୍ଯାତନାରୁ ସୁରକ୍ଷା ପ୍ରଦାନ ସହ ମୌଳିକ ଅଧିକାର ସୁରକ୍ଷିତ ରଖାଯାଉ ବୋଲି ଆବେଦନରେ ଦର୍ଶାଯାଇଛି। ଶ୍ରୀ ସେଠୀଙ୍କ ପକ୍ଷରୁ ଆଇନଜୀବୀ ଦେବାଶିଷ ପଣ୍ଡା ହାଇକୋର୍ଟରେ ଏହି ମାମଲା ପରିଚାଳନା କରୁଛନ୍ତି।

# ଝାଡ଼ାବାନ୍ତିରେ ପଡ଼ିଛନ୍ତି ଟ୍ରେନି ବାବୁ

**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ):** ରାଜଧାନୀରେ ତାଲିମ ନେବାକୁ ଆସିଥିବା ନବନିଯୁକ୍ତ ଶ୍ରମ ଅଧିକାରୀମାନେ ଝାଡାବାନ୍ତିରେ ଆକ୍ରାନ୍ତ। ଏମାନଙ୍କର ରହଣି ବ୍ୟବସ୍ଥା ଶିରିପୁରସ୍ଥିତ ଇମେଜରେ ହୋଇଥିବା ବେଳେ ସେଠାରେ ଖାଦ୍ୟ ଓ ପାନୀୟ ଦୂଷିତ ହେବାରୁ ଏମାନେ ଆକ୍ରାନ୍ତ ହୋଇଛନ୍ତି । ଫଳରେ ଏହି ବାବୁମାନେ ତାଲିମ ନେବାରେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

ନବନିଯୁକ୍ତ ସରକାରୀ ଅଧିକାରୀମାନେ ଗୋପବନ୍ଧୁ ଏକାଡେମୀରେ ତାଲିମ ନେଇଥାନ୍ତି। ବର୍ତ୍ତମାନ ଗୋପବନ୍ଧୁ ଏକାଡେମୀରେ ଭିଡ ଥିବାରୁ ସେମାନଙ୍କୁ ଶିରିପୁରସ୍ଥିତ ଇମେଜରେ ଅବସ୍ଥାନ କରାଯାଇଛି। ସେଠାରେ ସେମାନଙ୍କ ପାଇଁ ରହିବା, ଖାଇବା ଓ ତାଲିମ ବ୍ୟବସ୍ଥା ହୋଇଛି। ହେଲେ ଇମେଜ ପରିସରରେ ଜୋରଦାର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଖାଦ୍ୟ କି ପାନୀୟ କୌଣସି ଗୋଟିକରେ ଦୂଷିତ ଯୋଗୁଁ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୋଇଛି। ତାଲିମ ନେବାକୁ ଆସିଥିବା ବାବୁମାନେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ ତାଲିମ ଶ୍ରେଣୀରେ ବସିପାରୁନାହାନ୍ତି, ବାରମ୍ବାର ଶୌଚାଳୟ ଦଉଡୁଛନ୍ତି। କର୍ତ୍ତୃପକ୍ଷ ତାଲିମ ବାବୁମାନଙ୍କୁ କ୍ୟାମ୍ପସ ବାହାରକୁ ଛାଡୁନଥିବାରୁ ଝାଡାବାନ୍ତିରେ ପଡିଥିବା ରାଜଧାନୀର ପିଲାମାନେ ବି ଘରକୁ ଯାଇପାରୁନାହାନ୍ତି। ଗୋପବନ୍ଧୁ ଏକାଡେମୀ କର୍ତ୍ତୃପକ୍ଷ ଏହାକୁ ନେଇ ସେତେଟା ସମ୍ବେଦନଶୀଳ ହେଉନଥିବା ବେଳେ ଇମେଜ କର୍ତ୍ତୃପକ୍ଷ ବି ଏହାକୁ ଗୁରୁତ୍ୱର ସହ ନେଉନଥିବା ଲକ୍ଷ୍ୟ କରାଯାଉଛି। ଏଭଳି ସ୍ଥିତିରେ ନବନିଯୁକ୍ତି ବାବୁମାନେ କିଭଳି ତାଲିମ ନେବେ, ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି।

### ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ

# ସାର୍ବଜନୀନ ହେବ ତଦନ୍ତ ରିପୋର୍ଟ

**ହାଇକୋର୍ଟଙ୍କୁ ଅବଗତ କରାଇଲେ ଏଜି**



**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ବିଗତ କେଇବର୍ଷ ହେଲା ରାଜ୍ୟର ରାଜନୈତିକ ଦଳଗୁଡ଼ିକ ସକାଶେ ଏକ ପ୍ରମୁଖ ପ୍ରସଙ୍ଗ ରହିଆସିଛି। ବିଶେଷକରି ଗତ ୨୦୨୪ ନିର୍ବାଚନରେ ଏହି ପ୍ରସଙ୍ଗକୁ ଆଧାର କରି ବିଜେପି ନିର୍ବାଚନ ଜିତିବାର ସକ୍ଷମ ହୋଇଛି। ତେବେ ଏ ସଂକ୍ରାନ୍ତ ରିପୋର୍ଟ କେବେ ପ୍ରକାଶ ପାଇବ, ସେନେଇ କୌଣସି ବିଧିବଦ୍ଧ ସୂଚନା ଦିଆଯାଇନଥିଲେ ହେଁ ଏବେ ଏହାକୁ ସାର୍ବଜନୀନ କରାଯିବା ନେଇ ମିଳିଛି ସୂଚନା। ଏହି ତଦନ୍ତ ରିପୋର୍ଟକୁ କ୍ୟାବିନେଟରେ ଉପସ୍ଥାପନ କରାଯିବ ବୋଲି ଆଜି ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି ଆଡଭୋକେଟ ଜେନେରାଲ (ଏଜି) ପୀତାମ୍ବର ଆଚାର୍ଯ୍ୟ। ରତ୍ନଭଣ୍ଡାର ଚାବି ହଜିବା ନେଇ ଯେଉଁ ନ୍ୟାୟିକ ତଦନ୍ତ ହୋଇଥିଲା, ତା'ର ରିପୋର୍ଟ ସାର୍ବଜନୀନ ହେବ କି ନାହିଁ, ସେନେଇ ଦ୍ୱନ୍ଦ୍ୱ ଲାଗି ରହିଥିଲା। ଏଥିସକାଶେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ବି ଦାୟର୍ ହୋଇଛି। ଯେହେତୁ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦୁଇ ଦୁଇଟି ପୃଥକ ସତ୍ୟପାଠ ଦାଖଲ ହୋଇଛି, ତାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଥିଲା। ଗତ ୨୦୨୪ ଜାନୁଆରୀ ୨୯ ତାରିଖରେ ଦାଖଲ ହୋଇଥିବା ସତ୍ୟପାଠରେ ରିପୋର୍ଟ ସାର୍ବଜନୀନ ନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା।

# ସମ୍ପୂର୍ଣ୍ଣ ଉଚ୍ଛେଦ କର ୨୦୨୦ ଅନୁକମ୍ପା ନିଯୁକ୍ତି ଆଇନ

**ଭୁବନେଶ୍ୱର,୭।୪:** ବିଜେଡି ସରକାର ସମୟରେ ପ୍ରଣୟନ କରାଯାଇଥିବା ୨୦୨୦ର ଅନୁକମ୍ପାମୂଳକ ନିଯୁକ୍ତି ଆଇନ୍‌କୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିବା ପାଇଁ ଏବେ ବିଭିନ୍ନ କର୍ମଚାରୀସଂଘ ଓ ପେନ୍‌ସନଭୋଗୀମାନଙ୍କ ପକ୍ଷରୁ ଦାବି ହେଉଛି ।

୧୯୯୦ ମସିହାରେ ରାଜ୍ୟ ସରକାର ସରକାରୀ ଚାକିରି କ୍ଷେତ୍ରରେ ଅନୁକମ୍ପାମୂଳକ ନିଯୁକ୍ତି ଆଇନ୍ ପ୍ରଣୟନ କରିଥିଲେ । ଚାକିରିରେ ଥାଇ କୌଣସି କର୍ମଚାରୀଙ୍କର ମୃତ୍ୟୁ ଘଟିଲେ ତାଙ୍କ ପରିବାରର ଆର୍ଥିକ ଦୁଃସ୍ଥିତିକୁ ବିଚାରକୁ ନେଇ ତୁରନ୍ତ ଜଣେ ଉତ୍ତରାଧିକାରୀଙ୍କୁ ତୃତୀୟ କିମ୍ବା ଚତୁର୍ଥଶ୍ରେଣୀର ଚାକିରିରେ ଯୋଗ୍ୟତା ଆଧାରରେ ଏହି ଆଇନ୍ ବଳରେ ନିଯୁକ୍ତି ଦିଆଯାଉଥିଲା । ସ୍ଥଳ ବିଶେଷରେ ଶିକ୍ଷାଗତ ଯୋଗ୍ୟତା ଓ ବୟସକୁ ମଧ୍ୟ କୋହଳ କରାଯାଉଥିଲା । ପରବର୍ତ୍ତୀ ସମୟରେ ବିଜେଡି ସରକାର ୨୦୧୬ ମସିହାରେ ଏହି ଆଇନ୍‌ର ସଂଶୋଧନ କରିଥିଲେ । ୨୦୨୦ରେ କିନ୍ତୁ ଯେଉଁ ନୂଆ ଆଇନ୍ ହେଲା ସେଥିରେ ଯେତେସବୁ ବ୍ୟବସ୍ଥା ଖଞ୍ଜାଗଲା ତଦ୍ୱାରା ଅଧିକାଂଶ କ୍ଷେତ୍ରରେ ମୃତ କର୍ମଚାରୀଙ୍କ ଉତ୍ତରାଧିକାରୀମାନଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ଅଯୋଗ୍ୟ ଘୋଷଣା କରାଗଲା । ପୁରୁଣା ଆଇନ୍ ବଳବତ୍ତର ଥିବାବେଳେ ବିଭିନ୍ନ ଆଳ ଦେଖାଇ ଅନୁକମ୍ପାମୂଳକ ନିଯୁକ୍ତିକୁ ବର୍ଷ ବର୍ଷ ଧରି ଗଡାଯାଉଥିଲା । ଏମିତିକି ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗର ଏକ କମିଟିର ଅନୁମୋଦନ ନେବାପାଇଁ ମଧ୍ୟ ନିର୍ଦ୍ଦେଶନାମା ମାଧ୍ୟମରେ ବାଧ୍ୟ କରାଯାଉଥିଲା । କର୍ମଚାରୀଙ୍କ ମୃତ୍ୟୁପରେ ବିଧବା ପତ୍ନୀ ସରକାରୀ ଚାକିରି ପାଇଁ ଶାରିରୀକ ଦୃଷ୍ଟିରୁ ଅକ୍ଷମ ବୋଲି ମେଡିକାଲ ବୋର୍ଡ ରିପୋର୍ଟ ଦେବା ସତ୍ତ୍ୱେ ବି ପୁଅ ଝିଅମାନଙ୍କୁ ଚାକିରି ଦେବା କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିଲା । ଏହା ବିରୁଦ୍ଧରେ ସ୍ୟାଟ୍‌ରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ମାଳ ମାଳ ମାମଲା ହେଉଥିଲା ଏବଂ ଉଭୟ ସରକାର ଓ ବ୍ୟକ୍ତିବିଶେଷ ବ୍ୟାପକ ଅର୍ଥଶ୍ରାଦ୍ଧ କରିବାପରେ ନିଯୁକ୍ତି ମିଳୁଥିଲା ।

୨୦୨୦ର ନୂଆ ଅନୁକମ୍ପାମୂଳକ ନିଯୁକ୍ତି ଆଇନ୍‌ର ନବମ ଧାରାରେ ଏକ ବିଚିତ୍ର ବ୍ୟବସ୍ଥା ରଖାଗଲା । ଏହି ଆଇନ୍ ଆସିବା ପୂର୍ବରୁ ଯେତେ ସଂଖ୍ୟକ କର୍ମଚାରୀଙ୍କ ମୃତ୍ୟୁ ଘଟିଛି ଓ ସେମାନଙ୍କ ଉତ୍ତରାଧିକାରୀମାନେ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ଯେତେ ଆବେଦନ କରିଛନ୍ତି ସେଗୁଡିକ ପୁରୁଣା ଆଇନ୍ ଆଧାରରେ ବିଚାର କରିବାକୁ ବ୍ୟବସ୍ଥା ରହିଲା । ତେବେ ପରବର୍ତ୍ତୀ ସମୟରେଆଇନ୍ ଅଦାଲତ ଏହି ନବମ ଧାରାକୁ ବେଆଇନ୍ ଘୋଷଣା କରିଥିଲେ। ଏମିତିକି ସୁପ୍ରିମକୋର୍ଟ ମଧ୍ୟ ମଳୟାନନ୍ଦ ସେଠୀ ମାମଲାରେ ଏଭଳି ନିଯୁକ୍ତିରେ ବିଳମ୍ବ ପାଇଁ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିବା ସହିତ ପୁରୁଣା ଆଇନ୍ ଆଧାରରେ ମଳୟାନନ୍ଦଙ୍କ ନିଯୁକ୍ତି ସଂକ୍ରାନ୍ତୀୟ ବିଚାର କରିବାକୁ ନିର୍ଦ୍ଦେଶ ଦେବାରୁ ସରକାର ବାଧ୍ୟହୋଇ ତାଙ୍କୁ ଅବକାରୀ ବିଭାଗ ଅଧିନରେ ନିଯୁକ୍ତି ଦେଇଥିଲେ । ଅନ୍ୟ ପକ୍ଷରେ ଏହି ରାୟର ନଜିର ଦର୍ଶାଇ ହାଇକୋର୍ଟ ବିଭିନ୍ନ ମାମଲାରେ ରାଜ୍ୟ ସରକାରଙ୍କୁ ଦେଇଥିବା ନିର୍ଦ୍ଦେଶ ବିରୁଦ୍ଧରେ ସରକାର ହାଇକୋର୍ଟର ୨ଜଣିଆ ଖଣ୍ଡପୀଠ ଏପରିକି ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ମଧ୍ୟ ସରକାର ଶହ ଶହ ମାମଲା ରୁଜୁ କରି ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ କରି ଚାଲିଛନ୍ତି । ଅନ୍ୟ ପକ୍ଷରେ ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କ ଅସମୟ ମୃତ୍ୟୁ ପରେ ଆର୍ଥିକ ଦୁଃସ୍ଥିତିରେ ଥିବା ବହୁ ଉତ୍ତରାଧିକାରୀ ଦିଲ୍ଲୀ ଯାଇ ମାମଲା ଲଢ଼ିବା ସମ୍ଭବପର ହୋଇନାହିଁ । ଇତି ମଧ୍ୟରେ ରାଜ୍ୟ ସରକାର ୨୦୨୦ ଅନୁକମ୍ପାମୂଳକ ନିଯୁକ୍ତି ଆଇନ୍‌ରେ ସଂଶୋଧନ ଆଣି ଏହି ଆଇନ୍ ଆସିବା ପୂର୍ବରୁ ଯେଉଁ କର୍ମଚାରୀମାନଙ୍କର ମୃତ୍ୟୁ ଘଟିଛି ସେମାନଙ୍କ ପରିବାରବର୍ଗଙ୍କୁ ଆର୍ଥିକ ଦୁଃସ୍ଥିତି ଆଧାରରେ ୧୯୯୦ ଓ ୨୦୧୬ ଆଇନ୍ ଆଧାରରେ ନିଯୁକ୍ତି ଦେବାକୁ ଚଳିତ ଏପ୍ରିଲ ୪ତାରିଖରେ ବିଜ୍ଞପ୍ତି ଜାରି କରିଛନ୍ତି । ଏହାକୁ ସ୍ୱାଗତ କରିବା ସହିତ ଅନେକ ସଂଗଠନ କିନ୍ତୁ ୨୦୨୦ର ଆଇନ୍‌କୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିନେବାପାଇଁ ସରକାରଙ୍କୁ ଅନୁରୋଧ କରୁଛନ୍ତି । (ତଥ୍ୟ)

# କାର୍ଯ୍ୟକ୍ଷମ ହେବ 'ଜେଲ୍ ପଞ୍ଚାୟତ', କଏଦୀ ବାଛିବେ ପ୍ରତିନିଧି




**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ):** 'ଜେଲ୍ ପଞ୍ଚାୟତ'ର ନବନିର୍ବାଚିତ ପ୍ରତିନିଧିମାନେ କଏଦୀଙ୍କ ସୁରକ୍ଷା ସହିତ ମାନବାଧିକାର ସୁରକ୍ଷା ପାଇଁ କାର୍ଯ୍ୟ କରିବେ। କିଛି ଦିନ ପୂର୍ବରୁ ରାଜ୍ୟର ବିଭିନ୍ନ ସଂଶୋଧନ କେନ୍ଦ୍ରରେ ସଂସ୍ଥା ପାଇଁ ମତଦାନ ଅନୁଷ୍ଠିତ ହୋଇଥିଲା। ଏକ ଅନନ୍ୟ ପଦକ୍ଷେପ ସ୍ୱରୂପ ଓଡ଼ିଶାର ଜେଲ ସୀମା ମଧ୍ୟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା, ଯାହା କଏଦୀମାନଙ୍କୁ ସେମାନଙ୍କ ନେତା ଯଥା ସରପଞ୍ଚ ଓ ଅନ୍ୟାନ୍ୟ ପ୍ରତିନିଧିଙ୍କୁ ଚୟନ କରିବାର ସୁଯୋଗ ଦେବ। ନବନିଯୁକ୍ତ ସଦସ୍ୟଙ୍କ ପାଇଁ ପ୍ରାୟ ୮୭ଟି ସଂଶୋଧନ ପ୍ରତିଷ୍ଠାନରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅଭିନବ ଯୋଜନା କଏଦୀମାନଙ୍କୁ 'ଜେଲ୍ ପଞ୍ଚାୟତ'ର ଅଂଶ ଭାବରେ ଭୋଟ ଦେବା ଓ ଏକ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ହେବା ପାଇଁ ସକ୍ଷମ କରିଥାଏ। ଏହା କଏଦୀମାନଙ୍କୁ ସମ୍ବଳ ପରିଚାଳନା ଓ ସମ୍ପ୍ରଦାୟ ନିର୍ମାଣ ସମେତ ସେମାନଙ୍କ ପରିବେଶ ସହିତ ଜଡ଼ିତ ଶାସନ କ୍ଷେତ୍ରରେ ସାମିଲ କରି ସଶକ୍ତ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏକ କାର୍ଯ୍ୟକ୍ରମ। ନିର୍ବାଚିତ ପ୍ରତିନିଧିମାନେ ଏବେ ମଧ୍ୟସ୍ଥି ଭାବେ କାର୍ଯ୍ୟ କରିବେ, ଜେଲର ଓ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହ ଅଭିଯୋଗ ଏବଂ ସମସ୍ୟାର ସମାଧାନ କରିବେ। ଏହି ବିକାଶ ଜେଲ ବ୍ୟବସ୍ଥା ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରତିଷ୍ଠା କରିବା ସହ କଏଦୀମାନଙ୍କ ଅଧିକାରର ସୁରକ୍ଷାକୁ ଉନ୍ନତ କରିବ। ଜେଲ ପଞ୍ଚାୟତ ପ୍ରତିଷ୍ଠା କେବଳ ଜେଲ କାନ୍ଥ ମଧ୍ୟରେ ଗଣତନ୍ତ୍ରକୁ ସୁଦୃଢ଼ କରିବ ନାହିଁ, ବରଂ କଏଦୀମାନଙ୍କୁ ଗଠନମୂଳକ ଭୂମିକା ଗ୍ରହଣ କରିବାରେ ସହଯୋଗ କରିବ।

# କୁନି ପିଲାଙ୍କୁ ବର୍ଣ୍ଣବୋଧ ବାଣ୍ଟିଲେ ମନ୍ତ୍ରୀ ଓ ସାଂସଦ

**ଓଡ଼ିଆ ପକ୍ଷର ସପ୍ତମ ଦିନ**

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅଭିନବ ପ୍ରୟାସ**







**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ):** ସମ୍ପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ହେଉଥିବା ବେଳେ ଆଜି ସପ୍ତମ ଦିନରେ ସାରା ରାଜ୍ୟରେ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ ଉତ୍ସବ ପାଳିତ ହୋଇଛି। ବିଦ୍ୟାରମ୍ଭର ଆଦ୍ୟ ପୁସ୍ତକ ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ରଚିତ ବର୍ଣ୍ଣବୋଧକୁ ବିଦ୍ୟାଳୟରେ ଅଧ୍ୟୟନରତ ଶିଶୁମାନଙ୍କୁ ପ୍ରଦାନ କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି। ଆଜି ବର୍ଣ୍ଣବୋଧ ବଣ୍ଟନ ଉତ୍ସବ ଅବସରରେ ବିଭିନ୍ନ ଜିଲ୍ଲାରେ ଥିବା ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ବିଦ୍ୟାଳୟ ଓ ବିଦ୍ୟାଳୟର ପାଠାଗାରକୁ ବର୍ଣ୍ଣବୋଧ ପୁସ୍ତକ ପ୍ରଦାନ କରାଯାଇଛି। ଏଥିସହ ବିଦ୍ୟାଳୟରେ ଅଧ୍ୟୟନରତ ଶିଶୁମାନଙ୍କ ମଧ୍ୟରେ ମଧ୍ୟ ବର୍ଣ୍ଣବୋଧ ବଣ୍ଟନ କରାଯାଇଛି। ବିଶେଷକରି ଉପାନ୍ତ ଅଞ୍ଚଳର ବିଦ୍ୟାଳୟରେ ବର୍ଣ୍ଣବୋଧ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଛି।

ଏହି ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଓଡ଼ିଆ ପକ୍ଷ ପାଳନର ମହାପର୍ବରେ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିମାପଡ଼ାସ୍ଥିତ ସାଇଁସ ଶାସନ ପଞ୍ଚାୟତର ଏସ୍‌ଏସ୍‌ପି ଉଚ୍ଚ ବିଦ୍ୟାଳୟରେ ଶିଶୁମାନଙ୍କୁ ବର୍ଣ୍ଣବୋଧ ବାଣ୍ଟିଥିଲେ। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁର ଜିଲ୍ଲାସ୍ଥିତ ଉମରକୋଟ ଭାଲୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବର୍ଣ୍ଣବୋଧ ଉତ୍ସବରେ ଯୋଗଦେଇଥିଲେ। ଓଡ଼ିଆ ଅକ୍ଷର ଚିହ୍ନିବା, ଲେଖିବା ଓ ଭାଷା ଜ୍ଞାନକୁ ବୃଦ୍ଧି କରିବାରେ ବର୍ଣ୍ଣବୋଧର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପିଲାମାନଙ୍କର ପାଠପଢ଼ାରେ ମଧ୍ୟ ଏହାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ ଏହି ଅବସରରେ କହିଥିଲେ। ଏହାଛଡ଼ା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନୀଳଗିରିଠାରେ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ ଉତ୍ସବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଏହି ପୁସ୍ତକ ବାଣ୍ଟିବା ସହ ବର୍ଣ୍ଣବୋଧ ମାଧ୍ୟମରେ ପିଲାମାନେ ନିଜ ପାଠପଢ଼ାର ଭିତ୍ତିକୁ ସଶକ୍ତ କରିପାରିବେ ବୋଲି ମତ ଦେଇଥିଲେ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ନୂଆ ରୂପରେ ବଜାରକୁ ଆସିବ ସ୍ପ୍ଲେଣ୍ଡର ପ୍ଲସ



**ନୂଆଦିଲ୍ଲୀ, ୭।୪:** ଦେଶର ସର୍ବବୃହତ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ଏହାର ସର୍ବାଧିକ ବିକ୍ରି ହେଉଥିବା ଏଣ୍ଟ୍ରି ଲେବଲ୍ ବାଇକ୍ ସ୍ପ୍ଲେଣ୍ଡର ପ୍ଲସର ଏକ ନୂତନ ସଂସ୍କରଣ ଆଣୁଛି। ଏହି ବାଇକ୍‌କୁ ସମ୍ପ୍ରତି ଟେଷ୍ଟିଙ୍ଗ ସମୟରେ ଦେଖାଯାଇଥିଲା। ଗଣମାଧମ ରିପୋର୍ଟ ଅନୁସାରେ, ନୂତନ ମଡେଲରେ ସାମାନ୍ୟ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ଏହା ବ୍ୟତୀତ ଏହି ବାଇକ୍‌ର ଇଞ୍ଜିନରେ ମଧ ପରିବର୍ତ୍ତନ ଦେଖିବାକୁ ମିଳୁଛି।

ଏପର୍ଯ୍ୟନ୍ତ ଏହି ବାଇକ୍‌ର ୪ କୋଟି ୟୁନିଟ୍ ବିକ୍ରି ହୋଇସାରିଛି। ନୂତନ ସ୍ପ୍ଲେଣ୍ଡର ପ୍ଲସରେ ଏକ ଅପଗ୍ରେଡେଡ୍ OBD-2B ଇଞ୍ଜିନ ମିଳିବ। ଏହି ୯୭.୨ସିସି ଇଞ୍ଜିନଟି ଗୋଟିଏ ସିଙ୍ଗଲ୍ ସିଲିଣ୍ଡର ହେବ, ଯେଉଁରେ 5 ସ୍ପିଡ୍ ଗିଅରବକ୍ସର ସୁବିଧା ରହିବ। ନୂତନ ଇଞ୍ଜିନଟି ଉତ୍ତମ ମାଇଲେଜ୍ ସହିତ ଶକ୍ତିଶାଳୀ କାର୍ଯ୍ୟଦକ୍ଷତା ପ୍ରଦାନ କରିବ ଏବଂ ପ୍ରଦୂଷଣ ମଧ ହ୍ରାସ କରିବ। ମିଡିଆ ରିପୋର୍ଟ ଅନୁସାରେ, ନୂଆ ସ୍ପ୍ଲେଣ୍ଡର ପ୍ଲସ୍ ଜୟପୁରରେ ପରୀକ୍ଷଣ ସମୟରେ ଦେଖାଯାଇଛି। ଏଥର ଏହା ନୂତନ ରଙ୍ଗରେ ଆସିବ। ସାଇଡ୍ ପ୍ୟାନେଲରେ ବହୁତ ଗ୍ରାଫିକ୍ସ ରହିବ ନାହିଁ। ଏଥିରେ ୧୮ ଇଞ୍ଚ ଟାୟାର ଦେଖିବାକୁ ମିଳିବ। ଏହି ବାଇକ୍‌ଟି ୧୩୦ମିମି ଡ୍ରମ୍ ବ୍ରେକ୍ ସୁବିଧା ସହିତ ଦେଖାଯାଇପାରିବ। ଏଥର ଏଥିରେ ଡିସ୍କ ବ୍ରେକର ସୁବିଧା ମଧ ମିଳିବ ବୋଲି ଆଶା କରାଯାଉଛି। ଏହି ବାଇକ୍‌ର ଗ୍ରାଉଣ୍ଡ କ୍ଲିୟରାନ୍ସ ୧୬୫ ମିମି ହେବ। ବର୍ତ୍ତମାନର ସ୍ପ୍ଲେଣ୍ଡରର ଏକ୍ସ-ସୋରୁମ୍ ମୂଲ୍ୟ ୭୭,୧୭୬ ଟଙ୍କା; ନୂତନ ମଡେଲର ମୂଲ୍ୟ ୮୦ ହଜାର ଟଙ୍କାରୁ କମ୍ ହୋଇପାରେ। ହିରୋର ନୂତନ ସ୍ପ୍ଲେଣ୍ଡର ପ୍ଲସ୍ ସିଧାସଳଖ ହୋଣ୍ଡା ସାଇନ୍ ୧୦୦ ସହିତ ପ୍ରତିଯୋଗିତା କରିବ।



## ଆଜିର ସୁନା ଦର

ବର୍ତ୍ତମାନ ଲକ୍ଷେ ମୁହାଁଇଲାଣି ସୁନା ଦର। ବିଶ୍ୱ ବଜାରରେ ଅସ୍ଥିରତା ଏବଂ ଭୁ- ରାଜନୈତିକ ସମସ୍ୟା ମଧ୍ୟରେ ହୁ ହୁ ହୋଇ ବଢ଼ିଚାଲିଛି ଦର। ଗୋଲ୍ଡ କିଣିବା ପୂର୍ବରୁ ୧୦୦ ଥର ଚିନ୍ତା କରିବାକୁ ପଡୁଛି। ଆଜି ପୁଣି ସୁନା ଦରରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଯଦି ସୁନା କିଣିବାକୁ ଯାଉଛନ୍ତି ନଜର ପକାନ୍ତୁ ଆଜି ଓଡ଼ିଶା ସମେତ ଦେଶର ପ୍ରମୁଖ ସହର ମାନଙ୍କରେ କେତେ ରହିଛି ସୁନା ଦର। ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୦ ହଜାର ୩୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮ ୨ ହଜାର ୮୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୦ ହଜାର ୩୮୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮ ୨, ୮୫୦ ଟଙ୍କା ଛୁଇଁଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୦, ୫୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮ ୨ ,୮୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୦, ୫୩୦ ଟଙ୍କା ଓ ୨୨ କ୍ୟାରେଟ୍ ୮ ୩,୦୦୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୦, ୩୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୨,୮୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୦,୩୮୦ ଓ ୮ ୨ ,୮୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୩,୦୦୦ ଟଙ୍କା ହୋଇଛି।

## ବ୍ୟାସନଗରରେ ଚୋରଦାରେ ଖୋଲିଲା ଆକାଶ କୋଚିଂ କେନ୍ଦ୍ର




**ଯାଜପୁର ରୋଡ଼, ୭।୪(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ବ୍ୟାସନଗର ପୌର ପରିଷଦର ଚୋରଦା ଛକ ନିକଟରେ ଓଡିଶା ପ୍ରତିଷ୍ଠିତ ଆକାଶ କୋଚିଂ କେନ୍ଦ୍ର ଅନୁଷ୍ଠାନ ଆଜି ଉଦଘାଟିତ ହୋଇଯାଇଛି। ଏହି ଆକାଶ ପ୍ରତିଷ୍ଠାନ ହେଉଛି ଭାରତର ପ୍ରମୁଖ କୋଚିଂ ପ୍ରତିଷ୍ଠାନ ଯାହାର ୩୬ ବର୍ଷର ଐତିହ୍ୟ ରହିଛି। ଏହାର ୪୦୦ ସ୍ଥାନରେ ଏକ ଦୃଢ଼ ଉପସ୍ଥିତି ରହିଛି।ଯାହା ଇଞ୍ଜିନିୟରିଂ, ମେଡିକାଲ୍ ଏବଂ ଫାଉଣ୍ଡେସନ୍ ପାଠ୍ୟକ୍ରମରେ ଉଚ୍ଚସ୍ତରୀୟ କୋଚିଂ ପ୍ରଦାନ କରେ। ଏହି ଅନୁଷ୍ଠାନ ଚୋରଦା ଛକରେ ଯାଜପୁର ରୋଡ୍ କେନ୍ଦ୍ରରର ମହାନ ଉଦଘାଟନ ହୋଇଛି। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀ ଏ. ବି. ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବରେ କେନ୍ଦ୍ରକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ପରିଚାଳକ ଶ୍ରୀ ଶୁଭଙ୍କର ପଟ୍ଟନାୟକ ସମେତ କେନ୍ଦ୍ର ନିର୍ଦ୍ଦେଶକ ଅସିତ ବରଣ ଏବଂ ତାପସ କୁମାର ନନ୍ଦ ପ୍ରମୁଖ ଏହି ଉତ୍ସବରେ ଉପସ୍ଥିତ ଥିଲେ। ଆଜିର ଏହି ଉଦଘାଟନ ଉତ୍ସବରେ ଅଧ୍ୟାପକ, ପରାମର୍ଶଦାତା, ପ୍ରବେଶ ଅଧିକାରୀ, ସ୍କୁଲ ଶିକ୍ଷକ, ପ୍ରଧାନଶିକ୍ଷକ, ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନେ ଉପସ୍ଥିତ ରହିଥିଲେ।

## ଏଲପିଜି ସିଲିଣ୍ଡରର ମୂଲ୍ୟ ୫୦ ଟଙ୍କା ବୃଦ୍ଧି



**ନୂଆଦିଲ୍ଲୀ, ୭।୪:** ଦେଶରେ ସୋମବାର ମହଙ୍ଗାର ବଡ଼ ଝଟକା ଲାଗିଛି। ଏଲପିଜି ସିଲିଣ୍ଡରର ଦାମ୍‌ରେ ବୃଦ୍ଧି ଘଟିଛି। ସରକାର ୧୪ କିଲୋଗ୍ରାମ୍‌ର ଘରୋଇ ଏଲପିଜି ଗ୍ୟାସ୍ ସିଲିଣ୍ଡରର ଦାମ୍ ୫୦ ଟଙ୍କା ବଢ଼ାଇ ଦେଇଛନ୍ତି। ଏହାପରେ ଉଜ୍ଜ୍ୱଳା ଯୋଜନା ଅନୁସାରେ ମିଳୁଥିବା ରନ୍ଧନ ଗ୍ୟାସ୍ ସିଲିଣ୍ଡରର ଦାମ୍ ୫୦୩ ଟଙ୍କାରୁ ବଢ଼ି ୫୫୩ ଟଙ୍କା ଓ ଅଣ ଉଜ୍ଜ୍ୱଳା ଯୋଜନା ଅନୁସାରେ ୮୦୩ ଟଙ୍କାରୁ ବଢ଼ି ୮୫୩ ଟଙ୍କା ହୋଇଯିବ।

ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ମିଡ଼ିଆକୁ ସମ୍ବୋଧିତ କରି କହିଛନ୍ତି ଯେ, ଅନ୍ତରାଷ୍ଟ୍ରୀୟ ଦାମ୍ ବଢ଼ୁଛି ଏବଂ ଆମର ଏଠାରେ ଦାମ୍ ହ୍ରାସ ପାଉଛି। ଆମେ ନିଷ୍ପତ୍ତି ନେଇଛୁ କି, ରୋଷେଇ ଗ୍ୟାସ୍‌ର ଦାମ୍‌ରେ ୫୦ ଟଙ୍କାର ବୃଦ୍ଧି କରାଯିବ। ସେ କହିଛନ୍ତି ଯେ, ଆଗାମୀ ଦିନରେ ଆମେ ଏହାର ସମୀକ୍ଷା କରିବୁ। କେନ୍ଦ୍ର ମନ୍ତ୍ରୀ ହରଦୀପ୍ ସିଂହ ପୁରୀ କହିଛନ୍ତି ଯେ, ଆମେ ରୋଷେଇ ଗ୍ୟାସ ମାମଲାରେ ଖୁବ୍ ଆଗକୁ ବଢ଼ିଛୁ ଏବଂ ଆମ ପାଖରେ ଉଜ୍ଜ୍ୱଳା ଯୋଜନା ମଧ ଅଛି, ଯାହାର ୧୦ କୋଟିରୁ ଅଧିକ ଲାଭାର୍ଥି ଅଛନ୍ତି। ସେ କହିଛନ୍ତି କି, ଆଜି ଆମର ଭାଇ-ଭଉଣୀଙ୍କୁ କାଠ , ଗୋବର ଓ ଅନ୍ୟ ଜିନିଷ ଠାରୁ ମୁକ୍ତି ମିଳିଛି। ସୂଚନାଯୋଗ୍ୟ, କିଛି ମାସରେ ଯେଉଁଠି ୧୯ କିଲୋଗ୍ରାମ୍ ଥିବା କମର୍ସିଆଲ ଗ୍ୟାସ୍ ସିଲିଣ୍ଡରର ଦାମ୍‌ରେ ପରିବର୍ତ୍ତନ ଦେଖିବାକୁ ମିଳିଥିବା ବେଳେ ଗତ ବର୍ଷ ଅଗଷ୍ଟ ୨୦୨୪ରେ ଶେଷ ଥର ୧୪.୨ କିଲୋର ସିଲିଣ୍ଡରର ପ୍ରାଇସ୍‌ରେ ପରିବର୍ତ୍ତନ ହୋଇଥିଲା। ଏହାପର ଠାରୁ ଏଲପିଜି ରନ୍ଧନ ଗ୍ୟାସ୍ ସିଲିଣ୍ଡରର ଦାମ୍‌ରେ କୌଣସି ପରିବର୍ତ୍ତନ ହୋଇ ନାହିଁ। ଆଇଓସିଏଲ୍ ମୁତାବିକ , ବର୍ତ୍ତମାନ ଦିଲ୍ଲୀରେ ରନ୍ଧନ ଗ୍ୟାସ୍ ସିଲିଣ୍ଡରର ମୂଲ୍ୟ ୮୦୩ ଟଙ୍କା ଅଛି। ମୁମ୍ବାଇରେ ଏହି ଦାମ୍ ୮୦୨.୫୦ ଟଙ୍କା , କୋଲକାତାରେ ଏହାର ଦାମ୍ ୮୨୯ ଟଙ୍କା ଓ ଚେନ୍ନାଇରେ ରନ୍ଧନ ଗ୍ୟାସର ଦାମ୍ ୮୧୮.୫୦ ଟଙ୍କା ଅଛି। ଏହା ପୂର୍ବରୁ ସୋମବାର ସରକାରଙ୍କ ପକ୍ଷରୁ ପେଟ୍ରୋଲ-ଡିଜେଲ ଉପରେ ଏକ୍ସାଇଜ୍ ଡ୍ୟୁଟିକୁ ନେଇ ବଡ଼ ନିଷ୍ପତ୍ତି ନିଆଯାଇଛି। ଏହି ଅନୁସାରେ ପେଟ୍ରୋଲ ଡିଜେଲ ଏକ୍ସାଇଜ୍ ଡ୍ୟୁଟିରେ ୨ ଟଙ୍କାର ବୃଦ୍ଧି କରାଯାଇଛି। ହେଲେ ପେଟ୍ରୋଲିୟମ ମନ୍ତ୍ରୀ ଏହାକୁ ନେଇ ସ୍ପଷ୍ଟ କରିଛନ୍ତି ଯେ, ଏହାର ପ୍ରଭାବ ଉପଭୋକ୍ତାଙ୍କ ଉପରେ ପଡ଼ିବ ନାହିଁ ।



## ଆଜିର ପେଟ୍ରୋଲ, ଡିଜେଲ ଦର

ଗାଡ଼ିରେ ପେଟ୍ରୋଲ ଓ ଡିଜେଲ ପକାଇବାକୁ ଚାହୁଁଛନ୍ତି କି ? ତେବେ ତା ପୂର୍ବରୁ ଜାଣନ୍ତୁ ଆଜିର ଦର କେତେ ? କାରଣ ପେଟ୍ରୋଲ ଦଳରେ ସକାଳୁ ସକାଳୁ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୫୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୩ .୧୧ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ଆର୍ଥିକ ବର୍ଷ ୨୦୨୪-୨୫ରେ ଅଟୋମୋବାଇଲ ସେକ୍ଟରର ଭଲ ପ୍ରଦର୍ଶନ



**ନୂଆଦିଲ୍ଲୀ, ୭।୪:** ଆର୍ଥିକ ବର୍ଷ ୨୦୨୪-୨୫ରେ ଦେଶରେ ମୋଟର ଯାନ ବିକ୍ରିରେ ନୂଆ ରେକର୍ଡ। ଆର୍ଥିକ ବର୍ଷରେ ମୋଟର ଯାନ ବିକ୍ରି ଘରୋଇ ସ୍ତରରେ ପ୍ରାୟ ୬ ପ୍ରତିଶତର ବୃଦ୍ଧି ରେକର୍ଡ କରିଛି। ଅଟୋମୋବାଇଲ ଡିଲର୍ସ ସଂଗଠନ, ଫେଡେରେସନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏସନ (ଏଫଏଡିଏ)ର ସୂଚନା ଅନୁସାରେ ଆର୍ଥିକ ବର୍ଷ ୨୦୨୪-୨୫ରେ ୨,୬୧,୪୩,୯୪୩ ୟୁନିଟ ରିଟେଲ ସେଲ୍ ହୋଇଛି। ବଡ଼ କଥା ହେଲା ପାସେଞ୍ଜର ଗାଡ଼ିରୁ ଆରମ୍ଭ କରି ଦୁଇ ଚକିଆ ଯାନ ବିକ୍ରି ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ଭଲ ରହିଛି। ଫାଡା ପକ୍ଷରୁ ସୋମବାର ମିଳିଥିବା ସୂଚନା ଅନୁଯାୟୀ, ୨୦୨୪-୨୫ରେ ପାସେଞ୍ଜର ଯାନ, ଦୁଇ ଚକିଆ ଏବଂ ତିନି ଚକିଆ ଗାଡ଼ିର ବିକ୍ରି ବଢ଼ିଛି। ଆର୍ଥିକ ବର୍ଷ ୨୦୨୩-୨୪ରେ ଦେଶ ଭିତରେ ୩୯,୬୦, ୬୦୨ ୟୁନିଟ୍ ପାସେଞ୍ଜର ଯାନର ରେଜିଷ୍ଟ୍ରେସନ ହୋଇଥିଲା। ୨୦୨୪-୨୫ରେ ଏହା ୫ ପ୍ରତିଶତ ବଢ଼ି ୪୧,୫୩,୪୩୨ ୟୁନିଟ୍ ରହିଛି। ସେହିଭଳି ଆର୍ଥିକ ବର୍ଷ ୨୦୨୩-୨୪ରେ ଦୁଇ ଚକିଆ ଯାନ ୧,୭୫,୨୭,୧୧୫ ୟୁନିଟ୍ ରେଜିଷ୍ଟ୍ରେସନ ହୋଇଥିଲା। ଏହା ତୁଳନାରେ ୨୦୨୪-୨୫ରେ ଦେଶରେ ଦୁଇ ଚକିଆ ଯାନ ବିକ୍ରି ୮ ପ୍ରତିଶତ ବଢ଼ି ୧,୮୮,୭୭,୮୧୨ ୟୁନିଟ୍ ହୋଇଛି। ଆହୁରି ମଧ ଆର୍ଥିକ ବର୍ଷ ୨୦୨୩-୨୪ ତୁଳନାରେ ଆର୍ଥିକ ବର୍ଷ ୨୦୨୪-୨୫ରେ ତିନିଚକିଆ ଯାନ ବିକ୍ରି ୫ ପ୍ରତିଶତ ବଢ଼ି ୧୨,୨୦,୯୮୧ ୟୁନିଟ୍ ହୋଇଛି। ଗ୍ରାମାଞ୍ଚଳରେ ତିନିଚକିଆ ଯାନର ବିକ୍ରି ୯ ପ୍ରତିଶତ ବୃଦ୍ଧି ହୋଇଛି। ଯେତେବେଳେକି ସହରାଞ୍ଚଳରେ ବିକ୍ରିରେ କୌଣସି ବୃଦ୍ଧି ହୋଇନାହିଁ। ଅବଶ୍ୟ

### ଗ୍ରାମାଞ୍ଚଳରେ ରେକର୍ଡ ସଂଖ୍ୟକ ଗାଡ଼ି ବିକ୍ରି

କମର୍ସିଆଲ ଯାନ ଏବଂ ଟ୍ରାକ୍ଟର ବିକ୍ରି ଆର୍ଥିକ ବର୍ଷ ୨୦୨୩-୨୪ ତୁଳନାରେ ହ୍ରାସ ହୋଇଛି। ଗତ ଆର୍ଥିକ ବର୍ଷରେ ବାଣିଜ୍ୟିକ ଯାନର ବିକ୍ରି ସାମାନ୍ୟ ଖସି ୧୦,୦୮,୬୨୩ ୟୁନିଟ୍ ରହିଛି। ଯେତେବେଳେକି ଆର୍ଥିକ ବର୍ଷ ୨୦୨୩-୨୪ରେ ଏହା ୧୦,୧୦,୩୨୪ ୟୁନିଟ୍ ରହିଥିଲା। ସେହିଭଳି ଟ୍ରାକ୍ଟରର ବାର୍ଷିକ ଆଧାରରେ ବିକ୍ରି ୧ ପ୍ରତିଶତ ଖସି ୮,୯୨,୪୧୦ ୟୁନିଟ୍ ରହିଛି। ଯେତେବେଳେକି ଆର୍ଥିକ ବର୍ଷ ୨୦୨୩-୨୪ରେ ଏହା ୮,୮୩,୦୯୫ ୟୁନିଟ୍ ରହିଥିଲା। ତେବେ ଏହି ଆର୍ଥିକ ବର୍ଷରେ ଦେଶରେ ଅନେକ ନୂଆ ଲଞ୍ଚ ହୋଇଥିଲା। ମାରୁତି ଏବଂ ହୋଣ୍ଡା ଲୋକପ୍ରିୟ ସିଡାନ ଡିଜାୟର ଏବଂ ଆମେଜର ନ୍ୟୁ ଜେନେରେସନ ମଡେଲ ଲଞ୍ଚ କରିଥିଲା। ସେହିଭଳି ମହିନ୍ଦ୍ରା, ଟାଟା, ଏମଜିର ଇଲେକ୍ଟ୍ରିକ୍ କାର୍‌କୁ ମଧ ବଜାରକୁ ଆସିଥିଲା। ସେପଟେ ହିରୋ, ବଜାଜ, ରୟାଲ ଏନଫିଲ୍ଡ ମଧ ବଜାରକୁ ନୂଆ ବାଇକ୍ ଆଣିଥିଲେ। ଯାହା ଫଳରେ ୨୦୨୪-୨୫ ଆର୍ଥିକ ବର୍ଷରେ ଗାଡ଼ି ବିକ୍ରି ଭଲ ହୋଇଛି।

## ୨୮ ଦିନର ଭାଲିଡିଟିରେ ସବୁଠାରୁ ଶସ୍ତା ପ୍ଲାନ




**ନୂଆଦିଲ୍ଲୀ, ୭।୪:** ଏୟାରଟେଲ, ଜିଓ ଏବଂ ବିଏସଏନଏଲ, ଏହି ତିନି କମ୍ପାନୀ ୨୮ ଦିନର ବୈଧତା ସହିତ ଯୋଜନା ପ୍ରଦାନ କରନ୍ତି। ଏହି ଯୋଜନାରେ ଡାଟା ଏବଂ କଲିଂ ସହିତ ଅନେକ ଅନ୍ୟାନ୍ୟ ସୁବିଧା ମଧ ଉପଲବ୍ଧ। କିନ୍ତୁ ଆପଣ ଜାଣନ୍ତି କି ଏହି ତିନୋଟି କମ୍ପାନୀର ରିଚାର୍ଜ ପ୍ଲାନ୍ ମଧରୁ କେଉଁଟି ଅଧିକ ଶସ୍ତା, ଆସନ୍ତୁ ଜାଣିବା। ଏୟାରଟେଲର ୨୮ ଦିନର ବୈଧତା ପ୍ଲାନର ମୂଲ୍ୟ ୩୪୯ ଟଙ୍କା। ଏହି ରିଚାର୍ଜ ପ୍ଲାନରେ ଆପଣଙ୍କୁ ପ୍ରତିଦିନ ୨ ଜିବି ଡାଟା ମିଳିବ। ଏହା ବ୍ୟତୀତ, ଆପଣ ୨୮ ଦିନ ପାଇଁ ଅସୀମିତ କଲ୍ କରିପାରିବେ। ଆପଣ ପ୍ରତିଦିନ ୧୦୦ଟି ଏସଏମଏସ ମଧ ପାଇବେ। ଏହା ବ୍ୟତୀତ, ଆପଣଙ୍କୁ ୨୮ ଦିନର ଜିଓ ହଟଷ୍ଟାର ସବସ୍କ୍ରିପସନ୍ ମଧ ମିଳିବ। ଜିଓର ଦୁଇଟି ରିଚାର୍ଜ ପ୍ଲାନ୍ ଅଛି ଯାହାର ବୈଧତା ୨୮ ଦିନ। ଏଥିମଧରୁ ଗୋଟିଏର ମୂଲ୍ୟ ୩୪୯ ଟଙ୍କା, ଯେଉଁଥିରେ ଅସୀମିତ ଭଏସ୍ କଲ୍, ଦିନକୁ ୨ ଜିବି ଡାଟା ଏବଂ ଦିନକୁ ୧୦୦ଟି ଏସଏମଏସ ଉପଲବ୍ଧ। ଏହା ସହିତ, ଆପଣ ୯୦ ଦିନ ପାଇଁ ଜିଓ ହଟଷ୍ଟାର ସବସ୍କ୍ରିପସନ୍ ଏବଂ ମାଗଣା ୫୦ ଜିବି ଜିଓ କ୍ଲାଉଡ୍ ଷ୍ଟୋରେଜ୍ ପାଇବେ। ଜିଓରେ ୨୮ ଦିନର ବୈଧତା ସହିତ ଦ୍ୱିତୀୟ ରିଚାର୍ଜ ପ୍ଲାନର ମୂଲ୍ୟ ୪୪୫ ଟଙ୍କା। ଏଥିରେ, ଆପଣ ୩୪୯ ଟଙ୍କାର ପ୍ଲାନର ସମସ୍ତ ସୁବିଧା ପାଇବେ, ସହିତ ସୋନି ଲିଭ ଏବଂ ଡିସ୍କଭରୀ ପ୍ଲସ ସମେତ ୧୦ଟି ଚ୍ୟାନେଲର ସବସ୍କ୍ରିପସନ ମଧ ପାଇବେ। ବିଏସଏନଏଲର ରିଚାର୍ଜ ପ୍ଲାନ୍ ୩୦ ଦିନର ବୈଧତା ସହିତ ଆସିଥାଏ। ଏହି ପ୍ଲାନର ମୂଲ୍ୟ ୨୪୭ ଟଙ୍କା। ଏହି ପ୍ଲାନରେ ଆପଣଙ୍କୁ ହାଇ ସ୍ପିଡରେ ୫୦ ଜିବି ଡାଟା ମିଳିବ। ଏହା ବ୍ୟତୀତ, ଆପଣ ଅସୀମିତ ଭଏସ୍ କଲ୍ କରିପାରିବେ ଏବଂ ଗୋଟିଏ ଦିନରେ ୧୦୦ଟି ଏସଏମଏସ ମଧ ପଠାଇପାରିବେ। ଏହି ଯୋଜନା ସହିତ ଆପଣଙ୍କୁ ୧୦ ଟଙ୍କାର ଅତିରିକ୍ତ ଟକଟାଇମ୍ ମଧ ମିଳିବ। ଏହି ରିଚାର୍ଜ ଯୋଜନାରେ ଆପଣଙ୍କୁ କୌଣସି ଷ୍ଟ୍ରିମିଂ ପ୍ଲାଟଫର୍ମର ସବସ୍କ୍ରିପସନ୍ ମିଳିବ ନାହିଁ।

### ଗୁଗଲ୍ ଡିପ୍ ମାଇଣ୍ଡର ଚାଞ୍ଚଲ୍ୟକର ରିପୋର୍ଟ

## ୨୦୩୦ ସୁଦ୍ଧା ମାନବଜାତିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବ ଏଆଇ



**ନୂଆଦିଲ୍ଲୀ, ୭।୪:** ଚାଞ୍ଚଲ୍ୟକର ରିପୋର୍ଟ ଦେଲା ଗୁଗଲ୍। ୨୦୩୦ ସୁଦ୍ଧା ମାନବଜାତିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେବ ଏଆଇ ! ଏଭଳି ସାଙ୍ଘାତିକ ଭବିଷ୍ୟବାଣୀ କରିଛି ଗୁଗୁଲ୍ ଡିପ୍ ମାଇଣ୍ଡ। ମାନବ-ସ୍ତରୀୟ କୃତ୍ରିମ ବୁଦ୍ଧିମତା ଅର୍ଥାତ୍, ଯାହା କୃତ୍ରିମ ସାଧାରଣ ବୁଦ୍ଧିମତା ଭାବେ ଲୋକପ୍ରିୟ। ୨୦୩୦ ସୁଦ୍ଧା ଏହା "ମାନବତାକୁ ସ୍ଥାୟୀ ଭାବରେ ନଷ୍ଟ କରିପାରେ"ବୋଲି ଗୁଗୁଲ୍ ଡିପ୍ ମାଇଣ୍ଡର ଏକ ନୂତନ ଗବେଷଣା ଜାରି କରିଛି। ଏଆଇର ବିଶାଳ ପ୍ରଭାବକୁ ଦୃଷ୍ଟିରେ ରଖି, ଗବେଷଣାରେ କୁହାଯାଇଛି ଯେ, ଏହା ଭବିଷ୍ୟତରେ ଗୁରୁତର କ୍ଷତିର ସମ୍ଭାବ୍ୟ ବିପଦ ସୃଷ୍ଟି କରିପାରେ। କହିରଖୁ କି, ଡିପ୍ ମାଇଣ୍ଡ ସହ-ପ୍ରତିଷ୍ଠାତା ଶେନ୍ ଲେଗ୍ କହିଛନ୍ତି ଯେ, ଏଆଇ ପାଇଁ ମାନବଜାତିର ବିଲୁପ୍ତ ହୋଇପାରେ। ଆଗକୁ ଏଆଇ ଜରିଆରେ ଅପବ୍ୟବହାର, ଭୁଲ ସଂଳାପ, ଭୁଲ୍ ଏବଂ ସଂରଚନାତ୍ମକ ବିପଦର ଆଶଙ୍କା ବଢ଼ିବ। ଯାହା ଲୋକମାନଙ୍କୁ କ୍ଷତି ପହଞ୍ଚାଇବ। ଫେବୃଆରୀରେ, ଡିପ୍ ମାଇଣ୍ଡର ସିଇଓଙ୍କ ଡେମିସ୍ ହାସାବିସ୍ ଏଆଇକୁ ନେଇ ଏକ ବଡ଼ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, ଏଆଇ ମଣିଷ ଅପେକ୍ଷା ସ୍ମାର୍ଟ ଓ ଅଧିକ ବୁଦ୍ଧିମାନ। ତେଣୁ ଆଗାମୀ ୫-୧୦ ବର୍ଷରେ ଏହା ସାରା ବିଶ୍ୱରେ ଉଭା ହେବା ଆରମ୍ଭ କରିବ।

### ଗୁଗୁଲ୍ କ୍ରୋମ୍ ବ୍ୟବହାରକାରୀଙ୍କୁ ଭାରତ ସରକାରଙ୍କ ବଡ଼ ଚେତାବନୀ

## ତୁରନ୍ତ ବ୍ରାଉଜରକୁ ଲାଟେଷ୍ଟ ଭର୍ସନରେ ଅପଡେଟ୍ କରନ୍ତୁ




ନୂଆଦିଲ୍ଲୀ, ୭।୪: ଯଦି ଆପଣ ଗୁଗୁଲ୍ କ୍ରୋମ୍ ବ୍ୟବହାର କରୁଛନ୍ତି ତେବେ ଏହି ଖବର ଆପଣଙ୍କ ପାଇଁ। ଗୁଗୁଲ୍ କ୍ରୋମ୍ ବ୍ୟବହାରକାରୀଙ୍କ ପାଇଁ ଏକ ହାଇ-ରିସ୍କ ୱାର୍ଣ୍ଣିଂ ଜାରି କରିଛି ଇଣ୍ଡିଆନ୍ କମ୍ପ୍ୟୁଟର ଏମରଜେନ୍ସି ରିସପନ୍ସ ଟିମ୍ ଗୁଗୁଲ୍ କ୍ରୋମ୍ ଡେସ୍କଟପ୍। ବ୍ରାଉଜରରେ ଗମ୍ଭୀର ସୁରକ୍ଷା ତ୍ରୁଟି ମିଳିଛି, ଯାହା ସମ୍ପର୍କରେ ସିଇଆରଟି-ଇନ୍ ଏକ ଚେତାବନୀ ଜାରି କରିଛି। ଏହି ବିପଦଗୁଡ଼ିକୁ ହାଇ-ରିସ୍କ ୱାର୍ଣ୍ଣିଂ ବୋଲି କୁହାଯାଉଛି। ଏହା ମାଧମରେ ହ୍ୟାକର୍ସମାନେ ବ୍ୟବହାରକାରୀଙ୍କ ସିଷ୍ଟମକୁ ନିୟନ୍ତ୍ରଣ କରିପାରିବେ ଏବଂ ସମ୍ବେଦନଶୀଳ ଡାଟା ଚୋରି କରିପାରିବେ। ସାଇବର ସୁରକ୍ଷା ଏଜେନ୍ସି ଅନୁଯାୟୀ, ଯଦି ଆପଣ କ୍ରୋମ୍ ବ୍ୟବହାର କରନ୍ତି, ତେବେ ସୁରକ୍ଷିତ ରହିବା ପାଇଁ ତୁରନ୍ତ ଆପଣଙ୍କର ବ୍ରାଉଜରକୁ ଲାଟେଷ୍ଟ ଭର୍ସନରେ ଅପଡେଟ୍ କରନ୍ତୁ। ସାଇବର ସୁରକ୍ଷା ଟିମ୍ କହିଛି ଯେ, ଗୁଗୁଲ୍ କ୍ରୋମରେ ଅନେକ ତ୍ରୁଟି ମିଳିଛି, ଯାହା କଷ୍ଟମ୍ ଟ୍ୟାବ୍ସ, ଇଣ୍ଟେଣ୍ଟସ୍, ଏକ୍ସଟେନ୍ସନ୍ସ, ନାଭିଗେସନ୍ସ, ଅଟୋଫିଲ୍ ଏବଂ ଡାଉନଲୋଡ୍ସରେ ଅନୁପଯୁକ୍ତ କାର୍ଯ୍ୟକଳାପ ଯୋଗୁଁ ହୋଇଛି। ଯେ କେହି ବି ଏହା ଦୁରୁପୋଯୋଗ କରି ଲୋକଙ୍କୁ ଠକିପାରିବ। ସ୍କାମରମାନେ ଟାର୍ଗେଟ୍ କରାଯାଇଥିବା ସିଷ୍ଟମରେ ମନଇଚ୍ଛା କୋଡ୍ ମଧ ଚଲାଇ ପାରିବେ। ଘରେ ହେଉ କିମ୍ବା ଅଫିସ, କମ୍ପ୍ୟୁଟରରେ ଯେ କେହି ବି ଗୁଗୁଲ୍ କ୍ରୋମ୍ ବ୍ୟବହାର କରୁଥିବେ ସମସ୍ତଙ୍କ ପାଇଁ ଏହି ଚେତାବନୀ ରହିଛି। ସୁରକ୍ଷା ସମ୍ବନ୍ଧୀୟ ସମସ୍ୟା ହ୍ୟାକରମାନଙ୍କୁ ୟୁଜର୍ସଙ୍କ ବ୍ୟକ୍ତିଗତ ସୂଚନା ଚୋରି କରିବାକୁ କିମ୍ବା କମ୍ପ୍ୟୁଟରକୁ କ୍ରାସ୍ କରିବାକୁ ଅନୁମତି ଦେଇପାରେ। ସୁରକ୍ଷିତ ରହିବା ପାଇଁ ତୁରନ୍ତ କ୍ରୋମକୁ ଲାଟେଷ୍ଟ ଭର୍ସନରେ ଅପଡେଟ୍ କରନ୍ତୁ।

## ବ୍ଲକ ପ୍ରଶାସନର ଓଡ଼ିଆ ପକ୍ଷ ପାଳନ



**ଖପ୍ରାଖୋଲ,୭।୪(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ପ୍ରଶାସନ ତରଫରୁ ଓଡ଼ିଆ ପକ୍ଷ ପାଳନ ଅବସରରେ ପଶ୍ଚିମ ଓଡିଶା ର ଶୈବପୀଠ ହରିଶଙ୍କର ରେ ଗତକାଲି ରବିବାର ଦିନ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଅତିରିକ୍ତ ତହସିଲଦାର ସତ୍ୟ ପ୍ରକାଶ ରାଉତରାୟ ଓ ଅନ୍ୟାନ୍ୟ କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ର କର୍ମକର୍ତା ଉପସ୍ଥିତ ରହି ମନ୍ଦିର ପରିସର ସଫା କରିଥିଲେ। ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ହେଲେ ଅନ୍ୟ ପକ୍ଷେ ଦେଖିବାକୁ ଗଲେ 'ଦୀପତଳଅନ୍ଧାର' ଏହି ଉକ୍ତି ଟି ଲେଖାଯିବାର କାରଣ ଖପ୍ରାଖୋଲ ବ୍ଲକ ର କୋଠା ପଛ ପଟ ମାନଙ୍କର ଚାରି କଡେ ଅଳିଆ ଆବର୍ଜନା ପୁରି ରହିଛି ସେଥିପ୍ରତି ବ୍ଲକ ପ୍ରଶାସନ ର ଦୃଷ୍ଟି ଦେଉନାହାନ୍ତି। ବିଭିନ୍ନ କାର୍ଯ୍ୟ ପାଇଁ ଲୋକେ ଗଲେ ଶୌଚାଳୟ ବ୍ୟବସ୍ଥା ନଥିବା ଯୋଗୁଁ ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି। କେବଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ କୁ ଚିକଣିଆ ରଖା ଯାଇଛି। ସରକାର ଙ୍କ ପ୍ରଚଳିତ ନିୟମ ପାଳନ କରି କାମ ସାରିଦିଆଯାଉଛି ହେଲେ ବ୍ଲକ ପ୍ରଶାସନ ସମ୍ପୂର୍ଣ କାର୍ଯ୍ୟାଳୟ, ନିଜେ ରହୁଥିବା କୋଠା ର ସ୍ୱଚ୍ଛତା ପ୍ରତି ଧ୍ୟାନ ଦେଉନ ଥିବାରୁ ଅପରିଷ୍କାର ରହୁଛି। ବିଭିନ୍ନ ସମୟରେ ବ୍ଲକ ପରିସରରେ ଯେଉଁ କାର୍ଯ୍ୟକ୍ରମ ମାନ କରାଯାଉଛି ପରବର୍ତୀ ସମୟରେ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେଉନଥିବାରୁ ବ୍ଲକ ପରିସର ଅପରିଷ୍କାର ରହୁଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ବୁଦ୍ଧିଜୀବି ମହଲରୁ ଦାବି ହେଉଛି।

## ରାମଚନ୍ଦ୍ର ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବିଞ୍ଝାରପୁର,୭।୪(ସଂଚାର ବ୍ୟୁରୋ):** ବିଂଝାରପୁର ବ୍ଲକ ଅନ୍ତର୍ଗତ କପିଳା ଗ୍ରାମପଞ୍ଚାୟତ ଅଧିନ ଭାସ୍କର ସାମଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ରାମ ଚନ୍ଦ୍ର ନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ୟାରୀମୋହନ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବିଧାୟୀକା ପ୍ରମିଳା ମଲ୍ଲିକ, ମୁଖ୍ୟ ବକ୍ତାଭାବେ ଫକିର ମୋହନ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର କୁମରବର ଦାଶ, ସମ୍ମାନିତ ଅତିଥିଭାବେ ବ୍ଲକ ଅଦକ୍ଷା ରଞ୍ଜିତ କୁମାରୀ ଦାସ, ଜିଲ୍ଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଶମ୍ଭୁନାଥ ଦାଶ ଓସ୍ତା ସଂଘର ସଭାପତି ଭରତ ଚନ୍ଦ୍ର ଦାସ, ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଦେବେନ୍ଦ୍ର କୁମାର ନାୟକ, ଅତିରିକ୍ତ ଶିକ୍ଷାଧିକାରୀ ସେକ ନିଜାମୁଦ୍ଦିନ, ଜିଲ୍ଲା ପରିଷଦ ଶିକ୍ଷକ ସଂଘର ସଭାପତି ମନୋରଞ୍ଜନ ଧଳ, ବରୁଣେଶ୍ୱର ମହାବିଦ୍ୟାଳୟର ଅଧ୍ୟାପକ କୃଷ୍ଣ ଚନ୍ଦ୍ର ଯେନା ଯୋଗଦାନ କରିଥିଲେ। ପୁରାତନ ଛାତ୍ର ଛାତ୍ରୀ ମାନେ ରାମ ସାର୍ ଙ୍କୁ ଟେକି ନେଇ ମଞ୍ଚରେ ବସାଇଥିଲେ। ସମଗ୍ର ପରିବେଶ ବେଶ ଭାବ ବହୁଳ ପରିବେଶ ଖେଳିଥିଲା। ବିଦାୟୀ ଶିକ୍ଷକ ଜଣେ ଆଦର୍ଶ ଶିକ୍ଷକ, ସମୟାନୁବର୍ତି, ଛାତ୍ର ବତ୍ସଳ, ଥିଲେ। ଗ୍ରାମର ସମସ୍ତ ଅଧିବାସୀ ସମେତ ଶହ ଶହ ଶିକ୍ଷକ ଓ ଛାତ୍ର ଛାତ୍ରୀ ଏକାଠି ହୋଇ ବାଜା ରୋଷଣୀରେ ଗ୍ରାମ ପରିକ୍ରମା କରାଯାଇଥିଲା। କିନ୍ତୁ ସମସ୍ତଙ୍କ ଆଖିରେ ଲୁହ ଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ପ୍ରତିବାଦ



**ବ୍ରହ୍ମପୁର,୭।୪(ସଂଚାର ବ୍ୟୁରୋ):** ଖବର ସଂଗ୍ରହ ବେଳେ ପୁରୀରେ ମହିଳା ସାମ୍ବାଦିକ ଲିନୁ ନାୟକ ଓ ତାଙ୍କ କ୍ୟାମେରା ସହଯୋଗୀ ଶିବ କିଶୋର ପଲେଇଙ୍କ ଉପରେ କିଛି ସେବାୟତ କରିଥିବା ଆକ୍ରମଣ ଘଟଣାକୁ ବ୍ରହ୍ମପୁର ସାମ୍ବାଦିକ ମାନେ କଡା ବିରୋଧ କରିଛନ୍ତି। ରାଜ୍ୟ ସାମ୍ବାଦିକ ସଂଘ ଏବଂ ବ୍ରହ୍ମପୁର ପ୍ରେସ କ୍ଲବ୍ ସଦସ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟରତ ଗଣମାଧ୍ୟମର ପ୍ରତିନିଧିଙ୍କ ପକ୍ଷରୁ ମିଳିତ ଭାବେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କ ଜରିଆରେ ଏକ ଦାବି ପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟରେ ପ୍ରତିଟି ସାମ୍ବାଦିକ ଯେଉଁଭଳି ସ୍ୱାଧୀନ ଏବଂ ନିର୍ଭୟର ସହ କାର୍ଯ୍ୟ କରିବେ ସେନେଇ ସରକାର ଦୃଷ୍ଟି ଦେବାକୁ ଦାବି ହୋଇଥିଲା। ଏହାସହ ପୁରୀ ଭଳି ଧାର୍ମିକ ସ୍ଥଳରେ ସେବାୟତ ମାନଙ୍କ ଗୁଣ୍ଡାରାଜକୁ ନିନ୍ଦା କରିବା ସହ ଖୁବଶୀଘ୍ର ଏଥିରେ ସମ୍ପୃକ୍ତ ଆକ୍ରମଣକାରୀ ସେବାୟତଙ୍କ ଗିରଫ କରି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ସାମ୍ବାଦିକ ସୁରକ୍ଷା ଆଇନ୍ ଲାଗୁ କରିବାକୁ ସହରର ସାମ୍ବାଦିକ ମାନେ ଦାବି କରିଥିଲେ। ଏହି ଅବସରରେ ରାଜ୍ୟ ସାମ୍ବାଦିକ ସଂଘ ର ଜିଲ୍ଲା ସଭାପତି ବିଶ୍ୱନାଥ ମାରଣା, ଦିଗମ୍ବର ମହାରଣା, ବ୍ରହ୍ମପୁର ପ୍ରେସ କ୍ଲବ୍ ସମ୍ପାଦକ ପ୍ରହ୍ଲାଦ ସାହୁ, କୋଷାଧ୍ୟକ୍ଷ ଶିବ ପ୍ରସାଦ ପଣ୍ଡା, ରାଜ୍ୟ ସାମ୍ବାଦିକ ସଂଘ ର କୋଷାଧ୍ୟକ୍ଷ ନୀଳାଚଳ ସାହୁଙ୍କ ସମେତବୃନ୍ଦ ସାମ୍ବାଦିକ ଅସିତ୍ ପଣ୍ଡା, କାଳିପ୍ରସାଦ ରଥ, ବିଶ୍ୱନାଥ ପଟ୍ଟନାୟକ, ରାଜେନ୍ଦ୍ର ସାହୁ, ମନୋଜ କୁମାର ପାତ୍ର, ମୃତ୍ୟୁଞ୍ଜୟ ସାହୁ, ରୂପକ ମହାନ୍ତି, ସନ୍ନ୍ୟାସୀ ଗୌଡ, ସିମାଞ୍ଚଳ ସାହୁ, ରାଧାଶ୍ୟାମ ଆଚାର୍ଯ୍ୟ, ମନୋଜ କୁମାର ପଣ୍ଡା, ଅମର ଦାସ, ସନ୍ତୋଷ ପାଳ, ନାରାୟଣ ମହାଙ୍କୁଡ, ହିମାଂଶୁ ପାଢୀ, ଈଶ୍ୱର ସେଠି, ସୁନୀଲ ସାହୁ, ଅନନ୍ତ ଆପଟ, ନାଗେଶ ପାତ୍ର, ଅନିଲ କୁମାର ପାଢୀ, ଶରତ ଚନ୍ଦ୍ର ନନ୍ଦ, ଦୀପକ କୁମାର ପଣ୍ଡା, ରାଜା ରାଓ, ମନୋଜ କୁମାର ପାତ୍ର ଙ୍କ ସମେତବହୁ ସାମ୍ବାଦିକ ଉପସ୍ଥିତ ଥିଲେ।

### ଅନ୍ଧକାରରେ ରହୁଛନ୍ତି ଅନେକ ଗାଁ

# ସରକାରୀ ଯୋଜନା ସାତ ସପନ



**କନ୍ଧମାଳ,୭।୪(ସଂଚାର ବ୍ୟୁରୋ):** ସ୍ୱାଧୀନତା ବହୁତ ବର୍ଷ ବିତିଯାଇଥିଲେ ସୁଧା ଆଜିବି ଅନ୍ଧକାର ଭିତରେ ରହି ଆସୁଛନ୍ତି ଅପହଞ୍ଚ ଇଲାକା ର ଜନସାଧାରଣ। ବିଦ୍ୟୁତ ଆଲୁଅ ଦେଖିବା ଏକ ଅଞ୍ଚଳ ବାସୀ ଙ୍କ ପାଇଁ ସପ୍ନ। ଡିବିରି ଆଲୁଅ ରେ ବିତୁଛି ଦିନ ଗୋଟିଏ ଦିନ ନୁହେଁ ମାସ ମାସ ବର୍ଷ ବର୍ଷ। କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ମାଳ ମାଳ ଯୋଜନା ପ୍ରସ୍ତୁତ କରି ଅଞ୍ଚଳ ବିକାଶ ପାଇଁ ଯୋଜନା ପରେ ଯୋଜନା ପ୍ରସ୍ତୁତ କରି ଅଞ୍ଚଳ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରନ୍ତି ସତ କିନ୍ତୁ ଆଜିବି ବିଦ୍ୟୁତ ଆଲୁଅ ରୁ ବଞ୍ଚିତ। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାଙ୍ଗା ଉପରସାହି ପଞ୍ଚାୟତ ଅନ୍ତର୍ଗତ ବାଢାଯୋଡି ରେ ୨୦ ଉର୍ଦ୍ଧ୍ୱ ଘର ରହିଥିବା ବେଳେ ମାଦାପାଙ୍ଗା ୭ ରୁ ଉର୍ଦ୍ଧ୍ୱ ପରିବାର ଆଜି ପର୍ଯ୍ୟନ୍ତ ଅଞ୍ଚଳ ବାସୀ ବିଦ୍ୟୁତ ଆଲୁଅ ରୁ ବଞ୍ଚିତ ରହି ଆସୁଥିବା ବେଳେ ବାରମ୍ବାର ବିଦ୍ୟୁତ ଆଲୁଅ ସଂଯୋଗ ପାଇଁ ଦାବି କରିଥିଲେ ମଧ୍ୟ କେହି ଶୁଣୁନାହାନ୍ତି ବୋଲି ସ୍ଥାନୀୟ ଗ୍ରାମବାସୀ ସମେତ ସ୍ଥାନୀୟ ସରପଞ୍ଚ ରଶ୍ମିତା କହଁର ଅଭିଯୋଗ କରିଛନ୍ତି। କିନ୍ତୁ ଏଠି ପ୍ରଶ୍ନ ଉଠୁଛି ଏହି ଭଳି ଜଙ୍ଗଲ ଘେରା ଦୁର୍ଗମ ଅଞ୍ଚଳ ର ନିରିହ ଜନସାଧାରଣ ବିଦ୍ୟୁତ ସଂଯୋଗ ହୋଇ ନଥିବା ଯୋଗୁଁ ଅନ୍ଧକାର ରାତିରେ ଛାତ୍ର ଛାତ୍ରୀ ପାଠ ପଢିବା ପାଇଁ କେଣ୍ଡେଲ କିମ୍ବା ଡିବିରି ଆଲୁଅ ହିଁ ସାହା ଭରଷା। ଅନ୍ୟ ପଟେ ଏହି ଭଳି ଭୂଇଁଯୋଡି ପଞ୍ଚାୟତ ଗାଜୁରିଘାଟି ଗାଁ ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ଅବସ୍ଥିତ ଜଙ୍ଗଲ ଘେରା ଗାଁ କୁଜିକେତା ସାହି ଏଠି ୪ ପରିବାର ରହି ଆସୁଛନ୍ତି ହାରାହାରି ଜନସଂଖ୍ୟା ୨୫ ରୁ ଉର୍ଦ୍ଧ୍ୱ ପରିବାର ପାଇଁ ଭରଷା ଡିବିରି ଆଲୁଅ ହିଁ ଏକମାତ୍ର ଭରଷା। କିନ୍ତୁ ଏଠି ପ୍ରଶ୍ନ ଉଠୁଛି ପାଇ ପାରିବେ ବିଦ୍ୟୁତ ଆଲୁଅ, ଶୁଣି ପାରିବେ ପ୍ରଶାସନ ତାହା ଦେଖିବାକୁ ବାକି ରହିଛି। ଏଠାକାର ଛୋଟ ଛୋଟ କୋମଳ ଶିଶୁ ମାନଙ୍କ ପାଇଁ ପାଠ ପଢିବା କଷ୍ଟ କର ଥିବା ବେଳେ ରାତ୍ରି ସନ୍ଧ୍ୟା ସମୟରେ ଘର ବାହାର କୁ ଆସିବା ପାଇଁ ଏଠାକାର ଲୋକ ଭୟରେ ଯିବନ ଜାପାନ ନିର୍ଭର କରନ୍ତି। ଏଠାକାର ଜନସାଧାରଣ ବାରମ୍ବାର ବିଦ୍ୟୁତ ଆଲୁଅ ପାଇଁ ଦାବିପତ୍ର ଦେଇଛନ୍ତି ସତ କିନ୍ତୁ ଫଳ ହିଁ ନାହିଁ। ଯୋଜନା ମାଳ ମାଳ କାହା ପାଇଁ ନିରିହ ଜନସାଧାରଣ ଙ୍କ ପାଇଁ। ଆଜିର ଦିନରେ ଗାଁ ଗାଁ ରେ ଘରେ ଘରେ ବିଦ୍ୟୁତ ଆଲୁଅ ରହିଛି କିନ୍ତୁ ଭୂଇଁଯୋଡି ଠାରୁ ୧୦ କିଲୋମିଟର ଦୂର ରେ ଅବସ୍ଥିତ ଏହି ଜଙ୍ଗଲ ଭରା ପାହାଡ଼ ବଣ ପାହାଡ ଘେରା ଦୁର୍ଗମ ପାହାଡିଆ ଛୋଟ ଗାଁ ଟିଏ ଅତି ସୁନ୍ଦର ଘେରା ରେ ଏହି ଗାଁ ଟି ରହିଛି କିନ୍ତୁ ସ୍ୱପ୍ନ ବାକି ରହିଛି ବିଦ୍ୟୁତ ଆଲୁଅ ଅପେକ୍ଷା ରେ ଚାହିଁ ବସିଛନ୍ତି ଅଞ୍ଚଳ ର ନିରିହ ଗରିବ ପରିବା ର ତେଣୁ ଏଠିକାର ଅଞ୍ଚଳ ବାସୀ ଗୋପିନାଥ କହଁର, କିଙ୍ଗା କହଁର, ଲସିବନ କହଁର, ନନ୍ଦି କହଁର, ବିଦ୍ୟୁତ ଆଲୁଅ ଯୋଗାଇ ଦେବା ପାଇଁ ସରକାର ଙ୍କୁ ନିବେଦନ ସହ ଅନୁରୋଧ କରିଛନ୍ତି ପଞ୍ଚାୟତ ବାସୀ। କିନ୍ତୁ ଅଞ୍ଚଳ ସମସ୍ୟା ପାଇଁ ବାଢାଯୋଡି ଗାଁ ର ଜନସାଧାରଣ ବାରମ୍ବାର ବିଦ୍ୟୁତ ସଂଯୋଗ ପାଇଁ ବିଦ୍ୟୁତ ଅଧିକାରୀ ଙ୍କୁ ଦାବି କରିଥିଲେ ମଧ୍ୟ କୌଣସି କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଉନଥିବା ଅଞ୍ଚଳ ନିରିହ ଜନସାଧାରଣ ଅଭିଯୋଗ କରିଛନ୍ତି।

## ଶିଶୁ ସୁରକ୍ଷା ବିଶେଷଜ୍ଞ କମିଟିର ଉପଗାରାଗାର ପରିଦର୍ଶନ



**ସୁବର୍ଣ୍ଣପୁର,୭।୪(ସଂଚାର ବ୍ୟୁରୋ):** ଶିଶୁ ସୁରକ୍ଷା ପାଇଁ ଗୃହ ବିଭାଗ ଓଡିଶା ସରକାରଙ୍କ ଦ୍ୱାରା ମନୋନୀତ ବିଶେଷଜ୍ଞ କମିଟି, ଶିଶୁ ସୁରକ୍ଷା, ସୁବର୍ଣ୍ଣପୁର ଉପକାରାଗାର, ସୋନପୁର ପରିଦର୍ଶନ କରିଛନ୍ତି। ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁର ର ସମ୍ପାଦିକା କୁମୁଦିନୀ ମୁଦୁଲି ଙ୍କ ତତ୍ୱାବଧାନରେ କମିଟିର ସଦସ୍ୟ ପ୍ରଫେସର ନୀଳାମ୍ବର ଶତପଥୀ, ହେମନ୍ତ କୁମାର ସା, ରାଜୀବ ଲୋଚନ ଗୁରୁ ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ପ୍ରମୁଖ ଉପକରାଗର କୁ ଯାଇ ଏଠାରେ ଅନ୍ତେବାସୀଙ୍କ ସହ ଏକ ଶିବିର ଅନୁଷ୍ଠିତ ହେବା ସହିତ ଅନ୍ତେବାସୀଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହିତ କୌଣସି ମାମଲାରେ ଆଇନ ସହ ଦ୍ୱନ୍ଦରେ ଥିବା ଶିଶୁ କାରାଗାରରେ ଥିବା ଅନ୍ୟ କଏଦୀ ଙ୍କ ସହିତ ରହୁଛନ୍ତି କି ନାହିଁ କମିଟି ପକ୍ଷରୁ ଯାଞ୍ଚ କରିଥିଲେ। କିନ୍ତୁ କୌଣସି ଶିଶୁ ଆଇନ ସହ ଦ୍ୱନ୍ଦରେ ଥିବା ଶିଶୁ ପାଇ ନ ଥିଲେ। ଉକ୍ତ କରାଗାରର ଅଧକ୍ଷ ଡିଲେଶ୍ୱର ଜେନା ପରିଦର୍ଶନ ସମୟରେ ସହଯୋଗ କରିଥିଲେ ।

## ଆମ୍ବେଦକର ଜୟନ୍ତୀ ପାଇଁ ଜନସଚେତନତା



**ନର୍ଲା,୭।୪(ସଂଚାର ବ୍ୟୁରୋ):** ଆସନ୍ତା ଅପ୍ରେଲ ୧୪ରେ ସମ୍ବିଧାନ ପ୍ରଣେତା ବାବା ସାହେବ ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କ ୧୩୪ତମ ଜନ୍ମଜୟନ୍ତୀ ପାଳିତ ହେବ। ଏଥିପାଇଁ ପ୍ରସ୍ତୁତି ଜୋରଦାର କରିଛି ଅଲ୍ ଓଡିଶା ସିଡ୍ୟୁଲକାଷ୍ଟ ଫେଡେରେସନ (ଏଓଏସସିଏଫ) ନର୍ଲା। ଆମ୍ବେଦକର ଜୟନ୍ତୀ ଅବସରରେ ନର୍ଲା ମାଉଣ୍ଟେନ କିଡସ ସ୍କୁଲ ଠାରେ ମହାବିଦ୍ୟାଳୟ ସ୍ତରରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ନର୍ଲା ବ୍ଲକ ଅଞ୍ଚଳରେ ଥିବା ମହାବିଦ୍ୟାଳୟର +୨ ଓ +୩ ଛାତ୍ରଛାତ୍ରୀମାନେ ଭାଗ ନେଇପାରିବେ। ଏହି ପ୍ରତିଯୋଗିତାର ବିଜୟୀମାନଙ୍କୁ ଏଓଏସସିଏଫ ପକ୍ଷରୁ ନଗଦ ଅର୍ଥରାଶି ସହ ପ୍ରମାଣପତ୍ର ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅଲ୍ ଓଡିଶା ସିଡ୍ୟୁଲକାଷ୍ଟ ଫେଡେରେସନ ନର୍ଲା ବ୍ଲକ ସଭାପତି ରଘୁନାଥ ଦୀପଙ୍କ ନେତୃତ୍ୱରେ ଫେଡେରେସନର କାର୍ଯ୍ୟକର୍ତାମାନେ ଗାଁ ଗାଁକୁ ଯାଇ ଜନସଚେତନତା ସୃଷ୍ଟି କରୁଥିବା ଦେଖାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ସେମାନେ ସାକ୍ଷାତ କରି ପ୍ରତିଯୋଗିତାରେ ସାମିଲ ହେବାପାଇଁ ଆମନ୍ତ୍ରଣ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେବାପାଇଁ ବିଡ଼ିଓ, ବିଇଓ, ଏବିଇଓ, ବିଆରସି ପ୍ରମୁଖଙ୍କ ସହ ଅନେକ ଜ୍ଞାନୀ ଗୁଣୀ ବ୍ୟକ୍ତିଙ୍କୁ ନିମନ୍ତ୍ରଣ କରାଯାଇଥିବା ସୂଚନା ଦେଇଛନ୍ତି ନର୍ଲା ବ୍ଲକ ଏଓଏସସିଏଫ ସଭାପତି ରଘୁନାଥ ଦୀପ।

## ଓଡ଼ିଆ ପକ୍ଷରେ ସ୍ୱଚ୍ଛ ଭାରତ ଅଭିଯାନ




**ଯାଜପୁର,୭।୪(ସଂଚାର ବ୍ୟୁରୋ):** ସ୍ୱତନ୍ତ୍ର ଉତ୍କଳ ଦିବସ ପକ୍ଷ ପାଳନ ଅବସରରେ ଯାଜପୁର ବରିଷ୍ଠ ନାଗରିକ ସଂଘ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘର ମିଳିତ ଆନୁକୂଲ୍ୟରେ ଯାଜପୁର ଟାଉନ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣକୁ ରବିବାରଦିନ ପ୍ରାତଃ ୭ ଘଟିକା ସମୟରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଗ୍ରହଣ କରାଯାଇ ମନ୍ଦିର ଚତୁପାର୍ଶ୍ୱ ସଫେଇ କରାଯାଇଥିଲା। ମନ୍ଦିର ପ୍ରାଙ୍ଗଣରେ ପାଚୋରୀ ଭାଙ୍ଗି ଯାଇଥିବାରୁ ଗାଈ ଗୋରୁ ମାନଙ୍କର ଅବାଧ ପ୍ରବେଷ ହେଉଛି ଏବଂ ମଳତ୍ୟଗ କରି ପ୍ରାଙ୍ଗଣକୁ ଅପରିଷ୍କାର କରୁଛନ୍ତି। ତେଣୁ ଏହାର ସ୍ଥାୟୀ ନିରାକରଣ ପାଇଁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ସ୍ଥିର କରାଗଲା। ପୂର୍ବ ଓ ଦକ୍ଷିଣ କୋଣ ପାଚେରୀ ମରାମତି ସହ ସିଂହ ଦ୍ୱାରରେ କାଓ ଗାର୍ଡ଼ କରାଗଲେ ଗୃହପାଳିତ ପଶୁ ମନାଙ୍କର ପ୍ରବେଶ ବନ୍ଦ ହେବା ସହିତ ମନ୍ଦିର ପ୍ରାଙ୍ଗଣ ସଫା ରହିପାରିବ। ଉକ୍ତ ସଫେଇ କାର୍ଯ୍ୟକରେ ସମ୍ପାଦକ ପ୍ରବୋଧ ନାୟକ, ଗଦାଧର ରାଉତ, ସହ-ସମ୍ପାଦକ ବୃନ୍ଦାବନ ମିଶ୍ର, ଗୋପିନାଥ ସେଠି, ମଧୁସୂଦନ ମହାନ୍ତି, ଶିଶିର କୁମାର ମହାପାତ୍ର, ପ୍ରଶାନ୍ତ କୁମାର ନାୟକ, ନୃସିଂହ ଚରଣ ଜେନା, ମିହିର ରଞ୍ଜନ ନାୟକ, ବିଷ୍ଣୁ ଚରଣ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ।

## ବଜରଙ୍ଗ ଦଳର ଶ୍ରୀରାମନବମୀ ଶୋଭାଯାତ୍ରା

**କଳିଙ୍ଗନଗର,୭।୪(ସଂଚାର ବ୍ୟୁରୋ):** ପବିତ୍ର ଶ୍ରୀରାମ ନବମୀ ଅବସରରେ ଦାନଗଦୀ ବ୍ଲକ ବଜରଙ୍ଗଦଳ ଓ ବିଶ୍ୱହିନ୍ଦୁ ପରିଷଦପକ୍ଷରୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି, ଏହି ବ୍ଲକର ମାନଗୋବିନ୍ଦପୁର ହନୁମାନ ମନ୍ଦିରରୁ ପୂଜାର୍ଚ୍ଚନା କରି ଏକ ମୋଟର ସାଇକେଲ ଶୋଭାଯାତ୍ରାରେ ବଜରଙ୍ଗୀ ଭାଇ ମାନେ ବେଙ୍ଗପାଟିଆ, ଓଲ୍ଲଳ, କଣ୍ଟିପୁର, ଧୂଳିଗଡ଼, ତ୍ରିଜଙ୍ଗା, ଦାନଗଦି, ସିଙ୍ଗାଗଡ଼ିଆ, ସୁଆଁଲ ଅତିକ୍ରମ କରି ହନୁମାନ ମନ୍ଦିର ପ୍ରାଙ୍ଗଣରେ ସମାପନ କରିଥିଲେ, ଏହି ଶୋଭାଯାତ୍ରାରେ ବଜରଙ୍ଗଦଳ ପ୍ରଖଣ୍ଡ ସଂଯୋଜକ ସୁନୀଲ ପୃଷ୍ଟିଙ୍କ ନେତୃତ୍ୱରେ, ସୋମନାଥ ରଣା, ବିଜୟ କୁମାର ସାହୁ, ସନ୍ତୋଷ ସାହୁ, ପବନ କୁମାର ପତି, ବିକାଶ ରଣା, ପ୍ରକାଶ ପାତ୍ର ପ୍ରମୁଖଙ୍କ



ସହଯୋଗରେ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିଲା, ଏହି ଶୋଭାଯାତ୍ରାରେ ଜିଲ୍ଲା ସଂଯୋଜକ ବସନ୍ତ କୁମାର ପାତ୍ର ଓ ଜିଲ୍ଲା ସହ ସତସଙ୍ଗ ପ୍ରମୁଖ ପ୍ରଭାତ କୁମାର ଭୂୟାଁ ଯୋଗ ଦେଇ ହିନ୍ଦୁଭାଇ ମାନେ ଏକହେବାର ସମୟ ଆସିଛି ଓ କିପରି ହିନ୍ଦୁଙ୍କର ସଂସ୍କୃତି ପରମ୍ପରା ବଞ୍ଚିରହିବ ସମସ୍ତେ ସଜାଗ ହୋଇ ପ୍ରୟାସ କରିବା ବୋଲି କହିଥିଲେ, ଟମକାରେ ଟମକା ଶ୍ରୀରାମ ମନ୍ଦିରରୁ ପୂଜାପାଠ କରି ଫୁଲଝର ଦେଇ ଟୋଲକାନି ହନୁମାନ ମନ୍ଦିର ପ୍ରଯ୍ୟନ୍ତ ବଜରଙ୍ଗ ଦଳର ଭାଇ ମାନେ ଏକ ବିଶାଳ ଶୋଭାଯାତ୍ରା କରିଥିଲେ, ସେହି ଶୋଭାଯାତ୍ରାରେ ଦୀପକ କୁମାର ମହାନ୍ତ, ସୂର୍ଯ୍ୟନାରାୟଣ ଦାସ, ପଦ୍ମନାଭ ରଥ, ଅମେରେଶ ରଥ, ରାଜୁ ପାତ୍ର, ଜ୍ୟୋତି ରଞ୍ଜନ ମହାନ୍ତ ଓ ସିପୁନ ମହାନ୍ତ ପ୍ରମୁଖଙ୍କ ସହଯୋଗରେ ଶୋଭାଯାତ୍ରା ସମାପନ ହୋଇଥିଲା

## ଓଡ଼ିଆ ପକ୍ଷ: ସପ୍ତମ ଦିନରେ ବର୍ଣ୍ଣବୋଧ ବଣ୍ଟନ ଉତ୍ସବ

**ସୁନ୍ଦରଗଡ଼,୭।୪(ସଂଚାର ବ୍ୟୁରୋ):** ଓଡ଼ିଆ ପକ୍ଷ - ୨୦୨୫ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସପ୍ତମ ଦିନରେ ସୋମବାର ଜିଲ୍ଲାବ୍ୟାପୀ 'ବର୍ଣ୍ଣବୋଧ ଉତ୍ସବ' ପାଳନ କରାଯାଇଛି । ଏହି ଅବସରରେ ବିଦ୍ୟାଳୟ ମାନଙ୍କରେ ଛାତ୍ର ଛାତ୍ରୀ ମାନଙ୍କୁ ବର୍ଣ୍ଣବୋଧ ବହି ବଣ୍ଟନ କରାଯାଇଅଛି। କୁତ୍ରା ବ୍ଲକସ୍ଥିତ ପିଏମଶ୍ରୀ ସରକାରୀ ଉତ୍କର୍ଷ ବିଦ୍ୟାଳୟଠାରେ 'ବର୍ଣ୍ଣବୋଧ ଉତ୍ସବ' ଆୟୋଜିତ ହୋଇ ବର୍ଣ୍ଣବୋଧ ବହି ବଣ୍ଟନ ହୋଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ, ବ୍ଲକ ଅଧ୍ୟକ୍ଷ ଶାନ୍ତିଲତା ଲାକ୍ରା,ଗୋଷ୍ଠି ଉନ୍ନୟନ ଅଧିକାରୀ ଯୁଗଳ ବିଶ୍ୱାଳ, ବ୍ଲକ ଶିକ୍ଷା ଅଧିକାରୀ ନୈନା କୁଜୁର ଏବଂ ବିଦ୍ୟାଳୟର ଶିକ୍ଷକ ମାନେ ଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କୁ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ ହୋଇଥିଲା। ଅତିଥି ମାନେ ଓଡ଼ିଆ ପିଲାଙ୍କ ବିଦ୍ୟାରମ୍ଭର ଆଦ୍ୟ ପୁସ୍ତକ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମରେ ସାମିଲ ହେବା ଓ ଓଡ଼ିଆ ଭାଷାକୁ ଆହୁରି ବ୍ୟାପକ କରିବା ପାଇଁ ଆମେ ସମସ୍ତେ ପ୍ରଯତ୍ନ ହେବାର ଆବଶ୍ୟକତା ରହିଛି ବୋଲି ମତ ବ୍ୟକ୍ତ କରିଥିଲେ। ସେହିଭଳି ସୁନ୍ଦରଗଡ଼ର ସ୍ଥାନୀୟ ଭବାନୀ ଶଙ୍କର ବିଦ୍ୟାଳୟ ଏବଂ ରଥ ନୋଡାଲ ବିଦ୍ୟାଳୟ ଠାରେ ବର୍ଣ୍ଣବୋଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀମତୀ ଗ୍ଲୋରିଆ ଡୁଙ୍ଗଡୁଙ୍ଗଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ବର୍ଣ୍ଣବୋଧ ବହିରୁ ଆମ ସମସ୍ତଙ୍କ ସହ ଜଡ଼ିତ। ସମସ୍ତେ ପାଠ୍ୟ ପ୍ରାରମ୍ଭରେ ବର୍ଣ୍ଣବୋଧ ପୁସ୍ତକ ସଂପୃକ୍ତ ହୋଇଛନ୍ତି ।

## ସ୍ୱାରୋ ପ୍ଲେ ସ୍କୁଲରେ ରାମ ନବମୀ ଉଛବ ପାଳନ



**ଜଗତସିଂହପୁର,୭।୪(ସଂଚାର ବ୍ୟୁର):** ଜଗତସିଂହପୁର ପୌରାଞ୍ଚଳର ପୋଟଳ ଥାରେ ଥିବା ସ୍ୱାରୋ ପ୍ଲେ ସ୍କୁଲରେ ପବିତ୍ର ରାମ ନବମୀ ଉଛବ ବଡ ଧୂମଧାମରେ ପାଳିତ ହୋଇଯାଇଛି।ଏହି ଉଛବ ରେ ସ୍କୁଲ କୁନି କୁନି ପିଲା ମାନେ ରାମ, ଲକ୍ଷ୍ମଣ, ସୀତା, ହନୁମାନ ଆଦି ବେଶରେ ଆସି ସ୍କୁଲ ପରିଷଦ କୁ ଆଧ୍ୟାତ୍ମିକତା ବାତାବରଣ ରେ ପରିଣତ କରିଥିଲେ। ପିଲାମାନଙ୍କ ପାଇଁ ଆର୍ଟ ଆଣ୍ଡ କ୍ରଷ୍ଟ ର କାଯ୍ୟକ୍ରମ ରଖା ଯାଇଥିଲା। ସ୍କୁଲ କାଯ୍ୟରତ ଶିକ୍ଷୟତ୍ରୀ ମାନେ ରାମନବମୀର ମହତ୍ୱ ପିଲାମାନଙ୍କୁ ବୁଝାଇଥିଲେ, ଏହି କାଯ୍ୟକ୍ରମରେ ସ୍କୁଲର ନିର୍ଦ୍ଦେଶକ ମଧୁସ୍ମିତା ସାହୁ ତତ୍ୱାବଧାନରେ ସ୍କୁଲର ଅଧକ୍ଷ ସୋନାଲି ଭଟାଚାର୍ଯ୍ୟ ପରିଚାଳନା କରିଥଲେ।

## ବ୍ଲକସ୍ତରୀୟ ବର୍ଣ୍ଣବୋଧ ବଣ୍ଟନ ଉତ୍ସବ

**ସୁବର୍ଣ୍ଣପୁର,୭।୪(ସଂଚାର ବ୍ୟୁର):** ସୁବର୍ଣ୍ଣପୁର ଜିଲ୍ଲା ସଦରମହକୁମା ଠାରେ ସୁରେଶ୍ୱରୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ବ୍ଲକ ସ୍ତରୀୟ ବର୍ଣ୍ଣବୋଧ ଉତ୍ସବ ପାଳିତ ହୋଇଯାଇଛି।ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୁବାସିନୀ ପୂଜାରୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭା ରେ ମୁଖ୍ୟ ଅତିଥି ଭାବରେ ସୋନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଲକ୍ଷ୍ମଣ ମିଶ୍ର ଯୋଗଦେଇ ବର୍ଣ୍ଣବୋଧ ର ମହତ୍ୱ ଉପରେ ବକ୍ତବ୍ୟ ରଖିଥିଲେ।ସମ୍ମାନିତ ଅତିଥି ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଯମୁନା ପ୍ରଧାନ ଯୋଗଦେଇଥିବାବେଳେ ସିଆରସିସି ଶ୍ରୀଯୁକ୍ତ ବୁଦ୍ଧଦେବ ସା ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।ସିଆରସିସି ଶ୍ରୀଯୁକ୍ତ ବ୍ରତାନନ୍ଦ ଭୋଇ ସଭାକାର୍ଯ୍ୟ ପରିଚାଳନା କରିଥିଲେ।ସିଆରସିସି ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ମେହେର, ଉମାକାନ୍ତ ମିଶ୍ର, ରିଚପାଲ ମେହେର ଉପସ୍ଥିତ ଥିବାବେଳେ ବରିଷ୍ଠ ଶିକ୍ଷକ ଶ୍ରୀଯୁକ୍ତ ତ୍ରିଲୋଚନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ପରିଚାଳନା କମିଟି ସଭାପତି ଓ ସଦସ୍ୟ/ସଦସ୍ୟା ଯୋଗଦେଇଥିଲେ। ପରିଶେଷରେ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ବର୍ଣ୍ଣବୋଧ ବହି ପ୍ରଦାନ କରାଯାଇଥିଲା।



## ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

### ୨୩ଟି ଅଭିଯୋଗ ଦରଖାସ୍ତ ଗ୍ରହଣ



**ସୁବର୍ଣ୍ଣପୁର,୭।୪(ସଂଚାର ବ୍ୟୁରୋ):** ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୁବର୍ଣ୍ଣପୁର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୨୩ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ୧୫ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୦୮ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ ସୋନପୁର ସଂଜୀବ କୁମାର ସାହୁଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ସୋନପୁର ଡଃ ସୌମ୍ୟାରୂପା ରଥ ସମେତ ତହସିଲଦାର ସୋନପୁର ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ। ମାତ୍ର ଏଣୁ ଏଣିକି ଆସନ୍ତା ମାସ ଠାରୁ ସୋନପୁର ବ୍ଲକ ପାଇଁ ହେବାକୁ ଥିବା ଯୁଗ୍ମ ଅଭିଯୋଗ ପ୍ରକୋଷ୍ଠ ଶିବିର ସୋନପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏଣୁ ସମସ୍ତ ଜନସାଧାରଣ ନିର୍ଧାରିତ ତାରିଖରେ ଉପରୋକ୍ତ ସ୍ଥାନରେ ନିଜର ଆପତ୍ତି ଅଭିଯୋଗ ନିମନ୍ତେ ଯୋଗଦାନ କରିପାରିବେ। ପୁନଶ୍ଚ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ସୁବିଧା ହେତୁ ସକାଳ ୭ ଘଟିକାରୁ ସକାଳ ୧୦ ଘଟିକା ପର୍ଯ୍ୟନ୍ତ ଅଭିଯୋଗକାରୀ ଜିଲ୍ଲାର ବିଭିନ୍ନ ବ୍ଲକ ସ୍ତରରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଜନଶୁଣାଣୀ ଶିବିରରେ ସାକ୍ଷତକାର କରିବେ। ତତ ସହ ଅଭିଯୋଗକାରୀ ଅନୁଷ୍ଠିତ ପ୍ରତ୍ୟେକ ଜନଶୁଣାଣୀ ସୋମବାରର ପୂର୍ବ ଶୁକ୍ରବାର ଦିନ ୧୧ ଘଟିକାରୁ ଶନିବାର ରାତି ୧୨ ଘଟିକା ପର୍ଯ୍ୟନ୍ତ ଅନଲାଇନ ଜରିଆରେ HTTP://JANASUNANI.ODISHA.GOV.IN ୱେବ ସାଇଟରେ ସ୍ଲଟ ବୁକ୍ କରିବେ ଏବଂ ସ୍ୱୀକୃତି ସ୍ଲିପ ସହିତ ନିର୍ଦ୍ଧାରିତ ତାରିଖ ଏବଂ ସମୟ ଅନୁଯାୟୀ ଅଭିଯୋଗ ପ୍ରକୋଷ୍ଠରେ ପ୍ରବେଶ କରିବା ନିମନ୍ତେ ଅନୁରୋଧ କରାଯାଉଛି।

## ଦୁର୍ଘଟଣାରେ ଚାଲିଗଲା ଯୁବକଙ୍କ ଜୀବନ

**ନୂଆଗଡ଼,୭।୪ (ସଂଚାର ବ୍ୟୁରୋ):** ଗଜପତି ଜିଲା ସେରଙ୍ଗ ଥାନା ଅଧୀନ ଖଜୁରିପଦା ଫାଣ୍ଡି ଅନ୍ତର୍ଗତ ସୁରଙ୍ଗି ଛକଠାରେ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ସର୍ଗି ସାହି ଗ୍ରାମର ହୋଷେୟ ମଣ୍ଡଳ (୨୩)। ସୂଚନାଯୋଗ୍ୟ ହୋଷେୟ କୌଣସି କାମରେ ସୁରାଙ୍ଗୀ ଗ୍ରାମକୁ ଯାଉଥିବା ବେଳେ ସୋଲାର ଲାଇଟ୍ ଖୁଣ୍ଟରେ ବାଡେଇ ହୋଇ ଗୁରୁତର ହୋଇଥିଲେ। ଦୁର୍ଘଟଣା ଖବର ଶୁଣି ଫାଣ୍ଡି ଅଧିକାରୀ ନାରାୟଣ ଦାସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଯୁବକଙ୍କୁ ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହକୁ ଜବତ କରି ପାରଳାଖେମୁଣ୍ଡି ଜିଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ କରୁଥିବା ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।






# ଶିଶୁର ବିକାଶରେ ନିଦର ଭୂମିକା

ଶିଶୁମାନଙ୍କର ସୁସ୍ଥ ଜୀବନ ପାଇଁ ନିଦ୍ରା ଭିତ୍ତିପ୍ରସ୍ତର କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଶିଶୁଟିଏ ବଢ଼ିବା ସହିତ ତାହାର ଶରୀର ଓ ମସ୍ତିଷ୍କରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଥାଏ ଏବଂ ଏହି ପ୍ରକ୍ରିୟା ସୁସଂଗଠିତ ହେବାରେ ନିଦ୍ରାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଭୀର ନିଦ୍ରା ବେଳେ ହିଁ ଶରୀରରେ ୭୫ ପ୍ରତିଶତ ବୃଦ୍ଧିକାରକ ହରମୋନ୍ କ୍ଷରଣ ହୋଇଥାଏ, ଯାହା ମାଂସପେଶୀ ବୃଦ୍ଧି, ବିଭିନ୍ନ ତନ୍ତୁ ମରାମତି ଓ ସମଗ୍ର ଶରୀରର ବିକାଶ ପାଇଁ ଅତ୍ୟାବଶ୍ୟକ। ଏହି ହରମୋନ୍ ରୋଗପ୍ରତିରୋଧ ପ୍ରକ୍ରିୟାକୁ ସୁଦୃଢ଼ କରି ଶିଶୁକୁ ବିଭିନ୍ନ ରୋଗ କବଳରୁ ମୁକୁଳାଇଥାଏ। ଅପରପକ୍ଷେ, ଆବଶ୍ୟକ ନିଦ୍ରାର ଅଭାବ ରହିଲେ, ଶାରୀରିକ ଅଭିବୃଦ୍ଧି ଧିମେଇଯିବା ସହ ଶିଶୁ ରୋଗରେ ପଡ଼ିବାର ଆଶଙ୍କା ବଢ଼ିଯାଏ। ଏକ ଅନୁଧ୍ୟାନ ଅନୁଯାୟୀ, ଆବଶ୍ୟକ ସମୟ ନିଦ୍ରା ଯାଉନଥିବା ଶିଶୁମାନଙ୍କ ଠାରେ ମେଦବହୁଳତା ଦେଖାଦେବାର ଆଶଙ୍କା ଅଧିକ। ସେହିପରି ଶିଶୁର ଜ୍ଞାନାତ୍ମକ ବିକାଶ ପାଇଁ ମଧ୍ୟ ନିଦ ନିହାତି ଜରୁରି। ନିଦ୍ରା ଶିଶୁର ଜ୍ଞାନ ଆହରଣ ଓ ଶୈକ୍ଷିକ ପ୍ରଦର୍ଶନ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଅନୁଧ୍ୟାନ ଅନୁଯାୟୀ, ପର୍ଯ୍ୟାପ୍ତ ସମୟ ଶୋଉଥିବା ଶିଶୁମାନଙ୍କର ଶୈକ୍ଷିକ ପ୍ରଦର୍ଶନ ୨୦ ପ୍ରତିଶତ ଅଧିକ ରହିଥାଏ। ଏଥି ସହିତ ନିଦ ଏକାଗ୍ରତା, ସମସ୍ୟା ସମାଧାନ ଓ ସୃଜନଶୀଳତା ଆଦି ବଢ଼ାଇଥାଏ। ସେହିପରି ଖୁବ୍ କମ୍ ଶୋଉଥିବା ଶିଶୁଙ୍କଠାରେ ଉତ୍କଣ୍ଠା ଓ ଅବସାଦ ଆଦି ନକାରାତ୍ମକ କ୍ରିୟା ଦେଖାଦେଇଥାଏ। ତେଣୁ ଶିଶୁଟିଏ ଯେପରି ଅନ୍ୟୂନ ୯ ଘଣ୍ଟା ଶୋଇବ, ସେଥିପ୍ରତି ଅଭିଭାବକମାନେ ଯତ୍ନଶୀଳ ହେବା ଦରକାର।

# ବିବାହ ପୂର୍ବରୁ କାହିଁକି ସ୍ୱାସ୍ଥ୍ୟ ପରୀକ୍ଷା ଜରୁରି ?

ନବବିବାହିତ ଦମ୍ପତିମାନେ ଏକ ସୁଗମ ବୈବାହିକ ଜୀବନ ଆରମ୍ଭ କରିବାର ଅଭିଳାଷ ରଖିଥା'ନ୍ତି। ସେଥିପାଇଁ ସେମାନେ ନିଜ ଜୀବନସାଥୀଙ୍କର ସ୍ୱାସ୍ଥ୍ୟ, ସାଧୁତା ଓ ପାରସ୍ପରିକ ସମ୍ପର୍କ ଉପରେ ଗୁରୁତ୍ୱ ଦେଉଥିବାରୁ ବିବାହ ପୂର୍ବରୁ ଜିନ୍‌ଗତ ପରୀକ୍ଷାଠାରୁ ଆରମ୍ଭ କରି ପ୍ରଜନନ କ୍ଷମତା ଯାଏ ବିଭିନ୍ନ ପ୍ରକାର ଡାକ୍ତରୀ ପରୀକ୍ଷାର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। ତେବେ ତାହା ପଛରେ ଅନେକ ଗୁରୁତ୍ୱପୂର୍ଣ୍ଣ କାରଣସବୁ ନିହିତ ରହିଥିବା କଥା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଆଜି ସେଭଳି କିଛି କାରଣ ବାବଦରେ ଜାଣିବା। ପ୍ରଥମ କଥା ହେଲା, ଜୀବନସାଥୀଙ୍କର ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା। ଯେହେତୁ ଜିନ୍‌ଗତ ଅସ୍ୱାଭାବିକତା, ସଂକ୍ରାମକ ଅସୁସ୍ଥତା ଓ ଜୀବନଶୈଳୀ ସହ ଜଡ଼ିତ ସ୍ୱାସ୍ଥ୍ୟାବସ୍ଥା ଆଦି ଅତି ସାଧାରଣ କଥା ପାଲଟିଛି, ସୁତରାଂ ନିଜେ ଗଢ଼ିବାକୁ ଯାଉଥିବା ପରିବାର ଯେପରି ତା' ଦ୍ୱାରା ପ୍ରଭାବିତ ନହୁଏ, ସେଥିଲାଗି ସେମାନେ ସମ୍ଭାବ୍ୟ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ତେଣୁ ବିବାହ ପୂର୍ବରୁ କିଛି ଗୁରୁତ୍ୱପୂର୍ଣ୍ଣ ଡାକ୍ତରୀ ପରୀକ୍ଷା ଅବଶ୍ୟମ୍ଭାବୀ ହୋଇପଡ଼ିଛି। ସେଗୁଡ଼ିକ ମଧ୍ୟରେ ରହିଛି କୌଣସି ଜିନ୍‌ଗତ ରୋଗ ଅଥବା ଯୌନ ସଂକ୍ରମିତ ରୋଗ ବାବଦରେ ଜାଣିବାର ପରୀକ୍ଷା ସମେତ ସ୍ୱାଭାବିକ ଶାରୀରିକ ସୁସ୍ଥତା ପରଖିବା ପାଇଁ ସାଧାରଣ ରକ୍ତ ବିଶ୍ଳେଷଣ।



# ଡେଟିଂ ଆପ୍ ବଢ଼ାଉଛି ମାନସିକ ଅସୁସ୍ଥତା!



ଏବର ଡିଜିଟାଲ୍ ଯୁଗରେ ଅଜଣା ବ୍ୟକ୍ତିଙ୍କ ସହ ନୂଆ ସମ୍ପର୍କ ସ୍ଥାପନରେ ଡେଟିଂ ଆପ୍ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ଏଭଳି ସାମାଜିକ ମଞ୍ଚରେ ସହଜ ଓ ସୁବିଧାରେ ସାଥୀ ମିଳୁଛନ୍ତି ସତ, ହେଲେ ତାହା ବ୍ୟବହାରକାରୀର ମାନସିକ ସ୍ୱାସ୍ଥ୍ୟ ଉପରେ ନକାରାତ୍ମକ ପ୍ରଭାବ ପକାଉଛି ବୋଲି ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି।

ଏହି ଡେଟିଂ ଆପ୍‌ଗୁଡ଼ିକର ଗୋଟିଏ ବଡ଼ ଦୁର୍ଗୁଣ ହେଲା ସେଥିରେ ପ୍ରତ୍ୟାଖ୍ୟାନର ସମ୍ମୁଖୀନ ହେବାର ଆଶଙ୍କା ଅଧିକ ରହିଥାଏ। ଏହାଦ୍ୱାରା ଜଣକ ମନରେ ହୀନମନ୍ୟତା ସୃଷ୍ଟି ହେବା ସହ ସେ ଆତ୍ମବିଶ୍ୱାସ ହରାଇବସେ। ଅନେକ ବ୍ୟବହାରକାରୀଙ୍କ ପାଇଁ ବାରମ୍ବାର ଅଣଦେଖା ହେବା ବା ପ୍ରତ୍ୟାଖ୍ୟାତ ହେବା ଘଟଣା ସ୍ୱାଭିମାନରେ ଆଘାତ ପହଞ୍ଚାଇବା ସହ ନିଜର ସକାରାତ୍ମକ ଭାବମୂର୍ତ୍ତି ବଜାୟ ରଖିବା ମଧ୍ୟ କଷ୍ଟକର ହୋଇପଡ଼େ। ଏଥି ସହିତ ଡେଟିଂ ଆପ୍‌ରେ ଜଣେ ନିଜ ବିଷୟରେ ଏକ ପରିମାର୍ଜିତ ବିବରଣୀ ଉପସ୍ଥାପନା କରିଥାଏ, ଯାହାକୁ ଭିତ୍ତି କରି ସାଥୀ ମନରେ ଆଶାତୀତ ଆକାଂକ୍ଷା ବସା ବାନ୍ଧିବାକୁ ଲାଗେ। ଶେଷରେ ଯେତେବେଳେ ବାସ୍ତବ ଜୀବନରେ ଏସବୁ ଅସତ୍ୟ ପ୍ରମାଣିତ ହୁଏ, ତାହା ମନରେ ହତାଶା ସୃଷ୍ଟି କରେ। ବିଭିନ୍ନ ଲୋକ ନିଜ ବିଷୟରେ ଦେଉଥିବା ଛଦ୍ମ ବ୍ୟାଖ୍ୟାନ ଦେଖି ଦେଖି କାହାକୁ ସହଜରେ ଭରସା କରିବା ମଧ୍ୟ କଷ୍ଟକର ହୋଇପଡ଼େ। ସେହିପରି ଜଣେ ବ୍ୟକ୍ତିଙ୍କୁ କେବଳ ଗୋଟିଏ ପ୍ରୋଫାଇଲ୍ ଓ ଫଟୋଚିତ୍ରରେ ସୀମିତ କରିଦେବା ଦ୍ୱାରା ମଣିଷଙ୍କୁ ବସ୍ତୁ ଭଳି ଦେଖିବାର ସଂସ୍କୃତି ପ୍ରୋତ୍ସାହିତ ହୋଇଥାଏ। ସୁତରାଂ ଅନ୍‌ଲାଇନ୍ ଡେଟିଂ ପ୍ରକ୍ରିୟାର ଫଳାଫଳ ହେଉଛି ସହାନୁଭୂତି ଓ ବୁଝାମଣାରେ ହ୍ରାସ। ନିଜର ଏକ ନିଖୁଣ ବ୍ୟକ୍ତିତ୍ୱ ଉପସ୍ଥାପନା କରିବାର ଚାପ ଓ ଅନେକଙ୍କ ଗହଣରେ ହଜିଯିବାର ଭୟ ଡେଟିଂ ଆପ୍‌କୁ କ୍ରମାଗତ ଯାଞ୍ଚ କରିବାର ପ୍ରବଣତା ଜାତ କରାଏ। ଏହି ପ୍ରବଣତା ବ୍ୟବହାରକାରୀ ମନରେ ଉତ୍କଣ୍ଠା ଓ ଚାପ ସୃଷ୍ଟି କରେ। ବ୍ୟବହାରକାରୀମାନେ ଯେହେତୁ ଏହି ମଞ୍ଚରେ ଅନ୍ୟମାନଙ୍କ ତୁଳନାରେ ନିଜର ରୂପ, ସାମର୍ଥ୍ୟ, ଆର୍ଥିକ ଓ ସାମାଜିକ ସ୍ଥିତି ମାପିଥା'ନ୍ତି ଏହା ଈର୍ଷା, ଅସୁରକ୍ଷା ଭାବ ବଢ଼ାଇବା ସହ ଆତ୍ମସମ୍ମାନରେ ହାନି ଘଟାଇଥାଏ। ଅନ୍‌ଲାଇନ୍ ଡେଟିଂର ଆଉ ଏକ ବିପଦ ହେଉଛି 'ଘୋଷ୍ଟିଂ' ବା ହଠାତ୍ ଜଣେ ସାଥୀ ବିନା କୌଣସି କାରଣ ଦର୍ଶାଇ ହଠାତ୍ ସମସ୍ତ ପ୍ରକାର ଯୋଗାଯୋଗ ବନ୍ଦ କରିଦେବା। ଏହା ମନରେ ଭାବପ୍ରବଣତା ଓ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ ଏବଂ ଭବିଷ୍ୟତର ସମ୍ପର୍କ ବାବଦରେ ଅନିଶ୍ଚିତତା ଅନୁଭବ କରି କାହିଁକି ଏପରି ହେଲା ବୋଲି ନିଜକୁ ପ୍ରଶ୍ନ କରିବାକୁ ବାଧ କରିଥାଏ। ଏହିସବୁ ମିଶି ବିଷାଦ ଓ ଉଦ୍‌ବେଗ ପରି ମାନସିକ ରୋଗ ସୃଷ୍ଟି କରିପାରେ। ତେଣୁ ଡେଟିଂ ଆପ୍ ବ୍ୟବହାର ବେଳେ ଉପରୋକ୍ତ ଦିଗଗୁଡ଼ିକୁ ମନେ ରଖିବା ଉଚିତ, ଯାହା ଫଳରେ ନିଜର ମାନସିକ ସ୍ୱାସ୍ଥ୍ୟ ସୁରକ୍ଷିତ ରହିପାରିବ।

**ଅନ୍‌ଲାଇନ୍ ଡେଟିଂ ମଞ୍ଚରେ ଅନ୍ୟ ସହିତ ନିଜ ରୂପ, ଆର୍ଥିକ ଓ ସାମାଜିକ ସ୍ଥିତିର ତୁଳନା ମନରେ ଈର୍ଷା, ଅସୁରକ୍ଷା ବଢ଼ାଏ ଓ ଆତ୍ମସମ୍ମାନରେ ହାନି ଘଟାଇଥାଏ। ଏହା ବିଷାଦ ଓ ଉଦ୍‌ବେଗ ଭଳି ମାନସିକ ରୋଗ ସୃଷ୍ଟି କରିପାରେ।**

ତ୍ୱଚା ଯତ୍ନ ଉତ୍ପାଦ

# କଥାରେ ଭଲ, କାମରେ ଭେଲ

ଆଜିର ବିଜ୍ଞାପନ ଯୁଗରେ ଆମେ କୌଣସି ସାମଗ୍ରୀର ଭଲମନ୍ଦ ବିଚାର ନକରି ତାହାକୁ ତୁରନ୍ତ ବ୍ୟବହାର କରି ପକାଇଥାଉ। ଏହି କ୍ରମରେ ଆମ ଦୈନନ୍ଦିନ ଜୀବନରେ ଏଭଳି ଅନେକ ତଥାକଥିତ ତ୍ୱଚା-ଉପକାରୀ ଉତ୍ପାଦ ରହିଛି ଯାହା ଆମ ଚର୍ମର ହିତ ସାଧନ କରିବା ପରିବର୍ତ୍ତେ ଅନିଷ୍ଟ କରିଥାଏ। ଆଜି ସେଭଳି କିଛି ସାମଗ୍ରୀ ଓ ସେଗୁଡ଼ିକର ବିକଳ୍ପ ବାବଦରେ ଜାଣିବା।



'ମେକ୍‌ଅପ୍ ୱାଇପ୍' ସେମିତି ଏକ ସାମଗ୍ରୀ। ସଂପ୍ରତି ସୌନ୍ଦର୍ଯ୍ୟଚର୍ଯ୍ୟାରେ ମେକ୍‌ଅପ୍ ଏକ ଅବିଚ୍ଛେଦ୍ୟ ଅଂଶ। ତେବେ ସହଜରେ ମେକ୍‌ଅପ୍ ଛଡ଼ାଇବା ଲାଗି 'ମେକ୍‌ଅପ୍ ୱାଇପ୍' ବ୍ୟବହାର କାରାଯାଇଥାଏ। ମାତ୍ର ତାହା ତ୍ୱଚା ପାଇଁ କ୍ଷତିକାରକ। କାରଣ ଅଧିକାଂଶ ମେକ୍‌ଅପ୍ ୱାଇପ୍‌ରେ ଆଲ୍‌କୋହଲ ସମେତ ଅନ୍ୟାନ୍ୟ ଜଟିଳ ରାସାୟନିକ ପଦାର୍ଥ ରହିଥାଏ। ତାହା ଚର୍ମରେ ଥିବା ପ୍ରାକୃତିକ ତୈଳ ଆବରଣକୁ ପୋଛିନେଇ ଚର୍ମକୁ ଶୁଷ୍କ କରିଦିଏ। ସେଥିରେ ଚର୍ମକୁ ଘଷିବା ଦ୍ୱାରା ତ୍ୱଚା ଉପରେ ଘର୍ଷଣ ଶକ୍ତି ଜନିତ ତାପ ସୃଷ୍ଟି ହୋଇ ଚର୍ମ ଲାଲ ପଡ଼ି କୁଣ୍ଡାଇବା ଆରମ୍ଭ ହୋଇଥାଏ। ତେଣୁ ମେକ୍‌ଅପ୍ ଛଡ଼ାଇବା ପାଇଁ ମାଇସେଲାର୍ ୱାଟର୍ କିମ୍ବା ତୈଳଭିତ୍ତିକ କ୍ଲିନ୍‌ଜର୍ ବ୍ୟବହାର କରିବା ଉଚିତ।

ଚର୍ମରୁ ମଇଳାକୁ ଘଷିମାଜି ଛଡ଼ାଇବା ପାଇଁ ଆମେ 'ଲୁଫାହ' ବ୍ୟବହାର କରୁ। ମାତ୍ର ତାହାର ଖଦଡ଼ ସମତଳ ଚର୍ମରେ କ୍ଷୁଦ୍ର ଫାଟ ସୃଷ୍ଟି କରିବାର ଆଶଙ୍କା ରହିଛି। ଛିଦ୍ରଯୁକ୍ତ ଗଢ଼ଣ ଯୋଗୁଁ ତାହା ଅସଂଖ୍ୟ ଜଳକଣାକୁ ଧରି ରଖିପାରିଥାଏ, ଯାହା ପରୋକ୍ଷରେ ବିଭିନ୍ନ ବୀଜାଣୁ ବଢ଼ିବାର ଉତ୍ସ ହୋଇଥାଏ। ସୁତରାଂ ଚର୍ମରେ ତାହାକୁ ଘଷିଲା ବେଳେ ସଂକ୍ରମଣ ବ୍ୟାପିବା ପ୍ରାୟ ସୁନିଶ୍ଚିତ। ନିୟମିତ ଲୁଫାହରେ ଚର୍ମ ଘଷିବା ଦ୍ୱାରା ତ୍ୱଚାରୁ ପ୍ରାକୃତିକ ତୈଳ ଅଂଶ କମିଯାଇଥାଏ, ଯାହା ଚର୍ମସ୍ୱାସ୍ଥ୍ୟ ପାଇଁ ଆଦୌ ହିତକର ନୁହେଁ। ତେଣୁ ଲୁଫାହ ପରିବର୍ତ୍ତେ କୋମଳ କପଡ଼ା ବା ସିଲିକନ୍ ସ୍କ୍ରବ୍ ବ୍ୟବହାର କଲେ ଭଲ।

ଆଉ ଏକ ଉତ୍ପାଦ ହେଲା ଆପ୍ରିକଟ୍ ସ୍କ୍ରବ୍, ଯାହା ଦଶକ ଦଶକ ଧରି ଏକ ପ୍ରାକୃତିକ ଉତ୍ପାଦ ନାମରେ ତ୍ୱଚା ପରିଷ୍କାରକ ଭାବେ ବ୍ୟବହୃତ ହୋଇ ଆସୁଛି। ମାତ୍ର ଚର୍ମ ବିଶେଷଜ୍ଞଙ୍କ କହିବାନୁସାରେ, ଏହାର ମଞ୍ଜିର ଦନ୍ତୁରିତ ପାର୍ଶ୍ୱଗୁଡ଼ିକ ଚର୍ମରେ କ୍ଷୁଦ୍ର ଫାଟ ସୃଷ୍ଟି କରିଥାଏ। ଏହି ଆପ୍ରିକଟ୍ ସ୍କ୍ରବ୍‌ର ନିୟମିତ ବ୍ୟବହାର ବିଶେଷ କରି ସମ୍ବେଦନଶୀଳ କି ବ୍ରଣପ୍ରବଣ ଚର୍ମ ପାଇଁ ଭୀଷଣ କ୍ଷତିକାରକ।

# ଅମ୍ଳତ୍ୱର ପ୍ରାକୃତିକ ଉପଚାର

ପାକସ୍ଥଳୀରେ ଅମ୍ଳତ୍ୱ ବା ଏସିଡିଟି ବା ଏସିଡ୍ ରିଫ୍ଲକ୍ସ ହେଉଛି ଏକପ୍ରକାର ଗାଷ୍ଟ୍ରୋଇସୋଫାଜିଆଲ୍ ରିଫ୍ଲକ୍ସ ରୋଗ। ପାକସ୍ଥଳୀରେ ଏସିଡ୍ ଯେତେବେଳେ ଖାଦ୍ୟନଳୀ ଆଡ଼କୁ ପ୍ରବାହିତ ହୋଇଥାଏ, ସେତେବେଳେ ଏହି ରୋଗ ସୃଷ୍ଟି ହୋଇ ପେଟ ଓ ଛାତିରେ ଯନ୍ତ୍ରଣା ସହ ଅସହଜ ଅନୁଭବ ହୁଏ। ଅମ୍ଳତ୍ୱ ସମସ୍ୟାର କେତେକ କାରଣ ହେଉଛି ଭୁଲ୍ ଖାଦ୍ୟ ଚୟନ, ମାତ୍ରାଧିକ ଭୋଜନ, ଧୂମପାନ, ଗର୍ଭଧାରଣ, ମାନସିକ ଚାପ ଓ କୌଣସି ଔଷଧର ପାର୍ଶ୍ୱ ପ୍ରତିକ୍ରିୟା। ଏସିଡିଟି ଦୂର କରିବାର କିଛି ସହଜ ଘରୋଇ ଉପଚାର ସମ୍ପର୍କରେ ଆଲୋଚନା କରିବା।

- ସକାଳେ ନଖ ଉଷୁମ ପାଣି ପିଇବା ଦ୍ୱାରା ଏସିଡିଟି ଲାଘବ ହୋଇପାରିବ। ଉଷୁମ ପାଣିରେ ଟିକେ ଗୋଲମରିଚ ଗୁଣ୍ଡ ଓ ଲେମ୍ବୁ ରସ ମିଶାଇଲେ ତାହା ଆହୁରି ଭଲ କାମ କରେ।
- ପଇଡ଼ ପାଣି ଏସିଡିଟିର ଅନ୍ୟତମ ପ୍ରକୃଷ୍ଟ ଉପଚାର। ନିୟମିତ ପଇଡ଼ ପାଣି ପିଇଲେ ପାକସ୍ଥଳୀରେ ଏସିଡ୍‌ର ମାତ୍ରାଧିକ ପ୍ରଭାବ ହ୍ରାସ ପାଏ।
- ଜିରା ପାଣି ଏକ ପ୍ରାକୃତିକ ଅମ୍ଳତ୍ୱ ହରଣକାରୀ ଉପାଦାନ। ଗୋଟିଏ ଚାମଚ ଜିରାକୁ ପାଣିରେ ପକାଇ ତାହାକୁ ୧୦-୧୫ ମିନିଟ୍ ଫୁଟାଇ ଏହା ପ୍ରସ୍ତୁତ କରିହେବ। ତାହାକୁ ଥଣ୍ଡା କରି, ଖାଇବା ପରେ ଦିନକୁ ତିନିଥର ପିଇଲେ ଅମ୍ଳତ୍ୱ ଦୂର ହୋଇଥାଏ।
- ଲେମ୍ବୁରସ ଅମ୍ଳତ୍ୱ ଦୂର କରିବା ସହ ଶରୀରର ରୋଗ ପ୍ରତିରୋଧକତା ବଢ଼ାଇଥାଏ। ଲେମ୍ବୁରସରେ ଥିବା ଭିଟାମିନ୍ 'ସି' ପାକସ୍ଥଳୀକୁ ସୁସ୍ଥ ରଖିବା ସହ ଅନ୍ୟାନ୍ୟ ସଂକ୍ରମଣରୁ ରକ୍ଷା କରିଥାଏ।
- ପାଚିଲା କଦଳୀ ଅମ୍ଳତ୍ୱ ଦୂର କରିବା ସହ ଗ୍ୟାସ୍ ସମସ୍ୟା ଯୋଗୁଁ ଛାତିପୋଡ଼ା ଦୂର କରିଥାଏ।
- ପୁଷ୍ଟିସାର, କାଲସିଅମ୍, ରିବୋଫ୍ଲାଭିନ୍ ଓ ଭିଟାମିନ୍ ସି' ଆଦି ଉପାଦାନରେ ଭରପୂର ଦହି ହେଉଛି ଅନ୍ୟତମ ପାକପୀଡ଼ା ଲାଘବକାରୀ। ଏଥିରେ ଥିବା ଉପକାରୀ ଅଣୁଜୀବଗୁଡ଼ିକ ହଜମ ପ୍ରକ୍ରିୟାରେ ସାହାଯ୍ୟ କରି ଏସିଡିଟି ସମସ୍ୟା ଦୂର କରିଥାଏ।



# ସପ୍ତାହାନ୍ତ ନିଦ୍ରା କମାଏ ହୃଦ୍‌ରୋଗ ଆଶଙ୍କା



ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ସମୟ ପାଇଁ ଶୋଇବା ଗୁରୁତ୍ୱପୂର୍ଣ୍ଣ। ମାତ୍ର ଆଜିକାଲିର ଆଧୁନିକ ଜୀବନଶୈଳୀ ଲୋକଙ୍କୁ କର୍ମଦିବସରେ ସ୍ୱାଭାବିକ ନିଦ୍ରାରୁ ବଞ୍ଚିତ କରି ରଖୁଛି। ତେଣୁ ଅଧିକାଂଶ କର୍ମଜୀବୀ ସପ୍ତାହ ଶେଷରେ ନିଦ୍ରା ପୂରଣ କରିବାକୁ ପସନ୍ଦ କରୁଛନ୍ତି। ସେମାନଙ୍କ ପାଇଁ ଚୀନୀ ସ୍ୱାସ୍ଥ୍ୟ ଗବେଷକମାନେ ଏକ ଖୁସି ଖବର ଆଣିଛନ୍ତି।

ସପ୍ତାହାନ୍ତ ନିଘୋଡ଼ ନିଦ ହୃଦ୍‌ରୋଗ ଆଶଙ୍କା କମାଇଥାଏ ବୋଲି ସେମାନଙ୍କ ଗବେଷଣାରୁ ଜଣାପଡ଼ିଛି। କାର୍ଯ୍ୟବ୍ୟସ୍ତତା ଯୋଗୁଁ ପ୍ରତ୍ୟହ ବିଳମ୍ବରେ ଶୋଉଥିବା ଲୋକଙ୍କ ତୁଳନାରେ ସପ୍ତାହ ଶେଷରେ ଭୂରି ନିଦ ଯାଉଥିବା ବ୍ୟକ୍ତିମାନଙ୍କର ହୃଦ୍‌ସମସ୍ୟା କମ୍ ରହେ ବୋଲି ସ୍ପଷ୍ଟ ହୋଇଛି। ଚୀନୀ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ଅନୁଧ୍ୟାନ ଅନୁଯାୟୀ, ସପ୍ତାହାନ୍ତ ନିଦ ହୃତ୍‌ପିଣ୍ଡ ସ୍ୱାସ୍ଥ୍ୟ ପାଇଁ ଅଧିକ ଉପଯୋଗୀ। ଏପରି ଭରଣାମୂଳକ ନିଦ ସହ ହୃଦ୍‌ସମସ୍ୟା ହ୍ରାସର ସମ୍ବନ୍ଧ ରହିଥିବା ସେମାନେ ଜାଣିବାକୁ ପାଇଛନ୍ତି। ଏହି ସମ୍ବନ୍ଧ ସପ୍ତାହବ୍ୟାପୀ କମ୍ ନିଦ ଲାଭ କରୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ବେଶୀ ସ୍ପଷ୍ଟ ବୋଲି ଗବେଷକମାନେ କହିଛନ୍ତି। ୟୁକେ ବାୟୋବ୍ୟାଙ୍କରୁ ମିଳିଥିବା ୯୦,୯୦୩ ଜଣ ସ୍ୱେଚ୍ଛାସେବୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟରୁ ଏଭଳି ନିର୍ଯ୍ୟାସ ମିଳିଛି। ସେମାନଙ୍କ ଭିତରୁ ୧୯,୮୧୬ ସ୍ୱେଚ୍ଛାସେବୀ ନିଦ୍ରା-ବଞ୍ଚିତ ଥିଲେ। ୧୪ ବର୍ଷ ଧରି ସପ୍ତାହାନ୍ତରେ ଗଭୀର ନିଦ୍ରା ଯାଇଥିବା ନିଦ୍ରା-ବଞ୍ଚିତମାନଙ୍କଠାରେ ସପ୍ତାହ ଶେଷରେ କମ୍ ଶୋଉଥିବା ଲୋକଙ୍କ ତୁଳନାରେ ହୃଦ୍‌ଘାତ ଆଶଙ୍କା ୧୯ ପ୍ରତିଶତ କମ୍ ବୋଲି ଜଣାଯାଇଛି। ସପ୍ତାହ ଶେଷରେ ନିଦ୍ରା ଭରଣା କୌଶଳ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ କି ନୁହେଁ ସେ ବାବଦରେ ଆଗରୁ କୌଣସି ଗବେଷଣା ହୋଇନଥିଲା। ଚୀନୀ ଗବେଷକମାନେ ପ୍ରଥମ ଥର ପାଇଁ ଏହା ପ୍ରମାଣିତ କରିଛନ୍ତି।

# ମସ୍ତିଷ୍କରେ ବି ଅଣୁପ୍ଲାଷ୍ଟିକ୍



ଆଜିକାଲି ଆମ ଚତୁଃପାର୍ଶ୍ୱରେ ପ୍ଲାଷ୍ଟିକ୍ ଟୁକୁରା ଭର୍ତ୍ତି ହୋଇ ରହିଥିବା ବେଳେ ଆମ ମସ୍ତିଷ୍କରେ ମଧ୍ୟ ଅଣୁପ୍ଲାଷ୍ଟିକ୍ ମିଳିବା ଚିନ୍ତାର କାରଣ ହୋଇଛି।

ନ୍ୟୁ ମେକ୍ସିକୋ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ଦ୍ୱାରା ସଂଗୃହୀତ ଶବଗୁଡ଼ିକର ମସ୍ତିଷ୍କ ନମୁନାରେ ହାରାହାରି ୦.୪୮ ପ୍ରତିଶତ ଓଜନର ଅଣୁପ୍ଲାଷ୍ଟିକ୍ ରହିଥିବା ଜଣାଯାଇଛି। ଗବେଷକମାନେ ନ୍ୟୁ ମେକ୍ସିକୋର ଆଲବୁକ୍ୱେର୍କସ୍ଥିତ ଅଟୋପ୍‌ସି ପରୀକ୍ଷଣ କେନ୍ଦ୍ରରେ ୨୦୧୬ରୁ ୨୦୨୪ ମଧ୍ୟରେ ବିଭିନ୍ନ ଶବର ଯକୃତ, ବୃକ୍କ ଓ ମସ୍ତିଷ୍କ ଆଦିର ନମୁନାର ପରୀକ୍ଷା କରିଥିଲେ। ଏହି ଅବଧି ମଧ୍ୟରେ ଶରୀରର ବିଭିନ୍ନ ପ୍ରତ୍ୟଙ୍ଗରେ ଅଣୁପ୍ଲାଷ୍ଟିକ୍‌ର ସ୍ତର ଚିନ୍ତାଜନକ ଭାବେ ବଢ଼ିଥିବା ଜଣାପଡ଼ିଛି। ଏପରିକି ଏହି ପରିମାଣ ୨୦୧୬ ତୁଳନାରେ ୨୦୨୪ ବେଳକୁ ୫୦ ପ୍ରତିଶତ ବଢ଼ିଛି। ଯକୃତ ଓ ବୃକ୍କ ତୁଳନାରେ ମସ୍ତିଷ୍କରେ ଅଣୁପ୍ଲାଷ୍ଟିକ୍ ପରିମାଣ ୭ରୁ ୩୦ ଗୁଣ ଅଧିକ ରହିଛି। ଉପରୋକ୍ତ ଆଭ୍ୟନ୍ତରୀଣ ପ୍ରତ୍ୟଙ୍ଗମାନଙ୍କରେ ମିଳିଥିବା ପ୍ଲାଷ୍ଟିକ୍ ହେଉଛି ପଲିଇଥିଲିନ୍, ଯେଉଁ ପଲିମର୍ ପ୍ଲାଷ୍ଟିକ୍ ବ୍ୟାଗ ଓ ବୋତଲ ନିର୍ମାଣରେ ବ୍ୟବହୃତ ହୋଇଥାଏ। ତେବେ ମନୁଷ୍ୟ ମସ୍ତିଷ୍କରେ ଏହାର ପରିମାଣ ବୃଦ୍ଧି ପାଇବା ଚିନ୍ତାର ବିଷୟ ହୋଇଛି।

ଉଲ୍ଲେଖଯୋଗ୍ୟ, ଅଣୁପ୍ଲାଷ୍ଟିକ୍ ଟୁକୁରା ଆମ ଶରୀରରେ ପ୍ରବେଶ କରି ନାନା ପ୍ରକାର ଦୀର୍ଘକାଳୀନ ରୋଗର କାରଣ ସାଜିବା ସହ ଡିଏନ୍‌ଏ ନଷ୍ଟ, ପ୍ରତ୍ୟଙ୍ଗ ନିଷ୍କ୍ରିୟତା, ଶାରୀରିକ ଗଠନରେ ଅସ୍ୱାଭାବିକତା ଓ ରୋଗ ପ୍ରତିରୋଧକତା ଆଦିକୁ ପ୍ରଭାବିତ କରିଥାଏ। ବିଶେଷ କରି ଟୁଥ୍‌ପେଷ୍ଟ, ମଦ୍ୟ, ପ୍ରକ୍ରିୟାକୃତ ମହୁ ସମେତ ଉଭୟ ଟ୍ୟାପ୍ ପାଣି ଓ ବୋତଲ ପାଣି ଆଦି ଜରିଆରେ ଅଣୁପ୍ଲାଷ୍ଟିକ୍ ଆମ ଶରୀରକୁ ପ୍ରବେଶ କରିଥାଏ। ଯଦିଓ ଆମ ମସ୍ତିଷ୍କ କେତେ ପରିମାଣର ଅଣୁପ୍ଲାଷ୍ଟିକ୍ ଧାରଣ କରିବା ପାଇଁ ସହନଶୀଳ, ତାହା ସ୍ପଷ୍ଟ ହୋଇନାହିଁ, ତେବେ ସେଥିଯୋଗୁଁ ବିଶ୍ୱବ୍ୟାପୀ ଆଲ୍‌ଝାଇମର୍ସ ରୋଗ ସମେତ ଅନ୍ୟାନ୍ୟ ବିସ୍ମରଣ ସ୍ଥିତି ଉପୁଜୁଛି ବୋଲି ଗବେଷକମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

**ଆମ ମସ୍ତିଷ୍କ କେତେ ପରିମାଣର ଅଣୁପ୍ଲାଷ୍ଟିକ୍ ଧାରଣ କରିବା ପାଇଁ ସହନଶୀଳ, ତାହା ସ୍ପଷ୍ଟ ହୋଇନାହିଁ। ସେଥିଯୋଗୁଁ ବିଶ୍ୱବ୍ୟାପୀ ଆଲ୍‌ଝାଇମର୍ସ ରୋଗ ସମେତ ଅନ୍ୟାନ୍ୟ ବିସ୍ମରଣ ସଂକଟ ଉପୁଜୁଛି ବୋଲି ଗବେଷକମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି**

# ଗାଁ ଗାଁରେ ଦେଶୀ ମଦର ବନ୍ୟା

● ଅବକାରୀ ବିଭାଗ ନିରବଦ୍ରଷ୍ଟା

**ସୋନପୁର,୭।୪(ସଂଚାର ବ୍ୟୁରୋ):** ସୋନପୁର ଜିଲ୍ଲାରେ ଗାଁ ଗାଁରେ ମଦର ବିକ୍ରି ଅଭିଯୋଗ ଜିଲ୍ଲାର ସାଗରପାଲି ଗ୍ରାମର ଶିଶୁମନ୍ଦିର ପାଖରେ ମଦ ବିକ୍ରି ହେଉଥିବାରୁ ଜଣ ସାଧାରଣ ଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସୋନପୁର ଜିଲ୍ଲାରେ ଅବକାରୀ ଅଧିକାରୀ ଙ୍କ କାର୍ଯ୍ୟାଳୟ ସାଗରପାଲି ଠାରୁ ମାତ୍ର ୧୫ କିଲୋମିଟର ରହିଛି। ଜିଲ୍ଲା ଅବକାରୀ ବିଭାଗ କାର୍ଯ୍ୟାଳୟ ଠାରୁ ସାଗରପାଲି ଗ୍ରାମ ମାତ୍ର ୧୫ କିଲୋମିଟର କିନ୍ତୁ ସେହି ଅବକାରୀ ବିଭାଗ ନିରବ ଦ୍ରଷ୍ଟା ସାଜିଛି। ସୋନପୁର ଜିଲ୍ଲା ଅବକାରୀ ବିଭାଗର ଅଧିକାରୀ କୁଚିଆ ମଦ ବେପାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କାହିଁକି କରୁ ନାହାନ୍ତି ଏପ୍ରସଙ୍ଗରେ ବୁଦ୍ଧି ଯିବି ମହଲରେ ଅସନ୍ତୋଷ ଦେଖାଦେଇଛି। ସୋନପୁର ଜିଲ୍ଲା ଦୁର୍ନୀତି ନିବାରଣ ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏହି ପ୍ରସଙ୍ଗ ଉପରେ ଅଭିଯୋଗ ହୋଇଛି। ମଦ ବିକ୍ରି କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଯୋଗ ଦିଆ ଯାଇଛି। ଏନେଇ ସଙ୍ଘ ପକ୍ଷରୁ ସୂଚନା ଦିଆଯାଇଛି ଦେଶୀ ମଦ ବିକ୍ରି କରୁଥିବା ବ୍ୟକ୍ତିଙ୍କୁ ଚଢ଼ାଉ ସହ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜଣ ସାଧାରଣ ଙ୍କ ପକ୍ଷରୁ ଦାବି ହେଉଛି।

# ଭାଲୁଡୁଙ୍ଗୁରିରେ ଶ୍ରୀରାମଙ୍କର ନବମୀ ପୂଜା ପାଳିତ



**ଖପ୍ରାଖୋଲ,୭।୪ (ସଂଚାର ବ୍ୟୁରୋ):** ଗତ ୬ ତାରିଖ ରବିବାର ଦିନ ପବିତ୍ର ରାମ ନବମୀ ଚୈତ୍ର ମାସ ଶୁକ୍ଳ ନବମୀ ଦିନକୁ ରାମ ନବମୀ ଭାବେ ପାଳନ କରାଯାଏ। ଏହି ଦିନରେ ମର୍ଯ୍ୟାଦାପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ର ଜନ୍ମ ଗ୍ରହଣ କରିଥିବା ହେତୁ ଆଜିର ଦିନଟିକୁ ରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ଭାବେ ପାଳନ କରାଯାଏ। ସେହି ପରିପ୍ରେକ୍ଷୀରେ ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ସ୍ଥିତ ଭାଲୁଡୁଙ୍ଗୁରି ଠାରେ ଥିବା ରାମ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କର ନବମୀ ପୂଜା ମହାଆଡମ୍ବରେ ପାଳିତ ହୋଇଯାଇଛି। ସକାଳରୁ ମନ୍ଦିର ପରିସରରେ ଗ୍ରାମର ଭକ୍ତଙ୍କ ଗହଳି ଲାଗି ରହିଥିଲା। ଏହି ଦିନ ଭକ୍ତଙ୍କ ମନରେ ଅହେତୁକ ଉତ୍କଣ୍ଠା ରହିଆସିଥାଏ। ସମସ୍ତ ରୀତିନୀତି ଅନୁସାରେ ଶ୍ରୀରାମଙ୍କ ପୂଜାର୍ଚ୍ଚନା ସହ ହୋମ ଅନୁଷ୍ଠିତ ହୋଇଥିବା ବେଳେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏହି ଗ୍ରାମରେ ଦୀର୍ଘ ୫୪ ବର୍ଷ ହେଲା ଶ୍ରୀ ରାମ ନବମୀ ପୂଜା ହୋଇଆସୁଛି। ଏହି ପୂଜାର ପୂଜକ ଫାଲ୍ଗୁନି ଦାଶ ରହିଥିବା ବେଳେ କର୍ତ୍ତା କାର୍ଯ୍ୟ ନବୀନ ବିଶ୍ୱାଳ ପତ୍ନୀ ନିରୁପମା ବିଶ୍ୱାଳ ତୁଲାଉଛନ୍ତି। ୫ ତାରିଖ ଦିନ କଳସ ଶୋଭାଯାତ୍ରା କରାଯାଇଥିଲା ଗ୍ରାମର ମହିଳା ମାନେ ମାଟି ଘଟରେ ପୂଜାର୍ଚ୍ଚନା ପୂର୍ବକ ଜଳ ଆଣିଥିଲେ ୬ ତାରିଖ ଦିନ ବିଧିପୂର୍ବକ ପୂଜା କରାଯାଇଥିଲା। ଏହିପୂଜା ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଗ୍ରାମର ରାମନବମୀ କମିଟି ଓ ଗ୍ରାମବାସୀ ଙ୍କ ସହଯୋଗରେ ରାମନବମୀ ପୂଜା ପାଳିତ ହୋଇ ଆସୁଛି।

# ସୁଲେଇ ପ୍ରାଥମିକ ବିଦ୍ୟାଳୟରେ ବର୍ଣ୍ଣବୋଧ ବଣ୍ଟନ



**ସୁବର୍ଣ୍ଣପୁର,୭।୪ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ କ୍ଲଷ୍ଟର ଅନ୍ତର୍ଗତ ସୁଲେଇ ପ୍ରାଥମିକ ବିଦ୍ୟାଳୟ ରେ ବର୍ଣ୍ଣବୋଧ ଦିବସ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମାନିନୀ ବାଘ ସଭାପତିତ୍ୱ କରି ଶିଶୁବାଟିକା ଓ ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀ ଙ୍କୁ ବର୍ଣ୍ଣବୋଧ ବିତରଣ କରିଥିଲେ। ବରିଷ୍ଠ ଶିକ୍ଷକ ନିତାଇ ମଟାରୀ ସମସ୍ତ ଛାତ୍ରଛାତ୍ରୀ ଙ୍କୁ ବର୍ଣ୍ଣବୋଧ ବହି ର ଲେଖକ ଙ୍କ ପରିଚୟ ଦେବା ସହିତ ବର୍ଣ୍ଣବୋଧ ପୁସ୍ତକ ପଠନ ର ଉପକାରିତା ବିଷୟରେ ଆଲୋକପାତ କରିଥିଲେ ଏହି ଅବସରରେ ବର୍ଣ୍ଣବୋଧ ବହିରେ ଥିବା ବିଭିନ୍ନ ବିଷୟ କୁ ନେଇ ଗୀତ, ଗପ, କବିତା ଆବୃତ୍ତି, ଭୂମିକା ଅଭିନୟ, ଶ୍ରୁତ ଲିଖନ ପରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ଶିକ୍ଷୟିତ୍ରୀ ଅଲ୍ଲୀକା ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଅବିଭାବକ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ



**ଫୁଲବାଣୀ,୭।୪ (ସଂଚାର ବ୍ୟୁରୋ):** ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ରେଡ୍ ରିବନ୍ କ୍ଲବ୍ ଏବଂ ଯୁବ ରେଡ୍ କ୍ରସ୍ ଆନୁକୁଲ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ. ସୁବାସ ଚନ୍ଦ୍ର ପ୍ରଧାନଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ରକ୍ତ ଭଣ୍ଡାର ଅଧିକାରୀ ଡା. ଜୟଦୀପ ଘୋଷ, ପୂର୍ବତନ ଯୁବ ରେଡ୍ କ୍ରସ୍ ଜିଲ୍ଲା ସଂଯୋଜକ ସୁକାନ୍ତ କୁମାର ବେହେରା ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟର ମହତ୍ତ୍ୱ ଓ ଏହି ବର୍ଷର ସନ୍ଦର୍ଭ - ସ୍ୱାସ୍ଥ୍ୟକର ପ୍ରାରମ୍ଭ, ଆଶାବାଦୀ ଭବିଷ୍ୟତ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରିଥିଲେ। ଅଧ୍ୟକ୍ଷ ଡ଼ଃ. ପ୍ରଧାନ ଏବଂ ମଞ୍ଚାସୀନ ଅଧିକାରୀବୃନ୍ଦ ସାର୍ ହେନେରି ଦୁନନ୍ତଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ଏବଂ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସର୍ବପ୍ରଥମେ ଡ଼ଃ. ପ୍ରଧାନ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଯୁବ ଅବସ୍ଥାରେ ଉତ୍ତମ ସ୍ୱାସ୍ଥ୍ୟ ଗଠନର ମହତ୍ତ୍ୱ ଏବଂ ସମାଜ ଗଠନରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ବକ୍ତା ଡ଼ା. ଘୋଷ ସୁସ୍ଥ ମାତୃତ୍ୱ ଏବଂ ନିରାପଦ ଶୈଶବ ଉପରେ ସମସ୍ତଙ୍କୁ ଉଦବୋଧନ ଦେଇଥିଲେ। ଶ୍ରୀ ବେହେରା ଉତ୍ତମ ସ୍ୱାସ୍ଥ୍ୟ ଏବଂ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସ୍ୱେଚ୍ଛାସେବୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ଦିବସ ଉପଲକ୍ଷେ ମହାବିଦ୍ୟାଳୟରେ ବର୍ତ୍ତମାନର ଯୁବ ରେଡ୍ କ୍ରସ୍ ର ଜିଲ୍ଲା ସଂଯୋଜିକା ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ଼ଃ. ଅଭିସ୍ମା ବଳଙ୍କ ତତ୍ତ୍ୱାବଧାନରେ ରେ ବକ୍ତୃତା, ଚିତ୍ରାଙ୍କନ ଏବଂ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।କୃତି ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଶେଷରେ ଡ଼ଃ. ବଳ ନିଜ ବକ୍ତବ୍ୟ ରଖିଥିଲେ ଏବଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ଦିବସର ପୂର୍ବଦିନ ପାଳିତ ଏହି ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, ଅଣଶିକ୍ଷକ କର୍ମଚାରୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## ଲୋକାର୍ପିତ ହେଲା ୩୩/୧୧ କେ.ଭି. ଉଚ୍ଚକ୍ଷମତା ସମ୍ପନ୍ନ ପାୱାର ସବଷ୍ଟେସନ

# ଗୁଣାତ୍ମକ ବିଦ୍ୟୁତସେବା ପାଇବେ ଉପଭୋକ୍ତା: ଉପମୁଖ୍ୟମନ୍ତ୍ରୀ



**ସୁବର୍ଣ୍ଣପୁର,୭।୪(ସଂଚାର ବ୍ୟୁରୋ):** ରାଜ୍ୟବାସୀଙ୍କ ପାଇଁ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଣ ଲକ୍ଷ୍ୟରେ ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ଉପଖଣ୍ଡ ତରଭା ବ୍ଲକ ଦେଉଳପଦର ଠାରେ ଓଡିଏସ ଏସ ପି ଯୋଜନାର ତୃତୀୟ ପର୍ଯ୍ୟାୟରେ ୩୩/୧୧ କେ.ଭି. ଦେଉଳପଦର ପାୱାର ସବଷ୍ଟେସନ, ଓଡିଶାର ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂଦେଓଙ୍କ କରକମଳରେ ଲୋକାର୍ପିତ ହୋଇଯାଇଛି। ଏହି ପାୱାର ଷ୍ଟେସନ ଦ୍ୱାରା ୪ ଗୋଟି ୧୧ କେଭି. ଫିଡ଼ର ନାରାୟଣ ପୁର, ଦେଉଳପଦର, ପାଇକବାହାଲ ଓ ଲଛିପୁର ଫିଡ଼ର ଅନ୍ତର୍ଗତ ୧୯ଟି ଜନବସତି ନାରାୟଣପୁର, ସିଂବାହାଲି, କଦଳିପାଲି, ତିଳେଇମାଲ, ଦେଉଳ ପଦର, ସାଗରତଲ, ନାଇକେନପାଲି, ପାଇକ ବାହାଲ, ଡାହିମାଲ, ବ୍ରାହ୍ମଣି ପାଲୀ, ରାଜ ପାଲି, ଖେମେଡ଼ିଆ ମୁଣ୍ଡା, ଝାଙ୍କର ପାଲି, ଲୁହୁରା ପାଲି, ସହରା ପାଲି, ପିପିଲି ପାଲି, ରେଙ୍ଗାଲି, କୁଡାଡେରା ପ୍ରଭୁତିର ପ୍ରାୟ ୪୦୦୦ ବିଭିନ୍ନ (ଘରୋଇ, ବ୍ୟବସାୟିକ, ଶିଳ୍ପ, ତଥା କୃଷି ଭିତ୍ତିକ ) ଉପଭୋକ୍ତା ଏହି ପାୱାର ସବଷ୍ଟେସନ ଦ୍ୱାରା ନିରନ୍ତର ତଥା ଗୁଣାତ୍ମକ ବିଦ୍ୟୁତସେବା ପାଇପାରିବେ। ଏହି ପାୱାର ସବ ଷ୍ଟେସନ କାର୍ଯ୍ୟକ୍ଷମ ଫଳରେ ଅଞ୍ଚଳର ପ୍ରାୟ ୫୫୦ କୃଷି ଉପଭୋକ୍ତା ଏବଂ ଗଭୀର ନଳ କୂପ ପ୍ରକଳ୍ପ ବିଶେଷ ଭାବେ ଉପକୃତ ହୋଇପାରିବେ। ତରଭା ବ୍ଲକ ଦେଉଳପଦର ଠାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମ ଅବସରରେ ସମ୍ମାନିତ ଅତିଥିଭାବେ ମାନନୀୟା ସାଂସଦ ବଲାଙ୍ଗୀର ଲୋକସଭା ସଂଗୀତା କୁମାରୀ ସିଂଦେଓ, ଜିଲ୍ଲାପାଳ ସୁବର୍ଣ୍ଣପୁର ଅନ୍ୟା ଦାସ, ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ, ଟିପିଡବ୍ଲୁ ଓ ଡିଏଲ, ସିଇଓ ଇଂ. ପ୍ରବୀଣ ବର୍ମା ପ୍ରମୁଖ ମଂଚାସୀନ ରହିଥିଲେ। କାର୍ଯ୍ୟକ୍ରମ ଅବସରରେ ନେତୃ ସ୍ଥାନୀୟ ବ୍ୟକ୍ତି ବିଶେଷ, ପଞ୍ଚାୟତ ସ୍ତରୀୟ ଜନପ୍ରତିନିଧି, ବିଭିନ୍ନ ଅଧିକାରୀ, ବିଦ୍ୟୁତ ବିଭାଗର ଅଧିକାରୀ, ତଥା ଗଣମାଧ୍ୟମ ର ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହିଥିଲେ।ଏହି ଗ୍ରୀଡ଼ ପାୱାର ଷ୍ଟେସନର ନିର୍ମାଣ କାର୍ଯ୍ୟ ୨୧ ଜାନୁୟାରୀ ୨୦୧୬ ରେ ଆରମ୍ଭ ହୋଇଥିବା ବେଳେ ୭ଅପ୍ରେଲ ୨୦୨୫ ରେ ସମାପନ ହୋଇଥିବା ସୂଚନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମକୁ ମନୋଜ ପଟ୍ଟନାୟକ ଲୋକ ସମ୍ପର୍କ ବିଭାଗ ମୁଖ୍ୟ ସଂଯୋଜନା କରିଥିବା ବେଳେ ଟିପି ଡବ୍ଲୁଓ ଡି ଏଲ ନିର୍ବାହୀ ଯନ୍ତ୍ରୀ ଇଂ. ଅଶୋକ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଦିବସର ବିଭିନ୍ନ କାର୍ଯ୍ୟକ୍ରମରେ ଲୋକ ସମ୍ପର୍କ ଅଧିକାରୀ ଟିପିଡବ୍ଲୁଓଡ଼ିଏଲ ପ୍ରବୀର କୁମାର ଶତପଥି ସହଯୋଗ କରିଥିଲେ।

# ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

**ଭୁବନେଶ୍ୱର,୭।୪(ସଂଚାର ବ୍ୟୁରୋ):** ଅଗ୍ରଣୀ ସମାଜସେବା ଅନୁଷ୍ଠାନ 'ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ' ପକ୍ଷରୁ କେସୁରାସ୍ଥିତ ଅନୁଷ୍ଠାନ କାର୍ଯ୍ୟାଳୟ ପରିସରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଫାଉଣ୍ଡେସନର ଟ୍ରଷ୍ଟି ଅକ୍ଷୟ କୁମାର ପାଣି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଏହି ଦିବସ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରି ଚଳିତବର୍ଷ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବାର୍ତ୍ତା "ସୁସ୍ଥ ଆରମ୍ଭ ଓ ଆଶାନ୍ୱିତ ଭବିଷ୍ୟତ" ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲାୟନ



ସରୋଜ କୁମାର ପଟ୍ଟନାୟକ, ଲାୟନ ବିପିନ ବିହାରୀ ନାୟକ, ସମାଜସେବୀ ନିଶାକର ରାଉତ, ବ୍ରହ୍ମାକୁମାରୀ ଅପର୍ଣ୍ଣା ଦେବୀ ଅତିଥି ଭାବରେ ଯୋଗଦେଇ କହିଥିଲେ ଯେ, ସୁସ୍ଥ ନାଗରିକମାନେ ହେଉଛନ୍ତି ଦେଶର ଆର୍ଥିକ ଓ ବସ୍ତୁଭିତ୍ତିକ ସମ୍ବଳ। ଯେଉଁ ଦେଶର ଲୋକେ ଯେତେ ସୁସ୍ଥ ସେ ଦେଶ ସେତେ ଉନ୍ନତ ଓ ବିକଶିତ ବୋଲି ମତ ରଖିଥିଲେ। ଅନୁଷ୍ଠାନର ରାଜ୍ୟ ମୁଖ୍ୟ ରବୀନ୍ଦ୍ରନାଥ ରାଉତରାୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମିଳନ ପ୍ରଧାନ, ବାଳକୃଷ୍ଣ ରାଉତ, ସଞ୍ଜୟ କର, ରାଜସ୍ମିତା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ପ୍ରିୟଦର୍ଶନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜଳଛାୟା ପ୍ରକଳ୍ପରେ ଅନିୟମିତତା: ଉଚ୍ଚସ୍ତରୀୟ ତଦନ୍ତ ଦାବି



**କଳାହାଣ୍ଡି,୭।୪(ସଂଚାର ବ୍ୟୁରୋ):** କଳାହାଣ୍ଡି ଜଳଛାୟା ପ୍ରକଳ୍ପରେ ନାନା ଅନିୟମିତତା ପଦାକୁ ଆସୁଛି। କେତେବେଳେ ପୋଖରୀ ଭିତରେ ପୋଖରୀ ଖୋଳି ରାଜକୋଷ ଖୋଲ କରିଛନ୍ତି ତ ଆଉ କେତେବେଳେ ଶ୍ରମିକ ବଦଳରେ ମେସିନ କାମ କରୁଛି। ଏନେଇ ଭିଜିଲାନ୍ସ ପକ୍ଷରୁ ଆଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବାରୁ ଭିଜିଲାନ୍ସ ତଦନ୍ତକୁ ମଧ୍ୟ ବାବୁ ମାନଙ୍କ ଖାତିର ନାହିଁ। ସୂଚନା ଅନୁଯାୟୀ, ଜୟପାଟଣା ବ୍ଲକର କୁଚାଗାଁ ପଞ୍ଚାୟତ କର୍ମେଲି ଗାଁ ଡଙ୍ଗରୀପଡ଼ାରେ ବିନା ସୂଚନା ଫଳକରେ ପୋଖରୀ ଖୋଳା ଯାଇଛି।

ଏହି ଗାଁର ବଳ ମାଝୀ, ଘାସିରାମ ମାଝୀ, ସୁଦର୍ଶନ ମାଝୀଙ୍କ ଜମିରେ ପ୍ରଧାନମନ୍ତ୍ରୀ କୃଷି ସଞ୍ଚୟ ଯୋଜନାରେ ପୋଖରୀ ଖୋଳା ଯାଇଛି। ହେଲେ କୌଣସି ଗୋଟିଏ ପୋଖରୀ ନିକଟରେ ମଧ୍ୟ ସୂଚନା ଫଳକ ନାହିଁ। ତେବେ କେବଳ କମେଲି ଗାଁ ଡଙ୍ଗରୀପଡ଼ାରେ ନୁହେଁ ବରଂ କୁଚାଗାଁରେ ମଧ୍ୟ ସମାନ ଭାବେ ୪ଟି ପୋଖରୀ ଖୋଳା ଯାଇଛି। ଏହି ଗାଁର ଅନନ୍ତ ପ୍ରସାଦ ଦାସ, ମଦନ ଦାସ, ଭାରତ ଦାସ, ଅନଙ୍ଗ ମାଝୀଙ୍କ ଜମିରେ ପୋଖରୀ ଖୋଳାଯାଇଛି। ଅଥଚ ଗୋଟାଏ ବି ପୋଖରୀ ନିକଟରେ ସୂଚନା ଫଳକ ନାହିଁ।

ଏସବୁ ପୋଖରୀ ଗ୍ରାମ୍ୟ ଜଳଛାୟା କମିଟି ମାଧ୍ୟମରେ ଖୋଳା ଯିବାକୁ ନିୟମ ରହିଛି। ହେଲେ କମିଟି ସଭାପତି ଓ ଜଳଛାୟା ଟିମ୍ ଲିଡର ବା ଡବ୍ଲୁଡିଟି ମିଶି ପୋଖରୀ ଖୋଳିଥିବା ଗାଁ ଲୋକେ କୁହନ୍ତି। ଏହି ଯୋଜନାରେ ପ୍ରତ୍ୟେକ ପୋଖରୀ ପାଇଁ ୯ ଲକ୍ଷ ଟଙ୍କା ଅନୁଦାନ ଦିଆଯାଏ। ଗ୍ରାମ୍ୟ ଜଳଛାୟା ପ୍ରକଳ୍ପ କମିଟି ସଦସ୍ୟଙ୍କ ଜ୍ଞାତସାରରେ କାମ ହେବା କଥା। ହେଲେ ଉଭୟ ଗାଁରେ କାହା ଜମିରେ, କେତେ ଟଙ୍କା ବ୍ୟୟରେ ପୋଖରୀ ଖୋଳା ଯାଇଛି, ସେନେଇ କମିଟି ସଦସ୍ୟଙ୍କ ନିକଟରେ କିଛି ସୂଚନା ନାହିଁ। ପୁଣି ଗତ ଫେବୃଆରୀ ଶେଷ ସପ୍ତାହରୁ ମାର୍ଚ୍ଚ ଶେଷ ସପ୍ତାହ ଅର୍ଥାତ୍ ମାସକ ମଧ୍ୟରେ ତରବରିଆ ଭାବେ ୭ଟି ପୋଖରୀ ଖୋଳା ଯାଇଥିବା ଜଣା ପଡ଼ିଛି।

ଏଣୁ କୌଣସି ମତେ ଅନୁଦାନକୁ ସାରିଦେବାକୁ ଉଭୟ ସଭାପତି ଓ ଜଳଛାୟା ଟିମ୍ ଲିଡର ପୋଖରୀ ଖୋଳିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ତେବେ କେବଳ କୁଚାଗାଁ ପଞ୍ଚାୟତ ନୁହେଁ ବରଂ ଜୟପାଟଣା ବ୍ଲକରେ ଥିବା ଅନ୍ୟ ୫ଟି ମାଇକ୍ରୋ ୱାଟରସେଡ ପ୍ରକଳ୍ପରେ ମଧ୍ୟ ଏଭଳି ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି।

# କୁତ୍ରା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



**ସୁନ୍ଦରଗଡ଼,୭।୪(ସଂଚାର ବ୍ୟୁରୋ):** କୁତ୍ରା ବ୍ଲକ ପରିସରରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ଯୋଗ ଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ମୋଟ ୪୪ ଗୋଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୨୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ବେଳେ ୨୧ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ସେହିଭଳି ୩ ଗୋଟି ଅଭିଯୋଗର ତତକ୍ଷଣାତ ସମାଧାନ କରାଯାଇ ଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୨ ଗୋଟି ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଗୋଷ୍ଠି ଉନ୍ନୟନ ଅଧିକାରୀ ଯୁଗଳ ବିଶ୍ୱାଳ, ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଓଡ଼ିଆ ପକ୍ଷ ପାଳନ, ବର୍ଣ୍ଣବୋଧ ବଣ୍ଟନ ଉତ୍ସବ

**ବୈଶିଙ୍ଗା,୭।୪(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ରାଇକମା ଆଶ୍ରମ ସ୍କୁଲରେ ଓଡ଼ିଆ ପକ୍ଷ ପାଳନର ବର୍ଣ୍ଣବୋଧ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତି ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହସ୍ତାକ୍ଷର ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ରୂପେ ଭକ୍ତ କବି ମଧୁସୂଦନ ରାଓଙ୍କ ଦ୍ୱାରା ଲିଖିତ ବର୍ଣ୍ଣବୋଧ ପ୍ରଦାନ କରଯାଇଥିଲା। ଏଥିସହିତ ଆଜି ବିଶ୍ୱବ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଡଃ ସସ୍ମିତା ବେହେରା, ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, କୃଷ୍ଣଚନ୍ଦ୍ରପୁର। ବେତନଟୀ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ତଥା ସମାଜ ସେବୀ ଗୌରାଙ୍ଗ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଓ ସମାଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା କ୍ଷଉକ୍ତ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ପରିଚାଳନା କରିଥିଲେ ଏବଂ ସମସ୍ତ ଶିକ୍ଷୟିତ୍ରୀ - ସୁବାସିନୀ ପରିଡା, ସରସ୍ୱତୀ ଜେନା, ଦୀପାଞ୍ଜଳି ଦାସ, ପ୍ରତିମା ପରିଡା, ସୁକାନ୍ତି, ବିଶ୍ୱାଳ, ମାଳତୀ ମାଝୀ, ମଣ୍ଟୁ ମାରାଣ୍ଡି ପ୍ରମୁଖ ସହଯୋଗ କରିଥିଲେ।

# ବିଜେପି ପ୍ରତିଷ୍ଠା ଦିବସ ପାଳିତ

**ବୋରିଗୁମ୍ମା୭।୪(ସଂଚାର ବ୍ୟୁର):** ବୋରିଗୁମ୍ମା ଡାକବଙ୍ଗଳାରେ ବିଜେପିର ୪୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ୧୯୮୦ ମସିହା ଏପ୍ରିଲ ୬ତାରିଖରେ ବିଜେପି ଦଳ ପ୍ରତିଷ୍ଠା ହୋଇଥିବା ବେଳେ ପୃଥିବୀର ସର୍ବ ବୃହତ ରାଜନୈତିକ ଦଳ ଭାବେ କାର୍ଯ୍ୟ କରୁଛି । ପ୍ରଧାନମନ୍ତ୍ରୀଙ୍କ ବିଜେପି ଦେଶରେ ଶାସନ କରୁଥିବା ବେଳେ ପୃଥିବୀରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ବିଜେପି ମଣ୍ଡଳ ସଭାପତି ବିଘ୍ନେଶ୍ୱର ଷଡ଼ଙ୍ଗୀ ତାଙ୍କ ଅଭିଭାଷଣ ରେ କହିଥିଲେ । ମହାପୁରୁଷ ଙ୍କ ଦୃଢ ନିଷ୍ଠା,ତ୍ୟାଗ କୁ ସ୍ମରଣ କରି ବିଜେପି ର ସମସ୍ତ କର୍ମୀ ଦଳକୁ ଆଗକୁ ନେବା ସହ ବିକଶିତ ଭାରତ ଓ ବିକଶିତ ଓଡିଶା ଗଠନ କରିବା ଦିଗରେ ସମସ୍ତେ ଶପଥ ନେବାକୁ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ମଣ୍ଡଳ ପ୍ରତିନିଧି ମନୋଜ କୁମାର ଗନ୍ତାୟତ, ବିଜେପିର ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସରୋଜ କୁମାର ପାଣିଗ୍ରାହୀ ସହ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ ।



# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ



**ରାୟଗଡ଼,୭।୪ (ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାପାଳ ପାରୁଲ ପାଟାୱରୀଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲାପରିଷଦ ସଦଭାବନା ସଭାଗୃହ ରାୟଗଡ଼ାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଛି। ଏହି ଶୁଣାଣୀ ଶିବିରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନେକ ଅଧିକାରୀ ଉପସ୍ଥିତ ଥିଲେ, ଯେଉଁଥିରେ ଆରକ୍ଷୀ ଅଧିକାରୀ ସ୍ୱାତୀ ଏସ କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରଣେଶ କୁମାର ଜେନା ଓ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଫୁଲ୍ଲ କୁମାର ପାଢ଼ୀ ଉପସ୍ଥିତ ରହି ଜନସାଧାରଣ ଙ୍କ ଅଭିଯୋଗ ଶୁଣିଥିଲେ। ଏହି ଶୁଣାଣୀ ଶିବିରରେ ମୋଟ ୫୦ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ। ଏଥିରେ ୩୨ଟି ବ୍ୟକ୍ତିଗତ ଓ ୧୨ଟି ସାମୂହିକ ଅଭିଯୋଗ ଥିଲା। ୬ ଜଣ ନିଜର ସ୍ୱାସ୍ଥ୍ୟ ସମସ୍ୟା ସହିତ ଅନୁରୋଧ ଜଣାଇଥିଲେ। ଏହି ଶିବିରରେ ଏକ ରେଡ଼କ୍ରସ ପାଣ୍ଠିରୁ ଜଣେ ବ୍ୟକ୍ତିଙ୍କୁ ୩୦, ୦୦୦ ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୫ ଜଣଙ୍କୁ ମୋଟ ୬୧, ୦୦୦ ଟଙ୍କାର ଆର୍ଥିକ ସାହାଯ୍ୟ ଜିଲ୍ଲାପାଳଙ୍କ ତରଫରୁ ଦିଆଯାଇଛି। ଅଭିଯୋଗଗୁଡିକ ମଧ୍ୟରେ ଆବାସ ଯୋଜନା, ସ୍ୱାସ୍ଥ୍ୟ ସୁବିଧା, ଜମି ଦାବି, ପାରିବାରିକ ବିବାଦ, ଜଳସେଚନ, ଭତ୍ତା ନିମନ୍ତେ ଅନୁରୋଧ, ରାସ୍ତା ଓ ପୋଲ ନିର୍ମାଣ ଏବଂ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ଭଳି ବିଭିନ୍ନ ସମସ୍ୟା ଅନ୍ତର୍ଭୁକ୍ତ ଥିଲା। ଜିଲ୍ଲାପାଳ ଅଭିଯୋଗ ଗୁଡିକୁ ଗମ୍ଭୀରତାରେ ଗ୍ରହଣ କରି ବିଭାଗୀୟ ଅଧିକାରୀମାନେ ତୁରନ୍ତ ନିଷ୍ପତ୍ତି ନେଉଥିବା ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଜନସାଧାରଣଙ୍କ ସହ ସରକାରୀ ପ୍ରଶାସନର ଏହି ପ୍ରତିକ୍ରିୟା ଏକ ସକାରାତ୍ମକ ପଦକ୍ଷେପ ଭାବରେ ଦେଖାଯାଉଛି।

# ଜିଲ୍ଲାସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

**ସୁବର୍ଣ୍ଣପୁର,୭।୪ (ସଂଚାର ବ୍ୟୁରୋ):**ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୫ ଅବସରରେ, ଇଣ୍ଡିଆନ ରେଡ୍ କ୍ରସ୍ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖାର ନିର୍ଦ୍ଦେଶ ଅନୁଯାୟୀ, ଇଣ୍ଡିଆନ ରେଡ୍ କ୍ରସ୍ ସୋସାଇଟି, ଜିଲ୍ଲା ଶାଖା, ତଥା ଜିଲ୍ଲା ପ୍ରଶାସନ, ସୁବର୍ଣ୍ଣପୁର ଦ୍ୱାରା ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଏହି ବର୍ଷର ବିଷୟବସ୍ତୁ 'ସ୍ୱାସ୍ଥ୍ୟକର ଆରମ୍ଭ, ଆଶାପୂର୍ଣ୍ଣ ଭବିଷ୍ୟତ' ଉପରେ ଗୁରୁତ୍ୱାରୋପ ପୂର୍ବକ ଏକ ସଚେତନତା ବୈଠକ ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଗୋପାଳ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ପ୍ରତ୍ୟେକେ ନିଜ ନିଜର ସ୍ୱାସ୍ଥ୍ୟର ସାମଗ୍ରିକ ଯତ୍ନ ନେବା ସହିତ ଭବିଷ୍ୟତ ପାଇଁ ଏକ ସୁନିଶ୍ଚିତ ଜୀବନ ଗଠନ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଜରୁରୀ ଶାଖା ଅଧିକାରୀ ପ୍ରତୀକ କର ଦିବସରେ ସମସ୍ତଙ୍କୁ ସ୍ୱାଗତ ତଥା ଅଭିନନ୍ଦନ ଜଣାଇ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ।

# ବିଦ୍ୟାଳୟରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ




**କଣାସ,୭।୪(ସଂଚାର ବ୍ୟୁରୋ):** କଣାସ ବ୍ଲକର କଣାସ ଠାରେ ପ୍ରତିଷ୍ଠିତ କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଜି ନିଶା ନିବାରଣ ପ୍ରତିକାର ଉପରେ ସଚେତନତା କାର୍ଯ୍ୟକ୍ରମ ସ୍ୱଚ୍ଛାସେବୀ ଅନୁଷ୍ଠାନ ପ୍ରଚଣ୍ଡେଶ୍ୱର ସେବା ସଂସ୍ଥାନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ସମାଜିକ ନ୍ୟାୟ ଏବଂ ସସକ୍ତି କରଣ ମନ୍ତ୍ରାଳୟ ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ଜାତୀୟ ସାମାଜିକ ରକ୍ଷା ସହାୟତାରେ ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା ଶିବିରରେ ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଆଧୁନିକ ଯୁଗରେ କିପରି ସମସ୍ତେ ନିଶାର ଶିକାର ହୋଇ ନିଜର ପରିବାର ସହିତ ସମାଜକୁ ଧ୍ୱଂସ କରିସାରିଲେଣି ସେଥିରୁ କିପରି ରକ୍ଷା ପାଇ ପାରିବେ ସେ ବିଷୟରେ ସମସ୍ତ ଅତିଥୀ ମତଦାନ କରିଥିଲେ। ପ୍ରଚଣ୍ଡେଶ୍ୱର ସଭାପତି ବାସୁଦେବ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡମ୍ବୁରଧର ଛୁଆଳସିଂହ ମୁଖ୍ୟ ଅତିଥୀ ଭାବେ ଯୋଗ ଦେଇଥିଲାବେଳେ, ଅଧ୍ୟାପକ ପ୍ରଭାସ ମଙ୍ଗରାଜ, ଗଦାଧର ଶତପଥୀ, ଗଙ୍ଗାଧର ମହାପାତ୍ର, ମହେନ୍ଦ୍ର ବିଶ୍ୱାଳ, ସାମ୍ବାଦିକ ଶ୍ରୀକାନ୍ତ ପଟ୍ଟଯୋଶୀ ପ୍ରମୁଖ ଅତିଥୀଭାବେ ଯୋଗଦେଇ ନିଶାରୁ ପ୍ରତ୍ୟେକ ଛାତ୍ରଛାତ୍ରୀ ନିବୃତ ହେବା ସହିତ ନିଶା ସେବନ କରୁଥିବା ବ୍ୟକ୍ତିମାନଙ୍କୁ ନିଶାରୁ ନିବୃତ ହେବା ପାଇଁ ପ୍ରଚେଷ୍ଟା କରିବାକୁ ଅତିଥୀମାନେ ପରାମର୍ଶ ଦେଇଥିଲେ। ଅସୋକ କୁମାର ପେଣ୍ଡୋଇ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିବାବେଳେ ଅନୁଷ୍ଠାନର ସଭ୍ୟ ପ୍ରକାଶ ଭୋଳ, ଦିପକ କୁମାର ପେଣ୍ଡୋଇ ପରିଚାଳନା କରିଥିଲେ। ଫଟୋ ଇ ମେଲରେ ପଠାଗଲା

# ସ୍ୱର୍ଣ୍ଣଚୂଡ଼ ପାହାଡ ଚାଲଣାପାଳ ଜଙ୍ଗଲରେ ନିଆଁ

● ଅସୁରକ୍ଷିତ ଅବସ୍ଥାରେ ମୂଲ୍ୟବାନ ଗଛ ଓ ବନ୍ୟଜନ୍ତୁ



**ନୀଳଗିରି,୭।୪(ସଂଚାର ବ୍ୟୁରୋ):** ଜଳୁଛି ଜଙ୍ଗଲ। ହୁତୁ ହୁତୁ ନିଆଁରେ ଜଳୁଛି ସ୍ୱର୍ଣ୍ଣଚୂଡ଼ ପାହାଡ଼ର ଚାଲଣାପାଳ ଜଙ୍ଗଲ। ବାଲେଶ୍ୱର ଜିଲ୍ଲା ନୀଳଗିରି ରେଞ୍ଜ ଅଧୀନ ସ୍ୱର୍ଣ୍ଣଚୁଡ ପାହାଡ଼ ଚାଲଣାପାଳ ଜଙ୍ଗଲରେ ନିଆଁ ଲାଗିଛି। ଭୟଙ୍କର ଜଙ୍ଗଲ ନିଆଁରେ ବହୁ ମୂଲ୍ୟବାନ ବୃକ୍ଷ ଜଳିପୋଡ଼ି ନଷ୍ଟ ହେବାକୁ ବସିଛି। ପବନର ବେଗ ବଢ଼ିବା ସହ ବ୍ୟାପିବାରେ ଲାଗିଛି ନିଆଁ। ନିଆଁର ପ୍ରଖର ଏତେ ଜୋର ରହିଛି ଆଖି ପିଛୁଳାକେ ଆଗକୁ ଆଗକୁ ମାଡି ଚାଲିଛି ନିଆଁ। ଫଳରେ ବନ୍ୟ ଜୀବଜନ୍ତୁଙ୍କ ଜୀବନ ପ୍ରତି ବିପଦ ଦେଖାଯାଇଛି। ସୋମବାର ଦିନ ପ୍ରାୟ ୧୦ଟା ବେଳେ ଏନେଇ ଜଣାପଡ଼ିଥିଲା। ପବନ ଯୋଗୁ ନିଆଁର ପ୍ରକୋପ ଅଧିକ ରହିଥିଲା। ଫଳରେ ସଂଧ୍ୟା ସୁଦ୍ଧା ଏକର ଏକର ଜଙ୍ଗଲର ଶହ ଶହ ଗଛ ପୋଡ଼ିଯାଇଥିଲା। ଖବର ପାଇ ନୀଳଗିରି ବନ ବିଭାଗର ୧୦ ଜଣ ବନ କର୍ମଚାରୀ ପହଞ୍ଚି ବ୍ଲୟର୍ ଦ୍ୱାରା ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ହେଲେ ସଫଳ ହୋଇନଥିଲେ। ଚଳନାପାଳ ଜଙ୍ଗଲ ରେ ନିଆଁ ଲାଗିଥିବାର ଖବର ପ୍ରଚାରିତ ହେଉଥିବା ବେଳେ ନିଆଁ ଲିଭାଇବାରେ ସହୋଯୋର ହାତ ବଢ଼ାଇଥିଲେ ନୀଳଗିରି ବ୍ଲକ ଅଧିନ ଗୋପୀନାଥପୁର ଅଞ୍ଚଳର ମହାବୀର ଫାଉଣ୍ଡେସନ ବିଦ୍ୟାଧର ବାରିକଙ୍କ ସଂଗଠନର ସକ୍ରିୟ ସଦସ୍ୟ ମାନେ।